ବର୍ଷ-୫୫ : ସଂଖ୍ୟା-୧୨ ଡିସେମ୍ବର, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ··· | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ମୁକ୍ତି ଓ ସ୍ୱାଧୀନତା | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଊନବିଂଶ ପରିଚ୍ଛେଦ) ବୁଦ୍ଧିଗତ ଯୁଗର ଗତିରେଖା | ··· | ଶେଖ ଅବଦୁଲ କାଶମ | ··· | ୭ |
| ମାନବ, ଚିନ୍ତାଶୀଳ ଜୀବ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୭) | ··· | ··· | ··· | ୧୩ |
| ପ୍ରପତ୍ତି | ··· | ଦେବେନ୍ଦ୍ର ଶତପଥୀ | ··· | ୧୮ |
| ଜିଜ୍ଞାସାର ଉତ୍ତରରେ | ··· | ରାମକୃଷ୍ଣ ଦାସ | ··· | ୨୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୨) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୨ |
| ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ | ··· | ପ୍ରପତ୍ତି | ··· | ୨୫ |
| ସଇତାନର ଜୟ ପରାଜୟ | ··· | ··· | ··· | ୨୭ |
| ପ୍ରଭୁ କେତେ ବିନମ୍ର ସତେ ! | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୦ |
| ଦ୍ୱୀପାନ୍ତରର କଥା (ଏକାଦଶ ପରିଚ୍ଛେଦ) ଦୁଃଖର ସାର-ସଂକଳନ (୨) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୩ |
| ନୂତନ ଶିକ୍ଷାର ଆହ୍ୱାନ (୧୫) | ··· | ଗୟାଧର ଦାଶ | ··· | ୩୫ |
| ଆମ ଶିକ୍ଷାକେନ୍ଦ୍ରଗୁଡ଼ିକର ସକ୍-ଆବଜର୍ବର୍ | ··· | ପ୍ରସାଦ ତ୍ରିପାଠୀ | ··· | ୩୯ |
| ରାଜଦୟାର ଶିକାର | ··· | ମନୋଜ ଦାସ | ··· | ୪୩ |
| ରାଜାଙ୍କ ସୁରକ୍ଷା | ··· | ବନମାଳୀ ଆଚାର୍ଯ୍ୟ | ··· | ୪୫ |
| ମୃତ୍ୟୁ ପରେ ଜୀବନ | ··· | ଆର୍ତ୍ତତ୍ରାଣ ମିଶ୍ର | ··· | ୪୮ |
| ବାଧା ବନାମ ସମ୍ଭାବନା (କବିତା) | ··· | ଦୀପ୍ତି ମିଶ୍ର | ··· | ୫୧ |
| କେତେ ବିସ୍ମୟ ଏଇ ୧୭୨୯ ସଂଖ୍ୟା ! | ··· | ଧର୍ମକୁମାର ଶତପଥି | ··· | ୫୨ |
| ନିଃସଙ୍ଗ ଅନୁଭୂତିର ଶୁଭଙ୍କର ତାତ୍ପର୍ଯ୍ୟ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ପ୍ରତି ମୁହୂର୍ତ୍ତରେ ଆମେ ଜାଣିପାରିବା ଆବଶ୍ୟକ କେମିତି ସବୁକିଛି ହରାଇବାକୁ ହୁଏ, ଯାହା ଫଳରେ ଆମେ ସବୁକିଛି ଲାଭ କରିପାରିବା; ଅତୀତକୁ ଆମେ ଏକ ମୃତଦେହ ଭଳି ପରିତ୍ୟାଗ କରିବାକୁ ସକ୍ଷମ ହେବା ଆବଶ୍ୟକ ଯାହା ଦ୍ୱାରା ଏକ ବୃହତ୍ତର ପ୍ରାଚୁର୍ଯ୍ୟ ଭିତରେ ହେବ ଆମର ପୁନର୍ଜନ୍ମ ... ଏହିପରି ଭାବେ ଆନ୍ତର ସତ୍ତାର ନିରନ୍ତର ଆସ୍ପୃହା ନିଜକୁ ଅଭିବ୍ୟକ୍ତ କରୁଛି; ତୁମ ଦିଗରେ ଉନ୍ମୁଖ ହୋଇ ସ୍ୱଚ୍ଛରୁ ସ୍ୱଚ୍ଛତର ଏକ ଦର୍ପଣରେ ସେ ତୁମକୁ ପ୍ରତିଫଳିତ କରିବାକୁ ଚାହେଁ ଏବଂ ତୁମର ପରିବର୍ତ୍ତନରହିତ ଆଶିଷାନନ୍ଦ ତହିଁରେ ପ୍ରଗତିର ଏକ ଅତୁଳନୀୟ ତୀବ୍ର ପ୍ରଧାବନୀ ଶକ୍ତିରେ ପରିଣତ; ଏବଂ ଏହି ଶକ୍ତି ସବୁଠୁଁ ବହିର୍ସତ୍ତାର ଏକ ପ୍ରଶାନ୍ତ ଏବଂ ସୁନିଶ୍ଚିତ ସଂକଳ୍ପରେ ରୂପାନ୍ତରିତ – ଯାହାକୁ କୌଣସି ବାଧା ପରାଭୂତ କରିପାରିବ ନାହିଁ।

ହେ ଦିବ୍ୟ ପ୍ରଭୁ, କେଡ଼େ ପ୍ରଗାଢ଼ ପ୍ରେମସହ ମୁଁ ତୁମର ସେବାରତ ! କେତେ ଶୁଦ୍ଧ, ଅବିଚଳ ଏବଂ ଅନନ୍ତ ଆନନ୍ଦ ସହକାରେ ମୁଁ ସବୁଥିରେ ତଥା ସବୁ ସାକାର ସ୍ଥିତିର ସେପାରିରେ ତୁମେରେ ପରିଣତ ହୋଇଛି।

ଏବଂ ଦୁଇ ଚେତନା ଏକ ଅଦ୍ୱିତୀୟ ପ୍ରାଚୁର୍ଯ୍ୟରେ ଏକତ୍ରିତ।

ଡିସେମ୍ବର ୧୨, ୧୯୧୪

– ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The word is a sound expressive of the idea. In the supra-physical plane when an idea has to be realised, one can by repeating the word-expression of it, produce vibrations which prepare the mind for the realisation of the idea. That is the principle of the Mantra and of japa. One repeats the name of the Divine and the vibrations created in the consciousness prepare the realisation of the Divine.

(CWSA, Vol. 27, p. 7) – Sri Aurobindo

ବାକ୍ ହେଲା ଚୈତ୍ୟୋପଲବ୍ଧ ସତ୍ୟର ଅଭିବ୍ୟକ୍ତିମୂଳକ ଏକ ଧ୍ୱନି । ସ୍ଥୂଳୋତ୍ତର ସ୍ତରରେ ଯେତେବେଳେ ଏକ ଚୈତ୍ୟୋପଲବ୍ଧ ସତ୍ୟ ଉପଲବ୍ଧ ହେବା କଥା, ସେତେବେଳେ ଜଣେ ତା'ର ଧ୍ୱନିଗତ ଅଭିବ୍ୟକ୍ତିର ପୁନରାବୃତ୍ତି କରି ଏଭଳି ସ୍ପନ୍ଦନ ସୃଜିପାରେ, ଯାହା ସେ ଚୈତ୍ୟୋପଲବ୍ଧ ଜ୍ଞାନର ଉପଲବ୍ଧି ସକାଶେ ମନକୁ ପ୍ରସ୍ତୁତ କରେ । ମନ୍ତ୍ର ଏବଂ ଜପର ତାହାହିଁ ମୂଳତତ୍ତ୍ୱ । ଜଣେ ଭଗବାନଙ୍କ ନାମ ପୁନଃପୁନଃ ଆବୃତ୍ତି କରିଚାଲେ ଏବଂ ତାହାଦ୍ୱାରା ଚେତନାରେ ସୃଜିତ ସ୍ପନ୍ଦନ ଭଗବାନଙ୍କ ଉପଲବ୍ଧି ନିମନ୍ତେ ପ୍ରସ୍ତୁତି ଆଣିଦିଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

### (The Kingdoms and Godheads of the Greater Mind)

### (୧୨)

## ଶ୍ରୀଅରବିନ୍ଦ

On each event they stamped
its curves of law
And its trust and charge of
burdened circumstance;
A free and divine incident no more
At each moment willed or
adventure of the soul,
It lengthened a fate-bound mysterious chain,
A line foreseen of an immutable plan,
One step more in Necessity's long march.

ପ୍ରତିଟି ଘଟଣା ଉପରେ ସେମାନେ ଆଙ୍କି ଦେଇଥିଲେ ତା'ର ବିଧାନର ବକ୍ରଲିପିମାଳା ତଥା ତା'ର ଭାରାକ୍ରାନ୍ତ ପରିସ୍ଥିତିର ଦାୟିତ୍ୱ ଓ କାର୍ଯ୍ୟଭାରର ଛାପ; ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଅନ୍ତରାତ୍ମାର ସଙ୍କଳ୍ପକୃତ ଏକ ମୁକ୍ତ ଓ ଦିବ୍ୟ ବ୍ୟାପାର ଅଥବା ଦୁଃସାହସିକ ଅଭିଯାନ ହୋଇ ଆଉ ରହି ନଥିଲା, ତାହା ପ୍ରଲମ୍ବିତ କରି ଚାଲିଥିଲା ଏକ ନିୟତି-ବଦ୍ଧ ରହସ୍ୟମୟ ଶୃଙ୍ଖଳ, ଏକ ଅପରିବର୍ତ୍ତନୀୟ ପରିଯୋଜନାର ପୂର୍ବଦୃଷ୍ଟ ଧାରା, ଅଲଙ୍ଘ୍ୟ ବିଧିର ସୁଦୀର୍ଘ ଯାତ୍ରାପଥରେ ଆଉ ଗୋଟିଏ ପଦକ୍ଷେପ ।

A term was set for every eager Power
Restraining its will to monopolise the world,
A groove of bronze prescribed
for force and act
And shown to each moment its appointed place
Forewilled inalterably in the spiral
Huge Time-loop fugitive from eternity.

ବିଶ୍ୱ ଉପରେ ତାହାର ଏକଛତ୍ରାଧିକାରକୁ ସଂଯତ କରି ପ୍ରତିଟି ଉତ୍ସୁକ ଶକ୍ତି ନିମନ୍ତେ ଏକ ସର୍ତ୍ତ ଧାର୍ଯ୍ୟ ହୋଇଥିଲା, ବଳ ଓ କର୍ମ ସକାଶେ ବ୍ରୋଞ୍ଜ (ତାମ୍ର-ଟିଣର ମିଶ୍ରଧାତୁ)ରେ ଖୋଦେଇ ଏକ ନିର୍ଦ୍ଦିଷ୍ଟ ରେଖାପଥ ସ୍ଥିରୀକୃତ ହୋଇଥିଲା ଏବଂ ପ୍ରତିଟି ମୁହୂର୍ତ୍ତକୁ ଦର୍ଶାଇ ଦିଆଯାଇଥିଲା ତା'ର ନିରୂପିତ ସ୍ଥାନ, ଅପରିବର୍ତ୍ତନୀୟ ଭାବେ ତାହା ପୂର୍ବ ସଂକଳ୍ପିତ ହୋଇ ରହିଥିଲା ଶାଶ୍ୱତରୁ ପଳାୟନରତ କୁଣ୍ଡଳାକାର ସୁବିଶାଳ କାଳ-ଫାଶ ମଧ୍ୟରେ ।

Inevitable their thoughts like links of Fate
Imposed on the leap and
lightning race of mind
And on the frail fortuitous flux of life
And on the liberty of atomic things
Immutable cause and adamant consequence.

ନିୟତିର ଶୃଙ୍ଖଳ-ଗ୍ରନ୍ଥିମାଳ ତୁଲ୍ୟ ସେମାନଙ୍କର ଅନିବାର୍ଯ୍ୟ ଚିନ୍ତାରାଜି ମନର ପ୍ଲୁତ ଗତି (ଲମ୍ଫ) ଓ ବିଦ୍ୟୁତ୍ ବେଗ ଉପରେ ଏବଂ ଜୀବନର ଭଙ୍ଗୁର ଆକସ୍ମିକ ଗତି-ପ୍ରବାହ ଉପରେ ତଥା ପାରମାଣବିକ ବସ୍ତୁସକଳର ସ୍ୱାଧୀନତା ଉପରେ ଆରୋପ କରିଥିଲା ଅଲଂଘ୍ୟ ଓ ଅନମ୍ୟ ପରିଣାମ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ମୁକ୍ତି ଓ ସ୍ୱାଧୀନତା

## ଶ୍ରୀମା

### ମୁକ୍ତ ହେବାର ଅଧିକାର

ମାନବୀୟ ଆବେଗ ପ୍ରବୃତ୍ତିର ଊର୍ଦ୍ଧ୍ୱରେ ରହିଥିବା ଉଚ୍ଚତର ସ୍ତରକୁ ଉଠିଯିବା ଦ୍ୱାରା ଜଣେ ମୁକ୍ତ ହୋଇପାରେ । ଯେତେବେଳେ ପ୍ରକୃତରେ ଜଣେ ଊର୍ଦ୍ଧ୍ୱତର, ନିଃସ୍ୱାର୍ଥ ସ୍ୱାଧୀନତା ଅର୍ଜନ କରିପାରିଛି ଏବଂ ତା'ର କାମନାବାସନାଦି ପ୍ରବେଗଗୁଡ଼ିକୁ ଦୂରୀଭୂତ କରିପାରିଛି – ସେତିକିବେଳେହିଁ ପ୍ରକୃତରେ ସେ ମୁକ୍ତ ହେବାର ଅଧିକାର ପାଇଛି । ...

ଯେ ଆଇନ ବା ନୀତି ଭଙ୍ଗ କରିବାକୁ ଚାହେଁ, ତାକୁ ନିଶ୍ଚୟ ଆଇନ ବା ନୀତିର ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଯେ କେହି ପରମ୍ପରା ଭାଙ୍ଗିବାକୁ ଚାହେଁ, ତାକୁ ପରମ୍ପରାର ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଯେ ସବୁ ନିୟମକୁ ଅବଜ୍ଞା କରୁଛି, ତାକୁ ପ୍ରଥମେ ସବୁ ନିୟମର ଊର୍ଦ୍ଧ୍ୱରେ ରହିବାକୁ ପଡ଼ିବ । ଏବଂ ଏହି ମୁକ୍ତି ପାଇବାର ଉଦ୍ଦେଶ୍ୟ କେବେହେଲେ ବି ବ୍ୟକ୍ତିଗତ ବା ଅହଂକେନ୍ଦ୍ରିକ ହେବା ଉଚିତ ନୁହେଁ : ତୁମର ଉଚ୍ଚାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ, ତୁମ ନିଜ ବ୍ୟକ୍ତିତ୍ୱର ଆସ୍ଫାଳନକୁ ଜାହିର କରିବା ପାଇଁ, ନିଜର ଉଚ୍ଚମନ୍ୟତାର ପ୍ରତିଷ୍ଠା ପାଇଁ, ଅନ୍ୟମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖିବା ପାଇଁ, ଗୋଷ୍ଠୀଠାରୁ ନିଜକୁ ଉଚ୍ଚ ବୋଲି ପ୍ରତିପାଦନ କରିବା ପାଇଁ ଓ ସମସ୍ତଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବା ପାଇଁ କେହି ମୁକ୍ତି ବା ସ୍ୱାଧୀନତା ବାଞ୍ଛା କରିବା ଉଚିତ ନୁହଁ । ନିଜକୁ ଜଗି ରଖ, ଯେପରି କେବେହେଲେ ବି ତୁମେ ନିଜକୁ ଅନ୍ୟମାନଙ୍କଠାରୁ ଉଚ୍ଚତର ବୋଲି ଭାବିବ ନାହିଁ ଏବଂ ଆଉ ସମସ୍ତଙ୍କୁ ବିଦ୍ରୂପାତ୍ମକ ଦୃଷ୍ଟିରେ ଦେଖି କେବେ ବି କହିବ ନାହିଁ, ''ମୁଁ ଏଇସବୁ ନୀଚ ଉପାଦାନ ମାନ ନେଇ ଜନ୍ମ ହୋଇ ନାହିଁ ।'' ଯେତେବେଳେ ତୁମ ଭିତରେ ଏହିପରି ଭାବ ଆସିବ – ତେବେ ଜାଣିବ ଯେ, ତୁମେ ପଥଚ୍ୟୁତ ହେବାକୁ ଆରମ୍ଭ କଲଣି ଓ ଏକ ଅତଳ ଗହ୍ୱର ଭିତରେ ପଡ଼ିବାର ବିପଦ ଦେଖା ଗଲାଣି ।

### ସ୍ୱାଧୀନତା : ଅମିତାଚାର ନୁହେଁ

ନୈତିକ ପରିପୂର୍ଣ୍ଣତାର ସ୍ତରକୁ ଉତ୍ତୀର୍ଣ୍ଣ ନ ହୋଇ ଯଦି କେହି ଅନ୍ୟ ପାରିକୁ ଯାଇପାରିବ ବୋଲି କଳ୍ପନା କରୁଥାଏ, ତେବେ ସେ ଏକ ମହାପ୍ରମାଦଜନିତ ବିପଦର ସମ୍ମୁଖୀନ ହେବ । ଏବଂ ତା'ର ନିମ୍ନପ୍ରକୃତିର ତାଡ଼ନାରେ ଜୀବନକୁ ମୁକ୍ତଭାବେ ବଞ୍ଚିବାଟାକୁ ସେ ଭାବିନେବ ଯେ ଏହାହିଁ ହେଉଛି ଯଥାର୍ଥ ମୁକ୍ତି ।

ମଣିଷର ମାନସିକ ସତ୍ତା ଯେତେ ପୂର୍ଣ୍ଣ ହୋଇଥାଉ ବା ଯେତେ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥାଉ ପଛକେ – କିଛି କାଳ ଲାଗି ସେ ଯଦି ଏହି ନୈତିକ ପରିପୂର୍ଣ୍ଣତାର ଆଦର୍ଶକୁ ଉପଲବ୍ଧି ନ କରିଛି, ଯେତେ କମ୍ ସମୟ ପାଇଁ ହେଉ ପଛେ, ତେବେ ସେ ତା'ର ମାନସିକ ସିଦ୍ଧି ବା ଶକ୍ତି ବଳରେ କେବେ ବି ପ୍ରକୃତ ଆଧ୍ୟାତ୍ମିକ ଜୀବନ ଭିତରକୁ ସିଧା ପ୍ରବେଶ କରି ପାରିବ ନାହିଁ । ଅନେକ ବ୍ୟକ୍ତି ଚାହାନ୍ତି ସିଧାସଳଖ ଆଧ୍ୟାତ୍ମିକ ଜୀବନ ଭିତରକୁ ପଶିଯିବେ ଏବଂ ତାଙ୍କ ବାହ୍ୟପ୍ରକୃତିରେ ଥିବା ଦୁର୍ବଳତାଗୁଡ଼ିକୁ ଜୟ ନକରି ସେମାନଙ୍କର ଆନ୍ତର ସ୍ୱାଧୀନତାକୁ ଜାହିର କରିବେ; ସେମାନେ ନିଶ୍ଚୟ ସେମାନଙ୍କ ଅଧଃପତନର ବିପଦକୁ ଡାକି ଆଣନ୍ତି । ପ୍ରକୃତ ଆଧ୍ୟାତ୍ମିକ ଜୀବନ ଓ ସଂପୂର୍ଣ୍ଣ ମୁକ୍ତି ବା ସ୍ୱାଧୀନତା, ସର୍ବୋଚ୍ଚ ନୈତିକ ଉପଲବ୍ଧି ଅପେକ୍ଷା ନିଶ୍ଚିତ ଭାବେ ବହୁତ ଉଚ୍ଚତର ଜୀବନ । କିନ୍ତୁ କେହି ଭାବିବା ଉଚିତ ନୁହେଁ ଏବଂ ସେଥିଲାଗି ଖୁବ୍ ସାବଧାନ ହେବା ମଧ୍ୟ ଉଚିତ ଯେ, ଏହି ତଥାକଥିତ ମୁକ୍ତି ବା ସ୍ୱାଧୀନତା ଅର୍ଥ ନୁହେଁ ଅନାଚାର ବା ଅମିତାଚାରର ସ୍ୱାଧୀନତା କିଂବା ସବୁ ନୀତି-ନିୟମକୁ ଜଳାଞ୍ଜଳି ଦେବାର ସ୍ୱାଧୀନତା ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଉନବିଂଶ ପରିଚ୍ଛେଦ)

## ବୁଦ୍ଧିଗତ ଯୁଗର ଗତିରେଖା

**ଶେଖ ଅବଦୁଲ କାଶମ**

ମନୁଷ୍ୟଜାତି ତା'ର ମନୋଭୂମିଗତ ସ୍ତରରେ ସୋପାନ ପରେ ସୋପାନ ଅତିକ୍ରମ କରି ବର୍ତ୍ତମାନ ବୁଦ୍ଧିଗତ ଯୁଗରେ ଆସି ପହଞ୍ଚିଛି । ଏହି ବୁଦ୍ଧିଗତ ଯୁଗଟିକୁ ପ୍ରଗତିର ଯୁଗ ବୋଲି ମଧ୍ୟ କୁହାଯାଇପାରିବ, କାରଣ ବର୍ତ୍ତମାନ ପ୍ରଗତିହିଁ ସମାଜର ମୂଳଧ୍ୟେୟ ହୋଇ ରହିଛି । ତେବେ ପ୍ରଗତି ଦୁଇ ପ୍ରକାରର ହୋଇପାରେ । ଗୋଟିଏ ହେଲା ଅନୁକୂଳଧର୍ମୀ (adaptive) ପ୍ରଗତି ଯେତେବେଳେ କି ସମାଜ ଏକ ଅପରିବର୍ତ୍ତନୀୟ ସାମାଜିକ ତତ୍ତ୍ୱ ଉପରେ ସ୍ଥାୟୀ ରୂପେ ପ୍ରତିଷ୍ଠିତ ହୋଇଥାଏ ଏବଂ ଅନ୍ୟ ପକ୍ଷରେ ନୂଆ ଧାରଣା ଓ ନୂଆ ଆବଶ୍ୟକତାଗୁଡ଼ିକ ସହିତ ନିଜକୁ ଖାପ ଖୁଆଇ ନେଉଥାଏ । ଦ୍ୱିତୀୟ ପ୍ରକାର ପ୍ରଗତି ହେଉଛି ଏକ ମୌଳିକ (radical) ବା ପ୍ରକୃତ ପ୍ରଗତି ଯେତେବେଳେ କି ସମାଜର ଭିତ୍ତି ଦୀର୍ଘସ୍ଥାୟୀ ହୋଇ ନଥାଏ, ମାତ୍ର ସମାଜର ବ୍ୟାବହାରିକ କ୍ଷେତ୍ରରେ ନାନା ପ୍ରକାର ସଂଶୟ ପ୍ରକାଶ କରାଯାଉଥାଏ ଏବଂ ପ୍ରଶ୍ନ ପଚରାଯାଉଥାଏ । ଆଧୁନିକ ଯୁଗରେ ଏହି ମୌଳିକ ପ୍ରଗତିଶୀଳତାର ଧାରା ଆମର ଦୃଷ୍ଟିଗୋଚର ହେଉଛି ।

ସମାଜର ପ୍ରଗତିଶୀଳତାକୁ ପର୍ଯବେକ୍ଷଣ କଲେ ଜଣାଯାଏ ଯେ ପ୍ରଥମ ଅବସ୍ଥାରେ ମନୁଷ୍ୟମାନେ ବହୁତ ଉତ୍ସାହର ସହିତ କେତେ କେତେ ପ୍ରୟାସ କରିଥା'ନ୍ତି, ତା'ପରେ ଆଂଶିକ ସିଦ୍ଧି ବା ବିଜୟ ମଧ୍ୟ ଲାଭ କରିଥା'ନ୍ତି । ମାତ୍ର କିଛି କାଳ ପରେ ସେମାନଙ୍କ ମୋହଭଙ୍ଗ ଘଟେ । ଯେଉଁ ବିଷୟରେ ସେମାନେ ସଂଗ୍ରାମ କରୁଥା'ନ୍ତି ସେଥିରୁ ସେମାନେ ଓହରି ଆସନ୍ତି । ତା'ପରେ ଏକ ନୂତନ ବିଚାର ଜନ୍ମ ଲାଭ କରେ ଏବଂ ତାହାକୁ ନେଇ ନୂତନ ଭାବେ ସେମାନେ ପ୍ରୟାସ ଆରମ୍ଭ କରନ୍ତି । ଯେତେବେଳେ କୌଣସି ସମାଜତତ୍ତ୍ୱବିତ୍ ଏକ ନୂତନ ସିଦ୍ଧାନ୍ତ ଆଣି ଉପସ୍ଥାପିତ କରନ୍ତି ସେତେବେଳେ ସାଧାରଣ ଲୋକେ ତାକୁ ଗ୍ରହଣ କରି ଉତ୍ସାହର ସହିତ ତା'ର ପ୍ରୟୋଗରେ ଲାଗି ପଡ଼ନ୍ତି । କିନ୍ତୁ କିଛି କାଳ ପରେ ସେମାନଙ୍କ ଉତ୍ସାହଟି ଲୋପ ପାଇଯାଏ । ସେମାନେ ସେଇ ନୂତନ ବ୍ୟବସ୍ଥାଟିରେ ନାନା ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି, ତା'ସହିତ ନିଜକୁ ଖାପ ଖୁଆଇ ନେବା ଲାଗି ଉପାୟ ଖୋଜନ୍ତି । ମାତ୍ର ସେଇ ବ୍ୟବସ୍ଥାକୁ ନେଇ ସେମାନେ ଆଶ୍ୱସ୍ତ ହୋଇ ରହି ପାରନ୍ତି ନାହିଁ ।

ମନୁଷ୍ୟର ବୁଦ୍ଧି ସ୍ୱଭାବତଃ ପ୍ରଗତିକାମୀ । ଏହା ପାରିପାର୍ଶ୍ୱିକ ବ୍ୟବସ୍ଥାଗୁଡ଼ିକୁ ସର୍ବଦା ପର୍ଯ୍ୟବେକ୍ଷଣ କରୁଥାଏ । ନୂତନ ବିଚାର ଆଡ଼କୁ ଏହା ଉନ୍ମୁକ୍ତ ହୋଇ ରହିଥାଏ । ନୂତନ ଆବଶ୍ୟକତା ଓ ନୂତନ ସମ୍ଭାବନାଗୁଡ଼ିକ ବିଷୟରେ ସଚେତନ ରହିଥିବାରୁ ଏହା ପୁରୁଣା ଅଭ୍ୟାସଗୁଡ଼ିକୁ ଛାଡ଼ି ଆଗକୁ ବଢ଼ିବାକୁ ଚାହେଁ । ମାତ୍ର ସାଧାରଣ ମଣିଷମାନେ ସମାଜ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ନେଇ ସଂଶୟ ପ୍ରକାଶ କରନ୍ତି ନାହିଁ, ସେଥିରେ କୌଣସି ପରିବର୍ତ୍ତନ ଆଣିବା ଲାଗି ସେମାନଙ୍କର ଆଗ୍ରହ ନଥାଏ । ଏ ପରିସ୍ଥିତିରେ ବୁଦ୍ଧିକୁ ଆଶ୍ରୟ କରି ବଞ୍ଚୁଥିବା ମଣିଷମାନେ ଅସନ୍ତୁଷ୍ଟ ହୋଇ ପଡ଼ନ୍ତି । ସେମାନେ ଦେଖନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତକୁ ନେଇ କେତେଟା ନୂଆ ପରମ୍ପରା ଗଢ଼ି ଉଠୁଛି ସିନା, ମାତ୍ର ସମାଜର ପ୍ରକୃତ ପ୍ରଗତି ଘଟୁ ନାହିଁ, ତାହା ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଉ ନାହିଁ । ଫଳରେ ଅଳ୍ପ କେତେଜଣ ବୁଦ୍ଧିଜୀବୀ ଏ ଅବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି । କ୍ରମେ ଅଧିକ ସଂଖ୍ୟକ ବ୍ୟକ୍ତି ସେମାନଙ୍କ ସହିତ ସମ୍ମିଳିତ ହେଲେ ସମାଜରେ ଏକ ବିଦ୍ରୋହ ବା ବିପ୍ଳବ ସଂଘଟିତ ହୁଏ । ଫଳରେ ସମାଜର ପ୍ରଗତି ଲାଗି ଏକ ନୂତନ ସିଦ୍ଧାନ୍ତ ଜନ୍ମ ଲାଭ କରେ ।

ଆଧୁନିକ ବିଚାରଧାରା ଅନୁସାରେ ବୁଦ୍ଧି ହେଉଛି ଏକ ପୁନରୁଦ୍ଧାରକାରୀ ଓ ସୃଜନକାରୀ ଶକ୍ତି । ସମାଜକୁ ସୃଜନକ୍ଷମ ଓ ଅଧିକ ବିକଶିତ କରିବାକୁ ହେଲେ ବୁଦ୍ଧିକୁ ତିନୋଟି ପର୍ଯ୍ୟାୟ ଦେଇ ଗତି କରିବାକୁ ହେବ । ପ୍ରଥମଟି ହେଲା ବ୍ୟକ୍ତିବାଦର ପର୍ଯ୍ୟାୟ ଓ ଏକ କ୍ରମବର୍ଦ୍ଧମାନ ଗଣତନ୍ତ୍ରର ପର୍ଯ୍ୟାୟ । ଏହି ପର୍ଯ୍ୟାୟର ମୂଳତତ୍ତ୍ୱ ହେବ ସ୍ୱାଧୀନତା ଓ ବନ୍ଧନମୁକ୍ତତା । ଦ୍ୱିତୀୟଟି ହେଲା ସମାଜବାଦର ପର୍ଯ୍ୟାୟ । ଏହି ପର୍ଯ୍ୟାୟରେ ରାଷ୍ଟ୍ରଚାଳିତ ସାମ୍ୟତନ୍ତ୍ର ବା କମ୍ୟୁନିଜମ୍‌ର ଆବିର୍ଭାବ ଘଟିବ ।

ତୃତୀୟଟି ହେଲା ନୈରାଜ୍ୟବାଦ (Anarchism)ର ପର୍ଯ୍ୟାୟ । ଏହି ପର୍ଯ୍ୟାୟରେ ଲୋକମାନଙ୍କର ସ୍ୱେଚ୍ଛାକୃତ ସହଯୋଗ ଦ୍ୱାରା ସମାଜ ପରିଚାଳିତ ହେବ । ସମସ୍ତେ ମିଶି ଏକ ଗୋଷ୍ଠୀ ଭାବରେ କାର୍ଯ୍ୟ କରିବେ । ଭ୍ରାତୃତ୍ୱ ଓ ସାଥିତ୍ୱ ସମାଜ ବ୍ୟବସ୍ଥାର ମୂଳନୀତି ହୋଇ ରହିବ । ଏହି ପର୍ଯ୍ୟାୟରେ ବୁଦ୍ଧିର ସାମର୍ଥ୍ୟ ପରୀକ୍ଷିତ ହେବ । କାରଣ ସମାଜସମ୍ବନ୍ଧୀ ଏକ ପରିପୂର୍ଣ୍ଣ ସିଦ୍ଧାନ୍ତକୁ କାର୍ଯ୍ୟକାରୀ କଲାବେଳେ ନାନା ଦ୍ୱନ୍ଦ୍ୱ ଉପୁଜିବ, ଅହଂଗତ ନାନା ସମସ୍ୟା ଆସି ଦେଖାଦେବ । ବୁଦ୍ଧି ଏହି ସମସ୍ୟାଗୁଡ଼ିକୁ ସମାଧାନ କରି ପାରିବ କି ନାହିଁ ଅଥବା ତାହା ଆଉ ଏକ ଉଚ୍ଚତର ମାର୍ଗଦର୍ଶକ ଲାଗି ବାଟ ଛାଡ଼ିଦେବ, ସେତେବେଳେ ତାହା ଜଣା ପଡ଼ିବ ।

ବ୍ୟକ୍ତିବାଦହିଁ ବୁଦ୍ଧିଗତ ଯୁଗ ଲାଗି ପଥ ଉନ୍ମୁକ୍ତ କରେ । ବୁଦ୍ଧିଗତ ଯୁଗରେ ମନୁଷ୍ୟମାନେ ବୁଦ୍ଧିର ପ୍ରୟୋଗ କରି ନିଜର ତଥା ସମାଜର ଅଗ୍ରଗତି ଲାଗି ବିଶେଷ ଧ୍ୟାନ ଦିଅନ୍ତି । ବୁଦ୍ଧିବାଦର ପୂର୍ବବର୍ତ୍ତୀ ଯୁଗମାନଙ୍କରେ ଲୋକମାନେ ଯେ ସମାଜ ବିଷୟରେ ବା ଗୋଷ୍ଠୀଗତ ଜୀବନ ବିଷୟରେ ଚିନ୍ତା କରୁ ନଥିଲେ, ଏପରି ନୁହେଁ । ବରଂ ସମାଜ ବିଷୟରେ ସେମାନଙ୍କର ଅତି ମହାନ୍ ଧାରଣାସବୁ ରହିଥିଲା । ମାତ୍ର ସେମାନେ ନ୍ୟାୟପ୍ରେରିତ ବୁଦ୍ଧି (logical reason)ର ଧାରା ଅନୁସରଣ କରୁ ନଥିଲେ । ସେମାନଙ୍କର ଥିଲା ସଂବୁଦ୍ଧ (intuitive) ଦୃଷ୍ଟି । ତୀକ୍ଷ୍ଣ ଭେଦ ନିରୂପଣ ଶକ୍ତି, ସଂବୁଦ୍ଧତା ଓ ଅନ୍ତର୍ଦୃଷ୍ଟି ଦ୍ୱାରା ସେମାନେ ଜୀବନର ରହସ୍ୟକୁ ଜାଣିବାର ଚେଷ୍ଟା କରୁଥିଲେ । ବିଷୟ ସକଳକୁ ସେମାନେ ସଂଶୟାତ୍ମକ ଦୃଷ୍ଟିରେ ଦେଖୁ ନଥିଲେ । ଏକ ସ୍ୱତଃସ୍ଫୂର୍ତ୍ତ ସଂବୁଦ୍ଧ ମନ ଦ୍ୱାରା ସେମାନେ ପ୍ରାଣକୁ ନିୟନ୍ତ୍ରିତ କରି ରଖୁଥିଲେ ।

ବୁଦ୍ଧି କେତେକ ବଦ୍ଧମୂଳ ଧାରଣାକୁ ନେଇ ଜୀବନର ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥାଏ । କଠୋର ଭାବରେ ଗଠିତ ହୋଇଥିବା କେତେକ ଧାରଣା ଦ୍ୱାରା ଜୀବନର ବାସ୍ତବ ଘଟଣାଗୁଡ଼ିକୁ ଏହା ଏକ ସାଧାରଣ ନିୟମ ଭିତରେ ବାନ୍ଧି ରଖିବାକୁ ପ୍ରୟାସ କରେ । ବୁଦ୍ଧି ବାସ୍ତବ ସତ୍ୟଗୁଡ଼ିକ ବିଷୟରେ ସର୍ବଦା ସଂଶୟ ପ୍ରକାଶ କରିଥାଏ । କୌଣସି ବିଷୟରେ ଯେତେ ଅଧିକ ସଂଖ୍ୟକ ବ୍ୟାଖ୍ୟା କରିବା ସମ୍ଭବ ତାହା କରିବାକୁ ଏହା ପ୍ରବୃତ୍ତ ହୋଇଥାଏ । ବୁଦ୍ଧିର ଅନ୍ୟ ଏକ ସ୍ୱଭାବ ହେଲା ଏହା କେବଳ ବାସ୍ତବ ଘଟଣା ନୁହେଁ, ସମ୍ଭାବନାଗୁଡ଼ିକୁ ନେଇ ମଧ୍ୟ ଅନୁସନ୍ଧାନ ଚଳାଇ ରଖିଥାଏ । କୌଣସି ଆଦର୍ଶ ସ୍ତରୀୟ ସତ୍ୟକୁ ବାସ୍ତବ ସତ୍ୟରେ ପରିଣତ କରାଯାଇ ପାରିବ କି ନାହିଁ ତାହା ପରୀକ୍ଷା କରି ଦେଖୁଥାଏ । ଏହି ଗୁଣ ଯୋଗୁଁ ବୁଦ୍ଧିର ଯୁଗଟି ଏକ ଅଗ୍ରଗତିର ଯୁଗ ହୋଇପାରେ ।

ମନୋଗତ ଉପାଦାନ ଦ୍ୱାରା ଜୀବନ କ୍ଷେତ୍ରକୁ ନିୟନ୍ତ୍ରିତ କରିବା ବେଳେ ଯେଉଁ ପଦ୍ଧତିକୁ ପ୍ରୟୋଗ କରାଯାଉଥାଏ ତାହା ଦୀର୍ଘକାଳ ଧରି ଫଳପ୍ରଦ ହୋଇ ରହେ ନାହିଁ । ସେହି ପଦ୍ଧତି ଦ୍ୱାରା ସୃଷ୍ଟ ହୋଇଥିବା ରୀତି ଓ ଅନୁଷ୍ଠାନଗୁଡ଼ିକ କ୍ରମେ ସଙ୍କୁଚିତ ହୋଇପଡ଼େ ଏବଂ ସତ୍ୟଠାରୁ ଦୂରକୁ ଚାଲିଯାଏ । ସେତେବେଳେ ରୀତି ଓ ପରମ୍ପରା ବିଷୟରେ ସଂଶୟ ପ୍ରକାଶ କରିବାର ଆବଶ୍ୟକତା ଆସି ପହଞ୍ଚେ ଏବଂ ସେହି ଆବଶ୍ୟକତାଟି ଦ୍ୱାରା ବୁଦ୍ଧି ଆପଣାର ଆତ୍ମବିକାଶ ଲାଗି ସୁଯୋଗ ମଧ୍ୟ ପାଇଥାଏ । ସମାଜରେ ଗଢ଼ି ଉଠିଥିବା କୌଣସି ଅନୁଷ୍ଠାନ ବା ପ୍ରଚଳିତ ପରମ୍ପରା ମଧ୍ୟରେ ସତ୍ୟ ବଞ୍ଚି ରହିଛି କି ନାହିଁ ତାହା ପରୀକ୍ଷା କରି ଦେଖିବା ହେଉଛି ବୁଦ୍ଧିର କାର୍ଯ୍ୟ । କେଉଁ ନୂତନ ଅନୁଷ୍ଠାନ ବା ସାମାଜିକ ବ୍ୟବସ୍ଥା ଜୀବନକୁ ଅଧିକ ଉନ୍ନତ କରିପାରିବ ସେ ବିଷୟରେ ବୁଦ୍ଧି ଟିକିନିଖି ଅନୁସନ୍ଧାନ କରିଥାଏ । ବୁଦ୍ଧିର ସ୍ୱଭାବ ହେଲା ଏହା ସବୁ କଥାକୁ ଗଭୀର ଭାବେ ବିଚାର କରି ଦେଖେ, ଅନ୍ଧ ଭାବରେ କୌଣସି କଥାକୁ ମାନି ନିଏ ନାହିଁ । ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରିବାରେ ତାହା ନିଜକୁ ନିୟୋଜିତ କରିଥାଏ ଏବଂ ତଦ୍ୱାରା ତା'ର ଆତ୍ମବିକାଶ ଘଟିଥାଏ । ଜୀବନର ସକଳ କ୍ଷେତ୍ରରେ ବୁଦ୍ଧିକୁ ଏକ ସାର୍ବଜନୀନ ନିୟମ ହିସାବରେ ପ୍ରୟୋଗ କରାଗଲେ ତାହା ସମାଜର ପରିପୂର୍ଣ୍ଣତା ଲାଭ ଦିଗରେ ସହାୟକ ହେବ ।

କୌଣସି ଏକ ଶାସକ ଶ୍ରେଣୀର ବୁଦ୍ଧି ଉପରେ ଯଦି ଏକାନ୍ତ ଭରସା କରାଯାଏ ତାହାହେଲେ ତାହା ଅନର୍ଥର କାରଣ ହେବ । ସେପରି କଲେ ଆମେ ବୁଦ୍ଧିର ଅପପ୍ରୟୋଗହିଁ କରିବା । ବୁଦ୍ଧି କେବଳ କ୍ଷମତାରହିଁ ଆଜ୍ଞାକାରୀ ହୋଇ ରହିବା ଉଚିତ ନୁହେଁ । ଶାସକ ଶ୍ରେଣୀର ବିଶେଷାଧିକାରଗୁଡ଼ିକୁ ସୁରକ୍ଷିତ କରି ରଖିବା ଲାଗି ଯଦି ବୁଦ୍ଧିକୁ ଏକ ସାଧନ ରୂପେ ବ୍ୟବହାର କରାଯାଏ ତାହାହେଲେ ସମାଜ ବ୍ୟବସ୍ଥାଟି କ୍ଷତିଗ୍ରସ୍ତ ହେବ । ସର୍ବସମ୍ମତିର ଭିତ୍ତି ଉପରେ ବୁଦ୍ଧିର ପ୍ରୟୋଗ କରାଗଲେ ତାହା ସମାଜର ହିତକାରୀ ହେବ । ଏହି ବିଚାରରୁହିଁ ବ୍ୟକ୍ତି-କେନ୍ଦ୍ରିତ ଗଣତନ୍ତ୍ରର ସିଦ୍ଧାନ୍ତ ଜନ୍ମଲାଭ କରିଛି । ପ୍ରତ୍ୟେକ ବ୍ୟକ୍ତିର ବୁଦ୍ଧି ଓ ଇଚ୍ଛାକୁ ଅପର ବ୍ୟକ୍ତିର ବୁଦ୍ଧି ଓ ଇଚ୍ଛା ସହିତ ଅନୁକୂଳିତ କରି ରଖିବାକୁ ଚେଷ୍ଟା କରାଯିବା ଉଚିତ । ପ୍ରତ୍ୟେକ ବ୍ୟକ୍ତି

ଯେପରି ଆପଣା ବୁଦ୍ଧି ଓ ଇଚ୍ଛା ଅନୁସାରେ ଆପଣାର ଜୀବନଟିକୁ ପରିଚାଳିତ କରିପାରିବ ସେଥିଲାଗି ତାକୁ ସୁଯୋଗ ଦିଆଯିବା ଉଚିତ । ସମାଜକୁ ପରିଚାଳିତ କରୁଥିବା ବୃହତ୍ ବିଚାରଟି ଯଦି ଏକ ବିରାଟ ଅଟ୍ଟାଳିକା ହୁଏ ତାହାହେଲେ ପ୍ରତ୍ୟେକ ବ୍ୟକ୍ତିର ବିଚାର ସେହି ଅଟ୍ଟାଳିକାର ଖଣ୍ଡିଏ ସାନ ଇଟା ହୋଇପାରିବ ।

ବୁଦ୍ଧିଗତ ଯୁଗରେ ଏହା ଅତି ଆବଶ୍ୟକ ଯେ ସମାଜର କେତୋଟି ଲକ୍ଷ୍ୟ ସାଧନ ସକାଶେ ସର୍ବସମ୍ମତ ସାଧାରଣ ବିଚାରଟିକୁ ସଙ୍ଗଠିତ କରି ରଖିବାକୁ ହେବ । ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟକ୍ତିମାନେ ଆପଣା ଆପଣାର ବୁଦ୍ଧି ଓ ଇଚ୍ଛା ଅନୁସାରେ ଆପଣା ଜୀବନ ବଞ୍ଚିବା ଲାଗି ସ୍ୱାଧୀନତା ପାଇଥିବେ । ମାତ୍ର ପ୍ରତ୍ୟେକ ବ୍ୟକ୍ତିର ଜୀବନ ଯେମିତି ଅନ୍ୟ ବ୍ୟକ୍ତିର ଜୀବନ ସହିତ ଅନୁକୂଳିତ ହୋଇ ପାରିବ ସେ ଦିଗରେ ଉପାୟ ଖୋଜି ବାହାର କରିବାକୁ ହେବ । ଏହିପରି ଭାବରେ ମନୁଷ୍ୟମାନେ ଆପଣାର ବୁଦ୍ଧିଗତ ଶକ୍ତିକୁ ଯଥାର୍ଥ ଭାବେ କାମରେ ଲଗାଇବା ଶିଖିବେ ଏବଂ ପରିଶେଷରେ ସେମାନେ ଉଦାର ଦୃଷ୍ଟି ଲାଭ କରି ଏକ ଯଥାର୍ଥ ବୁଦ୍ଧିପ୍ରେରିତ ଜୀବନ ଯାପନ କରିବାରେ ଅଭ୍ୟସ୍ତ ହୋଇଯିବେ ।

ସାଧାରଣ ମଣିଷ ନିଜର ଜୀବନକୁ ବୁଦ୍ଧି ଦ୍ୱାରା ପରିଚାଳିତ କରି ନଥାଏ । ଅବବୌଦ୍ଧିକ ଯୁଗର ପ୍ରଭାବରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ନଥିବାରୁ ଆପଣାର ବୁଦ୍ଧି, ବିଚାର ଖଟାଇ ସେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରେ ନାହିଁ । ତା'ର ଭାବନାଗୁଡ଼ିକ ସ୍ୱାର୍ଥ, ଆବେଗ ଓ ନାନା ପୂର୍ବାଗ୍ରହ ଦ୍ୱାରା ପ୍ରେରିତ ହୋଇଥାଏ । ଯେଉଁମାନେ ତା'ଠାରୁ ବୁଦ୍ଧିରେ ଅଧିକ ପ୍ରଖର, ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେ ସ୍ୱାଧୀନଭାବେ କୌଣସି ଚିନ୍ତା କରିପାରେ ନାହିଁ କି ନିଷ୍ପତ୍ତି ନେଇପାରେ ନାହିଁ । ଅନ୍ୟମାନଙ୍କ ସହିତ କିପରି ସହମତି ଲାଭ କରିବାକୁ ହେବ ସାଧାରଣ ମଣିଷ ତାହା ଶିଖି ନଥାଏ । ଅନ୍ୟର ମତ ସହିତ ସଂଘାତ ଘଟିଲେ ସେ ନିଜର ମତଟିକୁ ଜୋର୍ କରି ପ୍ରତିଷ୍ଠିତ କରିବା ଲାଗି ଆପଣାର ବୁଦ୍ଧିକୁ ଖଟାଇଥାଏ । ଅନ୍ୟମାନଙ୍କର ଜୀବନ ସହିତ ଆପଣାର ଜୀବନଟିକୁ ଅନୁକୂଳିତ କରି ରଖିବା ତା' ପକ୍ଷରେ ସମ୍ଭବ ହୁଏ ନାହିଁ । ସେ ଅନ୍ୟମାନଙ୍କର ଜୀବନ ସହିତ ନାନା ପ୍ରତିଦ୍ୱନ୍ଦ୍ୱିତାରେ ଲିପ୍ତ ରହିଥାଏ । ଏହି କାରଣରୁ ସମାଜରେ କୌଣସି ଉଚ୍ଚ ଆଦର୍ଶ ପ୍ରତିଷ୍ଠିତ ହୋଇପାରେ ନାହିଁ ।

ବୁଦ୍ଧିର ଯଥାର୍ଥ ଉପଯୋଗ ନହେବା ଯୋଗୁଁ ସମାଜରେ ଅଶାନ୍ତି, ଅସ୍ଥିରତା ଓ ନାନା ବିଭ୍ରାଟ ଦେଖା ଦେଇଥାଏ । ଅଧିକାଂଶ ମନୁଷ୍ୟ ସ୍ୱାର୍ଥ ଓ ଅହଂ ଦ୍ୱାରା ପରିଚାଳିତ ହେଉଥିବାରୁ କୌଣସି ଆଦର୍ଶ ବାସ୍ତବ ଜୀବନରେ ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ । ବ୍ୟକ୍ତିବାଦୀ ଗଣତନ୍ତ୍ରର ଆଦର୍ଶଟି ସେହି କାରଣରୁ ବିଫଳତାର ସମ୍ମୁଖୀନ ହୁଏ । ସମାଜର ସର୍ବାଧିକ ପ୍ରଭାବଶାଳୀ ଶ୍ରେଣୀ ଗଣତନ୍ତ୍ର ନାମରେ ଅଜ୍ଞାନ ଓ ଦୁଃସ୍ଥ ବହୁଜନଙ୍କ ଉପରେ ଶାସନ କରିଥାଏ । ବାହ୍ୟତଃ ସ୍ୱାଧୀନତା ଓ ସମାନତାର ଆଦର୍ଶ ପ୍ରଚାରିତ ହେଉଥାଏ, ମାତ୍ର ପ୍ରକୃତ କ୍ଷେତ୍ରରେ ଜନଗଣଙ୍କ ପ୍ରତି ଅନ୍ୟାୟ କରାଯାଉଥାଏ, ବିଭିନ୍ନ ଭାବରେ ସେମାନଙ୍କର ଶୋଷଣ କରାଯାଉଥାଏ । ଏହିପରି ଭାବରେ ଶ୍ରେଣୀ ଶ୍ରେଣୀ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହୁଏ । ଯେଉଁମାନେ ସବୁଠାରୁ ସୌଭାଗ୍ୟଶାଳୀ ଓ ପ୍ରାଣଗତ କ୍ଷେତ୍ରରେ ଅଧିକ ସଫଳ, ସେହିମାନେହିଁ ଯୁଦ୍ଧରେ ଜୟ ଲାଭ କରନ୍ତି ଓ ବଞ୍ଚି ରହନ୍ତି । ଯେଉଁ ସମାଜରେ ପ୍ରତିଦ୍ୱନ୍ଦ୍ୱିତା ଓ ଯୁଦ୍ଧ ଲାଗି ରହିଥାଏ ତାକୁ ଏକ ବୁଦ୍ଧିପ୍ରେରିତ ସମାଜ ବୋଲି କଦାପି କୁହାଯାଇ ପାରିବ ନାହିଁ ।

ଶିକ୍ଷଣ ଓ ପ୍ରଶିକ୍ଷଣ ଦ୍ୱାରା ମନୁଷ୍ୟକୁ ଏକ ବୁଦ୍ଧିପ୍ରେରିତ ଜୀବରେ ପରିଣତ କରାଯାଇପାରେ । ବ୍ୟକ୍ତିବାଦୀ ଗଣତାନ୍ତ୍ରିକ ଆଦର୍ଶକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ଦେଖାଦିଏ ତାହାକୁ ଶିକ୍ଷା ମାଧ୍ୟମରେ ଦୂର କରାଯାଇପାରେ । ଗଣତାନ୍ତ୍ରିକ ଆନ୍ଦୋଳନ ସାର୍ବଜନୀନ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ମନୁଷ୍ୟମାନଙ୍କୁ ବୁଦ୍ଧିଦୀପ୍ତ କରେ ଯଦ୍ଦ୍ୱାରା ସେମାନେ ଆପଣାର ଜୀବନକୁ ବୁଦ୍ଧି ଦ୍ୱାରା ପରିଚାଳିତ କରିପାରନ୍ତି । ବୁଦ୍ଧିଭିତ୍ତିକ ଶିକ୍ଷାର ତିନୋଟି ବିଭାବ ରହିଛି । ପ୍ରଥମଟି ହେଲା, ଯେଉଁସବୁ ବାସ୍ତବ ସତ୍ୟ ଉପରେ ଆପଣାର ବିଚାର ପ୍ରକଟ କରିବାର ଅଛି ସେଗୁଡ଼ିକୁ ନିର୍ଭୁଲ ଭାବରେ ଅବଲୋକନ କରିବାକୁ ହେବ ତଥା ଜାଣିବାକୁ ହେବ । ଦ୍ୱିତୀୟତଃ, ଭାବନାଗୁଡ଼ିକୁ ଫଳପ୍ରଦ ଓ ସୁସଂହତ କରିବାକୁ ହେବ । ତୃତୀୟତଃ ଆପଣାର ମଙ୍ଗଳ ତଥା ସର୍ବଜନଙ୍କର ମଙ୍ଗଳ ଲାଗି ଆପଣାର ଜ୍ଞାନ ତଥା ବିଚାରକୁ ଯଥାର୍ଥ ରୂପେ ଉପଯୋଗ କରିବାକୁ ହେବ । ଜଣେ ଯୋଗ୍ୟ ନାଗରିକ ହେବା ଲାଗି ଯେଉଁ ଗୁଣସବୁର ଆବଶ୍ୟକତା ରହିଛି ସେଗୁଡ଼ିକ ହେଲା – ଯଥାର୍ଥ ପର୍ଯ୍ୟବେକ୍ଷଣ ଓ ଜ୍ଞାନର ସାମର୍ଥ୍ୟ, ବୌଦ୍ଧିକ ଶକ୍ତି ଓ ବିଚାର ନିର୍ଣ୍ଣୟର ସାମର୍ଥ୍ୟ ଏବଂ କର୍ମଦକ୍ଷତା ତଥା ଉତ୍ତମ ଚରିତ୍ର ।

ବୁଦ୍ଧିପ୍ରଧାନ ଯୁଗରେ ଗଣତନ୍ତ୍ର, ଶିକ୍ଷା ଓ ସ୍ୱାଧୀନତା

ଦ୍ୱାରା ମନୁଷ୍ୟଜାତିର ବିଶେଷ କଲ୍ୟାଣ ସାଧିତ ହୋଇଛି । ମନୁଷ୍ୟମାନେ ବିଭିନ୍ନ ବିଷୟରେ ସ୍ୱାଧୀନ ଭାବରେ ଆପଣାର ବିଚାର ପ୍ରକଟ କରି ପାରୁଛନ୍ତି ଓ ନିଷ୍ପତ୍ତି ନେଇ ପାରୁଛନ୍ତି । ଜୀବନର ସକଳ କ୍ଷେତ୍ରରେ ସେମାନେ ସକ୍ରିୟ ହୋଇ ପାରିଛନ୍ତି, ବୁଦ୍ଧିର ପ୍ରୟୋଗ କରି ଯାବତୀୟ ବ୍ୟାପାରରେ ସାଫଲ୍ୟ ଅର୍ଜନ କରୁଛନ୍ତି । ଇତିହାସରେ ପ୍ରଥମ ଥର ପାଇଁ ମନୁଷ୍ୟମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି, ଜୀବନ ଥିଲା ପରି ମନେ ହେଉଛନ୍ତି । ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଅତୀତର ସମସ୍ତ ଯୁଗମାନଙ୍କ ଅପେକ୍ଷା ଅଧିକ ସମାନତା ସମ୍ଭବ ହୋଇଛି । କିନ୍ତୁ ଏକଥା ସତ ଯେ ଶିକ୍ଷାଗତ ତଥା ଅନ୍ୟାନ୍ୟ ସୁଯୋଗ କ୍ଷେତ୍ରରେ ପରିପୂର୍ଣ୍ଣ ସମାନତା ଏପର୍ଯ୍ୟନ୍ତ ହାସଲ ହୋଇ ନାହିଁ ।

ଏକ ଅର୍ଦ୍ଧ-ଅବବୌଦ୍ଧିକ ସତ୍ତା ରୂପେ ମନୁଷ୍ୟ କ୍ଷମତାର ଅଧିକାରୀ ହେବାକୁ ଚାହେଁ, ଆପଣାର ଶକ୍ତି ଓ ବୃତ୍ତିଗୁଡ଼ିକୁ କାମରେ ଲଗାଇ ତାହାର ସୁଫଳ ଭୋଗ କରିବାକୁ ଚାହେଁ ତଥା ଆପଣାର ବାସନାଗୁଡ଼ିକୁ ଚରିତାର୍ଥ କରିବାକୁ ଚାହେଁ । ପ୍ରାଣିକ ଶକ୍ତି ଓ ବୁଦ୍ଧିଗତ ସାମର୍ଥ୍ୟ ଅନୁସାରେ ସେ ଏହି ଦାବିଗୁଡ଼ିକୁ ପୂରଣ କରିପାରେ । ବୁଦ୍ଧିବାଦୀ ଯୁଗରେ ଧନର ସାମର୍ଥ୍ୟ ଅର୍ଜନ କରିବା ମନୁଷ୍ୟର ଶ୍ରେଷ୍ଠ ଲକ୍ଷ୍ୟ ହୋଇ ପଡ଼ିଛି । ଶିଳ୍ପର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଉଛି । ଏହା ଫଳରେ ସମାଜରେ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ଚାଲିଛି । ସମ୍ଭ୍ରାନ୍ତତନ୍ତ୍ରୀ ପ୍ରବୃତ୍ତିର ପ୍ରାଦୁର୍ଭାବ ଫଳରେ ମନୁଷ୍ୟମାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି ହୋଇଛି ।

ମନୁଷ୍ୟ ସମାଜ ଗଣତାନ୍ତ୍ରିକ ବ୍ୟକ୍ତିବାଦରୁ ଗଣତାନ୍ତ୍ରିକ ସମାଜବାଦ ଆଡ଼କୁ ମୁହଁ ଫେରାଇଛି । ପୁଞ୍ଜିବାଦ ବିରୋଧରେ ଏକ ବିଦ୍ରୋହରୁ ସମାଜବାଦ ଜନ୍ମ ଗ୍ରହଣ କରିଥିଲା । ବୁଦ୍ଧିର ବିଧାନ ଦ୍ୱାରା ସମାଜର ବ୍ୟବସ୍ଥାଟିକୁ ଏକ ପରିପୂର୍ଣ୍ଣ ରୂପ ଦେବା ଲାଗି ସମାଜବାଦ ପ୍ରୟାସ କରୁଛି । ଶିଳ୍ପ ପ୍ରଧାନ ସମାଜ ବ୍ୟବସ୍ଥାରେ ରହିଥିବା ବିକୃତିରୁ ମୁକ୍ତ ହେବା ପାଇଁ ସମାଜବାଦ ଚାହେଁ । ଅର୍ଥନୈତିକ ଅବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ସମାଜରେ ପ୍ରତିଦ୍ୱନ୍ଦ୍ୱିତାର ପ୍ରାବଲ୍ୟ ମାନବୀୟ ମୂଲ୍ୟବୋଧଗୁଡ଼ିକୁ ଧ୍ୱଂସ କରୁଛି । ଉଚ୍ଚ ଆଦର୍ଶଗୁଡ଼ିକ ଉପେକ୍ଷିତ ହୋଇ ରହି ଯାଉଛି । ସମାଜବାଦ ଏହି ଶୋଚନୀୟ ପରିସ୍ଥିତିରୁ ମୁକ୍ତ ହେବା ଲାଗି ଇଚ୍ଛା କରୁଛି ।

ସମାଜରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା କରିବା ତଥା ଆର୍ଥିକ କ୍ଷେତ୍ରରେ ନ୍ୟାୟ ଓ ସୁବ୍ୟବସ୍ଥା ପ୍ରବର୍ତ୍ତନ କରିବା ସମାଜବାଦର ଲକ୍ଷ୍ୟ । ଏଥିପାଇଁ ସମାଜବାଦ ବ୍ୟକ୍ତି ସ୍ୱାଧୀନତାର ଗଣତାନ୍ତ୍ରିକ ଭିତ୍ତିଟିକୁ ବର୍ଜନ କରିବାକୁ ବାଧ୍ୟ ହୋଇପାରେ । ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସମାନତା ପ୍ରତିଷ୍ଠା କରିବାକୁ ହେବ । ସମାଜବାଦୀ ସିଦ୍ଧାନ୍ତରେ ସମ୍ପତ୍ତି ଉପରେ ବ୍ୟକ୍ତିଗତ ମାଲିକାନାକୁ ସ୍ୱୀକାର କରାଯିବ ନାହିଁ । ସମାଜହିଁ ସମସ୍ତ ସମ୍ପତ୍ତିର ଅଧିକାରୀ ହୋଇ ରହିବ । ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ସମାଜର ସମ୍ପତ୍ତି ହୋଇଯିବ । ବ୍ୟକ୍ତି ନିଜେ ଏବଂ ତା'ର ଯାହା କିଛି ଅଛି, ଅର୍ଥାତ୍ ତା'ର ଶ୍ରମ, ସାମର୍ଥ୍ୟ, ସମ୍ପତ୍ତି, ଶିକ୍ଷା, ଜ୍ଞାନ, ବ୍ୟକ୍ତିଗତ ଓ ପାରିବାରିକ ଜୀବନ ଇତ୍ୟାଦି ସବୁକିଛି ସମାଜର ହୋଇଯିବ । ବ୍ୟକ୍ତିର ଜୀବନ ଯେପରି ଅନ୍ୟ ସମସ୍ତଙ୍କ ଜୀବନ ସହିତ ଅନୁକୂଳିତ ହୋଇ ରହିବ ସେଥିପାଇଁ ସମାଜହିଁ ଉପଯୁକ୍ତ ବ୍ୟବସ୍ଥା କରିବ । ସମାଜର ସାମୂହିକ ବୁଦ୍ଧି ଓ ଇଚ୍ଛା ବ୍ୟକ୍ତିମାନଙ୍କର ସମୁଦାୟ ଜୀବନକୁ ନିୟନ୍ତ୍ରଣ କରିବ ।

ସମାଜବାଦୀ ଗଣତନ୍ତ୍ର ଭିତରକୁ ପୁରାତନ ଗଣତାନ୍ତ୍ରିକ ବିଚାରଗୁଡ଼ିକ ପଶି ଆସି ନାନା ଅସଙ୍ଗତି ସୃଷ୍ଟି କରିପାରେ । ତେଣୁ ସମୂହବାଦୀ ବିଚାର ଓ ଆଦର୍ଶ କଠୋର ନହୋଇ ବ୍ୟକ୍ତି ସ୍ୱାଧୀନତାକୁ ତା'ର ନ୍ୟାଯ୍ୟ ସ୍ଥାନ ଦେବା ଉଚିତ । ବ୍ୟକ୍ତିର ବୌଦ୍ଧିକ ସ୍ୱାଧୀନତାର ବିଚାରଗୁଡ଼ିକୁ ସମୂହବାଦୀ ବିଚାରଟି ସହିତ ସମ୍ମିଳିତ କରି ରଖିବା ଆବଶ୍ୟକ । ଯେଉଁଠି ଏହି ନୀତିର ବ୍ୟତିକ୍ରମ ଘଟିଛି ସେଇଠି ସମାଜବାଦୀ ଗଣତନ୍ତ୍ର ବିଫଳ ହୋଇଛି । ଫଳରେ ସାମ୍ୟବାଦ ଓ ଫାସୀବାଦ ବିକଳ୍ପ ରୂପେ ଆସନ ମାଡ଼ି ବସିଛି । ଇଉରୋପର ଉତ୍ତରାଞ୍ଚଳରେ ଅବସ୍ଥିତ ଦେଶମାନଙ୍କରେ ସମାଜବାଦୀ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇ ପାରିଛି । ସାଲିସ ଓ ସମନ୍ୱୟର ନୀତି ଅବଲମ୍ବନ କରି ତାହା ତିଷ୍ଠି ରହିଛି । ଯେଉଁ ରାଷ୍ଟ୍ର ସମଗ୍ର ସମୂହର ସଙ୍ଗଠିତ ଇଚ୍ଛାକୁ ଅଭିବ୍ୟକ୍ତ କରିପାରେ, ବ୍ୟକ୍ତି ସ୍ୱାଧୀନତା ଲାଗି ସୁଯୋଗ ସୃଷ୍ଟି କରେ ଏବଂ ରାଜନୈତିକ ଓ ସାମାଜିକ ସମାନତାକୁ ଦୃଢ଼ଭାବେ ପ୍ରତିଷ୍ଠିତ କରି ରଖେ, ସେଇଠି ସମାଜବାଦୀ ଗଣତନ୍ତ୍ର ସଫଳ ହୋଇଛି ବୋଲି କୁହାଯିବ ।

ବ୍ୟକ୍ତି-କେନ୍ଦ୍ରିକ ସ୍ୱାଧୀନତା ହେଉ ଅଥବା ସମାନତାର ଆଦର୍ଶ ହେଉ, ତାହା ଯଦି କୃତ୍ରିମତା ଉପରେ ପର୍ଯ୍ୟବସିତ ହୁଏ, ତାହାହେଲେ ସେଥିରେ ନାନା ପ୍ରମାଦ ଆସି ଉପସ୍ଥିତ ହୁଏ ଏବଂ ପରିଶେଷରେ ତାହା ବିଫଳ ହୁଏ । ସ୍ୱାଧୀନତା ଓ ସମାନତାର ନାମରେ ଅନେକ ଅବିବେକୀ ଓ ଅନ୍ୟାୟ କାର୍ଯ୍ୟ କରାଯାଏ ଏବଂ ପ୍ରକୃତିଗତ ସତ୍ୟର ମଧ୍ୟ ବିରୁଦ୍ଧାଚରଣ

କରାଯାଏ । ସାମୂହିକ ବୁଦ୍ଧି ଓ ସାମୂହିକ ଇଚ୍ଛା ଦ୍ୱାରା ସମଗ୍ର ଜୀବନର ପରିଚାଳନା କରିବାକୁ ଉଦ୍ୟମ କଲାବେଳେ ତଥାକଥିତ ସ୍ୱାଧୀନତା ଓ ସମାନତାର ଆଦର୍ଶ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଯାଏ । ସେହି ଆଦର୍ଶ ବାହାରକୁ ଶୁଦ୍ଧ ଓ ନିର୍ଦ୍ଦୋଷ ବୋଲି ଜଣା ପଡୁଥିଲେ ମଧ୍ୟ ତାହା ଦ୍ୱାରା ସମସ୍ୟାଗୁଡ଼ିକର ନିରାକରଣ ହୋଇପାରେ ନାହିଁ । ବ୍ୟକ୍ତିଗତ ସ୍ୱାର୍ଥ ଓ ପ୍ରତିଦ୍ୱନ୍ଦ୍ୱିତାର ମନୋଭାବ ଆଦର୍ଶର ବାସ୍ତବ ରୂପାୟନକୁ ଭଣ୍ଡୁର କରିଦିଏ ।

ସ୍ୱାଧୀନତା ଓ ସମାନତା ବିନା ଭ୍ରାତୃତ୍ୱ ଓ ସାଥିତ୍ୱର ପ୍ରତିଷ୍ଠା ସମ୍ଭବ ହୁଏ ନାହିଁ । ସମାନ ବିଚାର ପୋଷଣ କରୁଥିବା କେତେକ ଲୋକ ଏକଜୁଟ ହୋଇଗଲେ ତାହାକୁ ଭ୍ରାତୃତ୍ୱ ବୋଲି କୁହାଯିବ ନାହିଁ । ସମୂହବାଦୀ ରାଷ୍ଟ୍ରର ନିୟନ୍ତ୍ରଣ ମଧ୍ୟରେ ରହି କେତେକ ଲୋକ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଲାଗି ଏକଜୁଟ ହୁଅନ୍ତି । ଏପରି ଭାବରେ ଗିଲ୍ଡ୍, ସିଣ୍ଡିକେଟ୍ ଓ ସୋଭିଏଟ୍ ଗଠିତ ହୁଏ । ମାତ୍ର ଏମାନଙ୍କ ଭିତରେ ଯଥାର୍ଥ ସ୍ୱାଧୀନତା ଓ ସମାନତା ଦେଖିବାକୁ ମିଳେ ନାହିଁ । ସେମାନେ ସଙ୍ଗଠିତ ଭାବରେ ନିଷ୍ଠା ଓ ଉତ୍ସାହର ସହ ରାଷ୍ଟ୍ର ଲାଗି କାର୍ଯ୍ୟ କରନ୍ତି । ମାତ୍ର ତଥାପି ସେମାନଙ୍କ ଭିତରେ ଭ୍ରାତୃତ୍ୱ ନଥାଏ । ମନୁଷ୍ୟମାନେ ଆପଣାର ଦେବତ୍ୱ ବା ମର୍ମ-ସତ୍ୟକୁ ଉପଲବ୍ଧି ନକରିବା ପର୍ଯ୍ୟନ୍ତ ଗଣତନ୍ତ୍ରର ଏଇ ତ୍ରିସତ୍ୟ (ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ) ଆପଣାର ଅସଲ ରୂପରେ ତିଷ୍ଠି ରହିପାରିବ ନାହିଁ ବା କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଏଇ ତିନୋଟି ସତ୍ୟ ବ୍ୟତିରେକେ ମଧ୍ୟ ସାମୂହିକତାର ଆଦର୍ଶଟି ସମାଜ ସଙ୍ଗଠନ ଭିତରେ କୌଣସି ପ୍ରକାରେ ଚଳିଯାଇ ପାରିବ ।

ସାମୂହିକତାର ଆଦର୍ଶ ବେଳେବେଳେ ଏକଛତ୍ରବାଦୀ ବିଚାର (totalitarianism) ଆଡ଼କୁ ଟାଣି ହୋଇଯାଏ । ଇଉରୋପରେ ସମାଜବାଦୀ ଚିନ୍ତାଧାରାରୁ ଏକଛତ୍ରବାଦ ଜନ୍ମ ଲାଭ କରିଛି । ସମାଜବାଦ ଶୋଷଣକୁ ସମାପ୍ତ କରେ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାକୁ ଦୂର କରେ, ସମାଜକୁ ବିଭ୍ରାନ୍ତି ଓ କ୍ଷତିରୁ ରକ୍ଷା କରେ, ସର୍ବସାଧାରଣଙ୍କର ହିତସାଧନ ଲାଗି କାର୍ଯ୍ୟ କରେ ଏବଂ ଏକ ଅଭାବହୀନ ଜୀବନର ପ୍ରତିଶ୍ରୁତି ଆଣିଦିଏ । ସମାଜକୁ ବୁଦ୍ଧିଗତ ବିବେକ ଦ୍ୱାରା ପରିଚାଳିତ କରିବା ପାଇଁ ସମାଜବାଦୀ ଗଣତନ୍ତ୍ରର ପ୍ରତିଷ୍ଠା ହୁଏ । ମାତ୍ର ଯେତେବେଳେ କଠୋର ଅଗଣତାନ୍ତ୍ରିକ ଶାସନ ଯନ୍ତ୍ର ଦ୍ୱାରା ସମାଜର ହିତ ସାଧନ ଅଧିକ ଭଲ ଭାବରେ ହୋଇପାରିବ ବୋଲି ବିଚାର କରାଯାଏ ସେତେବେଳେ ଅନେକ ଆଦର୍ଶକୁ ବିସର୍ଜନ କରି ଦିଆଯାଏ । ରୁଷିଆର କମ୍ୟୁନିଜମ୍ ଗଣତାନ୍ତ୍ରିକ ସ୍ୱାଧୀନତାକୁ ବର୍ଜନ କରିଥିଲା । ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥାନରେ ସୋଭିଏଟ୍ ଦେଶଗୁଡ଼ିକୁ ନେଇ ଏକ ନୂତନ ସଙ୍ଗଠନ ଛିଡ଼ା କରାଗଲା । ସର୍ବହରାର ସମାନତାକୁ ଆଦର୍ଶ ରୂପେ ପ୍ରତିଷ୍ଠିତ କରାଗଲା । ମାତ୍ର କାଳକ୍ରମେ ସେହି ଆଦର୍ଶ ଭିତରକୁ ଏକଛତ୍ରବାଦୀ ବିଚାରଧାରା ପ୍ରବେଶ କରିଗଲା । ଫଳରେ ସର୍ବହରା ଶ୍ରେଣୀ (proletariate) ପକ୍ଷରୁ କମ୍ୟୁନିଷ୍ଟ୍ ପାର୍ଟିରହିଁ ଏକଛତ୍ର ଶାସନ ଚାଲିଲା । କେତେକ ଦେଶରେ ଅଣ-ସର୍ବହରା ଶ୍ରେଣୀର ଏକଛତ୍ରବାଦ ମଧ୍ୟ ଦେଖିବାକୁ ମିଳିଛି ଯାହା ଗଣତାନ୍ତ୍ରିକ ସମାନତା ଓ ଗଣତାନ୍ତ୍ରିକ ସ୍ୱାଧୀନତାର ଆଦର୍ଶକୁ ପରିତ୍ୟାଗ କରିଛି । ବୁଦ୍ଧିର ନିର୍ଦ୍ଦେଶକୁ ମାନି ସମାଜର ପରିଚାଳନା ନକଲେ ଏପରି ଅନେକ ବିକୃତି ଓ ବିଭ୍ରାଟ ଉପୁଜି ଥାଏ ।

ଜଣେ ବିଚାରକ ଆପଣା ବୁଦ୍ଧିଗତ ବିଚାର ଦ୍ୱାରା ସମାଜବାଦର ସୂତ୍ରଗୁଡ଼ିକୁ ନିର୍ଦ୍ଧାରଣ କରିଥିଲେ । ମାତ୍ର ରୁଷିଆରେ ମାର୍କସ୍‌ବାଦୀ ସମାଜବାଦଟି ଏକ ଧର୍ମମତ ବା ସାମାଜିକ ଧର୍ମରେ ପରିଣତ ହୋଇଗଲା । ଯେଉଁମାନେ ସେହି ସୂତ୍ରଗୁଡ଼ିକୁ ଅସ୍ୱୀକାର ବା ଅମାନ୍ୟ କଲେ ସେମାନଙ୍କ ପ୍ରତି ଶାସ୍ତିବିଧାନ କରାଗଲା । ଫାସିଷ୍ଟ୍ ଦେଶମାନଙ୍କରେ ନେତୃବର୍ଗ ବୁଦ୍ଧି ପରିଚାଳିତ ମାର୍ଗରୁ ବିଚ୍ୟୁତ ହୋଇ ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ଆରମ୍ଭ କଲେ । ଏହି ଶାସନ ବ୍ୟବସ୍ଥାକୁ କାଏମ ରଖିବା ପାଇଁ ହିଂସାର ପ୍ରୟୋଗ ମଧ୍ୟ କରାଗଲା । ପ୍ରତିପତ୍ତିସମ୍ପନ୍ନ ଜଣେ ନେତା ଦେଶର ସମୂହ ଜୀବନକୁ ନିଜର ପୂର୍ଣ୍ଣ ନିୟନ୍ତ୍ରଣରେ ଧରି ରଖିଲେ । ସେ ସର୍ବାଧିନାୟକ (Fuehrer, Dux) ବା ଡିକ୍‌ଟେଟର୍ ରୂପେ ପରିଚିତ ହେଲା । ସାମରିକ ଶକ୍ତି ପ୍ରୟୋଗ କରି ଜନସାଧାରଣଙ୍କର ଭାବନା, ଶିକ୍ଷା, ଅଭିବ୍ୟକ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକୁ ବାଧ୍ୟତାମୂଳକଭାବେ କଠୋର ବ୍ୟବସ୍ଥା ମଧ୍ୟରେ ବାନ୍ଧି ରଖାଗଲା । ବୁଦ୍ଧିର ନେତୃତ୍ୱ ସ୍ଥାନରେ ପ୍ରାଣିକ ଆଶୟମୁଖିତା (vital subjectivism)ହିଁ ସମାଜକୁ ନିୟନ୍ତ୍ରଣ କଲା । ଜାତୀୟ ଆତ୍ମାର ଦ୍ୱାହି ଦେଇ ନେତା ଓ ସନ୍ଦେଶବାହକମାନେ ଆପଣାର ଏକଛତ୍ରବାଦୀ ଅନ୍ଧ ଧର୍ମକୁହିଁ ପ୍ରଚାର କରିବାକୁ ଲାଗିଲେ ।

ଏକଛତ୍ରବାଦୀ ବିଚାରଧାରା ଓ ପ୍ରାଣିକ ପ୍ରବୃତ୍ତିର ଯଥେଚ୍ଛାଚାର ଯଦି ସର୍ବତ୍ର ବ୍ୟାପିବାକୁ ଲାଗେ ତେବେ ବୁଦ୍ଧିଗତ ଯୁଗର ଅନ୍ତ ଘଟିବାର ଆଶଙ୍କା କରାଯାଇ ପାରେ । ମନୁଷ୍ୟକୁ

ଯଦି ସ୍ୱାଧୀନଭାବେ ଚିନ୍ତା କରିବାକୁ ସ୍ୱାଧୀନତା ଦିଆ ନଯାଏ ଏବଂ ସମାଜଟି ଯଦି ବୁଦ୍ଧି ଦ୍ୱାରା ପରିଚାଳିତ ନହୁଏ ତାହାହେଲେ ଆଶୟପ୍ରଧାନ ଯୁଗର ଆବିର୍ଭାବ ସମ୍ଭବ ହେବ ନାହିଁ । କାରଣ ଆଶୟ ପ୍ରଧାନତା ବିକାଶଲାଭ କରିବାକୁ ହେଲେ ନମନୀୟତା, ଆତ୍ମଜିଜ୍ଞାସାର ଗତିଶୀଳତା, ପ୍ରସାରଣ ଓ ପରିବର୍ତ୍ତନ ଲାଗି ମୁକ୍ତ କ୍ଷେତ୍ର ଆବଶ୍ୟକ ହୋଇଥାଏ । ଏହାର ଅଭାବ ହେଲେ ଜଡ଼ବାଦ ଓ ପ୍ରାଣ ପ୍ରଧାନତାର ମିଶ୍ରଣରେ ଅନେକ ଅସ୍ୱଷ୍ଟ ରହସ୍ୟବାଦୀତାର ସୃଷ୍ଟି ହୋଇପାରେ ଯାହା ଏକଛତ୍ରବାଦକୁ ପ୍ରୋତ୍ସାହିତ କରିବ । ଅବଶ୍ୟ ଏପରି ଘଟିବା ନିଶ୍ଚିତ ନୁହେଁ । ଏକଛତ୍ରବାଦୀ ରହସ୍ୟବାଦୀତା (totalitarian mysticism) ସ୍ଥାୟୀ ହୋଇ ରହିବ ନାହିଁ । କେତେକ ସ୍ଥାନରେ ବୁଦ୍ଧିପ୍ରେରିତ ଆଦର୍ଶ ତଥାପି ବଞ୍ଚି ରହିବ । ବିବର୍ତ୍ତନର ଗତିଧାରାକୁ ଲକ୍ଷ୍ୟ କଲେ ମନରେ ଏହି ଆଶା ଜାଗି ଉଠେ ଯେ ବୁଦ୍ଧିବାଦୀ ଯୁଗ ଆହୁରି ପ୍ରଲମ୍ବିତ ହୋଇ ଆପଣାର ଗତିଟିକୁ ସମ୍ପୂର୍ଣ୍ଣ କରିବ ଏବଂ ମନୁଷ୍ୟ ଜାତି ଧୀରେ ଧୀରେ ଆଶୟଗତ ବୃତ୍ତି ଆଡ଼କୁ ଉନ୍ମୋଚିତ ହୋଇ ଆସିବ । ❑

# ମାନବ, ଚିନ୍ତାଶୀଳ ଜୀବ

## ଶ୍ରୀଅରବିନ୍ଦ



ସୀମାହୀନ ଯୋଜନାର ନଗଣ୍ୟ ଏକକ
ସୁବିଶାଳ ଅର୍ଥହୀନ ପ୍ରଳାପ ମଧ୍ୟରେ
ଜନହୀନ ଜାଗତିକ ଅଗ୍ନିଚକ୍ର ନୃତ୍ୟେ,
ଦୈବାତ୍ ଧରଣୀ ବୁକେ ମାନବ ସମ୍ଭୂତ :

ସ୍ୱ-ଧୂସର ଅଜ୍ଞତାରେ ସମାଚ୍ଛନ୍ନ ପ୍ରାଣୀ,
ଅର୍ଦ୍ଧାଲୋକ ଅର୍ଦ୍ଧଛାୟା ଘେରା ମନପ୍ରାଣ
ନଶ୍ୱର ଜଗତେ ବନ୍ଦୀ ସଦା ଯୁଯୁଧାନ,
କ୍ଷଣିକ ଜୀବନ ଭୋଗୀ । ତଥାପି ସେ ଯାତ୍ରୀ,

ଅନ୍ତରର ଭାଗବତ ପ୍ରକାଶ ପ୍ରୟାସୀ,
ଚେତନାର ଶିଖା ଏକ ନିଶ୍ଚେତ **ରାତ୍ରୀରେ,**
ସ୍ୱୀୟ **ଜ୍ୟୋତିର୍ରୂପ** କରିବାକୁ ଆବିଷ୍କାର,
ନିର୍ମମ **ଅଦୃଶ୍ୟ** ସହ କରୁଛି ସମର ।

ଅସାଡ଼ କର୍ଦମ ମଧ୍ଯେ ଦେବତ୍ୱର ଅଭିଳାଷୀ
ଚାଲେ ଧୀର ପଦେ ଚିରନ୍ତନ-ଦିବସ ଉନ୍ମୁଖୀ ।

[ଶ୍ରୀଅରବିନ୍ଦଙ୍କ ରଚିତ "**Man, the Thinking Animal**" କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୭)

### ଆଶ୍ରମ ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡ଼ା ପ୍ରଦର୍ଶନ :

ପ୍ରଣବଙ୍କ ଉକ୍ତିରେ : ''୨ ଡିସେମ୍ବର, ୧୯୪୫ରେ ସ୍କୁଲର ଦ୍ୱିତୀୟ ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଥମ କରି ଶାରୀରିକ କ୍ରୀଡ଼ା ପ୍ରଦର୍ଶନର ଆୟୋଜନ କରାଯାଇଥିଲା ।

''ପଣ୍ଡିଚେରୀ ସହରରେ ରହୁଥିବା ଆଶ୍ରମ ସମ୍ପୃକ୍ତ ସୁହୃଦ୍ ବ୍ୟକ୍ତିଗଣ ଏହା ଦେଖିବାକୁ ଆଗ୍ରହ ପ୍ରକାଶ କରିବାରୁ ଶ୍ରୀମା'ଙ୍କ ସ୍ୱାକ୍ଷର ଥାଇ ଅନୁମତି ପତ୍ର ସହ ସେମାନଙ୍କୁ ନିମନ୍ତ୍ରଣ କରାଯାଉଥିଲା । ପରେ ପଣ୍ଡିଚେରୀସ୍ଥ ଜନୈକ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଦାବି କଲେ ଯେ ତାଙ୍କୁ ଆମର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ନିମନ୍ତ୍ରଣ ପତ୍ରରେ ପ୍ରଥାନୁଯାୟୀ ତାଙ୍କ ନାମ ଓ ପଦବି ଉଲ୍ଲେଖ କରି ନିମନ୍ତ୍ରଣ କରିବାକୁ ହେବ । ଶ୍ରୀମା ଏହି ସର୍ତ୍ତକୁ ସ୍ୱୀକାର କରି ନଥିଲେ । ଏହା ପରଠାରୁ ଆମେ ଆମର କାର୍ଯ୍ୟକ୍ରମରେ କାହାରିକୁ ନିମନ୍ତ୍ରଣ କଲୁ ନାହିଁ । ତେବେ ଆଗ୍ରହୀ ସୁହୃଦ୍ ବନ୍ଧୁଗଣଙ୍କୁ ଆମେ ଶ୍ରୀମା'ଙ୍କ ସ୍ୱାକ୍ଷର ଥାଇ ଅନୁମତି ପତ୍ର ଦେଇଥାଉ । ...

''୧୯୪୫ର କ୍ରୀଡ଼ା ପ୍ରଦର୍ଶନ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଶ୍ରୀମା ଏ ସମ୍ବନ୍ଧରେ ଅବଗତ ହୋଇ ପ୍ରଣବଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଆଗାମୀ ବର୍ଷରେ ସେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

''୨ ଡିସେମ୍ବର, ୧୯୪୬ର କାର୍ଯ୍ୟକ୍ରମରେ ପ୍ଲେ-ଗ୍ରାଉଣ୍ଡରେ ପୂର୍ବାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅପରାହ୍ଣରେ କ୍ରୀଡ଼ା ପ୍ରଦର୍ଶନର ଆୟୋଜନ କରିଥିଲୁ । ଶ୍ରୀମା ପ୍ରଥମ କରି ଏହି ଦିବସର ଅପରାହ୍ଣରେ ପ୍ଲେ-ଗ୍ରାଉଣ୍ଡ ପରିଦର୍ଶନ କରିଥିଲେ (ତାଙ୍କର ପରିଧାନ ଥିଲା ଶାଢ଼ୀ) ଏବଂ ସେ ସମସ୍ତ ଦର୍ଶକଙ୍କ ସହିତ ଉପସ୍ଥିତ ରହି କ୍ରୀଡ଼ା-ପ୍ରଦର୍ଶନ ଦେଖିଥିଲେ । କିନ୍ତୁ ଏହି ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମଟିକୁ ସେ ଅଳ୍ପ ଅଳ୍ପ କରି ଆଶ୍ରମର ଉପର ମହଲାରେ ଯୁଗ୍ମ-ଦର୍ଶନ ରୁମ୍‌ର ସମ୍ମୁଖସ୍ଥ ହଲ୍‌ରେ ବସି ଦେଖିଥିଲେ । ... ଏହି ବର୍ଷ ଆମର ସାଂସ୍କୃତିକ କାର୍ଯ୍ୟକ୍ରମଟି ସହରରେ ଥିବା 'ସାଲ୍ ଜାନ୍ ଦାର୍କ' ହଲ୍‌ରେ ପୂର୍ବାହ୍ଣରେ ପ୍ରଦର୍ଶିତ ହୋଇଥିଲା । ...

''୨ ଡିସେମ୍ବର, ୧୯୪୭ର ଅନୁଷ୍ଠାନଟି ପ୍ଲେ-ଗ୍ରାଉଣ୍ଡରେ ପୂର୍ବାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅପରାହ୍ଣରେ ଯଥାରୀତି କ୍ରୀଡ଼ା ପ୍ରଦର୍ଶନର ଆୟୋଜନ କରାଯାଇଥିଲା । ଶ୍ରୀମା ଦୁଇଟିଯାକ ଅନୁଷ୍ଠାନରେ ଉପସ୍ଥିତ ଥିଲେ । ...

''ଏହି ବର୍ଷ ପୂର୍ବାହ୍ଣରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ପ୍ଲେ-ଗ୍ରାଉଣ୍ଡର ପଶ୍ଚିମାଂଶରେ ଆଶ୍ରମର କତିପୟ ନିପୁଣ ସାଧକ-ଶିଳ୍ପୀମାନଙ୍କ ଦ୍ୱାରା ବେଶ୍ ଆକର୍ଷଣୀୟ ଏକ ଅସ୍ଥାୟୀ ରଙ୍ଗମଞ୍ଚ ପ୍ରସ୍ତୁତ କରାଯାଇଥିଲା ଏବଂ ଅପରାହ୍ଣରେ ଯଥାରୀତି କ୍ରୀଡ଼ା-ପ୍ରଦର୍ଶନ ଆୟୋଜିତ ହୋଇଥିଲା ।

''୧୯୪୮ର ସାଂସ୍କୃତିକ କାର୍ଯ୍ୟକ୍ରମଟି ପ୍ଲେ-ଗ୍ରାଉଣ୍ଡରେ ପହିଲା ଡିସେମ୍ବର ସନ୍ଧ୍ୟା ସମୟରେ ଅସ୍ଥାୟୀ ଭାବରେ ନିର୍ମିତ ରଙ୍ଗମଞ୍ଚରେ ଆୟୋଜିତ ହୋଇଥିଲା ଏବଂ ତହିଁ ପରଦିନ ସନ୍ଧ୍ୟା ସମୟରେ କ୍ରୀଡ଼ା-ପ୍ରଦର୍ଶନର ଆୟୋଜନ ମଧ୍ୟ ପ୍ଲେ-ଗ୍ରାଉଣ୍ଡରେ ହୋଇଥିଲା । ଏହି ବନ୍ଦୋବସ୍ତ ୧୯୫୪ ପର୍ଯ୍ୟନ୍ତ ଚାଲୁ ରହିଥିଲା ।''

('ହଠାତ୍ ମନେପଡ଼େ' : ପୃ. ୩୨୬, ୩୩୩ ଦ୍ରଷ୍ଟବ୍ୟ)

୨ ଡିସେମ୍ବର, ୧୯୪୮ କ୍ରୀଡ଼ା ପ୍ରଦର୍ଶନର ଉଦ୍‌ଘାଟନରେ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା । ଏହାର 'ମାର୍ଚ୍ଚ-ପାଷ୍ଟ'ରେ ଶ୍ରୀମା'ଙ୍କ ଦ୍ୱାରା ଇତିପୂର୍ବରୁ ପରିକଳ୍ପିତ ଦୁଇଟି ପତାକା ବ୍ୟବହୃତ ହୋଇଥିଲା । ଏହି ଦୁଇଟି ପତାକା ପଣ୍ଡିଚେରୀରେ 'ଫ୍ରାନ୍ସର ଜାତୀୟ ଦିବସ' ଉତ୍ସବ ପାଳନ ଉପଲକ୍ଷେ ସହରରେ ମାର୍ଚ୍ଚିଂ ପରିକ୍ରମାରେ ଆଶ୍ରମର J.S.A. ତରଫରୁ ବ୍ୟବହୃତ ହୋଇଥିଲା । ପ୍ରଥମ ପତାକାଟି ୧୯୪୬ରେ J.S.A.ର ପୁରୁଷମାନଙ୍କ ଗ୍ରୁପ୍‌ରେ 'ଷ୍ଟାଣ୍ଡାର୍ଡ ବିୟରର୍' ଧାରଣ କରି ମାର୍ଚ୍ଚିଂ କରୁଥିଲେ ଏବଂ ଦ୍ୱିତୀୟଟି

୧୯୪୭ରେ J.S.A.ର ମହିଳାମାନଙ୍କ ଗ୍ରୁପ୍‌ରେ 'ଷ୍ଟାଣ୍ଡାର୍ଡ-ବିୟରର୍' ଧାରଣ କରି ମାର୍ଚ୍ଚିଂ କରୁଥିଲେ । ପ୍ରଥମଟି ଥିଲା ନୀଳ ପତାକାର କେନ୍ଦ୍ରସ୍ଥଳରେ ଶ୍ରୀମା'ଙ୍କର ସୁବର୍ଣ୍ଣ ପ୍ରତୀକ ଏବଂ ଅନ୍ୟଟି ଥିଲା ଧଳା ପତାକାର କେନ୍ଦ୍ରସ୍ଥଳରେ ଶ୍ରୀମା'ଙ୍କର ନୀଳ ପ୍ରତୀକ । ଏହା ସାଙ୍ଗକୁ ଏହି ବର୍ଷର ମାର୍ଚ୍ଚପାଷ୍ଟରେ ବାଦ୍ୟଯନ୍ତ୍ର (ବାସ୍ ଡ୍ରମ୍ ଏବଂ କେଟଲ୍ ଡ୍ରମ) ମଧ୍ୟ ବ୍ୟବହୃତ ହୋଇଥିଲା ।

୧୯୫୫ର ପହିଲା ଡିସେମ୍ବରର ସାଂସ୍କୃତିକ କାର୍ଯ୍ୟକ୍ରମଟି ଯଥାରୀତି ପ୍ଲେ-ଗ୍ରାଉଣ୍ଡରେ ଅନୁଷ୍ଠିତ ହେଲା କିନ୍ତୁ ୨ ଡିସେମ୍ବରରେ ଅନୁଷ୍ଠିତ କ୍ରୀଡ଼ା-ପ୍ରଦର୍ଶନଟି ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଲା । ଏବେ ବି ଏହି କାର୍ଯ୍ୟକ୍ରମ ଧାରାବାହିକ ଭାବେ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଛି । ଶ୍ରୀମା ୧୯୫୬ରେ ଆଶ୍ରମ ଥିଏଟର୍‌ର ଉଦ୍‌ଘାଟନ କଲେ ଏବଂ ତା'ପରଠୁ ଆଜି ପର୍ଯ୍ୟନ୍ତ ପହିଲା ଡିସେମ୍ବର କାର୍ଯ୍ୟକ୍ରମଟି ସେଠାରେ ଅନୁଷ୍ଠିତ ହୋଇଆସୁଛି । ...

୧୯୪୬ରୁ ଶ୍ରୀମା ନିତି ଉପରଓଳି ପ୍ଲେ-ଗ୍ରାଉଣ୍ଡକୁ ଆସି ଶାରୀରିକ ଶିକ୍ଷା ପ୍ରଶିକ୍ଷଣର ପଦ୍ଧତିକୁ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ତଦାରଖ କରିବା ସଙ୍ଗେ ସଙ୍ଗେ ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଟି କଳାକାରଙ୍କୁ ନିର୍ଦ୍ଦେଶନା ଦେବା ଆରମ୍ଭ କରି ଦେଇଥିଲେ । ଏହା ପରଠୁ ଶ୍ରୀମା'ଙ୍କ ପ୍ରତିଦିନର କାର୍ଯ୍ୟସୂଚୀରେ ସ୍କୁଲ ଏବଂ ଶାରୀରିକ ଶିକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କଲା ।

ନୀରଦଙ୍କ ଉକ୍ତିରେ : ''ଏବେଠାରୁ ଶ୍ରୀମା ତାଙ୍କର ବ୍ୟସ୍ତତାପୂର୍ଣ୍ଣ କର୍ମସୂଚୀର ଅଧିକାଂଶ ସମୟ ପିଲାମାନଙ୍କ ସକାଶେ ନିୟୋଜିତ କଲେ, ଯେଉଁମାନଙ୍କର କି ନିର୍ଦ୍ଦିଷ୍ଟ ଧାରାରେ ବର୍ଦ୍ଧିଷ୍ଣୁ ହୋଇ ଉଠିବା ସକାଶେ ସ୍ୱତନ୍ତ୍ର ହସ୍ତକ୍ଷେପର ପ୍ରୟୋଜନ ଥିଲା, ଯେହେତୁ ସେମାନେ ଯୋଗ ସାଧନା ସକାଶେ ଆସି ନଥିଲେ ।'' ...

*

୧ ଡିସେମ୍ବର, ୧୯୪୯ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଫରାସୀ ଭାଷାରେ ଶ୍ରୀମା ପ୍ରଥମ କରି ତାଙ୍କର ନିଜସ୍ୱ ରଚିତ ଏକ ନାଟକ ମଞ୍ଚସ୍ଥ କରିବାର ଘଟଣା ବର୍ଣ୍ଣନା କରୁଛୁ ।

ଚମ୍ପକଲାଲଙ୍କ ବିବୃତ୍ତିର ଭାବଗର୍ଭକ ସଂକ୍ଷିପ୍ତ ବିବରଣୀ : ''ସେଦିନ ଥିଲା ୨୩ ମେ, ୧୯୪୯ । ଶ୍ରୀମା ତାଙ୍କର ଫାଇଲସବୁ ଥିବା ଏକ ନୂତନ ବ୍ୟାଗ୍ ଧରି ଶ୍ରୀଅରବିନ୍ଦଙ୍କ କକ୍ଷକୁ ପ୍ରବେଶ କଲେ । ନିଜର ଆସନ ଗ୍ରହଣପୂର୍ବକ ସେହି ବ୍ୟାଗ୍‌ରୁ ଏକ ଫାଇଲ ବାହାର କରି ଶ୍ରୀଅରବିନ୍ଦଙ୍କୁ କହିଲେ, 'ଏହା ବିଶେଷ ଦୀର୍ଘ ନୁହେଁ; କେତେବେଳେ ଏହାକୁ ଆପଣ ଶୁଣିବେ ? ଶ୍ରୀଅରବିନ୍ଦଙ୍କ ଉତ୍ତର : 'ଯେକୌଣସି ସମୟରେ ।'

''ଶ୍ରୀମା : 'ଏହା ଖୁବ୍ ବେଶୀରେ ଅଧ ଘଣ୍ଟାଏ ସମୟ ନେବ ।'...

''୨୪ ମେ, ୧୯୪୯ । ଶ୍ରୀଅରବିନ୍ଦ ତାଙ୍କର ରାତ୍ରି ଭୋଜନ କରୁଥିବା ସମୟରେ ଶ୍ରୀମା ସେଇ ଫାଇଲଟି ଧରି ଭିତରକୁ ପ୍ରବେଶ କଲେ ଏବଂ ନିଜର ଆସନ ଗ୍ରହଣପୂର୍ବକ ସେଇ ଫାଇଲଟିରୁ କିଛି କାଗଜ ବାହାର କରି ଶ୍ରୀଅରବିନ୍ଦଙ୍କୁ ପଢ଼ି ଶୁଣାଇବାକୁ ଲାଗିଲେ । ... ପଢ଼ା ଶେଷ ପରେ ଶ୍ରୀଅରବିନ୍ଦ ମଥା ହଲାଇ ପ୍ରଶଂସନୀୟ ସ୍ୱରରେ କହିଲେ, 'ଓ, ଓ !' ଶ୍ରୀମା ପଚାରିଲେ, 'କିପରି ଲାଗିଲା ?' – 'ବହୁତ ଭଲ !' – 'ଏଇଟିକୁ କ'ଣ ଅଭିନୟ କରାଯାଇ ପାରିବ ?' – 'ହଁ, ମୁଁ ଭାବୁଛି ଏହାକୁ ଅଭିନୟ କରାଯାଇ ପାରିବ ।' (ପୁଣି ଥରେ ମଥା ହଲାଇ ସମ୍ମତିସୂଚକ ଭାବ ପ୍ରକାଶ କଲେ ।)

''ଏହା ପରେ ଶ୍ରୀମା ଏହି ନାଟକର ଭୂମିକାରେ ଅଂଶଗ୍ରହଣ କରିବାକୁ ଯାଉଥିବା ପାଞ୍ଚଜଣ ଚରିତ୍ରଙ୍କ ସମ୍ବନ୍ଧେ ବର୍ଣ୍ଣନା କଲେ । ସାହାନା ନେପଥ୍ୟରୁ ଗୀତ ଗାଇବ । ପ୍ରଧାନ ନାୟିକା ଭୂମିକାରେ ଅଭିନୟ କରୁଥିବା ବ୍ରତତିର କଣ୍ଠସ୍ୱର ଅତ୍ୟନ୍ତ ଚମତ୍କାର, ଶବ୍ଦ ଉଚ୍ଚାରଣ କରିବାରେ ତା'ର ଗାମ୍ଭୀର୍ଯ୍ୟ ଓ ଶକ୍ତି ରହିଛି, ଅତ୍ୟନ୍ତ ମଧୁର ମଧ୍ୟ । ତା'ର ମଧ୍ୟ ଫରାସୀ ଭାଷାରେ ଲିଖିତ ସଂଳାପଟିକୁ ବେଶ୍ ହୃଦୟଙ୍ଗମ କରିବାର ସାମର୍ଥ୍ୟ ରହିଛି । ପ୍ରଧାନ ନାୟକ ଭୂମିକାରେ ଅଭିନୟ କରିବାକୁ ଯାଉଥିବା ଦୟାକରର ଫରାସୀ ଭାଷାରେ ପାରଦର୍ଶିତା ରହିଛି । ତେବେ ସେ କେତେକ ବାଧାବିପତ୍ତି ମଧ୍ୟରେ ଗତି କରୁଛି । ଆଉ କାହାକୁ ଏହି ଭୂମିକାରେ ନେଇ ପାରିବି ? ଯାହାହେଉ, ଏ ବିଷୟରେ ମୁଁ ଦେଖିବି । ଆରତି ଯିଏକି 'Rose of God' (ଶ୍ରୀଅରବିନ୍ଦଙ୍କର କବିତା) ଇତିପୂର୍ବରୁ ଆବୃତ୍ତି କରିଥିଲା, ସିଏ ଏହାକୁ ସମୁଚିତ ଭଙ୍ଗିମାରେ ପ୍ରକାଶ କରିଥିଲା, ଆବଶ୍ୟକ ହେଉଥିବା ନୟନ ଯୁଗଳର ଅପୂର୍ବ ଭାବପ୍ରକାଶକ ଶୋଭନ ଠାଣିରେ ବ୍ୟକ୍ତ କରି ପାରୁଥିଲା (ଭୂମିକାରେ ସୂକ୍ଷ୍ମଦର୍ଶୀ ଗାୟିକା) । ବସୁଧା ଫ୍ରେଞ୍ଚ୍ ଭଲ କରି ଜାଣେ, କିନ୍ତୁ ତା'ର ଭୂମିକା ଖୁବ୍ କମ୍ । (ଭୂମିକାରେ ପ୍ରଧାନ ନାୟିକାଙ୍କର ପଢ଼ା ସାଥୀ) ।

[ଏଥିରେ ଆଉ ଗୋଟିଏ ଚରିତ୍ର ଅଛି – ଚିତ୍ରକର; କିନ୍ତୁ ଏ ସମ୍ବନ୍ଧେ ଚମ୍ପକଲାଲଙ୍କର ବିବୃତ୍ତିରେ କିଛି ଉଲ୍ଲେଖ ନାହିଁ । ଏହି ଭୂମିକାରେ ଥିଲେ ମୋନାଦା'ଙ୍କ ବଡ଼ ଭାଇ ଗାମା ।]

''ପୁରୁଷଗଣ ଟ୍ରାଉଜର୍ସ ଏବଂ ନାରୀମାନେ ଶାଢ଼ୀ ପିନ୍ଧିବେ, କାରଣ ଆଧୁନିକ ପୋଷାକ ଅରୁଚିକର ।''

('ଚମ୍ପକଲାଲ କହନ୍ତି' : ପୃ. ୧୦୩-୦୪)

ଉପରୋକ୍ତ ନାଟକଟି ଥିଲା ଶ୍ରୀମା'ଙ୍କର ପହିଲା ଡିସେମ୍ବରର ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ଫରାସୀ ଭାଷାରେ ରଚିତ ତିନୋଟି ନାଟକ ମଧ୍ୟରୁ ସର୍ବପ୍ରଥମ । ସ୍ୱୟଂ ଶ୍ରୀମା ଏହି ତିନୋଟିର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ପ୍ରଥମଟିର ନାମ ଥିଲା "Vers l'Avenir" ('Towards the Future' – 'ଭବିଷ୍ୟତ୍ ଅଭିମୁଖେ')

ଅନ୍ୟ ଦୁଇଟି ଥିଲା 'The Grand Secre' (The Great Secret) ବିପୁଳ ରହସ୍ୟ, ୧୯୫୪ ଏବଂ L' Ascension Vers l'Verite (The Ascent to Truth), ସତ୍ୟ ଅଭିମୁଖେ ଆରୋହଣ, ୧୯୫୭ ।

*

୧୯୪୦ ଦଶକରେ କତିପୟ ବରେଣ୍ୟ ସାଧକ ଓ କେତେକ ବଡ଼ ବଡ଼ ବାଳକ ସହରର ଅନ୍ୟାନ୍ୟ 'ଦଳ' (ଟିମ୍)ଙ୍କ ସହିତ ଫୁଟବଲ୍ ଓ ଭଲି ବଲ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବାକୁ ଆରମ୍ଭ କରି ଦେଇଥିଲେ ।* ସେତେବେଳେ ସାଧାରଣତଃ ଏହା 'ମିଲିଟାରୀ ଗ୍ରାଉଣ୍ଡ'ରେ ଅନୁଷ୍ଠିତ ହେଉଥିଲା । ଶ୍ରୀମା ଆଶ୍ରମର ଖେଳାଳୀମାନଙ୍କୁ ବାହାରର ଖେଳାଳୀଙ୍କ ସହିତ ଖେଳିବା ସକାଶେ କେବଳ ଯେ ଅନୁମତି ଦେଉଥିଲେ ସେତିକି ନୁହେଁ, ଅନେକ ଥର ସେ ଖେଳାଙ୍ଗନରେ ସ୍ୱୟଂ ଉପସ୍ଥିତ ରହି ମ୍ୟାଚ୍ ଦେଖୁଥିଲେ । ଶ୍ରୀଅରବିନ୍ଦ ଏହାର ଫଳାଫଳ ଜାଣିବା ସକାଶେ ଅପେକ୍ଷା କରୁଥିଲେ ।

୧୯୪୫ ପର୍ଯ୍ୟନ୍ତ ଆଶ୍ରମ ଖେଳାଳୀଙ୍କର ପ୍ରଚଳିତ ପ୍ରଥାନୁଯାୟୀ ଟିମ୍‌ର ଏକ ନାମ ନଥିଲା । ୧୯୪୬ରେ ଅନୁଷ୍ଠିତ ନୂତନ ଟୁର୍ଣ୍ଣାମେଣ୍ଟର ସ୍ଥିରୀକୃତ ସମୟ ଉପସ୍ଥିତ ହେବା ପୂର୍ବରୁ ଆଶ୍ରମ ଖେଳାଳୀମାନଙ୍କର ଏକ ଟିମ୍‌ର ନାମକରଣ ଆବଶ୍ୟକ ପଡ଼ିଲା । ... ଶ୍ରୀମା ଟିମ୍‌ର ନାମକରଣ କଲେ : 'J.S.A.' ('ଜନେସ୍ ସ୍ପୋଟିଭ୍ ଦ ଲା'ଶ୍ରମ', ଅର୍ଥାତ୍ 'ଆଶ୍ରମର ଯୁବ ସ୍ପୋର୍ଟସ୍' । ୭ ନଭେମ୍ବର, ୧୯୪୫ରେ ଏହି ଟିମ୍‌ଟି ପଣ୍ଡିଚେରୀ ଗଭର୍ଣ୍ଣରଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିଲା । ୧୯୪୯ରେ ଏହାର ନୂତନ ନାମକରଣ କରାଗଲା : 'J.S.A.S.A. ('ଜନେସ୍ ସ୍ପୋଟିଭ୍ ଦ ଲା'ଶ୍ରମ ଦ ଶ୍ରୀଅରବିନ୍ଦ')

ସ୍ପୋର୍ଟସ୍ ଏବଂ 'ଶାରୀରିକ ଶିକ୍ଷା' ମଧ୍ୟରେ ପ୍ରଭେଦଟି ସମ୍ବନ୍ଧେ ଶ୍ରୀମା ପରେ ଏହି ମର୍ମରେ ଲେଖିଥିଲେ :

''ପ୍ରତିଯୋଗିତାମୂଳକ ଖେଳ, କସରତ (ସ୍ପୋର୍ଟସ୍) କହିଲେ ଯାବତୀୟ ଧରଣର ଖେଳ କସରତର ପ୍ରତିଦ୍ୱନ୍ଦ୍ୱିତାକୁ ବୁଝାଏ । ଯାହାକିଛି ପ୍ରତିଦ୍ୱନ୍ଦ୍ୱିତା ଉପରେ ଆଧାରିତ ହୋଇ ରହିଥାଏ ଏବଂ ଯେଉଁ ସବୁଥିରେ ଶେଷକୁ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଏ ।

''ଶାରୀରିକ ଶିକ୍ଷା କହିଲେ ପ୍ରଧାନତଃ ଶରୀରର ଉନ୍ନତି ସାଧନ ତଥା ଉତ୍ତମ ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ଅନୁଶୀଳନ କରାଯାଉଥିବା ଯାବତୀୟ ବ୍ୟାୟାମର ସମାହାରକୁ ବୁଝାଏ ।

''ସ୍ୱାଭାବିକ ଭାବେ ଏହା ସୁସ୍ପଷ୍ଟ ଯେ ଆମର ଏଠାରେ (ଆଶ୍ରମରେ) ଦୁଇଟିଯାକର ପ୍ରଚଳନ କରାଯାଇଛି । କିନ୍ତୁ ଏପରି ବ୍ୟବସ୍ଥା ରଖା ଯାଇଥିବାର ଏକ ବିଶେଷ କାରଣ ହେଉଛି ଯେ ମାନବ ଗୋଷ୍ଠୀର, ବିଶେଷ କରି ସେମାନଙ୍କର ତରୁଣ ଅବସ୍ଥାରେ ଏକ ଯଥାର୍ଥ ଉଦ୍ୟମ କରିବା ଲାଗି ତଥାପି କେତେକ ଆଗ୍ରହୋଦ୍ଦୀପକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଥାଏ ।'' (୧୯୬୯)

ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଏଠାରେ ଆମ ଆଶ୍ରମରେ ଆମେ ଏହା ହୃଦୟଙ୍ଗମ କଲୁ ଯେ ଅନ୍ତେବାସୀ

---

* ଆଶ୍ରମ ଗଠନ ହେବାର ଅନେକ ପୂର୍ବରୁ ୧୯୧୦ ଦଶକର ଶେଷ ଆଡ଼କୁ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସହିତ ରହିଥିବା ଅନ୍ତେବାସୀଙ୍କ ମଧ୍ୟରୁ ତିନି ଜଣ (ନଳିନୀ, ବିଜୟ ଓ ସୁରେଶ) ସ୍ଥାନୀୟ ସ୍ପୋର୍ଟସ୍ କ୍ଲବର ମେମ୍ବର ହୋଇ ଫୁଟବଲ୍ ଖେଳାଖେଳି କରୁଥିଲେ । ... ସେମାନେ ଅଧିକାଂଶ ସମୟରେ 'ମିଲିଟାରୀ ଗ୍ରାଉଣ୍ଡ' (ଏବେ ନାମାନ୍ତରରେ 'ଇନ୍ଦିରାଗାନ୍ଧି ସ୍ପୋର୍ଟସ୍ କମ୍ପ୍ଲେକ୍ସ୍'), କେବେ କେବେ 'ସରଭନା ଗ୍ରାଉଣ୍ଡ' ଏବଂ 'ସ୍ୱଦେଶୀ କଟନ୍ ମିଲ୍ ଗ୍ରାଉଣ୍ଡ'କୁ ଖେଳିବାକୁ ଯାଉଥିଲେ । ଆଶ୍ରମରେ ପରେ ଦୁଇଟି ଟିମ୍ ହେଲା – 'ସିନିୟର୍ ଟିମ୍' ଏବଂ 'ଜୁନିୟର୍ ଟିମ୍' । ସିନିଅର୍ ଟିମ୍‌ଟି ଅପେକ୍ଷାକୃତ ଉତ୍କୃଷ୍ଟ ଟିମ୍ ଥିଲା । ୧୯୪୭ରେ ଏହି ଟିମ୍‌ଟି କାଡ଼ାଲୋର୍‌ରେ ଅନୁଷ୍ଠିତ ଫୁଟବଲ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ ।

ସାଧକମାନଙ୍କର ପିଲାମାନଙ୍କ ସକାଶେ ଏକ ସ୍କୁଲ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ... ଏବଂ ସେମାନଙ୍କର ଅଗ୍ରଗତିର ଏକ ଅତ୍ୟାବଶ୍ୟକ ତଥା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସ୍ୱରୂପ ଗଭୀର ଭାବରେ ମନୋଯୋଗୀ ହୋଇ ଶାରୀରିକ ଶିକ୍ଷା ପ୍ରଶିକ୍ଷଣର ପ୍ରଚଳନ କରାଯାଇଛି ଯାହାକି 'J.S.A.S.A' ଦ୍ୱାରା ନିୟମିତ ଅଭ୍ୟାସ କରାଯାଉଥିବା ଖେଳ କସରତ ଏବଂ ପ୍ରତିଯୋଗିତାମୂଳକ କ୍ରୀଡ଼ା ଆଦିର ଦୃଶ୍ୟମାନ ରୂପରେଖ ।'' (୧୯୪୯)

ଏବେ ଆମ ବର୍ଣ୍ଣନାର କିଞ୍ଚିତ୍ ପଶ୍ଚାତକୁ ଦୃଷ୍ଟି ଫେରାଉଛୁ । ଇତିମଧ୍ୟରେ ୧୯୪୪-୪୫ ବେଳକୁ ଶାରୀରିକ କାର୍ଯ୍ୟକ୍ରମଗୁଡ଼ିକୁ ଦେଖି ତୀବ୍ର ଭାବରେ ସ୍ପନ୍ଦିତ ଓ ଅନୁପ୍ରାଣିତ ହୋଇ କେତେକ ଉତ୍ସାହୀ ବାଳିକା ଶ୍ରୀମା'ଙ୍କୁ ଅନୁରୋଧ କଲେ ଯେ ସେମାନଙ୍କ ନିମିତ୍ତ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବନ୍ଦୋବସ୍ତ କରାଯାଉ । ଶ୍ରୀମା ଏହି ପ୍ରସ୍ତାବକୁ ଅନୁମୋଦନ କରି ପ୍ରଣବଙ୍କୁ କହି ୩୬ ଜଣ ବାଳିକାଙ୍କୁ ନେଇ ତୃତୀୟ ଗ୍ରୁପ୍‌ର ଆରମ୍ଭ କଲେ ।

ସେତେବେଳେ ଖେଳାଙ୍ଗନ ମାତ୍ର ଗୋଟିଏ ଥିବାରୁ ଏହି ତୃତୀୟ ଗ୍ରୁପ୍ ଏବଂ ପ୍ରଥମ ଗ୍ରୁପ୍‌ର ଖେଳାଖେଳିର କାର୍ଯ୍ୟକ୍ରମରେ ଏକ ନୂତନ ବନ୍ଦୋବସ୍ତ କରାଗଲା । ପ୍ଲେ-ଗ୍ରାଉଣ୍ଡରେ ଗୋଟିଏ ଦିନ ପ୍ରଥମ ଗ୍ରୁପ୍ ପ୍ରଥମେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖେଳିବେ; ତା'ପରେ ତୃତୀୟ ଗ୍ରୁପ୍‌ର ଖେଳାଖେଳି ଆରମ୍ଭ ହେବ । ଠିକ୍ ତା' ପରଦିନ ଏହାର ବିପରୀତ – ପ୍ରଥମେ ଛ'ଟା ପର୍ଯ୍ୟନ୍ତ ତୃତୀୟ ଗ୍ରୁପ୍, ତା'ପରେ ପ୍ରଥମ ଗ୍ରୁପ୍ ଖେଳିବେ ।

ଉପରୋକ୍ତ ବ୍ୟବସ୍ଥାରେ ଯେଉଁଦିନ ତୃତୀୟ ଗ୍ରୁପ୍‌ର, ଅର୍ଥାତ୍ ବାଳିକାମାନଙ୍କ ଗ୍ରୁପ୍‌ର ପ୍ରଥମ ଖେଳିବାର ପାଳି ପଡୁଥିଲା, ବୀରେନ୍-ଦା' ବାଳକମାନଙ୍କୁ ସମୁଦ୍ର କୂଳକୁ ନେଇ ଯାଉଥିଲେ । ସେମାନେ ସମୁଦ୍ର ବେଳାର ସୁରକ୍ଷା ନିମିତ୍ତ ଗଦା ହୋଇଥିବା ବଡ଼ ବଡ଼ ପଥର ଖଣ୍ଡସବୁ ଉପରେ ଚାଲି ଚାଲି ଯାଉଥିଲେ; ସମୁଦ୍ରର ଢେଉ ସେମାନଙ୍କ ଉପରେ ଛିଟିକି ପଡୁଥିଲା । ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହରେ ସେମାନେ ପାର୍କ ଗେଷ୍ଟ ହାଉସ୍ ପର୍ଯ୍ୟନ୍ତ ଯାଉଥିଲେ । ତା'ପରେ କ୍ରମଶଃ କିଛି ଦୂର ଆଗେଇ ଯାଇ ସମୁଦ୍ରର ବେଳାଭୂମିରେ 'କବାଡ଼ି' ଓ ଅନ୍ୟ ଖେଳସବୁ ଖେଳୁଥିଲେ । ଧୀରେ ଧୀରେ ସମୁଦ୍ର ଜଳକୁ ସ୍ପର୍ଶ କଲେ, ପାଦ ବୁଡିଯିବା ଯାଏ ପଶିଲେ, ପ୍ରଥମେ ପ୍ରଥମେ ଗୋଇଠି ପର୍ଯ୍ୟନ୍ତ, ତା'ପରେ ଆଣ୍ଠୁ ପର୍ଯ୍ୟନ୍ତ, ତା'ପରେ ଦିନେ ଦିନେ ସେମାନେ ଢେଉର ତାଡ଼ନାରେ ପାଣିରେ ପଡ଼ି ଯାଉଥିଲେ । ଦୈବାତ୍ ଦିନେ ଜଣେ ସମୁଦ୍ର ଜଳରେ ଅସାବଧାନତାବଶତଃ ପଡ଼ିଯାଇ ବେଶ୍ ହଇରାଣରେ ପଡ଼ିଲା । – ଏ ସମ୍ବନ୍ଧେ ଶ୍ରୀମା'ଙ୍କୁ ଜଣାଇ ଦିଆଗଲା ।

ଶ୍ରୀମା ସେହି ଗ୍ରୁପ୍‌ର ଜନୈକ ଅତ୍ୟନ୍ତ ସ୍ଫୂର୍ତ୍ତିମନ୍ତ ବାଳକକୁ ଡାକି ଗମ୍ଭୀର ଭାବରେ କହିଲେ, ''ତା'ହେଲେ ତୁମେମାନେ ସମୁଦ୍ର ଜଳରେ ପ୍ରବେଶ କରୁଛ ? କାଲିଠୁ ତୁମେମାନେ ସମସ୍ତେ କେବଳ ଆଣ୍ଠୁ ପର୍ଯ୍ୟନ୍ତ ପାଣିରେ ପ୍ରବେଶ କରିବା ସକାଶେ ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ କେହି ବି ସମୁଦ୍ର ଜଳକୁ ସ୍ପର୍ଶ କରିପାରିବ ନାହିଁ । ଏବଂ ଏହି ଲିଖିତ ପ୍ରତିଶ୍ରୁତି ଫରାସୀରେ ଲେଖା ହେବା ଉଚିତ ।'' ତା'ପରେ ସେହି ଲେଖାରେ ସେ କେଉଁ କେଉଁ ଫରାସୀ ଶବ୍ଦ ବ୍ୟବହାର କରିବ, ସେଇଟିକୁ ମଧ୍ୟ ଲେଖି ଦେଲେ । ୨୩ ଜଣଙ୍କର ସ୍ୱାକ୍ଷର ଥାଇ ସେହି ଲିଖିତ ପତ୍ର ଶ୍ରୀମା'ଙ୍କୁ ଦିଆଗଲା । ପତ୍ରଟି ତଳେ ଶ୍ରୀମା ଲେଖି ଦେଇଥିବା କଥାଟିର ମର୍ମାନୁବାଦ ଏହିପରି :

''ମୋର ପ୍ରିୟ ସନ୍ତାନଗଣ,

ତୁମମାନଙ୍କର ପ୍ରତିଶ୍ରୁତିରେ ମୋର ବିଶ୍ୱାସ-ଭରସା ରହିଛି । ତେଣୁ ସମୁଦ୍ରକୂଳକୁ ଯାଇ ଖେଳାଖେଳି ନକରି ପାରିବାର ମୋର କଟକଣାକୁ ମୁଁ ପ୍ରତ୍ୟାହୃତ କରି ନେଉଛି ।

ମୋର ଆଶୀର୍ବାଦ ସହ ।''

*

ପ୍ରାରମ୍ଭରେ ଗ୍ରୁପ୍‌ଗୁଡ଼ିକ ସକାଶେ କୌଣସି ବିଶେଷ ପୋଷାକ ନଥିଲା । ପ୍ରତିଯୋଗିତାମୂଳକ ଖେଳାଖେଳିରେ ବାଳକ ତଥା ପୁରୁଷ ଦଳ ଯେକୌଣସି ରଙ୍ଗର ହାଫ୍ ପ୍ୟାଣ୍ଟ୍ ଓ ହାଫ୍ ସାର୍ଟ ପିନ୍ଧି ଖେଳୁଥିଲେ ଏବଂ ବାଳିକା ତଥା ତରୁଣୀଦଳ ସାଲ୍‌ୱାର୍ କମିଜ୍ କିଂବା ଶାଢ଼ୀ ପିନ୍ଧୁଥିଲେ । ସାଲ୍‌ୱାର୍-କମିଜ୍ ପିନ୍ଧୁଥିବା ବାଳିକାମାନେ ସେମାନଙ୍କର ଉତ୍ତରୀୟଟିକୁ ବାମ କାନ୍ଧ ଉପର ଦେଇ ଗୁଡ଼ାଇ ଆଣି ଅଣ୍ଟାରେ ଶେଷାଂଶଟିକୁ ଆଣ୍ଟ କରି ବାନ୍ଧି ଦେଉଥିଲେ । ମଥାର ବେଣିଟି ସାଧାରଣତଃ ପଶ୍ଚାତରେ ତଳକୁ ଝୁଲି ରହୁଥିଲା । କିନ୍ତୁ ବିଶେଷ ବିଶେଷ କାର୍ଯ୍ୟକ୍ରମରେ ବେଣିଟିକୁ ମଥାରେ ଗୁଡ଼ାଇ ଦେଇ ମୁକୁଟ ସଦୃଶ ବାନ୍ଧି ଦେଉଥିଲେ । ପରବର୍ତ୍ତୀ କାଳରେ ଶ୍ରୀମା ଏହା ସାଙ୍ଗକୁ 'କିଟି କ୍ୟାପ୍' ବାନ୍ଧିବାର ଏକ ସମ୍ପୂର୍ଣ୍ଣ ଅଭିନବ ପଦ୍ଧତିର ସୂତ୍ରପାତ କଲେ । ସୁମିତ୍ରା ନାହାର୍‌ଙ୍କୁ ଶ୍ରୀମା ବଡ଼ ବଡ଼ ଝିଅମାନଙ୍କର

ମୁଖ୍ୟ ରୂପେ ଏବଂ ପରେ ଅନୁସୂୟା ପୁରାଣୀ (ଅନୁ ବେନ୍)ଙ୍କୁ ଏହାର ପ୍ରଥମ କ୍ୟାପ୍‌ଟେନ୍ ରୂପେ ନିର୍ବାଚିତ କଲେ; ଅନୁସୂୟାଙ୍କର ନୃତ୍ୟ ଶିଖାଇବା କ୍ଲାସର ପ୍ରଚୁର ଚାହିଦା ବଢ଼ିଯିବାରୁ ଚିତ୍ରା ସେନ୍‌ଙ୍କୁ ତାଙ୍କ ସ୍ଥାନରେ ରଖା ଯାଇଥିଲା ।

ଇତି ମଧ୍ୟରେ ଏହି ଗ୍ରୁପ୍‌ର ପୋଷାକ ବଦଳି ଯାଇଥିଲା – ଧଳା ପାଇଜାମା, ଏକ ଢିଲା ଧଳା ହଙ୍ଗେରୀ ଦେଶୀୟ (ମାଗ୍ୟାର୍-କଟ୍) ବ୍ଲାଉଜ୍ ସହିତ ସମାନ କପଡ଼ାରେ ନିର୍ମିତ ଧଳା କପଡ଼ା-ବେଲ୍ଟ୍ । ଏହି ଗ୍ରୁପ୍‌ର କେତେକ ତରୁଣୀଙ୍କୁ ଶ୍ରୀମା ଇନ୍‌ଷ୍ଟ୍ରକ୍‌ଟର୍ ଏବଂ ସାହାଯ୍ୟକାରୀ ସଭ୍ୟ ରୂପେ ନିର୍ବାଚିତ କରିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**

1. Namita Sarkar : “Memorable Years with The Mother – The Growth of Physical Education in Sri Aurobindo Ashram”, Vol. - I & II.


## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୨୫

ଆସନ୍ତା ଛୟାଳିଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ୨୦୨୫, ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **କୋମନା, ନୂଆପଡ଼ା** ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ଦିବ୍ୟଯୁଗ ସ୍ଥାପନାରେ ନାରୀ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ପୁସ୍ତକଟିକୁ ଉତ୍ତମ ରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମାତୃପ୍ରେମୀ, ବିଶେଷ କରି ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ ।

ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର
ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସଭ୍ୟାବୃନ୍ଦ,
କୋମନା, ନୂଆପଡ଼ା, ଓଡ଼ିଶା - ୭୬୬ ୧୦୬

**ଯୋଗାଯୋଗ :**

ଅଜୟ କୁମାର ମଲ୍ଲିକ : ୯୭୭୭୭ ୭୧୪୩୮; ବାସନ୍ତୀ ଭୋଇ : ୮୦୧୮୩ ୬୪୯୫୬;
ସସ୍ମିତା ପାଣିଗ୍ରାହୀ : ୯୬୬୮୪ ୫୪୧୨୭; ଶୁଭଶ୍ରୀ ଯୋଷୀ : ୯୩୪୮୯ ୫୬୨୬୦

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ପ୍ରପତ୍ତି

## ଦେବେନ୍ଦ୍ର ଶତପଥୀ

ଭଗବାନ୍ ଯେତେବେଳେ ଅବତାର ନିଅନ୍ତି ସେତେବେଳେ ତାଙ୍କର କାମ କରିବା ପାଇଁ ଦେବତାମାନେ ମଧ୍ୟ ଜନ୍ମଗ୍ରହଣ କରନ୍ତି । ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ କରିବା ପାଇଁ ପ୍ରପତ୍ତି ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କର କାର୍ଯ୍ୟ ସମ୍ପନ୍ନ କରି ଦେହତ୍ୟାଗ କରିଛନ୍ତି । ପ୍ରପତ୍ତି ଆଜି ଇତିହାସର ମଣିଷରେ ପରିଣତ ହୋଇ ଯାଇଛନ୍ତି । ଆଜି ଆମ୍ଭେମାନେ ତାଙ୍କୁ ସ୍ମରଣ କରୁଛୁ ଏବଂ କାଳ ଯେତେ ଅତୀତ ହେବ ତାଙ୍କୁ ଓଡ଼ିଆମାନେ ଆହୁରି ସ୍ମରଣ କରିବେ ।

ଯୋଗୀମାନଙ୍କର ଦେହତ୍ୟାଗ ପାଇଁ ଦୁଃଖ କରାଯାଏ ନାହିଁ । ପ୍ରପତ୍ତିଙ୍କ ପାଇଁ ଶୋକ ପ୍ରକାଶ କରିବା ଉଚିତ ନୁହେଁ । ତାଙ୍କର ଶରୀର ଯେତେବେଳେ ଜୀର୍ଣ୍ଣ ହୋଇଗଲା ସେ ତାକୁ ତ୍ୟାଗ କରିଦେଲେ । ଶରୀରଟିକୁ ଯେ ତ୍ୟାଗ କଲେ, ସେ ବର୍ତ୍ତମାନ ସୁଦ୍ଧା ଆମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ, ତାଙ୍କର ମୃତ୍ୟୁ ନାହିଁ । ଦେହର ବିନାଶରେ ତାଙ୍କର ମୃତ୍ୟୁ ହୋଇଯାଏ ନାହିଁ । ଆମ୍ଭମାନଙ୍କ ପରି ସହସ୍ର ସହସ୍ର ଲୋକଙ୍କ ମଧ୍ୟରେ ସେ ଜୀବିତ ଅଛନ୍ତି ଓ ରହିବେ ।

ପ୍ରପତ୍ତିଙ୍କ ସହିତ ମୋର ପରିଚୟ ଦୀର୍ଘ ଅଠେଇଶ, ଅଣତିରିଶ ବର୍ଷର । ନବଜ୍ୟୋତି କାର୍ଯ୍ୟାଳୟ ସହିତ ତାଙ୍କର ନାମ ଜଡ଼ିତ । ନବଜ୍ୟୋତି କାର୍ଯ୍ୟାଳୟର କ୍ରମବିକାଶକୁ ଦେଖିବାର ସୁଯୋଗ ମୋତେ ମିଳିଛି । ଆଜି ଯେଉଁମାନେ ନବଜ୍ୟୋତି କାର୍ଯ୍ୟାଳୟକୁ ଦେଖୁଛନ୍ତି ସେମାନେ ତା'ର ଅତୀତକୁ କଳ୍ପନା କରି ପାରିବେ ନାହିଁ । ଏକ ପୁରୁଣା ସନ୍ତସନ୍ତିଆ ଘର (ଅବଶ୍ୟ କୋଠାଘର) ଗଛପତ୍ରରେ ପରିପୂର୍ଣ୍ଣ, ତା'ରି ଭିତରେ ବାସ କରୁଥିଲେ ପ୍ରପତ୍ତି ।

ମୋର ବନ୍ଧୁ ଶ୍ରୀ ବିଶ୍ୱମ୍ଭର ସାମନ୍ତ ଓ ମୁଁ ଯେତେବେଳେ ୧୯୬୦ ମସିହା ମହାକାଳୀ ପୂଜା ଦିବସରେ ପ୍ରଥମେ ପଣ୍ଡିଚେରୀ ଯାଇ ମା'ଙ୍କୁ ଦର୍ଶନ କଲୁ ସେତେବେଳେ ବାବାଜି ମହାରାଜ ଓ ପ୍ରପତ୍ତିହିଁ ଆମ୍ଭମାନଙ୍କର ଦେଖାଶୁଣା କରୁଥିଲେ । ତାଙ୍କ ସହିତ ଘଣ୍ଟା ଘଣ୍ଟା ବସି ଆଲୋଚନା ହୁଏ । ଆଜି ଯେଉଁ ବିଷୟଗୁଡ଼ିକ ଏତେ ସରଳ, ସହଜ ମନେ ହେଉଛି ସେତେବେଳେ ସେହି ଛୋଟ ଛୋଟ କଥାକୁ ଗ୍ରହଣ କରିବା ପାଇଁ କେତେ ଯୁକ୍ତିତର୍କ କରିବାକୁ ପଡୁଥିଲା ! ପ୍ରପତ୍ତିଙ୍କ ସହିତ ତର୍କ କରିବା ପାଇଁ ଯେପରି ମନ ଛକଛକ ହେଉଥିଲା । ସେ କିନ୍ତୁ ଆମର କୌଣସି ତର୍କରେ ପରାସ୍ତ ନହୋଇ ଆମର ହୃଦ୍‌ବୋଧ କରାଇବା ପାଇଁ ଚେଷ୍ଟା କରୁଥିଲେ । ଚିଠିପତ୍ରରେ ମଧ୍ୟ ନାନାପ୍ରକାର ପ୍ରଶ୍ନ ମୁଁ ପଚାରୁଥିଲି ଏବଂ ସେସବୁର ଉତ୍ତର ପ୍ରପତ୍ତି ଧୈର୍ଯ୍ୟର ସହିତ ମୋତେ ଲେଖି ଜଣାଉଥିଲେ । ଯେତେବେଳେ ତର୍କର ସମୟ ଅତୀତ ହୋଇଗଲା ତା'ପରେ ସେ ଜଣେ ସହୃଦୟ ବନ୍ଧୁ ହୋଇ ରହିଗଲେ ।

ପ୍ରପତ୍ତି ଜଣେ ସାଧାରଣ ମଣିଷ ପରି ଆଚରଣ କରୁଥିଲେ । ତାଙ୍କର ଆଚରଣରେ କୌଣସି ଛଳନା ନଥିଲା । ସେତେବେଳେ ମୁଁ ସିଗାରେଟ ଖାଉଥିଲି । ସେ କେବେ ବି ଦିନେ ମୋତେ ସେଥିପାଇଁ ମନା କରି ନାହାନ୍ତି । ମୋତେ ଥରେ ସେ କହିଲେ – ସମୟ ହେଲେ ସେହି ସିଗାରେଟ ଖିଆ ଆପେ ଆପେ ବନ୍ଦ ହୋଇଯିବ । ପ୍ରକୃତରେ ତାହାହିଁ ହେଲା । ଯେଉଁ ବିଷୟରେ ମୋର ଯାହା ଧାରଣା ଥିଲା ପ୍ରପତ୍ତି ମୋତେ ତା'ଠାରୁ ଭିନ୍ନ କଥା କହିଲେ । ଶେଷରେ ମୁଁ ଦେଖିଲି, ସେହିଁ ଠିକ୍ କହୁଥିଲେ ।

ପ୍ରପତ୍ତି ଥରେ ମୋତେ କହୁଥିଲେ, ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଛାତ୍ର ଥିଲା ବେଳେ ସେ ବିପ୍ଳବୀମାନଙ୍କ ସହିତ ସମ୍ପର୍କ ରଖିଥିଲେ । ଜାତୀୟ ଆନ୍ଦୋଳନରେ ଏକ ବିଶେଷ ଭୂମିକା ନନେଇ ଥିଲେ ସୁଦ୍ଧା, ସେ ଯେ ଚାକିରି ପ୍ରେମୀ ନଥିଲେ ଏବଂ ଏକ ବିପ୍ଳବ ଭିତରକୁ ଡେଇଁବା ପାଇଁ ତାଙ୍କ ମନରେ ଆକାଂକ୍ଷା ଥିଲା ତାହା ନିଃସନ୍ଦେହ । ସେଥିପାଇଁ ସେ ସରକାରୀ ଅଧ୍ୟାପକ ଚାକିରି ଛାଡ଼ି ଗୋଟିଏ ଅଜଣା କ୍ଷେତ୍ର ଆଧ୍ୟାତ୍ମିକ ସାଧନା ଭିତରକୁ ଲମ୍ଫ ପ୍ରଦାନ କରି ପାରିଲେ । ପ୍ରପତ୍ତି ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେଲା ବେଳକୁ ସେଠାରେ ଓଡ଼ିଶାର ଜଣେ ମହାନ୍ ସାଧକ ବାବାଜି ରାମକୃଷ୍ଣ ଦାସ ଗଭୀର ସାଧନା ମଧ୍ୟରେ ନିମଗ୍ନ ଥିଲେ । ଶ୍ରୀ ରାମକୃଷ୍ଣ ଦାସଙ୍କର ସାଧନାର ଫଳକୁ

ପ୍ରକାଶ କରିବା ପାଇଁ ଜଣେ ଦକ୍ଷ ଯନ୍ତ୍ରର ଆବଶ୍ୟକତା ଥିଲା । ଠିକ୍ ସେହି ସମୟରେ ଅଧ୍ୟାପକ ପ୍ରପତ୍ତି ଜୁଟିଗଲେ । ସେମାନଙ୍କ ମଧ୍ୟରେ ଯେଉଁ ମୁହୂର୍ତ୍ତରେ ପ୍ରଥମ ମିଳନ ହେଲା ତାହା ଥିଲା ଓଡ଼ିଶା ପକ୍ଷରେ (ଆମ୍ଭମାନଙ୍କ ପକ୍ଷରେ) ଏକ ମହାନ୍ ଶୁଭମୁହୂର୍ତ୍ତ । ଆଜି ଯେ ଆମେ ଓଡ଼ିଶାବାସୀ ଏତେ ସଂଖ୍ୟାରେ ପୃଥିବୀରେ ଏକ ଦିବ୍ୟଜୀବନ ପ୍ରତିଷ୍ଠା ପାଇଁ ସ୍ୱୀକୃତି ଦେଇଛେ, ତାହା ସେହି ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ପରିଶ୍ରମରୁ ସମ୍ଭବ ହୋଇଛି । ଏସବୁ କାର୍ଯ୍ୟ ପଛରେ ଯେ ସ୍ୱୟଂ ଶ୍ରୀମା ଓ ଶ୍ରୀଅରବିନ୍ଦ ବିଦ୍ୟମାନ ଏକଥା ମୁଁ ନକହିଲେ ସୁଦ୍ଧା ଆପଣମାନେ ଜାଣନ୍ତି । ଯେଉଁ ହତିଆର ଦ୍ୱାରା ଦୟାମୟୀ ମା' ଆମ୍ଭମାନଙ୍କର ଅଜ୍ଞାନତାକୁ କାଟି ପକାଉଛନ୍ତି, ସେହି ହତିଆର କଥାହିଁ ମୁଁ କହୁଛି । ଶ୍ରୀମା'ଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କର ଯନ୍ତ୍ରମାନଙ୍କ ପ୍ରତି ମଧ୍ୟ ଆମର କୃତଜ୍ଞତା ଜଣାଇବା ଉଚିତ ।

୧୯୫୪ ମସିହାରେ ପ୍ରପତ୍ତି ଶ୍ରୀଅରବିନ୍ଦ ଆଶ୍ରମକୁ ଆସିଲେ । ଆଜିକି ହେଲା ୩୫ ବର୍ଷ । ଏହି ୩୫ ବର୍ଷ ସେ ମା'ଙ୍କର ପ୍ରତ୍ୟକ୍ଷ ଯନ୍ତ୍ର ହୋଇ ଓଡ଼ିଶାରେ କାମ କଲେ । ନବଜ୍ୟୋତି, ନବପ୍ରକାଶ ପତ୍ରିକାର ପ୍ରକାଶନ କରିବା, ପ୍ରେସ ସ୍ଥାପନା କରିବା, ନବଜ୍ୟୋତି କାର୍ଯ୍ୟାଳୟକୁ ବର୍ତ୍ତମାନର ରୂପ ଦେବା, ଓଡ଼ିଆ ନିଳୟମ ପ୍ରଭୃତି ଗେଷ୍ଟ ହାଉସ୍‌ମାନ ନିର୍ମାଣ କରିବା – ଏସବୁ କାମ ତ ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ସାଧନାର ଫଳ, ଏଣେ ବାହାରେ (ଓଡ଼ିଶାରେ) ପାଠଚକ୍ର ଗଢ଼ି ସେଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ସ୍କୁଲ କରିବା, ରେଲିକ୍‌ସ ସେଣ୍ଟର ନିର୍ମାଣ କରିବା, ବିଭିନ୍ନ ସ୍ଥାନରେ ସେମିନାର, ସଭା ସମିତି କରି ଏ ଆଧ୍ୟାତ୍ମିକ ଆନ୍ଦୋଳନକୁ ଓଡ଼ିଶାରେ ଜୀବିତ ରଖିବା – ଏସବୁ ୩୫ ବର୍ଷ ମଧ୍ୟରେ ସେଇ ଦୁହିଁଙ୍କର କାର୍ଯ୍ୟ ।

ଚଳିତବର୍ଷ (୧୯୮୯) ଫେବୃଆରୀ ମାସରେ ପ୍ରପତ୍ତିଙ୍କ ସହିତ ମୋର ଶେଷ ସାକ୍ଷାତ୍ ଥିଲା । ତାଙ୍କ କଥା ଏତେ ସ୍ପଷ୍ଟ ହେଉ ନଥାଏ । ମୋତେ ଡାକି ପାଖରେ ବସାଇ କହିଲେ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରର ମଞ୍ଜି ଲୋକମାନେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସହିତ ସଂଯୁକ୍ତ ହୋଇ ଯାଇଛନ୍ତି । ଶିକ୍ଷା, ରାଜନୀତି, ଦର୍ଶନ, ବିଜ୍ଞାନ, ସାହିତ୍ୟ – ଏପରି କୌଣସି ବିଭାଗ ନାହିଁ ଯାହାର ଅସଲ ଲୋକମାନେ ଏ ଆନ୍ଦୋଳନ ସହିତ ସମ୍ପୃକ୍ତ ହୋଇ ନାହାନ୍ତି । ଏହା କିଛି କମ୍ କଥା ନୁହେଁ । ଏହାର ସୁଫଳ ଓଡ଼ିଶା ଅବଶ୍ୟ ଲାଭ କରିବ ।

ଏକ ସାମାଜିକ ବିପ୍ଳବର ସ୍ୱର ପ୍ରପତ୍ତି ଶୁଣି ପାରିଥିଲେ । ଭଗବାନଙ୍କ ଜରିଆରେହିଁ ବର୍ତ୍ତମାନ ସମାଜର ପରିବର୍ତ୍ତନ ହୋଇ ପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ମୋର ବେଳେ ବେଳେ ମନରେ ପ୍ରଶ୍ନ ଉଠେ – ଶ୍ରୀଅରବିନ୍ଦ ଆନ୍ଦୋଳନ ଏକ ଧର୍ମ ଆନ୍ଦୋଳନରେ ପରିଣତ ହୋଇଯାଉ ନାହିଁ ତ ! ଅନ୍ୟ ସାଧୁ ସନ୍ଥଙ୍କର ଯେପରି ଗୋଟିଏ ଗୋଟିଏ ଗୋଷ୍ଠୀ ରହିଛି ଏବଂ ସେମାନେ ଶିକ୍ଷା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ଶ୍ରୀଅରବିନ୍ଦ ଆନ୍ଦୋଳନ ସେହିପରି ଗୋଟିଏ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ହୋଇଗଲେ ଶ୍ରୀଅରବିନ୍ଦଙ୍କର ଦିବ୍ୟ ଉଦ୍ଦେଶ୍ୟ ପରାଜିତ ହୋଇଯିବ ନାହିଁ ତ ! ପ୍ରପତ୍ତି ଏ ସମ୍ପର୍କରେ କହୁଥିଲେ – 'ଏ ଆନ୍ଦୋଳନର ପଶ୍ଚାତରେ ଯେଉଁ ଅତିମାନସ ଚେତନା ଓ ଶକ୍ତି ରହିଛି, ତାହା ଏହାକୁ ଧର୍ମରେ ପରିଣତ କରାଇବାକୁ କଦାପି ଦେବ ନାହିଁ ।' ସେହି ମହାନ୍ ଆତ୍ମାଙ୍କୁ ମୋର ବିନମ୍ର ପ୍ରଣାମ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ)

❑❑❑

ତୁମ ପଡ଼ୋଶୀ ମଧ୍ୟସ୍ଥ ଭଗବାନ୍, ତୁମ ମଧ୍ୟସ୍ଥ ଭଗବାନ୍, ତୁମ ଦେଶ ଓ ତୁମ ଶତ୍ରୁଦେଶ ମଧ୍ୟସ୍ଥ ଭଗବାନ୍, ମାନବଜାତି ମଧ୍ୟସ୍ଥ ଭଗବାନ୍, ବୃକ୍ଷ, ପ୍ରସ୍ତର ତଥା ପ୍ରାଣୀମାନଙ୍କ ମଧ୍ୟସ୍ଥ ଭଗବାନ୍, ଜଗତ୍ ତଥା ଜଗତ୍ ବାହାର ସ୍ଥିତ ଭଗବାନଙ୍କ ଲାଗି ଜୀବନ ଧାରଣ କର, ତାହାହିଁ ହେଉଛି ମୁକ୍ତିର ସିଧାସଳଖ ପଥ ।

– ଶ୍ରୀଅରବିନ୍ଦ

# ଜିଜ୍ଞାସାର ଉତ୍ତରରେ

## ରାମକୃଷ୍ଣ ଦାସ

"Blessed are those who take a leap towards the Future." (ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଭବିଷ୍ୟତ୍ ଅଭିମୁଖରେ ଲମ୍ଫ ଦିଅନ୍ତି ।)

(୧୯୭୧, ନବବର୍ଷର ବାଣୀ) — ଶ୍ରୀମା

**ପ୍ରଶ୍ନ :** *ଏହି ନୂତନ ବର୍ଷର ବାଣୀ ପଢ଼ିସାରି ଜାଣିବାକୁ ଚାହୁଁଛୁ କିପରି କାର୍ଯ୍ୟ କରିବା ଦ୍ୱାରା ବ୍ୟକ୍ତି ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ହୋଇପାରିବ ? ଭବିଷ୍ୟତ୍‌ର ସ୍ୱରୂପ କ'ଣ ହେବ ? ଲମ୍ଫ ଦେବାର ତାତ୍ପର୍ଯ୍ୟ କ'ଣ ?*

**ଉତ୍ତର :** ଏ ସମ୍ବନ୍ଧେ ଏହିପରି ବହୁତ ବ୍ୟକ୍ତି ପ୍ରଶ୍ନ କରୁଛନ୍ତି । ପୃଥକ୍ ପୃଥକ୍ ଉତ୍ତର ଦେବା ସମ୍ଭବ ନ ହେବାରୁ ଏହି ପ୍ରବନ୍ଧଟି ଲେଖା ହେଲା ।

ଭବିଷ୍ୟତ୍ ଶବ୍ଦଟି ହେଉଛି ନୂତନ ବା ଭବିଷ୍ୟତ୍ ଯୁଗର ସୂଚନା । ଭବିଷ୍ୟତ୍ ବା ନୂତନ ଯୁଗର ବ୍ୟକ୍ତି ମନ, ପ୍ରାଣ ତଥା ଜାଗତିକ ପ୍ରକୃତି ଦ୍ୱାରା ପରିଚାଳିତ ହେବେ ନାହିଁ । ହେବେ ପରମ ସତ୍ୟ ଦ୍ୱାରା, ସଂପୂର୍ଣ୍ଣରୂପେ ମୁକ୍ତ ହେବେ ମୃତ୍ୟୁ, ବୃଦ୍ଧତ୍ୱ, ରୋଗ, ଅଜ୍ଞାନ କବଳରୁ । ସେହିମାନେ ହେବେ ଅତିମାନବ । ଏହାର ଫଳସ୍ୱରୂପ ସତ୍ୟ ପ୍ରତିଷ୍ଠା ହେବ ପରିବାର, ସମାଜ, ଶିକ୍ଷା, ବ୍ୟବସାୟ ତଥା ଶାସନରେ । ପୃଥିବୀ ପରିଣତ ହେବ ସ୍ୱର୍ଗରେ । ବର୍ତ୍ତମାନ ସଂସାରରେ ପ୍ରଚଳିତ ହେଉଥିବା ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର, ହିଂସା, ସ୍ୱାର୍ଥ, ଅଭାବ, ଅନଟନ, ଚୋରି-ଡକାୟତି, ପ୍ରବଞ୍ଚନା ଆଦି ଦୂର ହେବ । ପ୍ରତିଷ୍ଠା ହେବ ଶାନ୍ତି, ସମତା, ସତ୍ୟ, ନ୍ୟାୟ, ଅହିଂସା ଓ ମୈତ୍ରୀ । ଏହାର ପ୍ରଭାବ ପଡ଼ିବ ପଶୁ-ପକ୍ଷୀ ତଥା ବୃକ୍ଷଲତା ଉପରେ । ଜାଗତିକ ପ୍ରକୃତି ମଧ୍ୟ ପରିବର୍ତ୍ତିତ ହେବ । ଅନାବୃଷ୍ଟି, ଅତ୍ୟଧିକ ବୃଷ୍ଟି, ଅନାବଶ୍ୟକ ଝଡ଼ତୋଫାନ, ନାନାପ୍ରକାର ରୋଗ, ଦୁର୍ଘଟଣା, ଯୁଦ୍ଧ ଆଦି ରହିବ ନାହିଁ । ପୃଥିବୀ ଉତ୍ତମ ଶସ୍ୟ ଉତ୍ପନ୍ନ କରିବ, ବୃକ୍ଷ-ଲତା ଉତ୍ତମ ଫଳ ଧାରଣ କରିବେ, ଔଷଧ, ରତ୍ନ ଇତ୍ୟାଦି ନିଜକୁ ଗୁପ୍ତ ରଖିବେ ନାହିଁ । ସଂସାର ଧନଧାନ୍ୟ, ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ହେବ । ହିଂସ୍ର ପଶୁମାନେ ବି ଆହାର ଛଡ଼ା ହିଂସା କରିବେ ନାହିଁ । ଏହାହିଁ ଭବିଷ୍ୟତ୍ ଯୁଗ । ନୂତନ ବର୍ଷର ବାଣୀରେ ଏହାକୁହିଁ ଭବିଷ୍ୟତ୍ କୁହାହୋଇଛି । ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଏହି ଭବିଷ୍ୟତ୍ ସତ୍ୟ ପୃଥିବୀରେ ତଥା ନିଜ ମଧ୍ୟରେ ପ୍ରତିଷ୍ଠା କରିବାକୁ ପ୍ରଯତ୍ନ କରୁଛନ୍ତି ।

ଭବିଷ୍ୟତ୍‌ରେ କ୍ରିୟାଶୀଳ ହେବା ଅତିମାନସ ସତ୍ୟ ଏହି ପୃଥିବୀକୁ ଆସିଯାଇଛି ବା ପ୍ରକାଶିତ ହୋଇସାରିଛି । ତା'ରି ପ୍ରଭାବ ପଡୁଛି ସଂସାରର ସମସ୍ତ ପ୍ରାଣୀଙ୍କ ଉପରେ । ଯେଉଁମାନଙ୍କର ଆନ୍ତରସତ୍ତା ଅଜ୍ଞାତରେ ସେହି ସତ୍ୟର ସ୍ପର୍ଶ ପାଉଛି ସେମାନେ ଭବିଷ୍ୟତ୍ ସତ୍ୟ ସମ୍ବନ୍ଧେ ସଚେତ ନ ହୋଇ ମଧ୍ୟ ସେହି ସତ୍ୟର ସମତା ତଥା ଅହିଂସା ଲକ୍ଷ୍ୟ ଦିଗରେ ଅଜ୍ଞାତଭାବେ ଅଗ୍ରସର ହେଉଛନ୍ତି । ଯେଉଁମାନଙ୍କ ଆନ୍ତର ସତ୍ତା ଏବଂ ବାହ୍ୟ ମନ-ପ୍ରାଣ ଏହି ଭବିଷ୍ୟତ୍ ସତ୍ୟ, ଭବିଷ୍ୟତ୍ ନୂତନ ଯୁଗ ପ୍ରତି ଉଦ୍‌ଘାଟିତ ଏବଂ ସଚେତ ହୋଇଛି ସେହିମାନେ ସଜାଗ ହୋଇ ସତ୍ୟ ଗ୍ରହଣ କରୁଛନ୍ତି ଏବଂ ପୃଥିବୀରେ ଅର୍ଥାତ୍ ବର୍ତ୍ତମାନ ପ୍ରଚଳିତ ସମାଜ, ଶିକ୍ଷା, ବ୍ୟବସାୟ ତଥା ରାଜନୀତିରେ ପ୍ରତିଷ୍ଠିତ ହେବା ଲାଗି ପ୍ରଯତ୍ନ କରୁଛନ୍ତି । ଏହି ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଆନ୍ତର ସତ୍ତା ସେହି ନୂତନ ଭବିଷ୍ୟତ୍ ସତ୍ୟ ପ୍ରତି ଉଦ୍‌ଘାଟିତ ହୋଇ ନାହିଁ କିନ୍ତୁ ଅସ୍ପଷ୍ଟଭାବେ ସେହି ସତ୍ୟ-ପ୍ରଭାବର ସ୍ପର୍ଶ ପାଇଛି । ଏହି ପ୍ରଭାବର ସ୍ପର୍ଶ ଯୋଗୁଁ ସେମାନେ ପ୍ରଚଳିତ ପ୍ରଣାଳୀରେ ସନ୍ତୁଷ୍ଟ ନ ହୋଇ ନୂତନ କିଛି ଚାହୁଁଛନ୍ତି । ଚାହୁଁଛନ୍ତି ସେହି ପୁରାତନ ମନ ନିର୍ଦ୍ଧାରିତ, ମାନସସୀମାନ୍ତର୍ଭୁକ୍ତ ହିଂସା, ଛନ୍ଦ, କପଟ ପ୍ରଣାଳୀରେ ନିଜର ଅହଂ, ସ୍ୱାର୍ଥତୁଷ୍ଟି ସହିତ ସଂସାରରେ ସୁଖ ଶାନ୍ତି ପ୍ରତିଷ୍ଠା କରିବାକୁ । ଏମାନଙ୍କର ଏହିସବୁ ଉପାୟ ସତ୍ୟ-ପ୍ରତିଷ୍ଠାରେ ସହାୟକ ନ ହୋଇ ବରଂ ବାଧକ ବା ଅନ୍ତରାୟ ହେଉଛି ।

ଉପର ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଅନ୍ତରାତ୍ମା କିଛି ଅଂଶରେ ଭବିଷ୍ୟତ୍ ଯୁଗର ସତ୍ୟପ୍ରତି ଉନ୍ମୁକ୍ତ ଥିବାରୁ ତଥା ସତ୍ୟ ନିଜ ଜୀବନରେ ଏବଂ ଜଗତରେ କ୍ରିୟାଶୀଳ କରିବା

ସକାଶେ ପ୍ରଯତ୍ନ କରୁଥିବାରୁ ସେମାନେ ପରମ ସତ୍ୟର ସେବା କରୁଛନ୍ତି । ଏହାରି ଦ୍ୱାରା ସେମାନଙ୍କ ଜୀବନର ହେବ ସର୍ବାଙ୍ଗୀନ ବିକାଶ । ନିଜ ମଧ୍ୟରୁ ଏବଂ ଜଗତରୁ କ୍ରମଶଃ ଦୂର ହେବ ଅସତ୍ୟ, ଅନ୍ୟାୟ, ଦୁଃଖ-କଷ୍ଟ, ଦାରିଦ୍ର୍ୟ ଓ ହିଂସା । ପ୍ରସାର ହେବ ସୁଖ, ଶାନ୍ତି, ଆନନ୍ଦ, ସମତ୍ୱ, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ । ଏହିସବୁ ଦିବ୍ୟଗୁଣ ମାନସ କଳ୍ପନା ବା ଧାରଣା ନୁହେଁ, ଏହାର ପଶ୍ଚାତ୍‌ରେ ବିଦ୍ୟମାନ ରହିଛି ପରମ ସତ୍ୟ । ଏହି କାରଣରୁ ଏହିମାନଙ୍କୁ ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ବୋଲି କୁହାଯାଇଛି ।

ଲମ୍ଫର ଅର୍ଥ ହେଲା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ ପଡ଼ିବା । ବର୍ତ୍ତମାନ ମନୁଷ୍ୟ ଜାଗତିକ ପ୍ରକୃତି, ମନ-ନିର୍ଦ୍ଧାରିତ ଅଭ୍ୟାସଗତ ସ୍ୱଭାବ, ପ୍ରଚଳିତ ନୀତି-ନିୟମ, ଶାସନ ତଥା ସାମାଜିକ ପ୍ରଣାଳୀର ସୀମାରେ ଅସହାୟ ରୂପେ ଆବଦ୍ଧ । ଏହି ସୀମା ଉଲ୍ଲଙ୍ଘନ କରି ନୂତନ କିଛି ପ୍ରାପ୍ତ କରିବା ତା' କଳ୍ପନାର ବାହାରେ । ତେଲୀ-ଘଣାରେ ବୁଲୁଥିବା ବଳଦ ସଦୃଶ ସେହି ସୀମିତ ମାନସିକ ଗଣ୍ଡି ମଧ୍ୟରେ ନୂତନତ୍ୱ ଚାହିଁବା ତା'ର ଅଭ୍ୟାସ । କିନ୍ତୁ ମନୁଷ୍ୟ ମଧ୍ୟରେ ପରମସତ୍ୟ ସୁପ୍ତ ବା ମନ-ପ୍ରାଣ-ସଂସ୍କାର ଓ ସ୍ୱଭାବର ଆବରଣରେ ଆବୃତ ହୋଇ ରହିଛି । ବ୍ୟକ୍ତି ସେହି ପରମସତ୍ୟ ସମ୍ବନ୍ଧେ ସଚେତ ନ ଥିବାରୁ ତାହା ବିଶ୍ୱାସ କରିପାରୁ ନାହିଁ କିଂବା ଖୋଜିବାକୁ ଚେଷ୍ଟା କରୁ ନାହିଁ । ସୁତରାଂ ତା'ରି ଉପସ୍ଥିତି ଯୋଗୁଁ ସଂସାରର ସମସ୍ତ ବ୍ୟକ୍ତି ଅସ୍ପଷ୍ଟ ଅଜ୍ଞାତରୂପେ ପରମାନନ୍ଦ, ଶାନ୍ତି, ସମତା, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ ଚାହୁଁଛନ୍ତି । କିନ୍ତୁ ଭ୍ରମବଶତଃ ଖୋଜୁଛନ୍ତି ମନ-ନିର୍ମିତ ସୀମାର ଅନ୍ତର୍ଗତ ଭିନ୍ନ ଭିନ୍ନ ବିଧାନ, ପ୍ରଚଳିତ ଶିକ୍ଷା, ବ୍ୟବସାୟ, ତଥା ଶାସନଗତ ଆଇନ କିଂବା ହିଂସାତ୍ମକ ଗୁଳି ଭୟର ସାହାଯ୍ୟରେ । ଏହି ପରମ ସୁଖ, ପରମ ଶାନ୍ତି, ଅହିଂସା ଏବଂ ସମତା ମନ-ନିର୍ଦ୍ଧାରିତ ବିଧାନ ଏବଂ ସମାଜରେ ପ୍ରଚଳିତ ମାନସ-ଚେତନାର ସୀମାର ବହୁ ଊର୍ଦ୍ଧ୍ୱରେ । ସେଥି ସକାଶେ ଆଜିପର୍ଯ୍ୟନ୍ତ ସମସ୍ତ ପ୍ରଯତ୍ନ ବ୍ୟର୍ଥ ହେଉଛି ।

ବର୍ତ୍ତମାନ ମାନସ-ବିକାଶ ସମାପ୍ତ ହୋଇସାରିଛି । ପୃଥିବୀରେ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ପରମ ସତ୍ୟ-ଚେତନା ପ୍ରତିଷ୍ଠିତ ହେବାର ସମୟ ଆସିଛି । ବ୍ୟକ୍ତି ବର୍ତ୍ତମାନ ପ୍ରଚଳିତ ମାନସ ବିଧାନକୁ ଅତିକ୍ରମ କଲେ ଅତିମାନସ ପରମ ସତ୍ୟ ଚେତନା, ଆନନ୍ଦ, ଶାନ୍ତି, ସମତା, ଅହିଂସାରେ ନିବାସ କରିବ ଏବଂ ସଂସାର ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବ । କିନ୍ତୁ ମନୁଷ୍ୟର ମାନସିକ ବିଚାର, ଶିକ୍ଷା, ସାମାଜିକ ନିୟମ, ଶାସନର ପ୍ରଣାଳୀ ବା ସଂସ୍କାର ମନୁଷ୍ୟର ଦୁଇଗୋଡ଼କୁ ଜବରଦସ୍ତି ଦୃଢ଼ତା ସହିତ ଜାବୁଡ଼ି ଧରି ଲମ୍ଫ ଦେବାରେ ସଂପୂର୍ଣ୍ଣ ବାଧା ଦେଉଛନ୍ତି । ଯଥାର୍ଥରେ ସେହିମାନେ ସୌଭାଗ୍ୟଶାଳୀ ଯେଉଁମାନେ ଏହି ବନ୍ଧନକୁ ଭାଙ୍ଗି ସତ୍ୟ ଅଭିମୁଖେ ଲମ୍ଫ ଦେଉଛନ୍ତି । ଏହି ପରମ ସତ୍ୟ ଅନ୍ଧକାର ପରେ ସୂର୍ଯ୍ୟ ପ୍ରକାଶ ହେବା ସଦୃଶ ହଠାତ୍ ଏକ ଦିନରେ ପ୍ରକାଶିତ ହେବ ନାହିଁ; ହେବ କ୍ରମଶଃ ପ୍ରଚଳିତ ଦ୍ୱନ୍ଦ୍ୱ ଓ ଦୁଃଖ-କଷ୍ଟର ମଧ୍ୟ ଦେଇ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୬୫୬ - ୬୫୭*)

❑❑❑

କେବେହେଲେ ଅସନ୍ତୋଷ ପ୍ରକାଶ କର ନାହିଁ । ସବୁ ପ୍ରକାର ଅପଶକ୍ତି ତୁମ ଭିତରେ ପ୍ରବେଶ କରେ ଯେତେବେଳେ ତୁମେ ଅସନ୍ତୋଷ ପ୍ରକାଶ କର ଏବଂ ସେମାନେ ତୁମକୁ ନିମ୍ନଗାମୀ କରାନ୍ତି । ସବୁବେଳେ ହସଖୁସିରେ ରୁହ । ମୁଁ ସବୁବେଳେ ଥଟ୍ଟା କଲାଭଳି ମନେହୁଏ କିନ୍ତୁ ଏହା କେବଳ ଥଟ୍ଟା ନୁହେଁ, ଏହା ଚୈତ୍ୟସତ୍ତାରୁ ଉଦ୍‌ବୃତ୍ତ ଏକ ଦୃଢ଼ ବିଶ୍ୱାସ । ପ୍ରସନ୍ନତା ଏହି ବିଶ୍ୱାସକୁ ପ୍ରକାଶ କରେ ଯେ ଭଗବାନଙ୍କ ବିରୋଧରେ କିଛି ବି ତିଷ୍ଠି ପାରିବ ନାହିଁ ଏବଂ ସର୍ବଶେଷରେ ପ୍ରତ୍ୟେକ ଘଟଣା ଠିକ୍ ଭାବରେ ହୋଇଥାଏ ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୨)


## ମହେନ୍ଦ୍ରନାଥ ସ୍ୱାଇଁ


**ସୂକ୍ଷ୍ମଦର୍ଶନ :**

ଫେବ୍ରୁଆରୀ ୨୩, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି :

"GRANT O Lord, that we may be more and more conscious of Thy law, that is, be one with it, so that we may foster its manifestation in all things.

Lord, grant that I may become master of my vagabond thought, that living in Thee I may see life only through Thee, and the illusion of material reality may come to an end and be replaced by a perception more in conformity with Thy eternal reality.

Let me live constantly in Thy divine Love, so that it may live in me and through me.

Grant that I may be an efficient and clear-sighted collaborator and that everything within me may foster the plenitude of Thy manifestation.

I know all my imperfections, my difficulties, my weaknesses, I feel all my ignorance, but I put my full trust in Thee and bow down before Thee in silent devotion."

(Prayers and Meditations, Page. 83)

''ହେ ପ୍ରଭୁ, ଆମକୁ ଏହି ବର ପ୍ରଦାନ କର ଆମେ ଯେପରି ତୁମ ଦିବ୍ୟ ବିଧାନ ସମ୍ପର୍କରେ ଅଧିକରୁ ଅଧିକ ସଚେତନ ହୋଇ ଉଠିବୁ ଓ ଏହା ସହିତ ଏକାକାର ହୋଇଯିବୁ, ଫଳତଃ ସକଳବସ୍ତୁ ମଧ୍ୟରେ ଆମେ ଏହାର ପରିପ୍ରକାଶକୁ ପରିପୁଷ୍ଟ କରିପାରିବୁ ।

''ହେ ପ୍ରଭୁ, ମୋ ପ୍ରତି କୃପାକର, ଯାହାଫଳରେ ମୁଁ ମୋର ଇତସ୍ତତଃ ବିକ୍ଷିପ୍ତ ଚିନ୍ତାସକଳଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରିପାରେ, ତୁମ ଭିତରେ ବାସ କରି ଜୀବନକୁ ଯେପରି ତୁମ ମାଧ୍ୟମରେ ଦେଖିପାରେ, ଏବଂ ବସ୍ତୁର ବାସ୍ତବତା ସମ୍ପର୍କରେ ଯେଉଁ ଭ୍ରମ ରହିଛି ତା'ର ପରିସମାପ୍ତି ଘଟୁ ଓ ତାହା ସ୍ଥାନରେ ତୁମର ଚିରନ୍ତନ ଶାଶ୍ୱତ ସତ୍ୟ ସହିତ ସମତୁଲ ଏକ ଇନ୍ଦ୍ରିୟବୋଧ ସ୍ଥାପିତ ହେଉ ।

''ମୋତେ ତୁମର ଦିବ୍ୟ ପ୍ରେମର ସାନ୍ନିଧ୍ୟରେ ନିରନ୍ତର ରହିବାକୁ ଦିଅ ଯେପରି ଏହି ଦିବ୍ୟପ୍ରେମ ମୋ ଭିତରେ ନିରନ୍ତର ଅବସ୍ଥାନ କରିବ ଓ ମୋତେହିଁ ଧରି ରହିବ ।

''ହେ ପ୍ରଭୁ, କୃପାକର, ମୁଁ ଯେପରି ହୋଇଉଠେ ଏକ ସୁଦକ୍ଷ ଏବଂ ଉପଯୋଗୀ ଦିବ୍ୟ ଦୃଷ୍ଟିସମ୍ପନ୍ନ ସହାୟକ ଏବଂ ମୋ ଭିତରର ସବୁକିଛି ଯେପରି ତୁମର ପରିପ୍ରକାଶର ପ୍ରାଚୁର୍ଯ୍ୟତାକୁ ପ୍ରତିପୋଷଣ କରୁ ।

''ମୁଁ ମୋର ସକଳ ଅସମ୍ପୂର୍ଣ୍ଣତାକୁ ଜାଣିଛି, ମୋର ସକଳ ବାଧା, ପ୍ରତିବନ୍ଧକ, ସକଳ ଦୁର୍ବଳତାକୁ ମଧ୍ୟ ଜାଣିଛି, ମୋର ସମସ୍ତ ପ୍ରକାର ଅଜ୍ଞାନତାକୁ ଅନୁଭବ କରୁଛି, କିନ୍ତୁ ମୁଁ ତୁମ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଏବଂ ତୁମ ସମ୍ମୁଖରେ ନୀରବ ଭକ୍ତିର ସହିତ ମସ୍ତକ ଅବନତପୂର୍ବକ ଦଣ୍ଡାୟମାନ ।''

ଆମେ ମଣିଷ, ଜୀବନ ଆମର ସୁଖ-ଦୁଃଖରେ ପୂର୍ଣ୍ଣ । ଆମେ ସର୍ବଦା ଆମ ଉପରେ ହେଉଥିବା ଅମଙ୍ଗଳକର ଘଟଣା, ଦୁର୍ଘଟଣା ବିଷୟରେ ଚିନ୍ତା କରୁଥାଉ । ଏପରିକି ଆମ ନିଜ ଲୋକମାନଙ୍କର ଆମ ପ୍ରତି ହେଉଥିବା ଅନ୍ୟାୟ, ଅପମାନ ବିଷୟକୁ ଚିନ୍ତା କରି କରି ରୋଗଗ୍ରସ୍ତ ହୋଇପଡୁ, କିନ୍ତୁ ଖୋଲାଖୋଲି ପ୍ରତିବାଦ କରି ପାରୁ ନାହୁଁ । ଏହି ପ୍ରକାରର ଘଟଣା ଯାହା ଆମକୁ ଚେତନାର ନିମ୍ନସ୍ତରକୁ ଖସାଇ ଆଣିବାରେ ସାହାଯ୍ୟ କରିଥାଏ । ଅମଙ୍ଗଳକର ଚିନ୍ତା, ଘୃଣା ଏବଂ କାମନାବାସନାକୁ କୁହାଯାଏ ବିକ୍ଷିପ୍ତ, ବିପଥଗାମୀ ଚିନ୍ତା ଯାହା ଆମକୁ ସତ୍‌ପଥରେ ଚାଲିବାକୁ ବାରଣ କରିଥାଏ । ତାହା ହେଲେ ଏଥିରୁ କିପରି ସୁରକ୍ଷିତ ହୋଇ ରହିବା ? ଏହି ପ୍ରଶ୍ନର

ଉତ୍ତରଟିକୁ ଦିବ୍ୟଜନନୀ ଶ୍ରୀମା ଫେବ୍ରୁଆରୀ ୨୩, ୧୯୧୪ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି ।

ମା' କହୁଛନ୍ତି ଯେ ଆମେ ଯଦି ସଦାସର୍ବଦା, ପ୍ରତି ମୁହୂର୍ତ୍ତରେ ପ୍ରଭୁଙ୍କର ଦିବ୍ୟ-ବିଧାନ ସମ୍ପର୍କରେ ସଚେତନ ହେବା ଏବଂ ପ୍ରତ୍ୟେକ ବ୍ୟକ୍ତି, ଦ୍ରବ୍ୟ ବା ପଦାର୍ଥମାନଙ୍କ ଭିତରେ ସେହି ବିଧାନକୁ ପ୍ରତ୍ୟକ୍ଷ ଭାବରେ ଦେଖିପାରିବା ତାହାହେଲେ ସୃଷ୍ଟିରେ ଏପରି କିଛି ନାହିଁ ଯାହା ଆମର କ୍ଷତି ସାଧନ କରିପାରିବ ଅଥବା ହୃଦୟକୁ ଧକ୍କା ଦେଇ ଭାଙ୍ଗି ଚୁର୍‌ମାର କରି ଦେଇ ପାରିବ । ଲୋକମାନଙ୍କ ଭିତରେ ଥିବା ପ୍ରତ୍ୟେକ କ୍ରିୟା ଏବଂ ପ୍ରତିକ୍ରିୟା (reaction)କୁ ଆମେ ଜାଣି ପାରିବା, ଚିହ୍ନି ପାରିବା; ତାହାହେଲେ ଆମ ଚତୁଃପାର୍ଶ୍ୱର ପୃଥିବୀ ସଜାଡ଼ି ହୋଇଯିବ । ଥରେ ଯଦି ଆମେ ବୁଝିଗଲେ ଯେ ଆମ ଚାରି ପଟରେ ଥିବା ଲୋକମାନେ ଗୋଟିଏ ସମ-ଚେତନାର ଭୂମିରେ ଠିଆ ହୋଇ ନାହାନ୍ତି – ସେଥିପାଇଁ ସେମାନେ ଯେଉଁ ଭୂମିରେ ଥାଆନ୍ତି ତଦନୁସାରେ କଥାବାର୍ତ୍ତା କରନ୍ତି, ଶବ୍ଦ ବ୍ୟବହାର କରନ୍ତି ଏବଂ ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିଥା'ନ୍ତି । ବୁଝାମଣା ଭିତରୁ ସଦିଚ୍ଛା ଆସେ ଏବଂ ସେଇଥିରୁ ଜନ୍ମ ନିଏ ସହନଶୀଳତା । ସମସ୍ତଙ୍କ ଭିତରେ ପ୍ରଭୁଙ୍କୁ ଦେଖିବା ଗୋଟିଏ କଥା; କିନ୍ତୁ ପ୍ରଭୁଙ୍କ ଭିତରେ ନିଜେ ରହି ଜୀବନକୁ ଦେଖିବା, ଅନ୍ୟମାନଙ୍କୁ ଦେଖିବା ଆଉ ଗୋଟିଏ କଥା । ମା' ଉକ୍ତ ପ୍ରାର୍ଥନାରେ ଏହା ଉଲ୍ଲେଖ କରିଛନ୍ତି । ଏହା ଦ୍ୱାରା ଜଡ଼ବସ୍ତୁ ସମ୍ପର୍କରେ ଆମର ବହୁଦିନରୁ ରହି ଆସିଥିବା ଭ୍ରମ ଦୂରୀଭୂତ ହେବ ଏବଂ ତାହା ସ୍ଥାନରେ ପରମପ୍ରଭୁଙ୍କର ଚିରନ୍ତନ ବାସ୍ତବତା ବିରାଜମାନ କରିବ । ଏହାହିଁ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସୂତ୍ର ବୋଲି ଆମେ କହିପାରିବା ।

ପ୍ରଭୁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଚେତନା ଭିତରେ ରହି ଅନ୍ୟକୁ ଓ ଜଡ଼ ପଦାର୍ଥମାନଙ୍କୁ ନିରୀକ୍ଷଣ କଲେ ସେମାନଙ୍କର ପ୍ରକୃତ ସ୍ୱରୂପ ଚକ୍ଷୁ ସମକ୍ଷରେ ପ୍ରତିଭାତ ହୋଇ ଉଠିବ । ଏହାହିଁ ହେବ ସକଳପ୍ରକାର ଅମଙ୍ଗଳକର ଚିନ୍ତାଧାରାର ସମ୍ପୂର୍ଣ୍ଣ ତଥା ସର୍ବଶେଷ ସମାଧାନ । ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ପଦାର୍ଥ ମଧ୍ୟରେ ଏକ ଦିବ୍ୟ-ବିଧାନ ସର୍ବଦା କାମ କରୁଛି; ସେହି ଦିବ୍ୟ-ବିଧାନ ସମ୍ପର୍କରେ ସଚେତନ ହେଲେ ଏପରି କିଛି ଜିନିଷ ନାହିଁ ଯାହା ଆମର କ୍ଷତିସାଧନ କରିବ ଏବଂ ଆଘାତ ଦେବ । ଯେକୌଣସି ଲୋକ ଭିତରେ ସୃଷ୍ଟି ହେଉଥିବା କ୍ରିୟା ଓ ପ୍ରତିକ୍ରିୟାର ତରଙ୍ଗକୁ ଆମେ ଆମ ଚେତନା ଦ୍ୱାରା ମାପି ପାରିବା । ସେସବୁକୁ ଏକତ୍ରିତ କରି ଦିବ୍ୟଜନନୀଙ୍କ ପାଦ ତଳେ ସମର୍ପଣ କରିଦେଲେ ଅବଲୀଳାକ୍ରମେ ସମାଧାନ ହୋଇଯିବ । ଆମ ସମ୍ମୁଖରେ ଠିଆ ହୋଇଥିବା ବ୍ୟକ୍ତିମାନେ ତାଙ୍କ ନିଜ ଚେତନାର ଏକ ନିର୍ଦ୍ଦିଷ୍ଟ ଭୂମିରେ ରହି କଥାବାର୍ତ୍ତା କରୁଥା'ନ୍ତି ବା ପ୍ରତିକ୍ରିୟା ପ୍ରକାଶ କରୁଥା'ନ୍ତି । ଆମେ ଯଦି ତାହା ଜାଣିଯାଉ ତାହାହେଲେ ତାଙ୍କ ପ୍ରତିକ୍ରିୟାର ପ୍ରଭାବ ଆମ ଉପରେ ତଥା ପରିବେଶ ଉପରେ କାର୍ଯ୍ୟ କରିପାରିବ ନାହିଁ; ଫଳତଃ ସେ ତାଙ୍କ ଚେତନାର ଯେଉଁ ଭୂମିରେ ରହି କଥାବାର୍ତ୍ତା କରୁଥିଲେ ସେଠାରୁ ଉପରକୁ ଉଠିଯାଇ ପାରନ୍ତି । ତାଙ୍କ ଭିତରେ ଏକ ଉତ୍ତମ ବୁଝାମଣାର ଭାବ ଆସି ଯାଇପାରେ ଏବଂ ଏହି ବୁଝାମଣା ଭାବରୁ ମଙ୍ଗଳକର ଚିନ୍ତା (good will) ଏବଂ ସହନଶୀଳ ଭାବ (tolerance) ସୃଷ୍ଟି ହୋଇ ଯାଇପାରେ । କାହିଁକିନା 'with understanding comes good will and tolerance' । ଉତ୍ତମ ବୁଝାମଣାରୁ ଜନ୍ମ ନେଇଥାଏ ଶୁଭେଚ୍ଛା ଏବଂ ସହନଶୀଳତା । ଥରେ ଯଦି ଆମେ 'illusion of material reality' ସମ୍ପର୍କରେ ସଚେତନ ହୋଇ ଉଠିଲେ, ଆମ ଚତୁଃପାର୍ଶ୍ୱରେ ଥିବା ସକଳ ପଦାର୍ଥ ବା ବସ୍ତୁମାନଙ୍କର ଅସଲ ରୂପକୁ ଦେଖି ପାରିବା; ସେମାନେ ଆଉ ସେମାନଙ୍କର ମାୟା ସ୍ୱରୂପକୁ ଆମ ସମ୍ମୁଖରେ ପ୍ରଦର୍ଶିତ କରିପାରିବେ ନାହିଁ । ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ର ଦ୍ୱିତୀୟ ପର୍ବ, ଦ୍ୱିତୀୟ ଅଧ୍ୟାୟ, ଯାହାର ନାମ 'Kingdom of Subtle Matter', ଅର୍ଥାତ୍, 'ସୂକ୍ଷ୍ମ ବସ୍ତୁର ସାମ୍ରାଜ୍ୟ'– ପୃଷ୍ଠା ୧୦୩ ଏବଂ ଧାଡ଼ି ୧୨-୧୪ରେ କହୁଛନ୍ତି –

"A world of lovelier forms lies near to ours,
Where, undisguised by earth's deforming sight,
All shapes are beautiful and all things true."

ଏହାର ଭାବାର୍ଥ ହେଉଛି –

''ଅଧିକ ସୁନ୍ଦର ଜଗତଟିଏ ଅଛି ଆମ ଜଗତର ପାର୍ଶ୍ୱେ
ସେଠାରେ ସ୍ଥିତ ଯେତେକ ପଦାର୍ଥ ଅତୀବ ସୁନ୍ଦର ଦିଶେ,
ସେମାନଙ୍କ ଦେହେ ଛଦ୍ମବେଶ ନାହିଁ ମୁକ୍ତଭାବେ ବୁଲୁଛନ୍ତି
ନିଜ ନିଜ ଦେହର ପ୍ରକୃତ ସ୍ୱରୂପ ପ୍ରଦର୍ଶିତ କରୁଛନ୍ତି,
ଖଣ୍ଡିତ ନୁହଁନ୍ତି ବିକୃତ ନୁହଁନ୍ତି ଅଟନ୍ତି ସ୍ୱୟଂସମ୍ପୂର୍ଣ୍ଣ
ସକଳେ ସେ ସ୍ଥାନେ ନିଜ ନିଜ ସତ୍ୟେ ସମ୍ପୂର୍ଣ୍ଣ ରୂପେ ଆଛନ୍ନ ।''

ପ୍ରଭୁ ଶ୍ରୀଅରବିନ୍ଦ କହୁଛନ୍ତି ଯେ ଅଶ୍ୱପତି ବର୍ତ୍ତମାନ ଯେଉଁ ନୂତନ ଜଗତଟିକୁ ଦେଖୁଛନ୍ତି ତାହା ଆମ ଜଗତଠାରୁ ଅଧିକ ସୁନ୍ଦର । ସେଠାରେ ଥିବା ବସ୍ତୁସକଳ ଓ ରୂପମାନେ ଅଧିକ କୋମଳ ଓ ସୁନ୍ଦର । ପୁନଶ୍ଚ ସେହି ସୂକ୍ଷ୍ମବସ୍ତୁମାନଙ୍କର ଜଗତ୍ ଆମ ଜଗତର ନିକଟରେ ଅବସ୍ଥିତ । ସେଠାରେ ବସ୍ତୁ ଏବଂ ରୂପ ବା 'form'ମାନେ ନିଜକୁ ଛଦ୍ମବେଶରେ ସଜାଇ ନାହାନ୍ତି । ... ସେଠାରେ ସକଳ ବସ୍ତୁ ନିଜର ପ୍ରକୃତ ସ୍ୱରୂପକୁ ପ୍ରଦର୍ଶିତ କରାଇ ଇତସ୍ତତଃ ଭାବେ ଭ୍ରମଣ କରୁଛନ୍ତି; ସେମାନେ ଖଣ୍ଡିତ ନୁହଁନ୍ତି । ଆମ ପୃଥିବୀରେ ଆମ୍ଭମାନଙ୍କର ଦୃଷ୍ଟି ଖଣ୍ଡିତ, ତେଣୁ ଆମେ ଯାହା ଦେଖୁ ସେସବୁ ସମ୍ପୂର୍ଣ୍ଣ ଯଥାର୍ଥ ରୂପ ନୁହଁନ୍ତି, ପ୍ରତ୍ୟେକ ଜିନିଷର ଅସମ୍ପୂର୍ଣ୍ଣ ସ୍ୱରୂପ ।

ଏହି ପରିପ୍ରେକ୍ଷୀରେ ଶ୍ରୀମା'ଙ୍କ କୃପାପ୍ରାପ୍ତ କାର୍ଯ୍ୟଟିର କଥା ସ୍ମରଣକୁ ଆସେ ।

ଅଧିକାଂଶ ସମୟରେ ଲୋକମାନେ ଏହିପରି କୁହନ୍ତି — ''ଶ୍ରୀଅରବିନ୍ଦ ଆଶ୍ରମ କାହିଁକି ଲକ୍ଷ ଲକ୍ଷ ପ୍ରପୀଡ଼ିତ ଭାରତୀୟଙ୍କ ନିମିତ୍ତ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରୁନି ?'' ଯଦିଓ ଶ୍ରୀଅରବିନ୍ଦ ଘୋଷଣା କରିଥିଲେ, ମୋର ଯୋଗ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏଥିରୁ ମନୁଷ୍ୟ ସମାଜ ବାଦ୍ ଯାଏନି । ଖୁବ୍ କମ୍ ଲୋକ ଜାଣନ୍ତି ଶ୍ରୀମା ପଣ୍ଡିଚେରୀର ଆଖପାଖ ନିକଟସ୍ଥ ପଲ୍ଲୀଗ୍ରାମଗୁଡ଼ିକରେ କିପରି ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ । ସମସ୍ତଙ୍କ ଅଗୋଚରରେ ଶ୍ରୀମା ଗୋଟିଏ ପଲ୍ଲୀଗ୍ରାମର ଉନ୍ନୟନ କାର୍ଯ୍ୟକ୍ରମକୁ ନିଜେ ଗ୍ରହଣ କରି ନେଇଥିଲେ ଏବଂ ପରେ ଜଣେ ଶିଷ୍ୟଙ୍କୁ କହିଥିଲେ, ''ମୁଁ ସମଗ୍ର ଅଞ୍ଚଳଟିକୁ ପରିବର୍ତ୍ତନ କରିବାକୁ ଚାହେଁ ।''

ଶ୍ରୀମା 'ନଟ' ନାମକ ଜଣେ ଇଟାଲୀୟ ଶିଷ୍ୟଙ୍କୁ 'ଅରୋଭିଲ' ନିକଟରେ ଥିବା ''ଇଦୟନ୍ ଚାଉଡ଼ି'' ନାମକ ଗୋଟିଏ ପଲ୍ଲୀଗ୍ରାମ ନିମନ୍ତେ କିଛି କାର୍ଯ୍ୟ କରିବା ପାଇଁ କହିଥିଲେ । ମା' ଏହି ଉନ୍ନୟନ କାର୍ଯ୍ୟକ୍ରମଟିର ନାମକରଣ କରିଥିଲେ 'ଉଦଭି' ଅର୍ଥାତ୍ 'ସାହାଯ୍ୟ ପ୍ରଦାନ' । ଏହି ଗ୍ରାମଟି ପାର୍ଶ୍ୱବର୍ତ୍ତୀ ଦରିଦ୍ର ଗ୍ରାମମାନଙ୍କ ମଧ୍ୟରେ ସବୁଠାରୁ ଦରିଦ୍ରତମ ଥିଲା । ପ୍ରସିଦ୍ଧ ଲେଖକ ଆନନ୍ଦ ରଙ୍ଗା ପିଲ୍ଲାଇ ତାଙ୍କ ଦିନଲିପିରେ ଲିପିବଦ୍ଧ କରିଛନ୍ତି ଯେ ଏହି ଗ୍ରାମଟିକୁ ଦାଗୀମାନଙ୍କର ଗ୍ରାମ ବୋଲି କୁହାଯାଇଥାଏ । ଫରାସୀ ଶାସନ କାଳରେ ଯେଉଁମାନେ ହତ୍ୟାକାରୀ ଓ ଡକାୟତ ବୋଲି ଦୋଷୀ ସାବ୍ୟସ୍ତ ହେଉଥିଲେ ସେମାନଙ୍କୁ ଦଣ୍ଡବିଧାନ ସ୍ୱରୂପ ଏହି ଗ୍ରାମକୁ ପଠାଇ ଦିଆ-ଯାଉଥିଲା । ଏହି ବ୍ୟବସ୍ଥା ସ୍ୱାଧୀନତା ପର୍ଯ୍ୟନ୍ତ ଚାଲୁ ରହିଥିଲା । ଅନ୍ୟ କଥାରେ କହିବାକୁ ଗଲେ ମଣିଷ ମାରିବା ଓ ଡକାୟତି କରିବା ଏହି ଗ୍ରାମବାସୀଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ଏହି ଗ୍ରାମରେ ଗୋଟିଏ ହେଲେ କୂଅ ନଥିଲା । କେତେକ ନିର୍ଦ୍ଦିଷ୍ଟ ଋତୁରେ ଲୋକମାନଙ୍କୁ ପାଣି ଟୋପାଏ ନିମନ୍ତେ କୋଶ କୋଶ ଦୂର ଯିବାକୁ ହୁଏ । ସେମାନେ ସେଇ ସୁଦୂରରୁ ମୁଣ୍ଡରେ ଜଳ ବୋହି କରି ଆଣନ୍ତି । ୧୯୬୭ ମସିହାରେ ଲୋକମାନେ ଏହି ଗ୍ରାମଟିକୁ ଛାଡ଼ି ପଳାଇ ଯାଉଥିଲେ । ଏହି ଘଡ଼ିସନ୍ଧି ସମୟରେ ଶ୍ରୀମା'ଙ୍କର ବରଦହସ୍ତ ଏହି ଗ୍ରାମଟି ଉପରେ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟତ ହୋଇଥିଲା ।

କିଛି ଆରମ୍ଭ କରିବାକୁ ଯାଇ 'ନ' ପ୍ରଥମେ ଗୋଟିଏ ଡାକ୍ତରଖାନା ବସାଇଲେ । ତାମିଲନାଡୁ ସରକାରଙ୍କ ଅର୍ଥ ସାହାଯ୍ୟ ନେଇ ଗୋଟିଏ କୂପ ଖନନ କରାଗଲା । ବହୁ ଦାତବ୍ୟ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇ ଗୋଟିଏ ଖାଉଟି ଦୋକାନ ଖୋଲାଗଲା, ଫଳରେ ଲୋକମାନେ ଦୂରଦୂରାନ୍ତକୁ ଯାଇ କଷ୍ଟରେ ଓ ଚଢ଼ାଦରରେ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକ ଆଣିବା ପରିବର୍ତ୍ତେ ନିଜ ଗ୍ରାମରେ କିଣା ମୂଲ୍ୟରେ ଜିନିଷ ପତ୍ର ପାଇ ପାରିଲେ । ଜଳଯୋଗାଣ, ଡାକ୍ତରଖାନା, ନିତ୍ୟ ବ୍ୟବହୃତ ଦ୍ରବ୍ୟର ଦୋକାନସବୁ ଚାଲୁ ହୋଇଯିବା ପରେ ଗ୍ରାମବାସୀମାନେ ଆନନ୍ଦରେ ବସବାସ କରି ରହିଲେ ।

('ସୁଧା ସମାଚାର' ପୁସ୍ତକ, ପୃଷ୍ଠା : ୨୩୯ - ୨୪୦)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

# ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ

## ପ୍ରପତ୍ତି

ଏହି ଦୃଶ୍ୟମାନ ଜୀବନ, ସଂସାର ଓ ଜଗତରେ ସବୁକିଛି ପରିବର୍ତ୍ତନଶୀଳ । କିନ୍ତୁ ଏହି ପରିବର୍ତ୍ତନର ମୂଳଭିତ୍ତି ହେଲା ଏକ ଅପରିବର୍ତ୍ତନୀୟ, ଶାଶ୍ୱତ, ଧ୍ରୁବ ସଦ୍‌ବସ୍ତୁ । ଜୀବନ ଓ କର୍ମରେ ଏହି ଶାଶ୍ୱତ ଏବଂ ସଦ୍‌ବସ୍ତୁର ସଂସ୍ପର୍ଶ ଲାଭ କରିବାହିଁ ଆଧ୍ୟାତ୍ମିକତାର ପ୍ରଥମ ସୂଚନା । ଯାହା ଆଧ୍ୟାତ୍ମିକ ତାହା ଭୌତିକ, କ୍ଷୟଶୀଳ, ଭଙ୍ଗୁର ବା ଅସ୍ଥାୟୀ ନୁହେଁ । ଏହାର ଅନ୍ୟ ନାମହିଁ ଭାଗବତ ସତ୍ତା ଓ ଦିବ୍ୟ ଶକ୍ତି । ଏହାହିଁ ମନ, ପ୍ରାଣ, ଶରୀରର ଅଗୋଚର କିନ୍ତୁ ମନୁଷ୍ୟର ଅନ୍ତରରେ ଏକ ଅମୃତମୟ ଦିବ୍ୟ ଆଲୋକ ଓ ଐଶ୍ୱର୍ଯ୍ୟ ରୂପେ ବିଦ୍ୟମାନ । ଏହାହିଁ ପରମ ଶାନ୍ତି ଓ ଆନନ୍ଦର ଆଧାର । ଜୀବନ ଓ କର୍ମକୁ ପୂର୍ଣ୍ଣତର, ମହତ୍ତର, ଜ୍ଞାନଯୁକ୍ତ, ବନ୍ଧନରହିତ, ପ୍ରଦୀପ୍ତ କରିବାକୁ ହେଲେ ଅଧ୍ୟାତ୍ମ ବସ୍ତୁର ଯେ ଏକାନ୍ତ ଆବଶ୍ୟକ, ବରଂ ଅବଶ୍ୟମ୍ଭାବୀ ଓ ଅପରିହାର୍ଯ୍ୟ, ଏ ସମ୍ବନ୍ଧରେ କୌଣସି ସନ୍ଦେହ ନାହିଁ ।

'ସମାଜ' ଆହୁରି ଏକ ବୃହତ୍ତର, ଏକ ବ୍ୟାପକ, ସଙ୍ଘବଦ୍ଧ ଏବଂ ଗୋଷ୍ଠୀବଦ୍ଧ ଜୀବନ । ଏହା ସତତ ଚଳତ୍‌ଶୀଳ ହେଲେ ମଧ୍ୟ କେତେକ ଧ୍ରୁବ ଏବଂ ନିର୍ଦ୍ଦିଷ୍ଟ ନିୟମ ଓ ଶୃଙ୍ଖଳା ଉପରେ ପର୍ଯ୍ୟବସିତ । ସାମାଜିକ ଜୀବନରେ ମନୁଷ୍ୟ ଅଭୀପ୍ସା କରିଛି ଭ୍ରାତୃତ୍ୱ, ଐକ୍ୟ ଓ ସମତା । କିନ୍ତୁ ଏହି ବସ୍ତୁତ୍ରୟ ମୂଳତଃ ଆଧ୍ୟାତ୍ମିକ । କାରଣ ଯଥାର୍ଥ ଐକ୍ୟ, ଭ୍ରାତୃତ୍ୱ ଓ ସମତା ତେବେହିଁ ଉପଲବ୍ଧି କରାଯାଏ ଯେବେ ଆମ୍ଭେମାନେ ଏପରି ଏକ ସଦ୍‌ବସ୍ତୁର ସନ୍ଧାନ ପାଉ ଯାହା ସକଳଙ୍କ ମଧ୍ୟରେ ଏକ ଏବଂ ଅପରିବର୍ତ୍ତନୀୟ ତଥା ନିତ୍ୟବର୍ତ୍ତମାନ । ଏକମାତ୍ର ଆଧ୍ୟାତ୍ମିକ ଭିତ୍ତି ଉପରେ ଏହି ଆଦର୍ଶ ପ୍ରତିଷ୍ଠିତ ହୋଇପାରେ ଏବଂ ଏହି ଭାବଗୁଡ଼ିକର ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ହୋଇପାରେ । ପ୍ରାଚୀନ ଆର୍ଯ୍ୟ ଋଷିଗଣ, ସିଦ୍ଧ ଅଧ୍ୟାତ୍ମ-ପୁରୁଷ ଓ ଆଚାର୍ଯ୍ୟଗଣ ସାମାଜିକ ଜୀବନର ଏହି ମହାନ୍ ଓ ଗଭୀର ଉତ୍ସକୁ ଆବିଷ୍କାର କରି ସମାଜ ଓ ଜୀବନକୁ ଧର୍ମାଶ୍ରୟୀ କରିଥିଲେ । ତଦ୍ଦ୍ୱାରାହିଁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଶାନ୍ତି ଓ ଶୃଙ୍ଖଳା କିଛି ପରିମାଣରେ ରହିଥିଲା ।

ବର୍ତ୍ତମାନ କିନ୍ତୁ ସାମାଜିକ ଜୀବନ ଭାରାକ୍ରାନ୍ତ, ଦୁଃସ୍ଥ ଓ ଦୁର୍ବିଷହ; ସମାଜ ନିଜକୁ ମୂଳ ଉତ୍ସରୁ ଯେପରି ବିଚ୍ଛିନ୍ନ କରିଛି । ପୁନର୍ବାର ସାମାଜିକ ଜୀବନକୁ ବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ କରିବାକୁ ହେଲେ ଆମ୍ଭମାନଙ୍କୁ ଆଧ୍ୟାତ୍ମିକତାର ଆଶ୍ରୟ ନେବାକୁ ହେବ । ଏହା ଅନିବାର୍ଯ୍ୟ ଓ ଅପରିହାର୍ଯ୍ୟ । ଆମ୍ଭେମାନେ ଯଦି ପ୍ରକୃତରେ ଚାହୁଁ ଆମ୍ଭମାନଙ୍କର ଗୋଷ୍ଠୀବଦ୍ଧ ଜୀବନ ଓ ତାହାର କାର୍ଯ୍ୟାବଳୀ – ଶିକ୍ଷା, ଶାସନ, ଅର୍ଥନୀତି, ରାଜନୀତି, ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ସଂସ୍କୃତି – ସକଳ କ୍ଷେତ୍ରରେ ଏକ ଶାନ୍ତି, ଶୃଙ୍ଖଳା, ନିୟମ ଓ ଯଥାର୍ଥ ବ୍ୟବସ୍ଥା ସ୍ଥାନ ଲାଭ କରୁ ତେବେ ଆମ୍ଭମାନଙ୍କୁ ପୁନଶ୍ଚ ଅନ୍ତରର ଗଭୀରକୁ ଫେରିଯାଇ ସେହି ଅଧ୍ୟାତ୍ମ ବସ୍ତୁର ସନ୍ଧାନ କରିବାକୁ ହେବ । ମନୁଷ୍ୟ ସମସ୍ୟାର ସମାଧାନ ହୁଏ ତା'ର ଅନ୍ତରରେ, ବାହାରେ ନୁହେଁ ।

ଆମ୍ଭେମାନେ ବିଶେଷ ଭାବରେ ଚାହୁଁ ଯେଉଁମାନେ ସମାଜର କଲ୍ୟାଣ ନିମିତ୍ତ ପ୍ରକୃତରେ ନିଷ୍ଠାପର ଓ ଉତ୍ସାହୀ, ଯେଉଁମାନେ ଦେଶର ଜାତୀୟ ଜୀବନରେ ନେତୃତ୍ୱ ବହନ କରିଛନ୍ତି, ସେମାନେ କର୍ମ ଓ ଗୋଷ୍ଠୀବଦ୍ଧ ଜୀବନର ଏହି ମୂଳତତ୍ତ୍ୱ ପ୍ରତି ଦୃଷ୍ଟି ଫେରାନ୍ତୁ, ନିଜର ଜୀବନ ଓ କର୍ମକୁ ଏକ ଆଧ୍ୟାତ୍ମିକ ବାଣୀ, ଭାବ ଓ ଚେତନାରେ ପରିପ୍ଲୁତ ଓ ଜୀବନ୍ତ କରନ୍ତୁ । ନଚେତ୍ ଧ୍ୱଂସ ଅବଶ୍ୟମ୍ଭାବୀ । 'ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ' ।

ତେବେ ପ୍ରଶ୍ନ ହେବ ଆମ୍ଭେମାନେ ଆଧ୍ୟାତ୍ମିକତାକୁ ସାମାଜିକ ଜୀବନରେ ଓ ଦେଶର ବୃହତ୍ତର କ୍ଷେତ୍ରରେ ପ୍ରୟୋଗ କରିବା କିପରି ? ପ୍ରଥମତଃ, ରାଷ୍ଟ୍ରୀୟ ଓ ଜାତୀୟ ଜୀବନ ତଥା ସାମାଜିକ କ୍ଷେତ୍ରରେ ଏକ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଆଦର୍ଶର ସ୍ୱୀକୃତି । ଦେଶ ଓ ଜାତିର ଦୃଷ୍ଟି ଅଧ୍ୟାତ୍ମ ଜୀବନର ପରିପୂର୍ଣ୍ଣତା ଓ ମହାନତା ପ୍ରତି ଖୋଲି ଦେବାକୁ ହେବ । ଦ୍ୱିତୀୟତଃ, ଏହି ଆଦର୍ଶର ପ୍ରଚାର ଓ ଆଚରଣ ଦ୍ୱାରା ଏହାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାକୁ ହେବ । ଆଚରଣର ଅର୍ଥ ଏହି ଆଦର୍ଶ ନିକଟରେ ଏକ ଆନ୍ତରିକ, ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତ ଆତ୍ମ-ନିବେଦନ, ଆତ୍ମୋତ୍ସର୍ଗ । ଗଭୀର ଓ ଆନ୍ତରିକ ଆତ୍ମୋତ୍ସର୍ଗ, ଆବାହନ ଓ ଅଭୀପ୍ସା ଦ୍ୱାରା ଅଧ୍ୟାତ୍ମ-ବସ୍ତୁର ସନ୍ଧାନ ଓ ସଂସ୍ପର୍ଶ

ମିଳେ । ତୃତୀୟତଃ, ବ୍ୟକ୍ତିଗତ ଜୀବନରେ ସବୁଠାରୁ ସରଳ ଏବଂ ସହଜ ପ୍ରୟୋଗ ହେଲା ଏକ ଜୀବନ୍ତ ଅଧ୍ୟାତ୍ମ-ଶକ୍ତି, ଆଲୋକ, ବ୍ୟକ୍ତିତ୍ୱ ବା ଅନୁଷ୍ଠାନର ସମ୍ପର୍କରେ ଆସିବା । ଧ୍ୟାନ, ମନନ, ଚିନ୍ତନ, ଶ୍ରବଣ, ସତ୍‌ସଙ୍ଗ ଇତ୍ୟାଦି ତ ରହିଛି, କିନ୍ତୁ ସବୁଠାରୁ ଯାହା ଜୀବନରେ ପ୍ରଭାବଶାଳୀ ତାହା ହେଲା ଏକ ଅଧ୍ୟାତ୍ମ ବ୍ୟକ୍ତିତ୍ୱର ଜାଗ୍ରତ୍ ଓ ସ୍ଥୂଳ ସାନ୍ନିଧ୍ୟ ଏବଂ ପବିତ୍ର ସଂସ୍ପର୍ଶ ।

ସମ୍ଭବତଃ ଆଧୁନିକ ମାନବ ସମାଜରେ ଏକ ପୂର୍ଣ୍ଣାଙ୍ଗ, ବ୍ୟାପକ ଓ ବିଶାଳ (Concrete) ଆଧ୍ୟାତ୍ମିକ ଶକ୍ତି ଓ ଆଲୋକର ସ୍ଥୂଳ ଓ ବାସ୍ତବ ସାନ୍ନିଧ୍ୟ ଆଣି ଦେଇଛନ୍ତି ଶ୍ରୀଅରବିନ୍ଦ ତାଙ୍କର ଅତିମାନସ ଦିବ୍ୟ ସିଦ୍ଧିରେ ।

*

**ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର :**

... କୌଣସି ଆଦର୍ଶ ଓ ଲକ୍ଷ୍ୟକୁ ଯଥାର୍ଥ ରୂପ ଦେବାକୁ ହେଲେ ତାହା ଆଚରଣରେ ପର୍ଯ୍ୟବସିତ ହେବା ନିତାନ୍ତ ବାଞ୍ଛନୀୟ । ଆଧ୍ୟାତ୍ମିକ ଭାବନା, ଚିନ୍ତା ବା ଆଦର୍ଶର ବ୍ୟାଖ୍ୟାନ ଯେତିକି ସହଜ, ଆଧ୍ୟାତ୍ମିକ ଜୀବନଯାପନ ସେତିକି କଠିନ । ତଥାପି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧକ ଦିବ୍ୟ ଶକ୍ତିଙ୍କର ଚାଳନାଧୀନ ଥିବାରୁ ଯୋଗପଥରେ ସହଜରେ ଅଗ୍ରସର ହୁଏ । ଏସବୁ ସତ୍ତ୍ୱେ ପାଠଚକ୍ରର ସଭ୍ୟମାନଙ୍କର ବିଶେଷ କରି ଯେଉଁମାନେ ପାଠଚକ୍ରର ସଙ୍ଗଠକ ବା ସଂଯୋଜକ, ସେମାନଙ୍କର ଦୃଷ୍ଟି ନିମ୍ନଲିଖିତ ବିଷୟ ପ୍ରତି ଆକର୍ଷଣ କରୁଛି ।

ପ୍ରଥମତଃ, ପାଠଚକ୍ର ଏକ ପବିତ୍ର, ଶୁଦ୍ଧ ଓ ଭାଗବତ ଅନୁଷ୍ଠାନ । ଏହା ଭଗବତ୍ ପ୍ରାପ୍ତିର ଏକ ଗୋଷ୍ଠୀବଦ୍ଧ ଆଧାର, — ସତ୍‌ସଙ୍ଗ, ଶୁଦ୍ଧ ବିଚାର ଓ ଶୁଦ୍ଧ ପ୍ରେରଣାର ପୀଠ; ଏହାକୁ ସେହିପରି ନିଷ୍ଠା, ଯତ୍ନ ଓ ପବିତ୍ରତା ସହ କରିବା ଉଚିତ । ଏହା ଗୋଟିଏ କ୍ଲବ୍, ସାଧାରଣ ସମିତି ବା ଗ୍ରାମ୍ୟ ପାଠାଗାର ବା ଅନ୍ୟ କୌଣସି ସାଂସ୍କୃତିକ ଅନୁଷ୍ଠାନ ନୁହେଁ । ମନୋଭାବ ନିର୍ମଳ, ଆନ୍ତରିକ ଓ ଶ୍ରଦ୍ଧାଯୁକ୍ତ ହେବା ଉଚିତ । ଯଦି ପାଠଚକ୍ରର ପ୍ରତ୍ୟେକ ସଭ୍ୟ ଏହି ଭାବ ରଖି ନ ପାରନ୍ତି, ତେବେ କେତେକ ସଭ୍ୟ ଏହି ଆନ୍ତର ନିଷ୍ଠା ରଖି ପାରିଲେ ଏବଂ ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ ସମର୍ପଣ କଲେ ଯଥା ସମୟରେ ଅନୁଷ୍ଠାନର ଉନ୍ନତି ଘଟେ ।

ଦ୍ୱିତୀୟତଃ, ଯେଉଁମାନେ ଯୁବକ, ଛାତ୍ର, ବୁଦ୍ଧିବାଦୀ, ଶିକ୍ଷିତ ଏବଂ ପାଠଚକ୍ରର ସଭ୍ୟ, ସେମାନେ ନିୟମିତ ରୂପେ ଶ୍ରୀଅରବିନ୍ଦଙ୍କ ଶାସ୍ତ୍ର ଅଧ୍ୟୟନ କରନ୍ତୁ — ତାହା ଯେତେ କଠିନ ହେଲେ ବି ସାମାନ୍ୟ ଇଂରାଜୀ ଜ୍ଞାନରେ ଶ୍ରଦ୍ଧା ସହ ପାରାୟଣ କଲେ ବୁଝି ହେବ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମବାଣୀ ମନ୍ତ୍ରଶକ୍ତି ତୁଲ୍ୟ ଏବଂ ତାହା ଆତ୍ମାର ଉଦ୍‌ଗାର, ଗୋପନ ଜ୍ଞାନର ସମୁଜ୍ଜ୍ୱଳ ପ୍ରକାଶ । ତାଙ୍କର ପୁସ୍ତକ ପାରାୟଣ ଦ୍ୱାରା ଅନ୍ତରରେ ତାଙ୍କ ଶକ୍ତି ପ୍ରବେଶ କରେ ଏବଂ କ୍ରମଶଃ ପ୍ରେରଣା, ଉତ୍ସାହ ଓ ବୋଧି (Intuition) ରୂପେ ଜୀବନର ବିଭିନ୍ନ ବିଭାବରେ ପ୍ରକାଶ ପାଏ । ମୁଁ ଜାଣେ ଯେ ଜନୈକ ମାଟ୍ରିକ୍ ପାଶ୍ କରିଥିବା ସାଧାରଣ ବ୍ୟବସାୟୀ ଯୁବକ ଶ୍ରୀଅରବିନ୍ଦଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥ ବହୁବାର ଅଧ୍ୟୟନ କରି ଗଭୀର ଦାର୍ଶନିକ ଅର୍ଥ ଉପଲବ୍ଧି କରି ପାରିଛନ୍ତି । ଯେଉଁ ଜ୍ଞାନ ଆତ୍ମାର ଅନୁଭୂତି ଉପରେ ପ୍ରତିଷ୍ଠିତ ତାହା ଆତ୍ମ-ବିକାଶ ପଥରେ ଖୁବ୍ ସହାୟକ ।

ପୁନଶ୍ଚ, ଯୁବକ ଓ ଶିକ୍ଷିତ ଛାତ୍ରମାନେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ଯୋଗ ସମ୍ବନ୍ଧରେ ଅଧିଗତ ନହେଲେ ବିଭିନ୍ନ ସାମାଜିକ, ରାଷ୍ଟ୍ରନୈତିକ ଓ ଶିକ୍ଷାଗତ ସମସ୍ୟାର ସମ୍ମୁଖୀନ ହୋଇ ପାରିବେ ନାହିଁ । ତଦ୍ଦ୍ୱାରା ଗୋଟିଏ ଉଚ୍ଚତର ଲକ୍ଷ୍ୟ ଅନୁସରଣ କରିବାର ପଥ ସ୍ୱଷ୍ଟ ହେବ ନାହିଁ । ପଠନ, ଅଧ୍ୟୟନ, ମନନ, ଲିଖନ ଆଦି ସାଧନା-ପଥରେ ବହୁ ଭାବରେ ସହାୟକ । ସାମାଜିକ ପରିବର୍ତ୍ତନ ଆଣିବାରେ ଯେଉଁମାନେ ପ୍ରତିଜ୍ଞାବଦ୍ଧ ସେମାନେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବିଶେଷ ଭାବେ ଅଧ୍ୟୟନ କରିବା ଉଚିତ । ଆନନ୍ଦର କଥା — ସ୍କୁଲ, କଲେଜ, ଶିକ୍ଷାୟତନରେ ମଧ୍ୟ ଏହି ସାହିତ୍ୟ କ୍ରମଶଃ ପ୍ରବେଶ କରୁଛି । ... ...

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୨୭୮-୨୮୧)

❑❑❑

> ବିଷାଦ ଭଳି ଆନନ୍ଦ ମଧ୍ୟ ସଂକ୍ରାମକ — ଏବଂ ଏକ ସତ୍ ଓ ଗଭୀର ଆନନ୍ଦ ଲୋକମାନଙ୍କୁ ସଂକ୍ରମିତ କଲା ଭଳି ଅନ୍ୟ କିଛି ଏତେ ଆନନ୍ଦ ଦିଏ ନାହିଁ ।
>
> — ଶ୍ରୀମା

କାହାଣୀ :

# ସଇତାନର ଜୟ ପରାଜୟ

[ରୁଷିଆର ବିଶ୍ୱବିଖ୍ୟାତ ଲେଖକ **ଲିଓ ଟଲ୍‌ଷ୍ଟୟ** (୧୮୨୮-୧୯୧୦) ତାଙ୍କର ''ଯୁଦ୍ଧ ଓ ଶାନ୍ତି'' ଓ ''ଆନା କାରେନିନା'' ଭଳି ଉପନ୍ୟାସ ପାଇଁ ତଥା ତାଙ୍କ ଦାର୍ଶନିକ ଚିନ୍ତାଧାରା ନିମନ୍ତେ ଶ୍ରଦ୍ଧେୟ । କିନ୍ତୁ ତାଙ୍କର ଆଉ ଗୋଟିଏ ଧରଣର ଲେଖା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ହେଲା ସେ ଭୂଖଣ୍ଡର ସୁପ୍ରାଚୀନ ଲୋକକଥାସବୁର ପୁନଃବିନ୍ୟାସ ଓ ତାଙ୍କ ନିଜସ୍ୱ ଶୈଳୀରେ ଉପସ୍ଥାପନ । ସେ ମନୋନୀତ କରିଥିବା କାହାଣୀଟିମାନ ଭିତରେ ଆମେ ଦେଖିପାରିବା ଜ୍ଞାନର ଏକ ଏକ ଝଲକ । ଆକ୍ଷରିକ ଅନୁବାଦ ନକରି ତାଙ୍କର ସେ କାହାଣୀମାଳାରୁ ଗୋଟିଏ କାହାଣୀର ସଂକ୍ଷିପ୍ତ ରୂପ ''ସଇତାନର ଜୟ ପରାଜୟ'' ଏଠାରେ ପରିବେଷଣ କରାଯାଉଛି ।]

ଯେଉଁ ସମୟର କଥା କୁହାଯାଉଛି, ସେତେବେଳେ ବିଶାଳ ରୁଷ ଭୂଖଣ୍ଡରେ ଜମିଦାର ବା ଭୂସ୍ୱାମୀମାନେ ସେମାନଙ୍କ ଜମିଜମାରେ କାମ କରିବା ନିମନ୍ତେ ଅଥବା ବେପାର ବଣିଜରେ ସାହାଯ୍ୟ କରିବା ନିମନ୍ତେ କ୍ରୀତଦାସ ରଖୁଥା'ନ୍ତି । କ୍ରୀତଦାସମାନେ ହୁଏତ ଅନ୍ୟ କୌଣସି ଦେଶରୁ ବା ଏପରିକି ନିଜ ଦେଶର ନିଃସ୍ୱ ପରିବାରସବୁରୁ କିଣା ହୋଇ ଆସୁଥା'ନ୍ତି । ଖରିଦଦାର ସେ ଲୋକଟିର ପ୍ରଭୁ ରୂପେ ତାକୁ ତା' ମୃତ୍ୟୁ ପର୍ଯ୍ୟନ୍ତ ଖଟାଉ ଥାଏ, ନହେଲେ ଅନ୍ୟ କାହାକୁ ବିକ୍ରି କରିଦେଇ ପାରୁଥାଏ । କ୍ରୀତଦାସ ପ୍ରଭୁର ସମ୍ପତ୍ତି । ପ୍ରଭୁ ତାକୁ ରଖିବ କି ମାରିବ, ସେ ସମ୍ପର୍କରେ ଆଉ କାହାରି କିଛି କହିବାର ନଥାଏ । ସାଧାରଣତଃ ସେ ଧରଣର ପ୍ରଭୁମାନେ ନିର୍ମମ ହୋଇଥା'ନ୍ତି । କୌଣସି କ୍ରୀତଦାସ ପାଇଁ କେହି ଯଦି ତା' ମାଲିକକୁ କ୍ଷତିପୂରଣ ଦେଉଥାଏ ତେବେ ସେ କ୍ରୀତଦାସ ମୁକ୍ତି ପାଉଥାଏ । ତେବେ ସେଭଳି ଭାଗ୍ୟ କ୍ୱଚିତ୍ କ୍ରୀତଦାସ କ୍ଷେତ୍ରରେ ସମ୍ଭବ ହେଉଥାଏ ।

କିନ୍ତୁ ବାଲାରୋଭ୍ ନାମକ ଭୂସ୍ୱାମୀ ସାଧାରଣ ପ୍ରଭୁ ଗୋଷ୍ଠୀର ଅନ୍ତର୍ଭୁକ୍ତ ନଥିଲେ । ତାଙ୍କର ପ୍ରାୟ କୋଡ଼ିଏ ଜଣ କ୍ରୀତଦାସ ଥିଲେ, କିନ୍ତୁ ସେମାନଙ୍କ ପ୍ରତି ସେ ଏଭଳି ଆଚରଣ କରୁଥା'ନ୍ତି ସତେ ଯେପରି ସେମାନେ ତାଙ୍କ ପରିବାରର ଲୋକ । କେହି ଅସୁସ୍ଥ ହୋଇ ପଡ଼ିଲେ ସେ ତୁରନ୍ତ ତାକୁ କାମରୁ ଅବ୍ୟାହତି ଦେଇ ତା'ର ଚିକିତ୍ସାର ବ୍ୟବସ୍ଥା କରୁଥା'ନ୍ତି; ରୁଷିଆର ପ୍ରବଳ ଶୀତରୁ ରକ୍ଷା ପାଇବା ନିମନ୍ତେ ସେମାନଙ୍କ ସକାଶେ ଶୀତବସ୍ତ୍ର ଯୋଗାଇ ଦେବାରେ କୃପଣତା କରୁ ନଥା'ନ୍ତି । ଯାହାର ଯେତିକି ସାମର୍ଥ୍ୟ, ସେହି ଅନୁସାରେ ତାକୁ କାମ ଦେଉଥା'ନ୍ତି । ଅନ୍ୟ ପ୍ରଭୁମାନଙ୍କ କଥା ଅଲଗା । କ୍ରୀତଦାସର କଷ୍ଟ-ଯନ୍ତ୍ରଣା ପ୍ରତି ସେମାନଙ୍କର ତିଳେ ମଧ୍ୟ ଖାତର ନଥାଏ । ଶୀତରେ ବା ଖାଦ୍ୟାଭାବ ଯୋଗୁଁ ଅଥବା କୌଣସି ରୋଗରେ କ୍ରୀତଦାସଟିଏ ମରିଗଲେ ମାଲିକର କ୍ଷୋଭ ନଥାଏ । କାରଣ ବଜାରରେ କ୍ରୀତଦାସମାନେ ମିଳୁଥିଲେ ସୁଲଭ ମୂଲ୍ୟରେ ।

ଦିନେ ବାଲାରୋଭ୍‌ର କ୍ରୀତଦାସମାନେ ସେମାନଙ୍କ ଅବସର ସମୟରେ ଗପସପ ହେଉଥିଲେ । ଜଣେ କହିଲା, ''ଆମ ମାଲିକ ଯେତିକି ସ୍ୱଚ୍ଛଳ ରହିଥିବେ, ଆମର ସେତିକି ମଙ୍ଗଳ । ଥରେ ଅଭାବରେ ପଡ଼ି ଆମକୁ ଆଉ କାହାକୁ ବିକ୍ରି କରିଦେଲେ କଥା ସରିଲା !''

''ହଁ, ଭାଇ, ବିଲକୁଲ ଠିକ୍ । ମୁଁ ସେଥିପାଇଁ ମୋ କର୍ତ୍ତବ୍ୟ କର୍ମରେ କେବେ ବି ହେଳା କରେ ନାହିଁ !'' କହିଲା ଦ୍ୱିତୀୟ କ୍ରୀତଦାସ ।

''ମୁଁ ଯେ ଖାଲି କର୍ତ୍ତବ୍ୟକର୍ମ ଠିକ୍‌ଠାକ୍ କରେ ସେତିକି ନୁହେଁ, ସବୁଦିନ ସକାଳେ ଓ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆମ ମାଲିକର ନିରାପତ୍ତା ନିମନ୍ତେ ପ୍ରାର୍ଥନା କରିଥାଏ !'' କହିଲା ଆଉ ଜଣେ ।

''ଭଲ ସୂତ୍ରଟିଏ ବତାଇ ଦେଲ ଭାଇ; ମୁଁ ବି ଏଣିକି ସେମିତି ପ୍ରାର୍ଥନା କରିବି । ଚାଲ, ଆମେ ସଭିଏଁ ସେମିତି କରିବା ।'' ହୃଷ୍ଟ ଚିତ୍ତରେ ଘୋଷଣା କଲା ଜଣେ ବୟସ୍କ କ୍ରୀତଦାସ ।

''ବେଶ୍ ବେଶ୍, ତାହାହିଁ ହେଉ !'' ଅନ୍ୟମାନେ ମତ ଦେଲେ ।

ଅଦୂର ବୃକ୍ଷ ଡାଳରେ ବସି ଏସବୁ ଆଳାପ ଶୁଣୁଥିଲା ସଇତାନ । କ୍ରୋଧରେ ତା' ସତ୍ତା ଉତ୍ତପ୍ତ ହେଲା । ସବୁ କ୍ରୀତଦାସ ମିଶି ଗୋଟାଏ ମାଲିକର ଏଡ଼େ ଆନ୍ତରିକ ଭାବେ ହିତକାମନା କରିବେ ? ଅସହ୍ୟ ! ସେହି ମୁହୂର୍ତ୍ତରେ ସେ କୁଶକ୍ତି ସ୍ଥିର କଲା, ଯେମିତି ହେଲେ ବି ସେ ବାଲାରୋଭ୍ ବିରୋଧରେ କ୍ରୀତଦାସମାନଙ୍କୁ

ମତାଇବ । ତେବେ ସେପାଇଁ କେହି ଜଣେ ତା'ର ଆୟୁଧ ବନିବା ଚାହି । ସେ ସେଦିନଯାକ ତଥା ପରବର୍ତ୍ତୀ ଦୁଇ, ତିନିଦିନ କାଳ କ୍ରୀତଦାସମାନଙ୍କୁ ଅନୁଧ୍ୟାନ କରିବାକୁ ଲାଗିଲା । ଶେଷରେ ସେ ବୁଝିଲା, ଆଲେକ୍ ନାମକ ଯୁବକ ବେଶ୍ ଦୁର୍ବଳମନା ଏବଂ ଈର୍ଷାପରାୟଣ । ଧୀରେ ଧୀରେ ସଇତାନ ତା' ଚେତନାକୁ ଅକ୍ତିଆର କରିନେଲା ।

ଦିନେ ଗଛତଳେ ବସି କ୍ରୀତଦାସମାନେ ଗପସପ ହେଉଛନ୍ତି, ଜଣେ ବାଲାରୋଭ୍‌ର କୌଣସି ଉତ୍ତମ ଆଚରଣର ପ୍ରଶଂସା କରିପକାଇବା ମାତ୍ରେ କ୍ରୋଧରେ ଫାଟିପଡ଼ିଲା ଆଲେକ୍ ଓ ଚାପା ଗର୍ଜନ କଲାଭଳି କଣ୍ଠରେ ପ୍ରଶ୍ନ କଲା, ''ତୁମେ ଗୁଡ଼ାକ କ'ଣ ବୁଦ୍ଧୁ ? ମାଲିକ ଆମ ପାଖରୁ କାମ ହାସଲ କରୁଛି, ଆମ ସହ ଭଲ ବ୍ୟବହାର କରୁଛି । ଇଏତ ଆଦାନ-ପ୍ରଦାନର କଥା । ଏଥିରେ ତାକୁ ପ୍ରଶଂସା କରିବାର କ'ଣ ଅଛି ?''

ସଭିଏଁ ବିସ୍ମିତ ହେଲେ ଓ ଚୁପ୍ ରହିଲେ । କିନ୍ତୁ ଜଣେ ଯୁବକ କହିଲା, ''ତୁମେ ଭୁଲିଯାଉଛ ଯେ ଏ ପୃଥିବୀରେ ଉତ୍ତମ, ମଧ୍ୟମ ଓ ନିମ୍ନ – ଏମିତି ନାନା ସ୍ୱଭାବର ମଣିଷ ଅଛନ୍ତି । ଆମଠାରୁ ମାଲିକ କାମ ଆଦାୟ କରୁଛନ୍ତି, କିନ୍ତୁ ବଦଳରେ ଯାହା ଦେଉଛନ୍ତି ସେତକ ନଦେଲେ ଆମେ କିଛି କରି ପାରନ୍ତୁ କି ?''

ଆଉ ଜଣେ ପ୍ରଶ୍ନ କଲା, ''ତୁମେ କ'ଣ କ୍ଷେତରେ କାମ କଲାବେଳେ ଅନ୍ୟ ପ୍ରଭୁମାନଙ୍କ କ୍ରୀତଦାସସବୁଙ୍କ ମନ୍ତବ୍ୟ ଶୁଣି ନାହଁ ? ସେମାନେ ଯେଡ଼େ ନିର୍ଯାତନା ଭୋଗନ୍ତି, ତାହା ତୁଳନାରେ ତୁମେ କିଭଳି ବ୍ୟବହାର ପାଉଛ ?''

ସଇତାନ-କବଳିତ ଯୁବକ ଏ ପ୍ରଶ୍ନର ଉତ୍ତର ନଦେଇ ଘୋଷଣା କଲା, ''ତୁମେମାନେ ଦେଖିବ, ଆମେ ସାମାନ୍ୟ ବିରୂପ ଆଚରଣ କଲେ ବା ତାଙ୍କୁ ଅବଜ୍ଞା କଲେ ତାଙ୍କ ଅସଲ ରୂପ ପଦାକୁ ଫୁଟି ବାହାରିବ ! ମୋର କ୍ଷମତା ଥିଲେ ମୁଁ କ୍ଷତିପୂରଣ ଅର୍ଥ ଦେଇ ଦାସତ୍ୱରୁ ମୁକ୍ତ ହୁଅନ୍ତି ।''

''କିନ୍ତୁ ଆମେ ବିନା କାରଣରେ କେଉଁ ସ୍ୱାର୍ଥରେ ବିରୂପ ଆଚରଣ କରିବା ?'' ପ୍ରଶ୍ନ କଲେ ଦୁଇ ତିନିଜଣ ।

ଏ ପ୍ରଶ୍ନର ମଧ୍ୟ ଉତ୍ତର ନଦେଇ ଖଳ ଯୁବକ ଉତ୍ତେଜିତ ଭାବରେ କହିଲା, ''ତୁମେ ନକର । ମୁଁ ସେମିତି କରିବି ଏବଂ ତୁମମାନଙ୍କୁ ଦେଖାଇ ଦେବି ଆମ ମାଲିକର ମାମୁଲି ସ୍ୱଭାବ । ସେ ମୋଟେ ଅସାଧାରଣ ନୁହନ୍ତି !''

''ସତେ ? ହେଲା, ହେଲା ! ଆମେ ଦେଖିବାକୁ ଅପେକ୍ଷା କଲୁ !'' କେହି ଜଣେ ଥଟ୍ଟାଳିଆ ଭାବରେ କହିଲା ।

''ଥଟ୍ଟା କରୁଛ ? ଯଦି ନ ପାରିବି, ତେବେ ମୋର ଏ ଗରମ କୋଟ ତୁମକୁ ଦେଇଦେବି ।'' ଜବାବ ଦେଲା ଆଲେକ୍ ।

ତହିଁ ପରଦିନ କଥା । ବାଲାରୋଭ୍‌ଙ୍କ ଘରେ ଅତିଥି ହୋଇଥା'ନ୍ତି ତାଙ୍କର କେତେଜଣ ସମ୍ଭ୍ରାନ୍ତ ବନ୍ଧୁ । ବାଲାରୋଭ୍‌ଙ୍କର ଥାଏ ଗୋଟିଏ ବଡ଼ ସଉକ : ତାହାହେଲା ମେଷମାନଙ୍କୁ ସୁଠାମ ଭାବରେ ବଢ଼ାଇବା – ସେମାନଙ୍କ କେଶ ଯେପରି ସଯତ୍ନ-ବର୍ଦ୍ଧିତ ହେବ । ମେଷଶାଳାର ତତ୍ତ୍ୱାବଧାନ ଦାୟିତ୍ୱ ଆଲେକ୍ ସମେତ ଆଉ ଦୁଇ ଚାରିଜଣଙ୍କ ଉପରେ ନ୍ୟସ୍ତ ଥାଏ ।

ବାଲାରୋଭ୍ ତାଙ୍କ ବନ୍ଧୁମାନଙ୍କୁ ସେ ମେଷଶାଳା ଦେଖାଇବା ନିମନ୍ତେ ନେଇ ଯାଇ କହିଲେ, ''ମୁଁ ଏମିତି ଏକ ସୁନ୍ଦର ଓ ମୂଲ୍ୟବାନ୍ ପ୍ରଜାତିର ମେଷ ସଂଗ୍ରହ କରିଛି, ଯାହାକୁ ଦେଖିଲେ ତୁମେମାନେ ମୁଗ୍ଧ ହେବ !'' ତା'ପରେ ଆଲେକ୍ ଉପରେ ତାଙ୍କ ଆଖି ପଡ଼ନ୍ତେ ସେ ତାକୁ ସେ ମେଷଟିକୁ ତାଙ୍କ ପାଖକୁ ନେଇଆସିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ଆଲେକ୍ ସେହି ସୁଯୋଗକୁ ଅପେକ୍ଷା କରିଥିଲା । ସେ ମେଷପଲକୁ ହୁରୁଡ଼ାଇ ଦେଲା । ସେମାନେ ଇତସ୍ତତଃ ଦୌଡ଼ିଲେ । ବାଲାରୋଭ୍ ବିଚକ୍ଷଣ ବ୍ୟକ୍ତି । ସେ ବୁଝିପାରିଲେ ଯେ ଆଲେକ୍ ଇଚ୍ଛା କରି ସେମିତି କଲା । କିନ୍ତୁ ସେ ବିରକ୍ତ ନହୋଇ କହିଲେ, ''ଆଲେକ୍ ! ତୁମେ ଖାଲି ମୋର ସେହି ପ୍ରିୟ ମେଷ ଗୋଟିକୁ ଆମ ଆଗକୁ ଅଡ଼େଇ ନେଇ ଆସ !''

ଆଲେକ୍ ସେ ବିଶେଷ ମେଷଟିର ଗୋଟାଏ ଗୋଡ଼ ଧରି ଶୂନ୍ୟକୁ ଟେକିଲା । ବିଚରାର ଗୋଡ଼ଟି ମକଚି ଗଲା ଓ ସେ ଆର୍ତ୍ତନାଦ କରନ୍ତେ ଆଲେକ୍ ତା'ର ଅନ୍ୟ ଗୋଡ଼ଟିଏ ସଜୋରେ ଧରି ମାଲିକ ଓ ବନ୍ଧୁମାନଙ୍କ ଆଗରେ ତାକୁ କଚାଡ଼ି ଦେଲା । ବାଲାରୋଭ୍ ସଙ୍ଗେ ସଙ୍ଗେ ଅନ୍ୟ ଦୁଇଜଣ ଶ୍ରମିକଙ୍କୁ ଡକାଇଲେ ଓ ମେଷଟିର ଚିକିତ୍ସା ନିମନ୍ତେ ବ୍ୟବସ୍ଥା କଲେ । ତା'ପରେ ସେ ଅନାଇଲେ ଆଲେକ୍ ଆଡ଼େ । ଲୋକଟି ମାଲିକଠୁଁ ଦଣ୍ଡ ପାଇବ ବୋଲି ନିଶ୍ଚିତ ହୋଇ ଉଦ୍ଧତ ଭାବରେ ଛାତିରେ ବାହୁ ଛନ୍ଦି ଅପେକ୍ଷା କରିଥାଏ । ଆଖି ଯୋଡ଼ିକ ତା'ର ଯେମିତି ଦୁଇ ଖଣ୍ଡି ଜଳନ୍ତା ଅଙ୍ଗାର । ତା'କୁ ସଇତାନ ପୂରାପୂରି କବ୍‌ଜା କରିନେଇଥାଏ ।

ତେଣେ ମେଷଶାଳା ଚାରିପଟେ ଥାଇ ଅନ୍ୟ

କ୍ରୀତଦାସମାନେ ବାଡ଼ ଫାଙ୍କସବୁ ଦେଇ ପରିସ୍ଥିତି ଲକ୍ଷ୍ୟ କରୁଥା'ନ୍ତି । ମାଲିକ ଆଲେବ୍‌କୁ କେଡ଼େ କଠୋର ଦଣ୍ଡ ଦେବେ ସେମାନେ ତାହା ଦେଖିବାକୁ ଅପେକ୍ଷା କରିଥା'ନ୍ତି । ହୁଏତ ଶହେ ଚାବୁକ ପ୍ରହାର, ହୁଏତ ହାତ ଗୋଡ଼ ବନ୍ଧା ହୋଇ ବିନା ଗରମ ପୋଷାକରେ ଅନାହାରରେ ଗୋଟାଏ ଘରେ ବନ୍ଦୀ ରହିବା — ଦଣ୍ଡର ରୂପ ଏମିତି କେତେ ପ୍ରକାର ହୋଇପାରେ ।

ବାଲାରୋଭ୍ କିଛି ସମୟ ନୟନ ବନ୍ଦ କରି ରହିଲେ । ତା'ପରେ ଗମ୍ଭୀର କିନ୍ତୁ ଶାନ୍ତ କଣ୍ଠରେ କହିଲେ, ''ଆଲେବ୍ ! ବର୍ତ୍ତମାନ ତୁମ ପ୍ରଭୁ ଏକ ଭୟାବହ କୁଶକ୍ତି । ସେ ଚାହୁଁ ଥିଲା ତୁମ ଆଚରଣ ପ୍ରଭାବରେ ମୁଁ କ୍ରୋଧାନ୍ୱିତ ହେବି ଏବଂ ମୁଁ ତାହା ହେବା ମାତ୍ରେ ସେ ମୋତେ ବି ଅକ୍ତିଆର କରିନେବ । କିନ୍ତୁ ମୁଁ ତାହା ହେବାକୁ ଦେବି ନାହିଁ — ମୁଁ କ୍ରୋଧାନ୍ୱିତ ହେବି ନାହିଁ, ତୁମ ପ୍ରଭୁ ସେ କୁଶକ୍ତିହିଁ କ୍ରୋଧାନ୍ୱିତ ଏବଂ ଛଟପଟ ହେବ । ଆହୁରି ମଧ୍ୟ ଶୁଣ, ତୁମକୁ ମୁଁ ଏହିକ୍ଷଣି ମୁକ୍ତି ଦେଲି । ତୁମେ କ୍ଷତି ପୂରଣ ଦେବାର ପ୍ରଶ୍ନ ନାହିଁ । ତୁମକୁ ଯେତେ ଗରମ ପୋଷାକ ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷ ଦିଆଯାଇଛି, ସେସବୁ ତୁମେ ନେଇଯାଇ ପାର !''

ବାଲାରୋଭ୍ ତାଙ୍କ ଅତିଥିମାନଙ୍କ ସହ ଘରକୁ ଚାଲିଗଲେ । ବାହାରୁ ଗୋଟାଏ ଗଛ ଉପରୁ ସଇତାନ ସମଗ୍ର ଘଟଣା ଦେଖୁଥିଲା । ପ୍ରଚଣ୍ଡ ହତାଶା ଓ କ୍ରୋଧର ପ୍ରାବଲ୍ୟରେ ଚେତା ହରାଇ ସେ ଖସିପଡ଼ିଲା ଓ ବୁଡ଼ିଗଲା ପାତାଳପୁରୀରେ ।

(ଆଜି ସାମାଜିକ ପରିସ୍ଥିତି ଭିନ୍ନ । କ୍ରୀତଦାସ ପ୍ରଥା ନାହିଁ । ବହୁ କିଛି ବଦଳି ଯାଇଛି । କିନ୍ତୁ ବଦଳି ନାହିଁ ଏ ଗଳ୍ପର ମର୍ମ-ନିହିତ ସତ୍ୟ । ସଇତାନୀ ଶକ୍ତିର ଏକମାତ୍ର ଆଭିମୁଖ୍ୟ ହେଲା ଯେଉଁଠାରେ ସଂହତି ଓ ଶୁଭେଚ୍ଛା ବିଦ୍ୟମାନ ଥିବ, ସେହିଠାରେ ହଠାତ୍ କର୍ମପ୍ରବଣ ହୋଇ ବିଭ୍ରାଟ ସୃଜିବାକୁ ପ୍ରୟାସ କରିବା । ଦୁର୍ବଳମନା ବ୍ୟକ୍ତିମାନେ ସହଜରେ ତା'ର ଆୟୁଧରେ ପରିଣତ ହୁଅନ୍ତି । ବାଲାରୋଭ୍ ଭଳି ଯେଉଁମାନେ ଆତ୍ମ-ଶକ୍ତିରେ ବଳୀୟାନ୍, ସେମାନଙ୍କ ଆଗରେ ତା'ର ପରାଭବ ଘଟେ ।)

(ନବ ବିନ୍ୟାସ : ଦେବପ୍ରିୟ) ❑

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ପ୍ରଭୁ କେତେ ବିନମ୍ର ସତେ !

## କୁମାର ଚନ୍ଦ୍ର ମିଶ୍ର

ସରସ୍ୱତୀ ନଦୀକୂଳରେ ବିଶ୍ୱକଲ୍ୟାଣ ପାଇଁ ମହାଯଜ୍ଞର ଆୟୋଜନ ଚାଲିଥାଏ । ମୁନି, ଋଷି, ସାଧୁ, ସନ୍ଥମାନଙ୍କ ସମାରୋହରେ ପରିବେଶ ମୁଖରିତ । ପ୍ରଶ୍ନ ହେଲା – ତ୍ରିଦେବଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଯାହାଙ୍କ ଉଦ୍ଦେଶ୍ୟରେ ଯଜ୍ଞରେ ପ୍ରଥମ ଆହୁତି ଦିଆଯିବ ? ମହର୍ଷି ଭୃଗୁ ଆଗଭର ହୋଇ କହିଲେ – ''ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ନିର୍ଦ୍ଧାରଣ ପାଇଁ ମୁଁ ଯିବି ।'' ଉପସ୍ଥିତ ମୁନିଋଷିବୃନ୍ଦ ପ୍ରସ୍ତାବରେ ସହମତ ହେଲେ । ମହର୍ଷି ଭୃଗୁ କ୍ଷିପ୍ରଗତିରେ ପ୍ରଥମେ ବ୍ରହ୍ମଲୋକରେ ଯାଇ ପହଞ୍ଚିଲେ । ବ୍ରହ୍ମାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରି ଅଭଦ୍ର ବ୍ୟବହାର ପ୍ରଦର୍ଶନ କଲେ । ବ୍ରହ୍ମା କ୍ରୋଧାନ୍ୱିତ ହୋଇ ଦଣ୍ଡବିଧାନ କରିବା ଲାଗି ଆଗେଇ ଆସିଲାବେଳେ ମାତା ସରସ୍ୱତୀ ମହର୍ଷିଙ୍କ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇ ବ୍ରହ୍ମାଙ୍କୁ ଶାନ୍ତ କଲେ । ତେବେ ମହର୍ଷି ଭୃଗୁ ବ୍ରହ୍ମାଙ୍କୁ ଶାପ ଦେଲେ : ''କଳିଯୁଗରେ ଆପଣ କୁତ୍ରାପି ପୂଜିତ ହେବେ ନାହିଁ ।'' ତାହାହିଁ ହେଲା ।

ତତ୍ପରେ ମହାତେଜୀ ମହର୍ଷି କୈଳାସ ଅଭିମୁଖେ ମହାଦେବ ଶିବଙ୍କୁ ଭେଟିବା ପାଇଁ ଯାତ୍ରା କଲେ । କୈଳାସର ଦ୍ୱାରଦେଶରେ ଶିବଙ୍କର ବାହନ ନନ୍ଦୀ ବାଟ ଓଗାଳି କହିଲେ : ''ପ୍ରଭୁ ବର୍ତ୍ତମାନ ମାତା ପାର୍ବତୀଙ୍କ ସହ ଏକାନ୍ତରେ ବାର୍ତ୍ତାଳାପ କରୁଛନ୍ତି, ତେଣୁ ବର୍ତ୍ତମାନ ସାକ୍ଷାତ୍ କରିବା ସମ୍ଭବ ନୁହେଁ ।'' କ୍ରୋଧାନ୍ୱିତ ହୋଇ ମହର୍ଷି ଭୃଗୁ କହିଲେ : ''ଏଣିକି ଜଗତରେ ସର୍ବତ୍ର ତାଙ୍କରି ଲିଙ୍ଗହିଁ ପୂଜିତ ହେବ ।'' ତତ୍ପରେ ମହର୍ଷି ବୈକୁଣ୍ଠପୁରରେ ଆସି ଉପସ୍ଥିତ ହେଲେ । ଲକ୍ଷ୍ୟକଲେ ଯେ ଅନନ୍ତ-ଶେଷନାଗ କ୍ଷୀର ସମୁଦ୍ରରେ ନିଜର କାୟା ବିସ୍ତାର କରିଛନ୍ତି । ତାଙ୍କରି ଉପରେ ଶ୍ରୀବିଷ୍ଣୁ ନିଦ୍ରାମଗ୍ନ । ଶେଷନାଗ ସହସ୍ର ଫଣା ବିସ୍ତାର କରି ପ୍ରଭୁଙ୍କୁ ଛାୟା ପ୍ରଦାନ କରୁଛନ୍ତି । ଭୁବନମୋହିନୀ ମାତା ମହାଲକ୍ଷ୍ମୀ ପଦସେବା କରୁଛନ୍ତି । କଥିତ ଅଛି କଳ୍ପାନ୍ତେ ଯେତେବେଳେ ମହାପ୍ରଳୟ ହୁଏ ସେତେବେଳେ ସମଗ୍ର ସୃଷ୍ଟି ଲୋପ ହୋଇଯାଏ, କେବଳ ଶେଷନାଗହିଁ ରହିଥା'ନ୍ତି । ସେଥିପାଇଁ ତ ସେ ଅନନ୍ତ-ଶେଷ ନାମରେ ଖ୍ୟାତ । ବିଶ୍ୱପ୍ରକୃତିର ଅବ୍ୟକ୍ତ ଶୁଦ୍ଧ ଉପାଦାନ ସକଳର ପ୍ରତୀକ ହେଲା କ୍ଷୀରସମୁଦ୍ର । କ୍ଷୀରସମୁଦ୍ରରେ ପ୍ରଚଣ୍ଡ ବିଷଧର ସର୍ପର ଛାୟାରେ ଶୟନ କରିବା ସୂଚାଇ ଦିଏ ଯେ ପ୍ରଭୁ ଯାବତୀୟ ଅସ୍ୱସ୍ତିକର ପରିବେଶରେ ମଧ୍ୟ ନିର୍ଶ୍ଚିନ୍ତ, ନିର୍ବିକାର ଓ ଅବିଚଳିତ ରହିପାରନ୍ତି । ମହର୍ଷି ଭୃଗୁ ମହାନିଦ୍ରାରୁ ଉଠିବା ଲାଗି ଶ୍ରୀବିଷ୍ଣୁଙ୍କୁ ବାରଂବାର ଅନୁରୋଧ କଲେ । କିନ୍ତୁ ଶ୍ରୀବିଷ୍ଣୁ ଗଭୀର ଯୋଗନିଦ୍ରାରେ ନିମଗ୍ନ ଥିବା ଯୋଗୁଁ ଜାଗ୍ରତ୍ ହେଲେ ନାହିଁ । ମହର୍ଷି କ୍ରୋଧାନ୍ୱିତ ହୋଇ ଶ୍ରୀବିଷ୍ଣୁଙ୍କ ବକ୍ଷସ୍ଥଳରେ ପ୍ରଚଣ୍ଡ ପଦାଘାତ କଲେ । ଶ୍ରୀବିଷ୍ଣୁଙ୍କ ଯୋଗନିଦ୍ରା ଭଗ୍ନ ହେଲା । ସେ ତତ୍କ୍ଷଣାତ୍ ମହର୍ଷିଙ୍କ ପଦଯୁଗଳକୁ ଆଉଁଶି ଦେଇ କହିଲେ : ''ହେ ମୁନିଶ୍ରେଷ୍ଠ ! ଆପଣଙ୍କ ପାଦକୁ କେତେ କଷ୍ଟ ହୋଇଥିବ ! ମୋ ବକ୍ଷସ୍ଥଳ ତ ବଜ୍ର ପରି କଠିନ, କିନ୍ତୁ ଆପଣଙ୍କ କୋମଳପାଦରେ ଆଘାତ ଲାଗିଥିବ ନିଶ୍ଚୟ ।'' ଏହା କହି ଶ୍ରୀବିଷ୍ଣୁ ମହର୍ଷିଙ୍କ ପଦତଳେ ଥିବା ତୃତୀୟ ନେତ୍ରଟିକୁ ଆଉଁଶିବା ଛଳରେ ନଷ୍ଟ କରିଦେଲେ । ମହର୍ଷିଙ୍କର ଏ ତୃତୀୟ ନେତ୍ରହିଁ ତାଙ୍କର ଜ୍ଞାନଗରିମା ଓ ଅହଂକାରର କାରଣ ହୋଇ ରହିଥିଲା । ତାହା ନଷ୍ଟ ହେଲା ପରେ ମହର୍ଷି ପ୍ରଜ୍ଞାବାନ୍ ହେଲେ । କିନ୍ତୁ ଶ୍ରୀବିଷ୍ଣୁଙ୍କ ବକ୍ଷସ୍ଥଳରେ ମହର୍ଷିଙ୍କର ପାଦର ଛାପ ରହିଗଲା । ତାହା ''ଶ୍ରୀବସ୍ତ ଲାଞ୍ଛନ'' ବା ''ଶ୍ରୀବତ୍ସାଙ୍କ''ରୂପେ ଶ୍ରୀବିଷ୍ଣୁଙ୍କ ପ୍ରତ୍ୟେକ ବିଗ୍ରହର ବକ୍ଷସ୍ଥଳରେ ଦର୍ଶାଯାଇଥାଏ । ଶ୍ରୀବିଷ୍ଣୁଙ୍କୁ ''ଶ୍ରୀବତ୍ସାଙ୍କ'' ନାମରେ ମଧ୍ୟ ସମ୍ବୋଧନ କରାଯାଏ । ଭଗବାନ୍ ସ୍ୱୟଂ କେତେ ଯେ ବିନମ୍ର ହୋଇପାରନ୍ତି – ଏହାହେଲା ଗୋଟିଏ ଜ୍ୱଳନ୍ତ ଉଦାହରଣ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କର ନିମ୍ନୋକ୍ତ ବାଣୀଟି ପ୍ରଣିଧାନଯୋଗ୍ୟ ।

''Paradoxical though it may sound, the Divine who is absolutely perfect is at the same time absolutely humble – humble as nothing else can ever be.''

(CWM, Vol. 3, p. 175) – The Mother

''ଏକଥା ଯଦିଓ ବିରୋଧାଭାସ ପରି ଶୁଭିପାରେ, ପରମ ଦିବ୍ୟସତ୍ତା ଯିଏ ଅବିମିଶ୍ର ଭାବେ ପରିପୂର୍ଣ୍ଣ, ସେ ସମକାଳରେ ସମ୍ପୂର୍ଣ୍ଣ ରୂପେ ବିନମ୍ର – ଏତେ ବିନମ୍ର ଯେ ଆଉ କିଏ ସେତେଟା ବିନମ୍ର ହୋଇ ନପାରେ ।''

ଏପରି ବିନମ୍ରତାର ନିଦର୍ଶନ ପାଇବା ଲାଗି ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ଦିଗ୍‌ଦର୍ଶକ, ସଶସ୍ତ୍ର କ୍ରାନ୍ତିର ଉଦ୍‌ଘୋଷକ, ଅସହଯୋଗ, ପୂର୍ଣ୍ଣ ସ୍ୱତନ୍ତ୍ରତା ଓ ସ୍ୱଦେଶୀ ସୂତ୍ରର ପ୍ରବର୍ତ୍ତକ, ନୂତନ ଚିନ୍ତାଧାରାର ଉତ୍‌ପ୍ରେରକ, ରାଷ୍ଟ୍ରୀୟତାବାଦର ଜନକ, କବି, ଦାର୍ଶନିକ, କ୍ରାନ୍ତି-ଯୋଗୀ ମହର୍ଷି ଶ୍ରୀଅରବିନ୍ଦଙ୍କର ସାଂସାରିକ ଜୀବନର କେତୋଟି ସାଧାରଣ ଅଥଚ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଉପସ୍ଥାପନ କରାଯାଉଛି । ପାଶ୍ଚାତ୍ୟ ଜୀବନଶୈଳୀର ଚାକଚକ୍ୟ ଓ ଆଭିଜାତ୍ୟ ସହ ଓତପ୍ରୋତ ଜଡ଼ିତ ରହିଥିବା ସତ୍ତ୍ୱେ ମହାଯୋଗୀଙ୍କ ଜୀବନଶୈଳୀ ଥିଲା ଅତି ସରଳ ଓ ସଂଯତ । ବିଳାସ-ବ୍ୟସନଠାରୁ ସେ ଥିଲେ ବହୁଦୂରରେ ।

୧୯୦୮ ମସିହାରେ ମାଣିକତଲା ବୋମା ଷଡ଼୍‌ଯନ୍ତ୍ର ବା ଆଲିପୁର ବୋମା ମକଦ୍ଦମାରେ ଦୋଷୀ ସାବ୍ୟସ୍ତ କରି ଶ୍ରୀଅରବିନ୍ଦଙ୍କୁ ବନ୍ଦୀ କରିବା ଉଦ୍ଦେଶ୍ୟରେ କଲିକତାସ୍ଥିତ ତାଙ୍କର ବାସଭବନରେ ପ୍ରତ୍ୟୁଷରେ ଯେତେବେଳେ ପୋଲିସ ଚଢ଼ାଉ କଲା ସେତେବେଳେ ମହାଯୋଗୀ ନିଶ୍ଚିନ୍ତରେ ଚଟାଣ ଉପରେ ବିନା ତକିଆରେ ଶୋଇଥା'ନ୍ତି । ପୋଲିସ କମିସନର ରିଚାର୍ଡ଼ କ୍ରେଗନ୍ (Richard Creagan) ଏହା ଲକ୍ଷ୍ୟକରି ଚକିତ ଓ ବିସ୍ମିତ ହୋଇ ପଚାରିଲେ – ''ଜଣେ ଶିକ୍ଷିତ ଯୁବକ ହୋଇ ଆସବାବହୀନ ଗୋଟିଏ କୋଠରି ଚଟାଣରେ ଶୋଇବାରେ ତୁମେ ଲଜ୍ଜା ଅନୁଭବ କରୁ ନାହଁ ?'' ଶ୍ରୀଅରବିନ୍ଦ ନିରୁତ୍ତର ! କାରଣ ସେ ଜାଣନ୍ତି ଯେ ମୂର୍ଖ ଅଫିସର ଜଣକ ତ୍ୟାଗପୂତ ତପସ୍ୟାରତ ଜୀବନର ମହନୀୟତା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । ସେ ଜାଣେନା ମାତୃଭୂମି ପାଇଁ ତ୍ୟାଗ ଓ କ୍ଳେଶ ସ୍ୱୀକାର କରିବାର ଗୌରବ !

ମଇ ମାସ ୧୯୦୮ ମସିହାଠାରୁ ମଇ ମାସ ୧୯୦୯ ମସିହାଯାଏ ଆଲିପୁର ବନ୍ଦୀଶାଳାରେ ଏକବର୍ଷକାଳ ଅତି ଜଘନ୍ୟ, ଅକଥନୀୟ କ୍ଲେଶଦାୟକ ପରିବେଶରେ ଜୀବନ ଅତିବାହିତ କରିଥିଲେ ସୁଦ୍ଧା ଜନୈକ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ ଯେ ସେହି ବନ୍ଦୀଶାଳା ଥିଲା ତାଙ୍କର ତପୋଭୂମି । ସେଥିପାଇଁ କୌଣସି ଅନୁଶୋଚନା ନାହିଁ କି ଅଭିଯୋଗ ନାହିଁ; ଆପତ୍ତି ନାହିଁ କିଂବା ଅସନ୍ତୋଷ ନାହିଁ । ତାଙ୍କ ରଚିତ ''କାରା କାହାଣୀ'' (Tales of prison life) ପାଠକଲେ ବନ୍ଦୀଶାଳାର ଶୋଚନୀୟ ବ୍ୟବସ୍ଥା ଓ ପରିବେଶର ଏକ ସ୍ପଷ୍ଟ ଚିତ୍ରର ଆଭାସ ମିଳେ ।

୧୯୦୭ ମସିହା ଜାନୁଆରୀ ମାସରେ କଂଗ୍ରେସ ଅଧିବେଶନରେ ଯୋଗଦେବା ପରେ କ୍ଷୀଣସ୍ୱାସ୍ଥ୍ୟ ଯୋଗୁଁ ଦେଓଗଡ଼ସ୍ଥିତ ତାଙ୍କର ଅଜା ଋଷି ରାଜନାରାୟଣ ବସୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଚାରି ମାସ ଅତିବାହିତ କରିଥିଲେ । ସାଙ୍ଗରେ ଥିଲେ ଧର୍ମପତ୍ନୀ ମୃଣାଳିନୀ ଦେବୀ, ଭଗିନୀ ସରୋଜିନୀ, ଜଣେ ରୋଷେୟା ଓ ଖୁଲ୍‌ନାରୁ ଆସିଥିବା ସୁଧୀର ସରକାର ନାମକ ଜଣେ ସତର ବର୍ଷୀୟ ଯୁବକ ଯିଏକି ମାଲେରିଆ ଜ୍ୱରରେ ପୀଡ଼ିତ । ଦିନେ ସୁଧୀରର ଜ୍ୱରର ସୀମା ଟପି ଗଲା । ଇତି ମଧ୍ୟରେ ଶ୍ରୀଅରବିନ୍ଦ ମହାଭାରତକୁ ଇଂରାଜୀରେ ଅନୁବାଦ କରୁଥା'ନ୍ତି । ପାଣ୍ଡୁଲିପିଟି ସୁଧୀରର ଶଯ୍ୟା ନିକଟରେ ଥିଲା । ଜ୍ୱରର ଆତିଶଯ୍ୟ ହେତୁ ଅଜ୍ଞାତରେ ସେ ପାଣ୍ଡୁଲିପିଟି ଉପରେ ବାନ୍ତି କରି ଦେଇଥିଲେ । ପରେ ସୁଧୀର ନିଜେ ଏହା ଦେଖି ବ୍ୟଥିତ ହୋଇଉଠିଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ମୁଖମଣ୍ଡଳରେ ଆତଙ୍କିତ ବା ବିବ୍ରତ ହେବାର ଲେଶମାତ୍ର ଚିହ୍ନବର୍ଣ୍ଣ ନଥିଲା, କିଂବା ପାଣ୍ଡୁଲିପିଟିକୁ ଉଦ୍ଧାର କରିବା ନିମିତ୍ତ କୌଣସି ପ୍ରୟାସର ଆଭାସ ବି ନଥିଲା । ଏହିପରି ଯାବତୀୟ ଉଦ୍‌ବେଗଜନକ ପରିସ୍ଥିତିରେ ଶ୍ରୀଅରବିନ୍ଦ ରହୁଥିଲେ ଅବିଚଳିତ, ନିଶ୍ଚଳ, ନିର୍ବିକାର – ଠିକ୍ ଆଦିଶେଷାରୂଢ଼ ଶ୍ରୀବିଷ୍ଣୁଙ୍କ ପରି ।

ଆଉ ଏକ ଦିନକର ଘଟଣା । ସରୋଜିନୀ ଆପତ୍ତି କଲେ ଯେ ରୋଷେୟା ତାଙ୍କ ନିମିତ୍ତ ବାଲ୍‌ଟିଏ ଗରମପାଣି ପ୍ରସ୍ତୁତ କରିଦେବା ଲାଗି ମନା କରିଦେଲା । କିନ୍ତୁ ଏ ଘଟଣାରେ ଶ୍ରୀଅରବିନ୍ଦ ଥିଲେ ପ୍ରତିକ୍ରିୟାରହିତ । ରୋଷେୟାର ଅସଦ୍‌ବ୍ୟବହାର ଓ ବଡ଼ଭାଇଙ୍କ ଉଦାସୀନତା ଯୋଗୁଁ ଉତ୍‌କ୍ଷିପ୍ତ ହୋଇ ସରୋଜିନୀ ଉଚ୍ଚସ୍ୱରରେ କହିଲେ, ''ତୁମେ ଯଦି ତାକୁ କିଛି ବି କହିବ ନାହିଁ ତେବେ ସେ ଅଧିକରୁ ଅଧିକ ଅବାଧ୍ୟ ଓ ଅମାନିଆ ହୋଇଉଠିବ ।'' ଶ୍ରୀଅରବିନ୍ଦ ସାମାନ୍ୟ ବିଚଳିତ ହୋଇଉଠିଲେ ଯେପରିକି ବର୍ତ୍ତମାନ କେବଳ ସେ ଘଟଣାର ଗୁରୁତ୍ୱକୁ ଅନୁଭବ କରିପାରିଛନ୍ତି । ସେ ରୋଷେୟାକୁ ଡାକି ଶାନ୍ତ ସ୍ୱରରେ କହିଲେ, ''ତୁମେ ଦିଦିଙ୍କ ଆଦେଶ ଅମାନ୍ୟ କରିଛ । ଏହା ଅତି ଖରାପ କଥା । ତୁମେ କଦାପି ଅବାଧ୍ୟ ହେବା ଉଚିତ ନୁହେଁ, କଦାପି ନୁହେଁ ।'' ବାସ୍ ସେତିକି !

ବନ୍ଦୀଶାଳାରୁ ନିର୍ଦ୍ଦୋଷରେ ମୁକ୍ତ ହେଲାପରେ ସେ ତାଙ୍କର ମାଉସୀ ଲୀଳାବତୀ ଦେବୀଙ୍କ ସାନ୍ନିଧ୍ୟରେ କିଛିଦିନ ଅତିବାହିତ କରିଥିଲେ । ଇତି ମଧ୍ୟରେ ତାଙ୍କର ମଉସା ଶ୍ରୀ କୃଷ୍ଣକୁମାର ମିତ୍ର ଇଂରେଜ ସରକାରଙ୍କ ଦ୍ୱାରା ଦେଶଦ୍ରୋହରେ ଦଣ୍ଡିତ ହୋଇ ଆଗ୍ରା ଜେଲରେ ଥା'ନ୍ତି । ସ୍ୱାସ୍ଥ୍ୟ ଦୁର୍ବଳ ଥିବାରୁ ଗୃହ-ଚିକିତ୍ସକଙ୍କ ପରାମର୍ଶକ୍ରମେ ତାଙ୍କ ମାଉସୀ ପ୍ରତିଦିନ

ଗଙ୍ଗାସ୍ନାନ କରିବାକୁ ଯାଉଥା'ନ୍ତି । ମାଉସୀଙ୍କ ପକ୍ଷେ ଗଙ୍ଗା ସ୍ନାନ ନିମନ୍ତେ ଏକାକୀ ଯିବା ତ ସମ୍ଭବ ନୁହେଁ, ସାଙ୍ଗରେ କେହି ନା କେହି ଜଣେ ଯିବାକୁ ହୁଏ । ଦିନେ ଦିନେ ଶ୍ରୀଅରବିନ୍ଦଙ୍କ ପାଳି ପଡ଼େ । ସେ ସମ୍ବାଦ ପତ୍ର ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଲେଖା ଲେଖୁଥିବା ବେଳେ ମଧ୍ୟ ଅସମ୍ପୂର୍ଣ୍ଣ ବାକ୍ୟକୁ ଛାଡ଼ି ବିନା ଦ୍ୱିଧାରେ ମାଉସୀଙ୍କୁ ଅନୁସରଣ କରି ଚାଲିଯା'ନ୍ତି । ଏଣେ ସମ୍ବାଦପତ୍ର ନିମନ୍ତେ ଲେଖା ନେବା ପାଇଁ ବିଚରା ମୁଦ୍ରାକର ଅପେକ୍ଷା କରି ରହିଥା'ନ୍ତି । ଲୀଳାବତୀ ଦେବୀଙ୍କ ପ୍ରତି ତାଙ୍କର ଏପରି ଆନୁଗତ୍ୟ ଦେଖି ମାଉସୀ ଝିଅ ଭଉଣୀମାନେ ବିସ୍ମିତ ହୁଅନ୍ତି ।

ଆଉ ଏକ ଦିନକର ଘଟଣା । ଶ୍ରୀଅରବିନ୍ଦଙ୍କ ଚପଲ ପିନ୍ଧି ଲୀଳାବତୀ ଦିନେ ଛାତ ଉପରେ ସନ୍ଧ୍ୟାକାଳୀନ ପଦଚାରଣା କରିବା ପାଇଁ ଚାଲିଯାଇଥା'ନ୍ତି । ଏତିକିବେଳେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ପାଇଁ କିଛି ଗଣ୍ୟମାନ୍ୟ ବ୍ୟକ୍ତି ଆସି ପହଞ୍ଚିଲେ । ଶ୍ରୀଅରବିନ୍ଦ ନିଜ ଚପଲ ଖୋଜି ଖୋଜି ପାଉ ନଥା'ନ୍ତି । ତେଣେ ଭଦ୍ରଲୋକମାନେ ବୈଠକଖାନାରେ ଅପେକ୍ଷାରତ । ଦୀର୍ଘ ସମୟ ପରେ ଲୀଳାବତୀ ଛାତ ଉପରୁ ଫେରିଲେ । ଶ୍ରୀଅରବିନ୍ଦ ଆବିଷ୍କାର କଲେ ଯେ ତାଙ୍କ ଚପଲ ମାଉସୀଙ୍କ ପଦମଣ୍ଡନ କରୁଛି । ଲୀଳାବତୀ ଚପଲଟି ଫେରାଇଲା ପରେ ଶ୍ରୀଅରବିନ୍ଦ ତାକୁ ପିନ୍ଧିଲେ ଓ ଅପେକ୍ଷାରତ ଭଦ୍ରବ୍ୟକ୍ତିମାନଙ୍କ ସହ ଦେଖା କରିବା ପାଇଁ ଅବିଚଳିତ ଓ ପ୍ରଶାନ୍ତ ମନରେ ସ୍ମିତହସି ପ୍ରସ୍ଥାନ କଲେ । ଆପତ୍ତି କରିବା କିଂବା ବିରକ୍ତ ହେବା ଦୂରେ ଥାଉ, ସାମାନ୍ୟ ଅସ୍ୱସ୍ତି ଭାବ ମଧ୍ୟ ପ୍ରକାଶ ନକରି ସେ ଚାଲିଯିବା ଦେଖି ତାଙ୍କ ନିକଟରେ ଥିବା ଭଉଣୀମାନେ ଆଶ୍ଚର୍ଯ୍ୟ ହେଉଥା'ନ୍ତି ।

ଆଲିପୁର ଜେଲରୁ ମୁକ୍ତ ହେଲା ପରେ ସୁବୋଧ ମଲ୍ଲିକଙ୍କର ୱେଲିଙ୍ଗ୍‌ଟନ୍ ସ୍କୋଏର୍ (Wellingtan Square)ଠାରେ ଅବସ୍ଥିତ ବାସଭବନରେ ଶ୍ରୀଅରବିନ୍ଦ କିଛିଦିନ ଆତିଥ୍ୟ ଗ୍ରହଣ କରିଥିଲେ । ଉକ୍ତ ଅବସରରେ ଦିନେ ଶ୍ରୀଅରବିନ୍ଦଙ୍କ ଶ୍ୱଶୁର ଭୂପାଳ ଚନ୍ଦ୍ର ବୋଷ ସେଠାରେ ଆସି ପହଞ୍ଚିଲେ । ସେତେବେଳେ ଶ୍ରୀଅରବିନ୍ଦ ସେଠାରେ ଅନୁପସ୍ଥିତ ଥିଲେ । ହୁଏତ ସେ ବନ୍ଦୀମୁକ୍ତ ହେଲା ପରେ ଯୋଗଦାନ କରିଥିବା କଲେଜରୁ ଫେରି ନଥିଲେ । ଯାହାହେଉ ଭୂପାଳ ବୋଷ ତାଙ୍କ ଘରକୁ ରାତ୍ରି ଭୋଜନ ପାଇଁ ଶ୍ରୀଅରବିନ୍ଦଙ୍କୁ ନିମନ୍ତ୍ରଣ ଜଣାଇ ଦେବା ଲାଗି ସୁବୋଧ ମଲ୍ଲିକଙ୍କୁ ଅନୁରୋଧ ଜଣାଇଲେ । ପୁଣି ସେ କହିଲେ, ''ମୋର କନ୍ୟା ମୃଣାଳିନୀ ତା'ର ସ୍ୱାମୀଙ୍କୁ ସାକ୍ଷାତ୍ କରିବା ଲାଗି କଲିକତା ଆସିଛି । ତେଣୁ ଅରବିନ୍ଦ ଆମ ଘରେ ରାତ୍ରିଯାପନ କରି ଫେରି ପାରନ୍ତି ।'' ଶ୍ରୀଅରବିନ୍ଦଙ୍କ ସହ ତାଙ୍କ ପତ୍ନୀଙ୍କ ସାକ୍ଷାତ୍ ହେବା ସମ୍ବାଦ ମଲ୍ଲିକ ପରିବାରରେ ଏକ ହର୍ଷ-ଉଲ୍ଲାସର ବାତାବରଣ ସୃଷ୍ଟି କଲା । ଶ୍ରୀଅରବିନ୍ଦ ବାସଭବନରେ ପହଞ୍ଚିବା କ୍ଷଣି ସୁବୋଧ ମଲ୍ଲିକ ଶ୍ୱଶୁରଙ୍କ ନିମନ୍ତ୍ରଣ ସମ୍ପର୍କରେ ଅବଗତ କରାଇ ଦେଲେ । ଶ୍ରୀମତୀ ମଲ୍ଲିକ ଦୁଇଟି ଫୁଲମାଳ ହାତରେ ଧରି କହିଲେ, ''ତୁମର ପୋଷାକ ଇସ୍ତ୍ରୀ କରି ଥୋଇ ଦେଇଛି । ମନେରଖ ! ଗୋଟିଏ ଫୁଲମାଳ ତୁମ ପାଇଁ ଓ ଅନ୍ୟଟି ତୁମ ସ୍ତ୍ରୀଙ୍କ ପାଇଁ । ଦେଖା ହେଲା ପରେ ପରସ୍ପର ପରସ୍ପରର ଗଳାରେ ଝୁଲାଇ ଦେବ ।'' ଶ୍ରୀଅରବିନ୍ଦ ଜଣେ ନିରୀହ ସୁନା ପିଲା ପରି କହିଲେ, ''ଠିକ୍ ଅଛି ! ତୁମେ ଯେପରି କହିଛ ସେପରି କରିବି ।'' ''ସ୍ୱର୍ଗର ଦୁହାଇ, ଦିନଗଡ଼ିବା ପୂର୍ବରୁ ଫେରିବ ନାହିଁ –'' ଠିକ୍ ଗାଡ଼ିରେ ବସିବା ପୂର୍ବରୁ ମଲ୍ଲିକ ମହାଶୟ ତାଗିଦା କଲେ । ଗାଡ଼ି ଆଗେଇଲା ପରେ ମଲ୍ଲିକ ମହାଶୟ ଗେଟ୍ ଜଗୁଆଳିକୁ ଠିକ୍ ରାତି ଦଶଟାରେ ଗେଟ୍‌ରେ ଚାବି ଦେଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ପରଦିନ ସକାଳୁ ସୁବୋଧ ମଲ୍ଲିକଙ୍କୁ ଚାକର ଯେତେବେଳେ ଶ୍ରୀଅରବିନ୍ଦଙ୍କ ତରଫରୁ ଚାହାପାନ କରିବା ଲାଗି ନିମନ୍ତ୍ରଣ ଜଣାଇଲା ମଲ୍ଲିକ ମହାଶୟ ଆଶ୍ଚର୍ଯ୍ୟ ହୋଇ ଚାକରକୁ ପଚାରିଲେ, ''ଏତେ ଶୀଘ୍ର ସକାଳୁ ଘୋଷ ସାହେବ କିପରି ଫେରିଲେ ?'' ଚାକର ଉତ୍ତର ଦେଲା, ''କିନ୍ତୁ ଗତ ରାତିରୁହିଁ ସେ ଫେରି ଆସିଛନ୍ତି ।'' ସମସ୍ତେ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍ କରିବା ପାଇଁ ତଳମହଲାରେ ପହଞ୍ଚିବା ପରେ ଶ୍ରୀଅରବିନ୍ଦ ସ୍ମିତ ହସି ପ୍ରଶାନ୍ତ ସ୍ୱରରେ କହିଲେ, ''ଗତ ରାତ୍ରି ଏଗାରଟାରେ ଫେରିଲି, ଲୀଳାବତୀ ଦେବୀ (ସୁବୋଧ ମଲ୍ଲିକଙ୍କ ପତ୍ନୀ) ! ତୁମ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଛି ।'' ଏତେ ଶୀଘ୍ର ଫେରି ଆସିବାର କାରଣ କ'ଣ ବୋଲି ବାରଂବାର ପଚାରିବାରୁ ଶ୍ରୀଅରବିନ୍ଦ ସ୍ପଷ୍ଟୀକରଣ ଦେଲେ, ''ମୋ ସ୍ତ୍ରୀଙ୍କୁ ସବୁ ବିଷୟ ଅବଗତ କରାଇ ଦେଇଛି । ସେ ଅନୁମତି ଦେବା ପରେହିଁ ମୁଁ ଫେରିଲି ।''

ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କ ନିମ୍ନୋକ୍ତ ବାଣୀଟି ମନକୁ ଆଲୋଡ଼ିତ କରେ ।

"The greater beings are always the most simple and modest."

(CWM, Vol. 14, p. 151) – The Mother

''ଉଚ୍ଚତର ସତ୍ତାଗଣ ସର୍ବଦା ଅତି ସରଳ ଓ ଶିଷ୍ଟ ହୋଇଥା'ନ୍ତି ।'' – ଶ୍ରୀମା ❑

# ଦ୍ୱୀପାନ୍ତରର କଥା
## (ଏକାଦଶ ପରିଚ୍ଛେଦ)
## ବାରୀନ୍ଦ୍ର କୁମାର ଘୋଷ

### ଦୁଃଖର ସାର-ସଂକଳନ
### (୨)

(୯) ଯେଉଁମାନେ ଦଶବର୍ଷ ପରେ ସରକାରୀ ଚାକିରିରେ ଭର୍ତ୍ତି ହୁଅନ୍ତି (Self-supporters in Government Service) ସେମାନଙ୍କୁ ପ୍ରଥମେ ମାସିକ ୭ଟଙ୍କା ବେତନ ଦିଆ ହୋଇଥାଏ । ସେଥିରେ ପୁଣି ସରକାରୀ ବ୍ୟାରାକ୍ (Barrack)ରେ ରହିବା ପାଇଁ ମାସକୁ ଆଠଅଣା କାଟି ନିଆଯାଏ, ବଳକା ସାଢ଼େ ଛଅ ଟଙ୍କାରୁ ଆହାର, ବସ୍ତ୍ର ଓ ସର୍ବବିଧ ବିଷୟର ବ୍ୟୟ ନିର୍ବାହିତ କରିବାକୁ ହୁଏ । ଏପରି ସ୍ଥଳରେ ତା'ର ପ୍ରାଣଧାରଣ ପାଇଁ ତାକୁ ଚୋରି କରିବାକୁ ପଡ଼େ, ତାହା କହିବା ବାହୁଲ୍ୟ । ଚୋରି ଧରା ପଡ଼ିଲେ ଅବଶ୍ୟ ସେମାନଙ୍କୁ ଶାସ୍ତି ପାଇବାକୁ ହୁଏ, କିନ୍ତୁ ସେମାନଙ୍କର ସେଇ ପାପ ପାଇଁ ଯଥାର୍ଥରେ ଦାୟୀ କିଏ ? ବହୁ ପୂର୍ବରୁ କଏଦୀମାନଙ୍କର ଏଇ ବେତନର ହାର ନିର୍ଦ୍ଦିଷ୍ଟ ହୋଇଥିଲା; ତା'ପରେ ସବୁ ଜିନିଷର ଦରଦାମ ଅନ୍ତତଃ ତିନି ଗୁଣ ବଢ଼ି ଯାଇଛି; କିନ୍ତୁ କଏଦୀମାନଙ୍କ କଥା କେହି ମନ ଭିତରେ ଆଦୌ ଆଣନ୍ତି ନାହିଁ । ସେମାନେ କେବଳ ସରକାରୀ କାର୍ଯ୍ୟ କରିବାର ଯନ୍ତ୍ର ମାତ୍ର; ମଣିଷ ନୁହନ୍ତି ।

(୧୦) ସତର, ଅଠରରୁ କୋଡ଼ିଏ, ବାଇଶ ବର୍ଷ ବୟସ୍କ ବାଳକମାନଙ୍କର ସଂଖ୍ୟା ପୋର୍ଟ ବ୍ଲେୟାରରେ ନିତାନ୍ତ କମ୍ ନୁହେଁ । ଯେଉଁ ସମସ୍ତ କଏଦୀଙ୍କୁ ପେଟି ଅଫିସର୍ ଓ ଟିଣ୍ଡାଲର ଅଧୀନରେ ରଖାହୁଏ, ସେମାନେ ସମସ୍ତେହିଁ ଅବିବାହିତ ଓ ପ୍ରାୟ ସମସ୍ତେ ଅସତ୍‌ଚରିତ୍ର । ସୁତରାଂ ସେମାନଙ୍କ ହାତରେ ପଡ଼ି ଏଇ ସମସ୍ତ ପିଲାମାନଙ୍କୁ ଯେଉଁ ପାଶବିକ ଅତ୍ୟାଚାର ସହ୍ୟ କରିବାକୁ ହୁଏ ତାହା ଆଉ ଭଦ୍ର ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଲଜ୍ଜାରେ ସେମାନେ କର୍ତ୍ତୃପକ୍ଷଙ୍କ ପାଖରେ ଅନେକ ସମୟରେ ନାଲିଶ ବି କରନ୍ତି ନାହିଁ; ଆଉ କଲେ ମଧ୍ୟ ଅଧିକାଂଶ ସମୟରେ ବିଶେଷ କିଛି ଫଳ ମିଳେ ନାହିଁ ।

ଏଇ ସମସ୍ତ ବିଷୟର ଯଥାର୍ଥ ପ୍ରତିକାର କରିବାକୁ ହେଲେ ପୋର୍ଟ ବ୍ଲେୟାରକୁ କଏଦୀର ଆବାସସ୍ଥଳ କରି ରଖିଲେ ଚଳିବ ନାହିଁ । କଏଦୀମାନଙ୍କର ଭଲ କରିବା ଯଦି ଉଦ୍ଦେଶ୍ୟ ହୁଏ, ତା'ହେଲେ ସେମାନଙ୍କ ମଧ୍ୟରେ ଗାର୍ହ୍ୟସ୍ଥ ଜୀବନ ପ୍ରତିଷ୍ଠିତ କରିବାକୁ ହେବ; କିନ୍ତୁ ସାଧାରଣ କଏଦୀଙ୍କର ସ୍ତ୍ରୀ ପୁତ୍ର ପୋର୍ଟ ବ୍ଲେୟାରରେ ଯାଇ ବାସ କରିବାକୁ ତ ରାଜି ହେବେ ନାହିଁ । ସମାଜରୁ ବିଚ୍ଛିନ୍ନ କରି କାହାର ଭଲ କରିବା ହୁଏ ନାହିଁ ।

ଆଣ୍ଡାମାନରେ କଏଦୀମାନଙ୍କର ଉପନିବେଶ ରଖାହେଲେ ଅର୍ଥାଭାବରେ ସେଠାରେ ସ୍ୱାସ୍ଥ୍ୟ ବିଷୟରେ ଲକ୍ଷ୍ୟ ରଖିବା ଅସମ୍ଭବ ହୋଇ ଉଠିବ । ସେଠାକାର ଭୂତପୂର୍ବ ଓ ବର୍ତ୍ତମାନ ସିନିୟର୍ ମେଡ଼ିକାଲ ଅଫିସର୍, ଡାକ୍ତର ଫାର୍ନସାଇଡ୍ ଓ ଡାକ୍ତର ମାରେ ଉଭୟହିଁ ପୋର୍ଟ ବ୍ଲେୟାରରେ କଏଦୀମାନଙ୍କର ବାସସ୍ଥାନ ଉଠାଇ ନେବା ଲାଗି ସ୍ୱେଚ୍ଛାରେ ମତ ଦେଇଥିଲେ । ପ୍ରକୃତରେ ଦୁଇ ଚାରିଜଣ ଅକର୍ମଣ୍ୟ କର୍ମଚାରୀମାନଙ୍କର ପ୍ରତିପାଳନ ଛଡ଼ା ଆଉ କୌଣସି ଉଦ୍ଦେଶ୍ୟହିଁ ସିଦ୍ଧ ହେଲା ନାହିଁ ।

### ରାଜନୈତିକ କଏଦୀ

ସାଧାରଣ କଏଦୀ ଅପେକ୍ଷା ରାଜନୈତିକ କଏଦୀମାନଙ୍କର ଆହୁରି ଅନେକ କଷ୍ଟ । ସରକାର ବାହାଦୁରର ଆଦେଶ ଯେ ଯେଉଁମାନେ ରାଜନୈତିକ ଅପରାଧରେ ଦଣ୍ଡିତ, ସେମାନଙ୍କୁ ସାଧାରଣ କଏଦୀ ଭଳି ବ୍ୟବହାର କରାହେବ । ଫଳରେ ଏହା ହୋଇଛି ଯେ, ସାଧାରଣ କଏଦୀର ଯେତେ କଷ୍ଟ, ତାହା ତ ସେମାନଙ୍କର ଅଛି, କିନ୍ତୁ ସାଧାରଣ କଏଦୀର ଅନେକ ସୁଖସୁବିଧା ସେମାନେ ଭୋଗ କରି ପାରନ୍ତି ନାହିଁ । ଲେଖାପଢ଼ା ଜାଣିଥିଲେ ସାଧାରଣ କଏଦୀ ଜେଲ ବାହାରକୁ ଯାଇ ମୁନ୍‌ସୀ ବା କିରାଣୀର କାମ ପାଇ ପାରନ୍ତି, କିନ୍ତୁ ରାଜନୈତିକ କଏଦୀମାନଙ୍କୁ ଚିରଦିନ ନିମନ୍ତେ ଜେଲ ମଧ୍ୟରେ ଆବଦ୍ଧ ରହିବାକୁ ପଡ଼େ । ସେମାନେ କିନ୍ତୁ ସମସ୍ତେହିଁ ଶିକ୍ଷିତ;

କିନ୍ତୁ ଦଉଡ଼ି ତିଆରି କରି କରି ଆଉ ନଡ଼ିଆ ଚୋପା ପିଟିପିଟି ଅଧିକାଂଶଙ୍କୁ ଦିନ କଟାଇବାକୁ ହୁଏ ।

ସାଧାରଣ କଏଦୀକୁ ଯେଉଁ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ବାସ୍ତବିକ ସେମାନେ ତା'ର କୌଣସି ଶ୍ରେଣୀଭୁକ୍ତହିଁ ନୁହନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରି ସେମାନଙ୍କ ପ୍ରତି ଅପେକ୍ଷାକୃତ ଭଲ ବ୍ୟବହାର କରିବା ଉଚିତ । ଏହିପରି ଜୋର୍ କରି ସେମାନଙ୍କୁ ଲାଞ୍ଛିତ ବା ନିର୍ଯାତିତ କରିବା ଦ୍ୱାରା କାହାରି ବି ଲାଭ ହୁଏ ନାହିଁ । ଯେଉଁମାନେ ଅଶିକ୍ଷିତ — ପୁସ୍ତକ ବା ସଂବାଦପତ୍ରାଦି ଅଭାବରେ ସେମାନଙ୍କର କୌଣସି କଷ୍ଟ ହୁଏନା; କିନ୍ତୁ ରାଜନୈତିକ କଏଦୀମାନଙ୍କ ପକ୍ଷରେ ସେ କଥା ଚଳେ ନାହିଁ । ଅଥଚ ସରକାରଙ୍କ ପକ୍ଷରୁ ସେମାନଙ୍କୁ ପୁସ୍ତକ ଇତ୍ୟାଦି ପଢ଼ିବାକୁ ଦେବାର କୌଣସି ବ୍ୟବସ୍ଥା ନାହିଁ । ଯେଉଁ କେତେଖଣ୍ଡ ପୁସ୍ତକ ପୋର୍ଟ ବ୍ଲେୟାର ଜେଲରେ ସଂଗୃହୀତ ହୋଇଥିଲା ତାହା ରାଜନୈତିକ କଏଦୀମାନଙ୍କର ସମ୍ପତ୍ତି; ସରକାର ସେଥିରେ ଏକ ପଇସା ବି ଦାନ କରି ନାହାନ୍ତି ।

ରାଜନୈତିକ କଏଦୀମାନଙ୍କର ପରସ୍ପର ସହିତ କଥାବାର୍ତ୍ତା କରିବା ନିଷିଦ୍ଧ । ସୁତରାଂ ଏକ ସମୟରେ ଏକାଧିକ ଲୋକ ଅସୁସ୍ଥ ହୋଇ ପଡ଼ିଲେ ସେମାନଙ୍କୁ ଡାକ୍ତରଖାନାରେ ନରଖି ସ୍ୱତନ୍ତ୍ର କୋଠରି ମଧ୍ୟରେ ବନ୍ଦ କରି ରଖା ହୁଏ । ସେଇ କୋଠରିର ପଛ ପଟକୁ ଗୋଟିଏ ଅତି କ୍ଷୁଦ୍ର ଝରକା ବ୍ୟତୀତ ବାୟୁ ଚଳାଚଳର ଆଉ କୌଣସି ବ୍ୟବସ୍ଥା ନାହିଁ । ସୁସ୍ଥ ଅବସ୍ଥାରେ ମଧ୍ୟ ସେଠାରେ ମଣିଷର ପ୍ରାଣ ଶ୍ୱାସରୁଦ୍ଧ ହୋଇ ଉଠେ, ସୁତରାଂ ଅସୁସ୍ଥ ହୋଇ ସେଠାରେ ଏକା ପଡ଼ି ରହିବା ସମୟରେ ମନର ଯେ କ'ଣ ଅବସ୍ଥା ହୁଏ, ତାହା ଭୁକ୍ତ ଭୋଗୀ ବ୍ୟତୀତ ଆଉ କାହାରି ବୁଝିବାର ସାମର୍ଥ୍ୟ ନାହିଁ ।

ପ୍ରଥମେ ତ ଆହାର ଆଦିର ବିଷମ କଷ୍ଟ । ତା' ଉପରେ ଯେଉଁଭାବେ ସେମାନଙ୍କୁ ଶାରୀରିକ ପରିଶ୍ରମ କରିବାକୁ ହୁଏ, ସେଥିରେ ସେମାନେ ଅଭ୍ୟସ୍ତ ନୁହନ୍ତି । ରୋଗରେ ସୁଚିକିତ୍ସା ନାହିଁ; ତା' ଉପରେ କଥା କଥାରେ ଦଣ୍ଡ । ସବୁଠାରୁ ଅଧିକ କଷ୍ଟ ଅଶିକ୍ଷିତ ଓ ଇତର ଶ୍ରେଣୀର ଲୋକମାନଙ୍କର କର୍ତ୍ତୃତ୍ୱାଧୀନରେ ଜୀବନଯାପନ କରିବା । ଉଠିବା, ବସିବା ବେଳେ ଯେଉଁ ପ୍ରକାରର ଲାଞ୍ଛିତ ଓ ଅପମାନିତ ହେବାକୁ ହୁଏ, ସେଥିରେ ସ୍ୱାଭାବିକ ଅବସ୍ଥାରେ ବି ମନୁଷ୍ୟର ମୁଣ୍ଡ ଖରାପ ହୋଇଯାଏ; କଏଦୀର ତ ଦୂରର କଥା । କେହି ଆତ୍ମହତ୍ୟା ବି କରେ । ଯେଉଁମାନଙ୍କର ପ୍ରାଣ ପାଷାଣରେ ଗଢ଼ା, ସେଇମାନେହିଁ କେବଳ ପ୍ରାଣର ଯନ୍ତ୍ରଣା ପ୍ରାଣରେ ଲୁଚାଇ ଭବିଷ୍ୟତର ଆଶାରେ ଦିନ ଗଣନ୍ତି ।

ଏ ଯନ୍ତ୍ରଣାର ସାର୍ଥକତା କେଉଁଠାରେ ? ଏହା ଅପରାଧର ଦଣ୍ଡ ନା ବିଦ୍ୱେଷପ୍ରସୂତ ନିର୍ଯାତନା ?

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ନିୟମ ବା ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବାର ସାମର୍ଥ୍ୟ ହେଉଛି ସ୍ୱାଧୀନତାର ଭିତ୍ତି । ସେଇଥିପାଇଁ ଅଧିକାଂଶ ସାଧନା କ୍ଷେତ୍ରରେ ଆତ୍ମାକୁ ତା'ର ଦିବ୍ୟସତ୍ତାସ୍ଥ ପରିପୂର୍ଣ୍ଣ ସ୍ୱାଧୀନତା ମଧ୍ୟକୁ ଉନ୍ନୀତ ହୋଇପାରିବାର ପୂର୍ବ ପର୍ଯ୍ୟନ୍ତ ନିଜର ନିମ୍ନତର ସତ୍ତାମାନଙ୍କ କ୍ଷେତ୍ରରେ ନିୟମକୁ ସହ୍ୟ କରିବାକୁ ତଥା ପରିପୂରଣ କରିବାକୁ ପଡ଼ିଥାଏ । ଯେଉଁ ସାଧନାଗୁଡ଼ିକ ସ୍ୱାଧୀନତାରୁ ଆରମ୍ଭ ହୋଇଥାଏ ସେସବୁ କେବଳ ମହାନ୍ ଶକ୍ତିଧରମାନଙ୍କ ଲାଗି, ଯେଉଁମାନେ ସ୍ୱାଭାବିକ ଭାବରେ ସ୍ୱାଧୀନ କିଂବା ପୂର୍ବ ଜୀବନରେ ସେମାନଙ୍କ ସ୍ୱାଧୀନତାକୁ ପ୍ରତିଷ୍ଠିତ କରିଛନ୍ତି ।

— ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୧୫)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ବିଶ୍ୱବିଦ୍ୟାଳୟ ଶିକ୍ଷା ଆୟୋଗ (୧୯୪୮-୪୯)

ବିଶ୍ୱବିଦ୍ୟାଳୟ ଶିକ୍ଷା ଆୟୋଗଟି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିଲା ଏବଂ ଏହା ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷା ଆୟୋଗ ଅଟେ । ଏହି ଶିକ୍ଷା ଆୟୋଗଟି ବିଶେଷତଃ ବିଶ୍ୱବିଦ୍ୟାଳୟ ଶିକ୍ଷାର ବିକାଶ ଓ ପ୍ରସାର ନିମିତ୍ତ ଗଠନ କରାଯାଇଥିଲା । ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ନିମିତ୍ତ କୃଷି ଓ ଶିଳ୍ପଭିତ୍ତିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଏହା ଗୁରୁତ୍ୱ ଦେଇଛି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପ୍ରଥମେ ୨ ମିନିଟ ନୀରବ ଧ୍ୟାନ ପରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ଗୌତମବୁଦ୍ଧ, କନଫୁସିଅସ୍, ଜୋରାଷ୍ଟର, ସକ୍ରେଟିସ୍, ଯିଶୁ, ଶଙ୍କର, ରାମାନୁଜ, ମାଧ୍ୱ, ମହମ୍ମଦ, ନାନକ, କବିର, ଗାନ୍ଧି ଆଦି ମହାପୁରୁଷମାନଙ୍କର ଆଦର୍ଶକୁ ଅଧ୍ୟୟନ କରିବାର ବ୍ୟବସ୍ଥା ମଧ୍ୟ ରହିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ନାରୀ ଶିକ୍ଷାର ବିକାଶ ପାଇଁ ପ୍ରସ୍ତାବମାନ ରହିଛି । ବିଶ୍ୱର ବିଭିନ୍ନ ମହାନ୍ ଶାସ୍ତ୍ର ଓ ଧର୍ମ ସମ୍ବନ୍ଧରେ ଅଧ୍ୟୟନ କରିବା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଜ୍ଞାନର ବିକାଶରେ ଅନ୍ତର୍ନିହିତ ସାମର୍ଥ୍ୟକୁ ଜାଗ୍ରତ୍ କରି ଏକ ଭୟଶୂନ୍ୟ, ବିବେକ ଶକ୍ତିସମ୍ପନ୍ନ ଜୀବନଯାପନ କରିବା ଉପରେ ଏହି ଶିକ୍ଷା ଆୟୋଗ ଗୁରୁତ୍ୱ ପ୍ରଦାନ କରିଛି । ଏତତ୍ ବ୍ୟତୀତ ଏହି ଆୟୋଗ ୧୯୪୮ରେ ତାରାଚାନ୍ଦ କମିଟି ଦ୍ୱାରା ମାଧ୍ୟମିକ ଶିକ୍ଷା ଉପରେ ଦିଆ ଯାଇଥିବା କେତେକ ପ୍ରସ୍ତାବର ସଂଶୋଧନ କରିଥିଲେ ।

### ମାଧ୍ୟମିକ ଶିକ୍ଷା ଆୟୋଗ (୧୯୫୨-୫୩)

୧୯୫୨ ମସିହାରେ ୯ଜଣ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍‌ଙ୍କୁ ନେଇ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର କୁଳପତି ଡ. ଲକ୍ଷ୍ମଣ ସ୍ୱାମୀ ମୁଦାଲିୟରଙ୍କ ଅଧ୍ୟକ୍ଷତାରେ ମାଧ୍ୟମିକ ଶିକ୍ଷା ଆୟୋଗ ଗଠନ କରାଯାଇଥିଲା । ଏହି ଆୟୋଗ ମାଧ୍ୟମିକ ଶିକ୍ଷାର ବିଭିନ୍ନ ଦୋଷତ୍ରୁଟି ଓ ଏହାର ସମସ୍ୟାକୁ ପରୀକ୍ଷା କରି ତାହାର ଦୂରୀକରଣ ନିମିତ୍ତ ୧୯୫୩ ମସିହା ଅଗଷ୍ଟ ମାସ ୨୯ ତାରିଖରେ ନିଜର ବିବରଣୀ ଉପସ୍ଥାପନ କରିଥିଲେ । ଏହା ମାଧ୍ୟମିକ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସଙ୍ଗଠନ, ପାଠ୍ୟକ୍ରମ, ପାଠ୍ୟପୁସ୍ତକ, ଭାଷାନୀତି ଓ ପରୀକ୍ଷା ପ୍ରଣାଳୀ ଉପରେ ମୂଲ୍ୟବାନ୍ ସୁପାରିସ ପ୍ରଦାନ କରିଥିଲେ । ମାତ୍ର କେତେକ କାରଣରୁ ଏହି ସୁପାରିସମାନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ନଥିଲେ ମଧ୍ୟ ଏହା ମାଧ୍ୟମିକ ଶିକ୍ଷାକ୍ଷେତ୍ରରେ ଯଥାସାଧ୍ୟ ଉନ୍ନତି ଆଣିବାରେ ସହାୟକ ହୋଇଥିଲା । ଏହି ଆୟୋଗ ପ୍ରାଥମିକ ଶିକ୍ଷା କାଳ ୪ କିଂବା ୫ ବର୍ଷ, ନିମ୍ନ ମାଧ୍ୟମିକ ୩ ବର୍ଷ ଓ ଉଚ୍ଚ ମାଧ୍ୟମିକ ୪ ବର୍ଷ ହେବା ପାଇଁ ସୁପାରିସ କରିଥିଲେ । ଏକାଦଶ ଶ୍ରେଣୀକୁ ମାଧ୍ୟମିକ ସ୍ତରରେ ଏବଂ ଦ୍ୱାଦଶ ଶ୍ରେଣୀକୁ ଡିଗ୍ରୀ ଶ୍ରେଣୀ ସହିତ ମିଶାଇ ଦେବା ପାଇଁ ସୁପାରିସ କରିଥିଲେ । ୧୯୫୪ ମସିହାରେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ପରିଷଦ (Central Advisory Board of Education) ୧୦+୨+୨ କିଂବା +୩ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଏତତ୍ ବ୍ୟତୀତ ମାଧ୍ୟମିକ ଶିକ୍ଷା ଆୟୋଗ ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ପ୍ରାକ୍ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ସ୍ତରରେ ନାରୀଶିକ୍ଷା, ନୈତିକ ଓ ଧାର୍ମିକ ଶିକ୍ଷା, କାର୍ଯ୍ୟଭିତ୍ତିକ ଶିକ୍ଷା, ଶିକ୍ଷକ ତାଲିମ ତଥା ପ୍ରଶାସନିକ ସଙ୍ଗଠନ ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ୧୯୪୦ ରୁ ୧୯୪୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ କାଳ ମାରିଆ ମଣ୍ଟେସୋରୀ ଭାରତରେ ରହି ଏହି ପ୍ରାକ୍-ପ୍ରାଥମିକ ଶିକ୍ଷାକେନ୍ଦ୍ର ବା ମଣ୍ଟେସୋରୀ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଥିଲେ । ତାହାକୁ ଗାନ୍ଧିଜିଙ୍କ ମୌଳିକ ଶିକ୍ଷା ମଧ୍ୟ ସ୍ୱୀକାର କରିଥିଲା । ମାଧ୍ୟମିକ ଶିକ୍ଷା ଆୟୋଗର ସୁପାରିସ ଅନୁସାରେ ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ (Board of Secondary Education) ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶାର କଟକଠାରେ

ମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିଷ୍ଠା କରାଗଲା ଯାହା ୧୯୫୬ ମସିହାରେ କାର୍ଯ୍ୟ କରିଥିଲା । ଆୟୋଗଙ୍କର ସୁପାରିସ କ୍ରମେ ଦେଶରେ ୨୩୧ଟି ପ୍ରଶିକ୍ଷଣ ବିଦ୍ୟାଳୟ ଓ ୩୦ଟି ପ୍ରଶିକ୍ଷଣ ମହାବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯାଇଥିଲା ।

ତତ୍ପରେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ପରିଷଦ ଓ କେନ୍ଦ୍ରୀୟ ସମନ୍ୱୟ କମିଟିର ସୁପାରିସ ଅନୁସାରେ ଶିକ୍ଷାର ବିକାଶ ଧାରାରେ ଅନେକ ପରିବର୍ତ୍ତନ ଅଣା ଯାଇଛି । ୧୯୫୫ରେ କେନ୍ଦ୍ରୀୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ୧୯୫୬ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC), ୧୯୫୭ରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (AICTE), ୧୯୬୧ରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT), ୧୯୬୨ରେ ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ଅନୁଷ୍ଠାନ (NIEPA), ୧୯୬୨ ମସିହା ଜୁଲାଇ ୧ ତାରିଖରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (CBSE) ଆଦି ପ୍ରତିଷ୍ଠା କରାଯାଇ ପ୍ରାଥମିକ, ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ଅଧିକ ସଙ୍ଗଠିତ କରିବା ପାଇଁ ପଦକ୍ଷେପ ନିଆଗଲା । ୧୯୬୩ ମସିହାରେ ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ (RCE) ମହୀଶୂର, ଆଜମିର୍, ଭୁବନେଶ୍ୱର ଓ ଭୋପାଳରେ ଖୋଲା ଯାଇଥିଲା ।

### ଭାରତୀୟ ଶିକ୍ଷା ଆୟୋଗ (୧୯୬୪-୧୯୬୬)

୧୯୬୪ ମସିହା ଜୁଲାଇ ୧୪ ତାରିଖରେ ଡ. ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିକ୍ଷା ଆୟୋଗ ଗଠିତ ହୋଇଥିଲା ଯାହା କୋଠାରୀ ଆୟୋଗ ନାମରେ ପରିଚିତ । ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚତର ଶିକ୍ଷା ପର୍ଯ୍ୟନ୍ତ ସବୁ ସ୍ତରରେ ଶିକ୍ଷାର ସର୍ବାଙ୍ଗୀନ ବିକାଶ କିପରି ହୋଇପାରିବ, ସେହି ବିଷୟରେ ରିପୋର୍ଟ ଦେବା ପାଇଁ ଏହି ଆୟୋଗଟି ଗଠନ କରାଯାଇଥିଲା । ଏହି ଆୟୋଗରେ ୧୭ ଜଣ ସଦସ୍ୟ ଥିଲେ ଏବଂ ୧୯୬୬ ମସିହା ଜୁନ୍ ୨୯ ତାରିଖରେ ଆୟୋଗ ତା'ର ରିପୋର୍ଟ ଦାଖଲ କରିଥିଲା । ଏହାର ମୁଖ୍ୟ ସୁପାରିସମାନ ହେଲା –

(୧) ୩ ବର୍ଷରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାକ୍-ପ୍ରାଥମିକ ଶିକ୍ଷା ବା ବାଲବାଟିକା ଶିକ୍ଷା ।

(୨) ୧୦+୨+୩ ଶିକ୍ଷା ପଦ୍ଧତି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିମ୍ନ ପ୍ରାଥମିକ ଶିକ୍ଷା; ପଞ୍ଚମରୁ ସପ୍ତମ ବା ଷଷ୍ଠରୁ ସପ୍ତମ ପର୍ଯ୍ୟନ୍ତ ଉଚ୍ଚ ପ୍ରାଥମିକ ଶିକ୍ଷା । ନିମ୍ନ ମାଧ୍ୟମିକ ଶିକ୍ଷା ୨ ରୁ ୩ ବର୍ଷ, ଉଚ୍ଚତର ମାଧ୍ୟମିକ ଶିକ୍ଷା ଦୁଇ ବର୍ଷ, ୧ ରୁ ୩ ବର୍ଷ ପର୍ଯ୍ୟନ୍ତ ବୈଷୟିକ ବା ବୃତ୍ତିଗତ ଶିକ୍ଷା ବ୍ୟବସ୍ଥା ।

(୩) ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ।

(୪) ବିଦ୍ୟାଳୟ ସ୍ତରରେ ତିନୋଟି ଭାଷା ଶିକ୍ଷା ।

(୫) ତିନି ବର୍ଷିଆ ସ୍ନାତକ ଶିକ୍ଷା, ଦୁଇ ବର୍ଷିଆ ସ୍ନାତକୋତ୍ତର ଶିକ୍ଷା ।

(୬) ଶିକ୍ଷକ ପ୍ରଶିକ୍ଷଣ, ବୈଷୟିକ, କର୍ମାନୁଭୂତିକ ଶିକ୍ଷାର ସମ୍ପ୍ରସାରଣ ।

(୭) ନାରୀ ଶିକ୍ଷାର ସ୍ୱତନ୍ତ୍ର ବ୍ୟବସ୍ଥା ସହ ସଂଖ୍ୟା ଲଘୁ ସମ୍ପ୍ରଦାୟ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ।

(୮) ନୈତିକ, ଆଧ୍ୟାତ୍ମିକ ଓ ସାମାଜିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ।

(୯) ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ N.S.S, N.C.C, A.C.C. ଏବଂ S.U.P.W ଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ।

ଏତତ୍ ବ୍ୟତୀତ କୋଠାରୀ ଆୟୋଗ, ଉଚ୍ଚଶିକ୍ଷାର ଉଦ୍ଦେଶ୍ୟ, ଶିକ୍ଷାର ମାନ, ଶିକ୍ଷାଦାନ ମାଧ୍ୟମ, ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତ ଶାସନ ଉପରେ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ଭାରତୀୟ ଶିକ୍ଷା ଇତିହାସରେ ଏହି ଶିକ୍ଷା ଆୟୋଗ ସେତେବେଳେ ଏକ ଅଭିନବ ତଥା ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିଥିଲା ।

୧୯୬୫ ମସିହା ଜୁଲାଇ ମାସରେ ଭାରତୀୟ ଶିକ୍ଷା ଆୟୋଗର ସଦସ୍ୟମାନେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିଦର୍ଶନରେ ଆସିଥିଲେ । ଶିକ୍ଷାକେନ୍ଦ୍ରର ଅଧ୍ୟାପକ ଓ ଛାତ୍ରମାନଙ୍କ ସହିତ ଆୟୋଗର ସଭ୍ୟମାନଙ୍କର କେତୋଟି ମୌଳିକ ପ୍ରଶ୍ନର ଆଲୋଚନା ହୋଇଥିଲା ।

**୧ମ ପ୍ରଶ୍ନ :** ଭାରତୀୟ ଶିକ୍ଷା ଆୟୋଗଙ୍କର ବର୍ତ୍ତମାନ ପ୍ରଥମ ସମସ୍ୟା ହେଲା ''ଶକ୍ତି ଓ ସାମର୍ଥ୍ୟ'' ସଙ୍ଗେ ''ଦୃଷ୍ଟି''କୁ କିପରି ଯୋଗ କରିବାକୁ ହେବ ("How to combine Power with Vision") ? ବୈଜ୍ଞାନିକ ଶକ୍ତି ଓ ସାମର୍ଥ୍ୟ ରହିଛି; କିନ୍ତୁ ତାହାକୁ ଉପଯୋଗ କରିବାର ଯଥାର୍ଥ ଦୃଷ୍ଟି କେଉଁଠି ? ପ୍ରକାରାନ୍ତରେ ଭାରତବର୍ଷର ପରମ୍ପରା ସହ

ସାମଞ୍ଜସ୍ୟ ରଖି କେତେ ପରିମାଣରେ ଏବଂ କେଉଁ ଭାବରେ ଏହି ଶକ୍ତିକୁ ପ୍ରୟୋଗ କରାଯାଇ ପାରିବ ? ଯଥାର୍ଥରେ କହିବାକୁ ଗଲେ ବର୍ତ୍ତମାନ ଜଗତରେ ଏହା ହେଉଛି ସର୍ବପ୍ରଧାନ ସମସ୍ୟା ।

**ଉତ୍ତର :** ଏହି ପ୍ରଶ୍ନର ଉତ୍ତରରେ ଡ. ଇନ୍ଦ୍ରସେନ କହିଲେ ଯେ ଶିକ୍ଷାର ସର୍ବୋଚ୍ଚ ଲକ୍ଷ୍ୟ ହେଲା ଚେତନାର ଅଭିବୃଦ୍ଧି, ବିକାଶ ଓ ଉର୍ଦ୍ଧ୍ୱାୟନ ଗତି । ଚେତନାର ଗୁଣ ଓ ଧର୍ମ ଉପରେ ବ୍ୟକ୍ତିତ୍ୱର ମହତ୍ତ୍ୱ ନିର୍ଭର କରେ । ଐକ୍ୟ, ଭ୍ରାତୃତ୍ୱ, ସମତା ଆଦି ମହାନ୍ ଲକ୍ଷ୍ୟଗୁଡ଼ିକ ହେଉଛି ଗୋଟିଏ ସମୁଚ୍ଚ, ବୃହତ୍ତର ଚେତନାର ଗୁଣଧର୍ମ । ମନ ତାହାର ଭିତ୍ତି ନୁହେଁ । ସୁତରାଂ ଚେତନାର ବିବର୍ତ୍ତନ ଓ ଉର୍ଦ୍ଧ୍ୱାୟନ ଗତି ଦ୍ୱାରା ଏହି ସମସ୍ୟାର ସମାଧାନ ହେବ । ଚେତନାର ଅଭ୍ୟୁତ୍‌ଥାନରେ ତିନୋଟି ଧାରା ରହିଛି – ଉର୍ଦ୍ଧ୍ୱଗତି (Heightening), ବ୍ୟାପକ ଗତି (Widening) ଏବଂ ସମନ୍ୱୟ ଗତି (Integration) । ଭାରତବର୍ଷରେ ଅତୀତରେ ଚେତନାର ଉର୍ଦ୍ଧ୍ୱାୟନ ଗତିକୁ ବା ଗଭୀରତା ପ୍ରତି ବିଶେଷ ଭାବେ ଦୃଷ୍ଟି ଦିଆଯାଇଛି । ଏହା ଫଳରେ ଆସିଛି ଗୋଟାଏ ସଂସାରବିମୁଖ ଅଧ୍ୟାତ୍ମଭାବ । ଇଉରୋପରେ ଚେତନାର ବ୍ୟାପକତା ବା ଦିଗନ୍ତ ବିସ୍ତାରିତ (Horizontal Progress) ଭାବ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏହା ଫଳରେ ଇହସର୍ବସ୍ୱ ଶିକ୍ଷାହିଁ ପ୍ରବଳ ହୋଇଛି । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଏହି ଉଭୟ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି ଏବଂ ଉଭୟ ଦିଗର ଏକୀକରଣ ଓ ସମନ୍ୱୟ ସାଧନ ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ସମ୍ଭବ ହୋଇ ପାରିବ ।

**୨ୟ ପ୍ରଶ୍ନ :** ଭାରତୀୟ ପରମ୍ପରା ବା ଐତିହ୍ୟର ସାର୍ବଜନୀନ ବସ୍ତୁଟି କ'ଣ ଯାହାକୁ ଆମ୍ଭେମାନେ ଆମ ଶିକ୍ଷାରେ ଯଥାର୍ଥ ଭାବେ ପ୍ରୟୋଗ କଲେ ଆମର ବିଭିନ୍ନ ସମସ୍ୟାର ସମାଧାନ ହେବ ? ଧର୍ମର ଦୃଷ୍ଟି ସଂକୀର୍ଣ୍ଣ ଓ ଗୋଷ୍ଠୀଗତ ହୋଇଛି । ଆଧ୍ୟାତ୍ମିକତା ବୋଲି ଯାହାକୁ କୁହାଯାଏ, ସେ ସମ୍ବନ୍ଧରେ କୌଣସି ସୁସ୍ପଷ୍ଟ ଧାରଣା ନାହିଁ । ତେବେ ଭାରତୀୟ ଶିକ୍ଷାର ମୂଳ ବସ୍ତୁଟି କ'ଣ ?

**ଉତ୍ତର :** ଡ. ସୟାଦ୍ଦିନ୍ ସ୍ୱୟଂ ଏହି ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ ଭାରତୀୟ ସଂସ୍କୃତି ଓ ପରମ୍ପରାର ସାର୍ବଜନୀନ ଭୂମିକା ହେଲା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରେମ, ଭ୍ରାତୃତ୍ୱ ଏବଂ ଏକତ୍ୱବୋଧ । ଏହି ଗୁଣଗୁଡ଼ିକୁ ଯଦି ଶିକ୍ଷା ମଧ୍ୟରେ ପ୍ରବେଶ କରାଇ ଦିଆ ଯାଇପାରେ ତେବେ ଭାରତୀୟ ଶିକ୍ଷା ତାହାର ଯଥାର୍ଥ ସ୍ୱରୂପ ଲାଭ କରିବ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଇସଲାମ, ଖ୍ରୀଷ୍ଟିଆନ ଓ ହିନ୍ଦୁଧର୍ମର ମାନବଜୀବନ ସମ୍ବନ୍ଧରେ ଏହାହିଁ ହେଉଛି ମୌଳିକ ଉପଲବ୍ଧି ଓ ଅଭିଜ୍ଞତା ।

**୩ୟ ପ୍ରଶ୍ନ :** ଉପରୋକ୍ତ ଦୁଇଟି ସମସ୍ୟାର ସମାଧାନ ଦିଗରେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର କିଛି ବିଶେଷ ଅବଦାନ ଅଛି କି ? ଯଦି ଥାଏ, ତାହା ସୁସ୍ପଷ୍ଟଭାବେ ପ୍ରତିପାଦନ କରାଯାଉ ।

**୪ର୍ଥ ପ୍ରଶ୍ନ :** ଯଦି କୁହାଯାଏ ଏଠାରେ ପ୍ରଦତ୍ତ ଶିକ୍ଷାର ଭିତ୍ତି ଆଧ୍ୟାତ୍ମିକ, ତେବେ ଏହି ଆଧ୍ୟାତ୍ମିକତାର ପ୍ରୟୋଗ ଓ କର୍ଷଣ ଫଳରେ ଏଠାରେ ପଢୁଥିବା ଛାତ୍ରଙ୍କ ମଧ୍ୟରେ କୌଣସି ବିଶିଷ୍ଟ ଗୁଣଧର୍ମ ପ୍ରକାଶ ପାଇଛି କି ଯାହା ଅନ୍ୟ ବାହାରର ଛାତ୍ରଙ୍କ ମଧ୍ୟରେ ଦେଖାଯାଏ ନାହିଁ ? ଡ. ସୟାଦ୍ଦିନ୍ ଏହି ପ୍ରଶ୍ନକୁ ଆହୁରି ସ୍ପଷ୍ଟ କରି କହିଲେ ଯେ ଏପରି କିଛି ଗୁଣଧର୍ମ ଯାହା ଗୋଷ୍ଠୀଗତ ଭାବେ ବା ବହୁଙ୍କ ମଧ୍ୟରେ ଏଠାରେ ପ୍ରକାଶ ପାଇଛି ଯାହାକୁ କି ଆଧ୍ୟାତ୍ମିକ ପ୍ରେରଣାର ବାହ୍ୟ ଅଭିବ୍ୟକ୍ତି ବୋଲି କୁହାଯିବ ।

**ଉତ୍ତର :** ଉପରୋକ୍ତ ଦୁଇଟି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ଅଧ୍ୟାପକ ଶ୍ରୀ ସନତ୍ କୁମାର ବାନାର୍ଜୀ ସ୍ପଷ୍ଟ କରି କହିଲେ ଯେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଏକ ମହାନ୍ ଲକ୍ଷ୍ୟ ହେଲା ମାନବଜାତି ମଧ୍ୟରେ ଐକ୍ୟ ସ୍ଥାପନା । ସେଥିପାଇଁ କେଉଁ ପ୍ରକାରର ଉପାୟ ଅବଲମ୍ବନ କରାଯାଇପାରେ ଏବଂ ଶିକ୍ଷାର ଜାତୀୟ ଓ ଆନ୍ତର୍ଜାତୀୟ ଆଭିମୁଖ୍ୟ ଏହି ଦୃଷ୍ଟିରୁ କ'ଣ ହେବା ଉଚିତ, ତାହା ଏଠାରେ ବହୁ କଷ୍ଟସ୍ୱୀକାରପୂର୍ବକ ପରୀକ୍ଷା କରାଯାଉଛି । ଏଠାରେ ଭାରତ ବାହାରୁ ବିଭିନ୍ନ ଦେଶର ବହୁ ଛାତ୍ର ରହିଛନ୍ତି; କିନ୍ତୁ ସକଳଙ୍କ ମଧ୍ୟରେ ଏକ ମାନବଜାତିର ଦୃଢ଼ ମନୋଭାବ ଗଢ଼ି ଉଠିଛି । ସୁତରାଂ ଆମ୍ଭେମାନେ ଏପର୍ଯ୍ୟନ୍ତ ଯେଉଁ ଫଳ ପାଇଛୁ, ସେଥିରେ ଉତ୍ସାହିତ ହେବାର ଯଥେଷ୍ଟ କାରଣ ରହିଛି । ପ୍ରସଙ୍ଗ କ୍ରମେ ଶ୍ରୀ ବାନାର୍ଜୀ ଉଲ୍ଲେଖ କଲେ ଯେ ଏଠାରେ ଛାତ୍ରମାନଙ୍କ ମନ ଓ ପ୍ରାଣର ବିକାଶ ଧାରାରେ ନିଶ୍ଚୟ କିଛି ବୈଶିଷ୍ଟ୍ୟ ଥିବାର ଲକ୍ଷ୍ୟ କରାଯାଏ । ପ୍ରଥମତଃ, ଏଠାରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ଐକାନ୍ତିକ ସରଳତା ଓ ସତ୍ୟ ପ୍ରତି ସ୍ୱାଭାବିକ ଅନୁରାଗ ରହିଛି । ଦ୍ୱିତୀୟତଃ, ଏଠାରେ ଛାତ୍ର ଓ ଶିକ୍ଷକମାନେ ବ୍ୟକ୍ତି ହିସାବରେ ପ୍ରତ୍ୟେକେ ସମାନ ଏବଂ କେହି କାହାରି ଦୃଷ୍ଟିରେ ବଡ଼ ବା ଛୋଟ ନୁହନ୍ତି । ଏହା ଫଳରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ସ୍ପଷ୍ଟବାଦିତା ଏବଂ ନିର୍ଭୟତା ଆସିଛି । ଶ୍ରେଣୀ କକ୍ଷରେ

ବା ବାହାରେ ଏଠାକାର ଛାତ୍ରମାନେ ବାସ୍ତବରେ ନିର୍ଭୀକ ଓ ସ୍ପଷ୍ଟବାଦୀ । ତୃତୀୟତଃ, ଏହି ସ୍ପଷ୍ଟବାଦିତା ଓ ନିର୍ଭୟତା ଯୋଗୁଁ ଏଠାକାର ଛାତ୍ରମାନେ ସାହସୀ ଓ ଶକ୍ତିମାନ୍ – ଭୀରୁ ବା ହତାଶବାଦୀ ନୁହନ୍ତି । ଏଥିପାଇଁ ଏଠାରେ ଛାତ୍ରମାନେ ଅସାଧୁ ବା ଦୁର୍ନୀତିପରାୟଣ ହେବାର କମ୍ ସମ୍ଭାବନା ରହିଛି । ଏହିସବୁ ଚାରିତ୍ରିକ ଗୁଣ ବା ଧର୍ମ ଏଠାକାର ଛାତ୍ରମାନଙ୍କଠାରେ ଗୋଷ୍ଠୀଗତ ଓ ସ୍ୱାଭାବିକଭାବେ ପ୍ରକାଶ ପାଇଛି ।

**୫ମ ପ୍ରଶ୍ନ :** ଡ. ସୟାଦ୍ଦିନ୍ କହିଲେ, ଯଦି ତୁମ୍ଭେମାନେ ଦାବି କର ଯେ ଏହି ଶିକ୍ଷାର ଲକ୍ଷ୍ୟ, ମାନ, ଗୁଣ ଓ ଧର୍ମ ସର୍ବୋଚ୍ଚ, ତେବେ ଏହି ଶିକ୍ଷାକୁ ବାହାରେ କାର୍ଯ୍ୟକାରୀ କରାଇବାର କୌଣସି ଉପାୟ ଖୋଜି ପାଇଛ କି ? ବୃହତ୍ତର ଜାତୀୟ କ୍ଷେତ୍ରରେ ଏହି ଶିକ୍ଷାକୁ ପ୍ରୟୋଗ କରାଯାଇପାରେ କି ?

**ଉତ୍ତର :** ଏହି ପ୍ରଶ୍ନଟିର ଉତ୍ତର ଦେଇଥିଲେ ଜନୈକ ଛାତ୍ର ଏବଂ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ପବିତ୍ର । ଛାତ୍ରଜଣକ ସାହସର ସହିତ କହିଲେ ଯେ ଏହି ଶିକ୍ଷାକୁ ବାହାରେ ପ୍ରୟୋଗ କରିବାକୁ ହେଲେ ପ୍ରଥମେ ଏହାକୁ ମହତ୍ତ୍ୱ ଓ ଗୁରୁତ୍ୱ ଦେବାକୁ ହେବ ଏବଂ ସେହି ଅନୁସାରେ ସରକାରଙ୍କୁ ଏହି ଶିକ୍ଷାର ଲକ୍ଷ୍ୟକୁ ନାନା ପ୍ରକାରେ ଦେଶବାସୀଙ୍କ ସମ୍ମୁଖରେ ଘୋଷଣା କରିବାକୁ ହେବ ଏବଂ ସ୍ୱୀକୃତି ଦେବାକୁ ହେବ । ଏକ ପ୍ରାଥମିକ ପଦକ୍ଷେପ ରୂପେ ଏହି ଶିକ୍ଷାର ପୂର୍ଣ୍ଣତା ନିମିତ୍ତ ସରକାରଙ୍କୁ ଏହାର ଆର୍ଥିକ ଭାର ଗ୍ରହଣ କରିବାକୁ ହେବ । ତତ୍ପରେ ଏଥିପ୍ରତି ଯେଉଁମାନେ ଆକୃଷ୍ଟ ହେବେ, ସେମାନଙ୍କ ରୁଚିର ଅନୁକୂଳ ଓ ପରିସ୍ଥିତି ଅନୁଯାୟୀ କାର୍ଯ୍ୟ କରିବାକୁ ହେବ । ଶେଷରେ ଶ୍ରୀ ପବିତ୍ର ମୁକ୍ତ କଣ୍ଠରେ କହିଲେ ଯେ ଆମ୍ଭେମାନେ ଏଠାରେ ଶିକ୍ଷାର ଯେଉଁ ଲକ୍ଷ୍ୟ ଅନୁସରଣ କରୁଛୁ, ତାହା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଉପଲବ୍ଧିର ଏକ ପ୍ରଧାନ ଅଙ୍ଗ । କେଉଁ ଧାରାରେ ଏବଂ କି ଉପାୟରେ ଏହି ଶିକ୍ଷାର ଲକ୍ଷ୍ୟକୁ ସାର୍ଥକ ଭାବେ କାର୍ଯ୍ୟରେ ପରିଣତ କରାଯାଇପାରିବ, ତାହାହିଁ ଆମ୍ଭେମାନେ ଶ୍ରୀମା'ଙ୍କ ନିର୍ଦ୍ଦେଶରେ ଗତ କେତେବର୍ଷ ଧରି ଏହି ଶିକ୍ଷାକେନ୍ଦ୍ରରେ ପରୀକ୍ଷା କରୁଛୁ । ଆମ୍ଭେମାନେ ସ୍ୱୀକାର କରୁଛୁ ଯେ ଏହା ଏବେ ବି ପରୀକ୍ଷା ସ୍ତରରେ ରହିଛି । ଥରେ ଯଦି ଏହି ଶିକ୍ଷାର ଲକ୍ଷ୍ୟ ଯଥାର୍ଥ ଓ ସନ୍ତୋଷଜନକ ଭାବେ ଏଠାରେ ରୂପାୟିତ ହୋଇଯିବ, ସେତେବେଳେ ବାହାରେ ଏହାକୁ କି ଭାବରେ ପ୍ରୟୋଗ କରିବାକୁ ହେବ ତାହାର ଉପାୟ ଚିନ୍ତା କରିବାକୁ ହେବ ନାହିଁ । କାରଣ ମନୁଷ୍ୟର ଆଚାର, ସ୍ୱଭାବ ଓ ପ୍ରକୃତି ପ୍ରାୟ ସମାନ । ଯଦି ସର୍ବସାଧାରଣଙ୍କ ମଧ୍ୟରେ ଏହି ଶିକ୍ଷା ପ୍ରୟୋଗ କରାଯାଇ ସଫଳତା ହାସଲ କରାଯାଇ ପାରିଲା, ତେବେ ଏହାର ସାର୍ବଜନୀନତା ପ୍ରତିପାଦିତ ହେଲା ଏବଂ ଭବିଷ୍ୟତରେ ଭାରତବର୍ଷ କାହିଁକି, ପୃଥିବୀରେ ସର୍ବତ୍ର ଏହି ଶିକ୍ଷାର ଲକ୍ଷ୍ୟକୁ ମଧ୍ୟ ପ୍ରୟୋଗ କରାଯାଇପାରିବ । ମାନବ ଜୀବନର ଚରମ ପରିଣତି ଓ ଲକ୍ଷ୍ୟ ସଙ୍ଗେ ଶିକ୍ଷାର ଗଭୀର ସମ୍ପର୍କ ରହିଛି । ଯଦି ମାନବ ଜୀବନ ଏକ ଉଚ୍ଚତର ଅବସ୍ଥାରେ ଉନ୍ନୀତ ହେବା ନିଶ୍ଚିତ, ତେବେ ବର୍ତ୍ତମାନ ପ୍ରଚଳିତ ଶିକ୍ଷା ତାହା କରିପାରିବ ନାହିଁ । ଏଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତିରେ ଛିଡ଼ା ହେବାକୁ ପଡ଼ିବ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାରେ ପ୍ରଥମ ପଦକ୍ଷେପ ହେଉଛି ନିଜ ମଧ୍ୟରେ ତାହାର ସଫଳତା ଏବଂ ତାହା ପରେ ପରେ ବାହ୍ୟ ସଫଳତା । ଆମ୍ଭେମାନେ ଗୋଷ୍ଠୀଗତ ଭାବେ ଶିକ୍ଷାକେନ୍ଦ୍ରରେ ଏହି ଶିକ୍ଷାକୁ ଗତ କେତେବର୍ଷ ହେଲା ପ୍ରୟୋଗ କରି ଯାହା ଲକ୍ଷ୍ୟ କରୁଛୁ ତାହାର ଫଳାଫଳ ଖୁବ୍ ଉତ୍ସାହଜନକ । ଏହି ଶିକ୍ଷାର ବାହ୍ୟ ପ୍ରୟୋଗର ସମୟ ଆସିଲେ ତାହା ନିଶ୍ଚିତ ହେବ ।

(କ୍ରମଶଃ)

❑❑❑

ସର୍ବଦା ଏବଂ ସବୁପ୍ରକାର ପରିସ୍ଥିତିରେ କିପରି ପ୍ରସନ୍ନ ରହିବାକୁ ହେବ ତାହା ଶିଖ; ତୁମର ଦୁଃଖ ସମୟରେ ଓ ଆନନ୍ଦ ସମୟରେ, ତୁମର କଷ୍ଟ ସମୟରେ ଏବଂ କୌଣସି ଆଶା ରଖିବା ସମୟରେ ହସ । କାରଣ ନିଜ ଉପରେ ପ୍ରଭୁତ୍ୱ ଆଣିବା ପାଇଁ ହସ ଭିତରେ ଏକ ସାର୍ବଭୌମ ଶକ୍ତି ରହିଛି ।

– ଶ୍ରୀମା

# ଆମ ଶିକ୍ଷାକେନ୍ଦ୍ରଗୁଡ଼ିକର ସକ୍-ଆବଜର୍‌ବର୍

## ପ୍ରସାଦ ତ୍ରିପାଠୀ

ସବୁ ଗାଡ଼ିରେ ସକ୍-ଆବଜର୍‌ବର୍ ଥାଏ । ପ୍ରାୟତଃ ସିଟ୍ ତଳେ ଥାଏ । ସିଟ୍ ଉପରେ ଯେ ବସେ ତା'ର ଓଜନ ଏବଂ ତଳେ ଯେଉଁ ଗାତରେ ଗାଡ଼ି ପଡ଼େ ଏ ଉଭୟରୁ ମାଡ଼ ଆସେ । ମାତ୍ର ଉଭୟକୁ ସକ୍-ଆବଜର୍‌ବର୍ ସହି ନିଏ । କାରଣ ଯଦି ତାହା ନଥା'ନ୍ତା ଚାଳକ ମଧ୍ୟ ଆଦୌ ଆନନ୍ଦରେ ବସି ଗାଡ଼ି ଚଳାଇ ପାରନ୍ତା ନାହିଁ ଆଉ ଗାଡ଼ିର ମଧ୍ୟ ଅନେକ କ୍ଷତି ହୁଅନ୍ତା । ମୋର ମନେ ଅଛି ଲୁନା ଗାଡ଼ି ଯେତେବେଳେ ପ୍ରଥମେ ଆସିଲା ସେଥିରେ ସକ୍-ଆବଜର୍‌ବର୍ ନଥିଲା । ଗୋଟିଏ ପଟା ଉପରେ ବସି ଗାଡ଼ି ଚଳାଉଥିବା ଭଳି ଲାଗେ । ମୋର ଜଣେ ବନ୍ଧୁ ସେଥିରୁ ଗୋଟିଏ କିଣିଲେ । ମୁଁ ତାଙ୍କଠାରୁ ତାଙ୍କ ଗାଡ଼ି ମାଗି ଖୋର୍ଦ୍ଧା ଯାଉଥାଏ । କଟକରୁ ଖୋର୍ଦ୍ଧା ପ୍ରାୟ ୫୦ କି.ମି. ଏବଂ ଖୋର୍ଦ୍ଧାରେ ପହଞ୍ଚିବାକୁ ପ୍ରାୟ ଦୁଇ ଘଣ୍ଟା ଲାଗିଲା, ମାତ୍ର ଯାଇ ଫେରିଲା ବେଳକୁ ସିଟ୍ ମାଡ଼ ଖାଇ ଖାଇ ପୂରା ଅଣ୍ଟା ଦରଜ । ବନ୍ଧୁଙ୍କୁ କିଛି ନକହି ଚୁପ୍ କରି ଗାଡ଼ି ଫେରାଇ ଦେଲି । ଭାବିଲି ବରଂ ସାଇକେଲ ନେଇ ଯାଇଥିଲେ ପରିଶ୍ରମ ପଛକେ ପଡୁ, ମାତ୍ର ଏତେ କାଟି ନଥା'ନ୍ତା । କାରଣ ସକ୍-ଆବ୍‌ଜର୍‌ବର୍‌ର ଦାୟିତ୍ୱ ଆଉ କେହି ନେଇ ପାରିବେନି ।

ଆମ ଶିକ୍ଷାକେନ୍ଦ୍ରମାନଙ୍କର ଠିକ୍ ଏହିଭଳି ଜଣେ ଜଣେ ସକ୍-ଆବଜର୍‌ବର୍ ରହିଥା'ନ୍ତି । ତାଙ୍କ ଉପରେ ସବୁଆଡୁ ମାଡ଼ ହୁଏ ଏବଂ ତାଙ୍କୁ ସବୁ ସହିବାକୁ ହୁଏ, ସିଏ ହେଲେ ଆମ ସ୍କୁଲମାନଙ୍କର ଅଧ୍ୟକ୍ଷ ବା ଅଧ୍ୟକ୍ଷା ।

ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ଉପରେ ସବୁଆଡୁ ଚାପ ପଡ଼େ । ଛାତ୍ରଛାତ୍ରୀମାନଙ୍କ ଆଡୁ, ଅପା ଓ ଭାଇମାନଙ୍କ ଆଡୁ, ପରିଚାଳନା ସମିତି ତରଫରୁ ଏବଂ ଅଭିଭାବକମାନଙ୍କ ନିକଟରୁ । ମାତ୍ର ସେ ଅଭିଯୋଗ କରିବେ କାହାକୁ ? ସମସ୍ତେ ନିଜ ନିଜର ସମସ୍ୟା ନେଇ ତାଙ୍କ ପାଖକୁ ଆସନ୍ତି ଏବଂ ସେସବୁର ସମାଧାନ କରନ୍ତୁ ବା ନକରନ୍ତୁ ଅନ୍ତତଃ ସମସ୍ତ ଅଭିଯୋଗ ଶୁଣନ୍ତି । ତାକୁ ସାଧ୍ୟମତେ ସମାଧାନ ପାଇଁ ଚେଷ୍ଟା କରନ୍ତି ଏବଂ ସମସ୍ତଙ୍କୁ ସନ୍ତୁଷ୍ଟ କଲା ଭଳି କିଛି ପରାମର୍ଶ ଦିଅନ୍ତି ତଥା ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦିଅନ୍ତି ।

ସେଦିନ ମୁଁ କୌଣସି ଏକ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷାଙ୍କ ନିକଟରେ ବସିଥିଲି । ଟ୍ରଷ୍ଟର କାର୍ଯ୍ୟ ପ୍ରଣାଳୀ ତଥା ସମସ୍ତଙ୍କର ସହଯୋଗ କିପରି ଅପରିହାର୍ଯ୍ୟ ସେ ସମ୍ପର୍କରେ କଥା ହେଉଥିଲୁ । ହଠାତ୍ ଦୁଇ, ତିନିଜଣ ଅଭିଭାବକ ଖୁବ୍ ଜୋର୍‌ରେ ପାଟି କରି କରି ଆସିଲେ । ଅଧ୍ୟକ୍ଷା ନିଜ ସିଟ୍‌ରୁ ଉଠି ପଡ଼ି ସେମାନଙ୍କୁ ନମସ୍କାର କରି ଚୌକିରେ ବସିବା ପାଇଁ ଅନୁରୋଧ କଲେ । ସେମାନଙ୍କ ଭିତରୁ ଜଣେ ଖୁବ୍ ରାଗି କରି ଏକଦମ୍ ଫଁ ଫଁ ହେଉଥା'ନ୍ତି । ଅପା ସାଙ୍ଗେ ସାଙ୍ଗେ ବସିବାକୁ କହି ଆଉ ଜଣେ ଅପାଙ୍କୁ ଡାକିଲେ । ସେ ଅପାଙ୍କୁ ଅଭିଭାବକମାନଙ୍କୁ ପାଣି ଦେବାକୁ କହି ଚାହା ମଗାଇଲେ । ତା'ପରେ କହିଲେ, ଭାଇ କୁହନ୍ତୁ । ରାଗିଥିବା ଅଭିଭାବକ ଜଣକ କହିଲେ – ଅପା, ଆପଣଙ୍କ ଅପାମାନେ ଏମିତି ବ୍ୟବହାର କରୁଛନ୍ତି ଯେ ଇଚ୍ଛା ହେଉଛି ପିଲାଙ୍କୁ ଏଠାରୁ ଉଠାଇ ନେବା ପାଇଁ । ଅପା କହିଲେ, ଭାଇ ମୁଁ ହାତ ଯୋଡୁଛି ଆପଣ ଆମକୁ ଗାଳି ଦିଅନ୍ତୁ, ଯାହା ବି କରନ୍ତୁ, ଦୟାକରି ପିଲାଙ୍କୁ ଉଠାଇନେବା କଥା କୁହନ୍ତୁ ନାହିଁ । ସେ ବିଚରାର ତ କିଛି ଭୁଲ୍ ନାହିଁ । ସେ ଅଭିଭାବକ କହିଲେ – ଅପା, ମୋ ପୁଅ ଆପଣଙ୍କ ସ୍କୁଲରେ ଛଅ ବର୍ଷ ହେଲା ପଢ଼ିଲାଣି । ତାକୁ ସବୁ ଅପା/ଭାଇ ଖୁବ୍ ଭଲ ପାଆନ୍ତି । ଏବେ ନୂଆବର୍ଷରୁ ତାଙ୍କ ଶ୍ରେଣୀ ଅପା ଯିଏ ଅଛନ୍ତି ତାକୁ ତିନି, ଚାରି ଥର ବିନା କାରଣରେ ଗାଳି ଦେଲେଣି । ଆପଣ ତା'ର ସେକ୍‌ସନ୍ ବଦଳାଇ ଦିଅନ୍ତୁ, ନହେଲେ ମୁଁ ପୁଅକୁ ନେଇ ଯିବି । ଅପା କହିଲେ, ଭାଇ ଅପା ଜଣକ ତ' ଖୁବ୍ ଭଲ ଅପା । ସେ କାହିଁକି ତାକୁ ଗାଳି ଦେଇଛନ୍ତି ମୁଁ ବୁଝିବି । ଦୟାକରି ଆପଣ ଟିକେ ସମୟ ଦିଅନ୍ତୁ । ସେତେବେଳକୁ ଅଧ୍ୟକ୍ଷାଙ୍କର ଆଚରଣରେ ଅଭିଭାବକ ମଧ୍ୟ ତରଳି ଗଲେଣି । ନାଇଁ ଆମେ ଟିକିଏ ସେ ଅପାଙ୍କ ସହିତ କଥା ହେବୁ । ହୋଇପାରେ ଆମ ପୁଅ ମଧ୍ୟ କିଛି ଦୁଷ୍ଟାମି କରିଥିବ । ଅପା କହିଲେ, କରୁ । ପିଲାମାନେ ତ ଦୁଷ୍ଟାମି କରନ୍ତି । ତଥାପି ଯଦି ଆପଣ ଚାହୁଁଛନ୍ତି ମୁଁ ତାଙ୍କୁ ଡକାଉଛି । ଅଧ୍ୟକ୍ଷା ଶ୍ରେଣୀ ଅପାଙ୍କୁ ଡକାଇ ପଠାଇଲେ । ଅପା ଆସି ଅଭିଭାବକଙ୍କୁ ନମସ୍କାର କଲେ । ଭାଇ ଜଣକ ଯେତେବେଳେ ତାଙ୍କୁ ପଚାରିବାକୁ ବାହାରିଛନ୍ତି, ସେ ଅପା କହିଲେ, ଭାଇ, ଆପଣଙ୍କ ପୁଅ ଗତ ଛଅ ବର୍ଷ ହେଲା ଏଠାରେ

ପଡୁଛି । ସେ କ'ଣ ଖାଲି ଆପଣଙ୍କର ପୁଅ, ଆମର କିଛି ନୁହେଁ ? ପ୍ରକୃତରେ ମୁଁ ତାକୁ ବିରକ୍ତ ହେଉଛି, କାରଣ ସେ ପାଖ ଶ୍ରେଣୀର ବଡ଼ ପିଲାମାନଙ୍କ ସାଙ୍ଗରେ ସବୁବେଳେ ମିଶୁଛି । ମୁଁ କହିଲି ତୁମ ଶ୍ରେଣୀରେ ଏତେ ସାଙ୍ଗ ଅଛନ୍ତି, ତାଙ୍କ ସାଙ୍ଗରେ ଖେଳୁନୁ – ସେମାନେ ବଡ଼ ପିଲା – ତାଙ୍କ ସାଙ୍ଗରେ ଏତେ ସାନବେଳୁ କାହିଁକି ମିଶୁଛୁ ? ଯେତିକି ଥର ଦେଖୁଛି ସେତିକି ଥର ବିରକ୍ତ ହୋଇଛି । ଆଜି କିନ୍ତୁ ସେ ନିଜ ଆଡୁ କହିଲା – ଅପା, ମୋର ଭୁଲ୍ ହୋଇ ଯାଇଛି, ଆଉ ସେମାନଙ୍କ ସହିତ ମିଶିବି ନାହିଁ । ସବୁ ସମାଧାନ ହୋଇଗଲା । ଭାଇମାନେ ସନ୍ତୁଷ୍ଟ ହୋଇ ଉଠିଲା ବେଳକୁ ଅପା ଆଉ ଟିକିଏ ବସିବାକୁ କହି ଆସିଥିବା ଚା'କୁ ତାଙ୍କୁ ଦେଲେ । ମୁଁ ବି ଟିକେ ଭାଗ ପାଇଲି । ଅଭିଭାବକମାନେ ଅଧକ୍ଷାଙ୍କ ଠାରୁ ଯାହା ଆଶା କରିଥିଲେ ତାହାଠାରୁ ଅନେକ ଅଧିକ ମଧ ପାଇ ଗଲେ । କେବଳ ଅଧକ୍ଷାଙ୍କ ବ୍ୟତୀତ କେହି ଏପରି ସମାଧାନ କରିପାରି ନଥା'ନ୍ତେ ।

ଆଉ ଥରେ କୌଣସି ଗୋଟିଏ ଅଧକ୍ଷ ଓ ସମ୍ପାଦକମାନଙ୍କ ସମ୍ମିଳନୀରେ ଜଣେ ଅଧକ୍ଷା ତାଙ୍କର ଅନୁଭୂତି କହୁଥିଲେ । କୌଣସି ଗୋଟିଏ ଶ୍ରେଣୀର ଦୁଇ ସେକ୍ସନ୍ ପିଲାମାନଙ୍କ ମଧରେ କବାଡ଼ି ମ୍ୟାଚ୍ ହେଉଥିଲା । ସ୍ୱାଭାବିକ ଭାବରେ ଖେଳ ମଝିରେ ଟିକେ ଝଗଡ଼ା ହେଲା । ସେହି ପିଲାମାନଙ୍କ ମଧରୁ ଗୋଟିଏ ପିଲାର ଅଭିଭାବକ ଖୁବ୍ କଡ଼ା ସ୍ୱଭାବର ଥିଲେ । ସେ ତାଙ୍କ ପିଲା ସହିତ ଝଗଡ଼ା କରିଥିବା ପିଲାକୁ ରାସ୍ତାରେ ଦେଖି ଗୋଟିଏ ଚାପୁଡ଼ା ଦେଲେ । ସେ ପିଲାଟି କାନ୍ଦି କାନ୍ଦି ଯାଇ ନିଜ ଘରେ କହିଦେଲା । ତାଙ୍କ ବାପା କୌଣସି କଥାବାର୍ତ୍ତା ନକରି ସିଧା ଥାନାକୁ ପଳାଇଲେ । ଥାନାରେ ସେ ବାପା ଓ ପୁଅଙ୍କ ନାମରେ ଅଭିଯୋଗ କଲେ । ଥାନାବାବୁ ଉଭୟ ପିଲା ଓ ବାପାଙ୍କୁ ଥାନାକୁ ଡକାଇଲେ । ଏ ଘଟଣା ସବୁ ସ୍କୁଲ ବାହାରେ ଘଟିଥିଲା । ଅଧକ୍ଷାଙ୍କର ଜାଣିବାର ଉପାୟ ନାହିଁ । ମାତ୍ର ଥାନାବାବୁ ଜଣେ ସବ୍-ଇନିସ୍‌ପେକ୍‌ଟରଙ୍କୁ ସ୍କୁଲ ପଠାଇ ପ୍ରକୃତରେ କ'ଣ ଘଟିଛି ବୋଲି ଜାଣିବାକୁ ଚାହିଁଲେ । ଅଧକ୍ଷା ସବ୍-ଇନ୍‌ସ୍‌ପେକ୍‌ଟରଙ୍କୁ ପଚାରିଲେ, ପରେ କ'ଣ ଆମର ଥାନାରେ ଦରକାର ପଡ଼ିବ ନାହିଁ ? ପୋଲିସ ବାବୁ କହିଲେ, ହଁ ଦରକାର ପଡ଼ିଲେ ସାର୍ ଗାଡ଼ି ପଠାଇ ଆପଣଙ୍କୁ ଡକାଇବେ । ଅଧକ୍ଷା କହିଲେ, ଆପଣ ଯାଆନ୍ତୁ ମୁଁ ଆମ ଗାଡ଼ିରେ ଯାଉଛି । ଅଧକ୍ଷା ଖେଳ ଶିକ୍ଷକଙ୍କୁ ସାଙ୍ଗରେ ନେଇ ଥାନାରେ ପହଞ୍ଚିଲେ । ଥାନାବାବୁ ଅଧକ୍ଷାଙ୍କୁ ଦେଖି ବ୍ୟସ୍ତ ହୋଇ କହିଲେ, ମ୍ୟାଡ଼ାମ୍, ଆପଣ ସ୍କୁଲ ଛାଡ଼ି ନିଜେ କାହିଁକି ଆସୁଥିଲେ ? ଦରକାର ପଡ଼ିଥିଲେ ଆମେ ସବୁ ଆପଣଙ୍କ ପାଖକୁ ଯାଇଥା'ନ୍ତୁ । ଅଧକ୍ଷା କହିଲେ, ଭାଇ, ଏହା ବି ମୋ ପାଇଁ ସ୍କୁଲ କାମ । ତେଣୁ ମୁଁ ଆଦୌ ସମୟ ନଷ୍ଟ ନକରି ମା'ଙ୍କ କାର୍ଯ୍ୟ ଭାବି ଆସିଛି ।

ପୋଲିସ ସବ୍-ଇନିସ୍‌ପେକ୍‌ଟର୍ ବସିଥା'ନ୍ତି । ଅଧକ୍ଷା ଉଭୟ ବାପାଙ୍କୁ କହିଲେ, ଆପଣମାନେ ପିଲାଦିନେ ଦୁଷ୍ଟାମି କରୁ ନଥିଲେ ? ଆପଣ ମନେ ପକାନ୍ତୁ, ଆପଣଙ୍କ ପିଲାଦିନ । ଆପଣଙ୍କ ସମୟରେ ଯାହା ଯାହା ଦୁଷ୍ଟାମି କରୁଥିଲେ ଏ ପିଲାମାନେ କ'ଣ ତା'ଠାରୁ ଆହୁରି ବେଶୀ ଦୁଷ୍ଟାମି କରିଛନ୍ତି ! ପିଲାଙ୍କର ବାପା ଦୁହେଁ ମୁହଁ ତଳକୁ ପୋତି ବସି ରହିଲେ । ପୁଣି ଅପା କହିଲେ, ଆପଣଙ୍କର କିଛି ସମସ୍ୟା ଅଛି ବୋଲି ଯଦି ଭାବିଲେ ସ୍କୁଲକୁ ଯାଇଥା'ନ୍ତେ । ପୋଲିସ ଭାଇମାନେ ଆମ ସମସ୍ତଙ୍କର, ସମାଜର ସୁରକ୍ଷା ଦାୟିତ୍ୱ ନେଇ ରାତି ଦିନ ଅନିଦ୍ରା ହୋଇ ଆମ ପାଇଁ କାମ କରୁଛନ୍ତି । ଆପଣ ଏଇ ଛୋଟ ଛୋଟ କଥାରେ ସେମାନଙ୍କୁ ବ୍ୟସ୍ତ କଲେ, ସେମାନେ ସମାଜର ଦାୟିତ୍ୱ ନେବେ କେତେବେଳେ ? ସେମାନେ ସେତିକି ନମ୍ର ବୋଲି ତ ଆପଣଙ୍କୁ ଆମ ପାଖକୁ ନପଠାଇ ଏଇଠାରେ ବସାଇ ସବୁ ବୁଝିବାକୁ ଚେଷ୍ଟା କରୁଛନ୍ତି । ହଠାତ୍ ପୋଲିସ ଭାଇଙ୍କ ଆଡ଼କୁ ଚାହିଁ ହାତଯୋଡ଼ି ସେ କହି ଉଠିଲେ, ଭାଇମାନେ, ଆପଣମାନେ ଆମ୍ଭମାନଙ୍କ ପାଇଁ ରାତିଦିନ ଖଟୁଛନ୍ତି, ତଥାପି ଆମ ସ୍କୁଲର କିଛି ସମସ୍ୟା ପାଇଁ ଆପଣଙ୍କୁ ବ୍ୟସ୍ତ ହେବାକୁ ପଡ଼ିଥିବାରୁ ମୁଁ ଆମ ସମସ୍ତଙ୍କ ତରଫରୁ ଆପଣଙ୍କୁ କ୍ଷମା ମାଗୁଛି । ସେତେବେଳକୁ ବାପା ଦୁଇଜଣ ଛିଡ଼ା ହୋଇପଡ଼ି କହିଲେ, ଅପା ଆମର ବହୁତ ଭୁଲ୍ ହୋଇଯାଇଛି । ପୋଲିସ ଭାଇ ମଧ ଠିଆ ହୋଇ ପଡ଼ି କହିଲେ, ମ୍ୟାଡ଼ାମ୍ (ଅଧକ୍ଷା କହି ଉଠିଲେ, ଭାଇ, ମୁଁ ମ୍ୟାଡ଼ାମ୍ ନୁହେଁ, ଅପା) ଆଜ୍ଞା ଅପା, ଏମିତି ଅନେକ ଘଟଣା ଆମ ନିକଟକୁ ଆସେ, ମାତ୍ର ଆପଣଙ୍କ ଭଳି ସବୁ ସମସ୍ୟାକୁ ନିଜ ମୁଣ୍ଡକୁ ନେଇ ମୁହୂର୍ତ୍ତକରେ ସମାଧାନ କରିବା ଭଳି ଅଭିଜ୍ଞତା ମୋର କେବେ ହୋଇ ନାହିଁ । ବାପାମାନଙ୍କ ପ୍ରରୋଚନାରେ ପିଲା ଦୁଇଟି ଆସି ଅପାଙ୍କ ପାଦକୁ ଛୁଇଁଲା ବେଳକୁ ଅପା ଦୁଇ ଜଣଙ୍କୁ କୁଣ୍ଢାଇ ପକାଇ କହିଲେ, ନିଜର ଭୁଲ୍ ବୁଝି ପାରିବା ଭଳି ସାହସଠାରୁ ଆଉ କିଛି ନାହିଁ । ତୁମଠାରୁ ଏହାହିଁ ମୁଁ ଆଶା କରୁଥିଲି । ତୁମେ ତୁମର ଦାୟିତ୍ୱ ପାଳନ କରିଛ । ଭୁଲ୍ କରିବା ଅପରାଧ ନିଶ୍ଚୟ,

ମାତ୍ର ତାକୁ ଭୁଲ୍ ବୋଲି ହୃଦୟଙ୍ଗମ କରି ଅନୁତପ୍ତ ହେବା ସମାଧାନ ପାଇଁ ଶ୍ରେଷ୍ଠ ଉପାୟ । ସ୍କୁଲରୁ ବାହାରିବା ବେଳେ ଅପା ବାଟରୁ କିଛି ମିଠା କିଣି ଆଣିଥିଲେ । ଥାନାର ଜଣେ ମହିଳା ପୋଲିସ ତାକୁ ସମସ୍ତଙ୍କ ଭିତରେ ବାଣ୍ଟି ଦେଲେ । ଏକ ଅତ୍ୟନ୍ତ ହର୍ଷ ଆନନ୍ଦର ବାତାବରଣରେ ସମସ୍ତେ ଫେରିଲେ । ଏହା ଗୋଟିଏ ଅତ୍ୟନ୍ତ ଶକ୍ତ ସକ୍-ଆବଜର୍‌ବର୍‌ର କାହାଣୀ ।

ଆଉ ଦିନକର କଥା । ଗୋଟିଏ ସ୍କୁଲରେ ପରିଚାଳନା ସମିତି ଦୁଇଭାଗ ହୋଇ ଯାଇଛନ୍ତି । ସମସ୍ତେ କହୁଛନ୍ତି ଆମେ ପ୍ରକୃତରେ ପରିଚାଳନା ସମିତି । ସଭାପତି ଗୋଟିଏ ପକ୍ଷରେ ଆଉ ସମ୍ପାଦକ ଅନ୍ୟ ଏକ ପକ୍ଷରେ । ଦୁହେଁ ଯାକ ସେମାନଙ୍କ ସମସ୍ୟା ଏବଂ ଦାବି ସବୁ ଆଣି ଅଧ୍ୟକ୍ଷଙ୍କ ପାଖରେ ଥୋଉଛନ୍ତି । ଦଳେ ସେମାନଙ୍କର ସିଦ୍ଧାନ୍ତକୁ କୌଣସି ମତେ ମାନିବାକୁ ଅଧ୍ୟକ୍ଷଙ୍କୁ ବାଧ କରୁଛନ୍ତି, ଆଉ ଦଳେ ସେମାନଙ୍କ ମିଟିଂର ଆଲୋଚନାକୁ ମଧ୍ୟ ଚୂଡ଼ାନ୍ତ ବୋଲି ଅଧ୍ୟକ୍ଷଙ୍କୁ ମାନିବାକୁ ବାଧ କରୁଛନ୍ତି । ମାତ୍ର ଅଧ୍ୟକ୍ଷ ଅତ୍ୟନ୍ତ ଶାନ୍ତ ଭାବରେ କହିଲେ ଯେ ମୁଁ ଯେକୌଣସି ଦଳର କଥା ମାନିବି, ମାତ୍ର ଆପଣମାନେ ମିଶି କରି ସିଦ୍ଧାନ୍ତ ନିଅନ୍ତୁ । ଯେତେଦିନ ପର୍ଯ୍ୟନ୍ତ ମିଶି କରି ସିଦ୍ଧାନ୍ତ ନ ନେଇଛନ୍ତି ସେତେଦିନ ପର୍ଯ୍ୟନ୍ତ କାହାରି ଅନୁରୋଧ ରକ୍ଷା କରି ପାରିବି ନାହିଁ । କାରଣ ଆପଣ ଉଭୟ ମିଶି କରି କାର୍ଯ୍ୟ ନ କରିବା ପର୍ଯ୍ୟନ୍ତ ଏହା ମା'ଙ୍କ କାମ ନୁହେଁ, ତେଣୁ ଆପଣ ମା'ଙ୍କ କାର୍ଯ୍ୟ କଲେ ହିଁ ମୁଁ ଆପଣଙ୍କୁ ଶୁଣିବି । ଏବେ ଯାହା ଯାହା ସବୁ ଅର୍ଥ ଆଦାୟ ହେଉଛି, ମୁଁ ତାକୁ ଆଉ ଗୋଟିଏ ଆକାଉଣ୍ଟ୍‌ରେ ଡିପୋଜିଟ୍ କରୁଛି । ଟଙ୍କା ଧାର ଆଣି ସ୍କୁଲ ଚଳାଉଛି । ଆପଣମାନେ କେତେ ଦିନ ଝଗଡ଼ା କରିବେ କରନ୍ତୁ । ମା'ଙ୍କ କୃପାରୁ ସ୍କୁଲର କିଂବା ପିଲାମାନଙ୍କର କିଂବା ଅପା, ଭାଇମାନଙ୍କର କିଛି ବି ସମସ୍ୟା ହେବ ନାହିଁ । କାରଣ ଯାହା ଯାହା ଦରକାର ମା'ଙ୍କ କୃପାରୁ ସବୁ ମିଳିଯିବ । କିଛି ଦିନ ଗଲାପରେ ଉଭୟ ପକ୍ଷ କହିଲେ, ଭାଇ ଆମେ ଦେଖିଲୁ ଆପଣ ଆମ ଦୁଇ ପକ୍ଷରୁ କାହାରିକୁ ବି ସମର୍ଥନ କରୁ ନାହାନ୍ତି । ତେଣୁ ଆମେ ଉଭୟ ଆପଣଙ୍କୁ ବିରୋଧ କରୁଥିଲୁ । ପରେ ପୁଣି ସାଙ୍ଗ ହୋଇ ମିଶିଗଲୁ । ଯଦି ଆପଣ କାହାରି ପକ୍ଷ ବି ନେଇଥା'ନ୍ତେ ତେବେ ସମସ୍ୟା ଅଧିକ ବଢ଼ିଥା'ନ୍ତା । ଅଧ୍ୟକ୍ଷ ଖୁବ୍ ଖୁସୀ ହେଲେ । ଏହା ମଧ୍ୟ ଏକ ବିରଳ ସକ୍-ଆବଜର୍‌ବର୍‌ର ଦୃଷ୍ଟାନ୍ତ ।

ସବୁ ଅପା, ଭାଇମାନଙ୍କର ଗୋଟିଏ ଅଭିଯୋଗ, ଅଭିଷେକ ଆଦୌ କଥା ମାନୁ ନାହିଁ । ଦଶମ ଷ୍ଟାଣ୍ଡାର୍ଡ଼ ହେଲାଣି । ପାଠ ପଢ଼ାପଢ଼ି କରୁ ନାହିଁ ଏବଂ ଶ୍ରେଣୀରେ ଅନେକ ଗଣ୍ଡଗୋଳ କରୁଛି । ସମସ୍ତେ ବ୍ୟସ୍ତ ହେଲେଣି । କିଛି କରିପାରୁ ନାହାନ୍ତି । ଦିନେ ଅଧ୍ୟକ୍ଷ କାହାରିକୁ ନକହି ସ୍କୁଲର ଜଣେ ଭାଇଙ୍କୁ ସାଙ୍ଗରେ ନେଇ ଅଭିଷେକ ଘରକୁ ଗଲେ । ଘରେ ପହଞ୍ଚୁ ପହଞ୍ଚୁ ଅଭିଷେକ ତାଙ୍କୁ ଦେଖିନେଲା ଏବଂ ଘରେ ପଶିଗଲା । ତା'ର ସନ୍ଦେହ ହେଲା ମୋ ନାଁରେ ନିଶ୍ଚୟ ଅଭିଯୋଗ କରିବାକୁ ଆସିଛନ୍ତି ।

ଅଭିଷେକର ମାଆବାପା ଉଭୟ ଆସିଲେ । ଅପାଙ୍କୁ ଏବଂ ଭାଇଙ୍କୁ ବସିବାକୁ କହିଲେ । ଉଭୟଙ୍କର ସଙ୍ଗେ ସଙ୍ଗେ ଅଭିଯୋଗ, ଆପଣ ନିଶ୍ଚୟ ଅଭିଷେକ ବିଷୟରେ କହିବାକୁ ଆସିଥିବେ । ଅପା କହିଲେ, ଆଦୌ ନୁହେଁ । ତା' ବିଷୟରେ କିଛି କହିବାକୁ ଆସି ନାହିଁ । ତା' ସଙ୍ଗେ ଟିକେ କଥା ହେବା ପାଇଁ ଆସିଛି । ତା'ପରେ ବାପା ତାଙ୍କ କାମରେ ଚାଲିଗଲେ । ମା' ଅଭିଷେକକୁ ଡାକିଲେ । ଅଭିଷେକ ଆସି ମୁହଁ ତଳକୁ କରି ଛିଡ଼ା ହେଲା । ଅପା କହିଲେ, ଅଭିଷେକ ଆସ, ମୋ ପାଖରେ ବସ । ମା'ଙ୍କୁ କହିଲେ, ଆପଣ ଯାଆନ୍ତୁ, ମୁଁ ଅଭିଷେକ ସାଙ୍ଗରେ କଥା ହେଲା ପରେ ଆପଣଙ୍କୁ ଡାକିବି ।

ଅପା ପଚାରିଲେ, ଅଭିଷେକ ତୁମ ଘର ବିଷୟରେ ଆମକୁ ଟିକେ କହିବ । ଅଭିଷେକ ଆରମ୍ଭ କଲା । ତାଙ୍କ ଘରେ ତାଙ୍କ ମାଆବାପା, ଆଉ ଗୋଟିଏ ଭଉଣୀ । ବାପାଙ୍କର ଗୋଟିଏ ତେଜରାତି ଦୋକାନ । ଆଗେ ଗୋଟିଏ ଦୋକାନ ଥିଲା । ଏବେ ଅନେକଗୁଡ଼ିଏ ଦୋକାନ ହେବାରୁ ତାଙ୍କର କାରବାର ବହୁତ କମି ଯାଇଛି । ଭଉଣୀ କାହାକୁ ଭଲପାଇ ମାଆବାପାଙ୍କ ବିନା ଇଚ୍ଛାରେ ତାକୁ ବାହା ହୋଇ ଯାଇଛି । ମାତ୍ର ଅଳ୍ପ ଦିନ ମଧ୍ୟରେ ତାକୁ ତା'ର ଶ୍ୱଶୁର ଘରେ ଖୁବ୍ ମାରପିଟ କରୁଛନ୍ତି । ସେଥିପାଇଁ ପ୍ରତ୍ୟେକ ଦିନ ମାଆବାପାଙ୍କ ମଧ୍ୟରେ ଅଶାନ୍ତି । ମାଆ କହୁଛନ୍ତି, ତୁମେ ତାକୁ ଆରମ୍ଭରୁ ଜଗିଲ ନାହିଁ, ସେ ଏପରି କାହିଁକି ହେଲା । ବାପା ମଧ୍ୟ ଅନୁରୂପ ଅଭିଯୋଗ କରୁଛନ୍ତି, ତୁମେ ତ ଘରେ ଥିଲ, ଦେଖିଲ ନାହିଁ କେମିତି ? କିଛି ଥଳକୂଳ ପାଉ ନାହାନ୍ତି । ଗୋଟିଏ ବୋଲି ଝିଅ । ସେ ପୁଣି ଘରେ ବଡ଼ । ତାଙ୍କ ଘରେ ମଧ୍ୟ ତାକୁ ରଖିବାକୁ ଚାହୁଁ ନାହାନ୍ତି । ସେ ଚାହୁଁଛି ତା' ସ୍ୱାମୀ ସଙ୍ଗେ ଆମ ଘରେ ରହିବା ପାଇଁ । ଆମ ଘରେ ଯଦିଓ ଜାଗା ନାହିଁ ତଥାପି ଦେଇକୁ ରଖି ହେବ । ଭିଣୋଇ କହୁଛନ୍ତି ସେ ଦାଦନ ଖଟିବାକୁ ଯିବେ । କିଛି ପଇସା ପତ୍ର ହୋଇଗଲେ

ପଳାଇ ଆସିବେ । ଏମିତି ସମସ୍ୟା ଭିତରେ ଘର ଚାଲୁଛି । ବାପାଙ୍କର ଦୋକାନ ଭଲ ଚାଲୁ ନାହିଁ । କୌଣସି ଗୋଟିଏ ଜିନିଷ ସରିଗଲେ ଆଉ ଆଣି ରଖିବାକୁ ପଇସା ହେଉ ନାହିଁ । ବାକିରେ ଯେଉଁମାନେ ସବୁ ନେଇଛନ୍ତି, ପଇସା ମାଗିବାରୁ ସେମାନେ ଅନ୍ୟ ଦୋକାନରୁ ସଉଦା କିଣୁଛନ୍ତି । ଆମ ଘରେ ମଧ୍ୟ ରୋଷେଇବାସର ଠିକଣା ନାହିଁ । ସକାଳୁ ଭାତଟା ରନ୍ଧା ହେଉଛି । ତା' ସାଙ୍ଗରେ ଯେତେବେଳେ ଯାହା ହେଲା, ଦିନରେ ତିନିଥର ସେଇ ଭାତ । କିଛି ନହେଲେ ବାଡ଼ିରେ ଲେମ୍ବୁ ଅଛି । ତାକୁ କାଟି ଲଙ୍କାଲେମ୍ବୁ ଚକଟି ଭାତ ଦିନେ ଦିନେ ଖାଇ ଦେଉଚୁ । ଏଇଥିପାଇଁ ସ୍କୁଲର ଦୁଇ ବର୍ଷର ପଇସା ବାକି ଅଛି, ଦିଆ ଯାଇପାରି ନାହିଁ । ବେଳେବେଳେ ବାପା ମାଲଗୋଦାମରୁ ସଉଦା ଆଣିବାକୁ ଗଲାବେଳେ ମୋତେ ସ୍କୁଲ ବନ୍ଦ କରି ଦୋକାନରେ ବସିବାକୁ ପଡୁଛି । ସବୁ ଶୁଣିଲା ବେଳକୁ ଅପାଙ୍କର ପୋଷାକ ଲୁହରେ ଭିଜି ସାରିଲାଣି । ଭାଇ ଜଣଙ୍କ ମଧ୍ୟ କୋହ ସମ୍ଭାଳି ପାରୁ ନଥା'ନ୍ତି । ଅପା ଅଭିଷେକର ମା'ଙ୍କୁ ଡକାଇଲେ । କହିଲେ ଅପା, ଅଭିଷେକର ଦୁଇବର୍ଷର ଦରମା ଛାଡ଼ କରି ଦିଆଗଲା । ମୁଁ ସ୍କୁଲରେ ରହୁଛି । ଯଦି ତା'ର ଘରେ କିଛି କାମ ନଥିବ ସେ ସକାଳୁ ସ୍କୁଲ ପଳାଇବ । ମୋ ପାଖରେ ରହିବ । ସେଇଠି ଜଳଖିଆ, ଭାତ ସବୁ ଖାଇବ ଏବଂ ମୁଁ ତା'ର ପାଠ ଦେଖିବି । ଆପଣ ତା' ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ତା'ର ସମସ୍ତ ଦାୟିତ୍ୱ ମୁଁ ନେବି । ଯଦି ଆପଣ ଚାହିଁବେ ମୁଁ ତାକୁ ପୂରା ସମୟ ଆମ ପାଖରେ ରହିବା ପାଇଁ ନେଇ ଯିବି ।

ଅପା ସ୍କୁଲକୁ ଫେରିଲେ । ଭାଇ ସାଙ୍ଗରେ ଅଛନ୍ତି । ବାଟରେ କିଛି କଥା ହୋଇପାରୁ ନାହାନ୍ତି । ମଝିରେ ମଝିରେ କୋହ ଉଠିଲା ଭଳି ଲାଗୁଥାଏ । ରାତ୍ରିରେ ନିତ୍ୟକର୍ମ ଶେଷ କରି ଶୋଇଲା ବେଳକୁ ଭାବୁଥିଲେ, ଆମେ ପିଲାମାନଙ୍କ ସମସ୍ୟା କିଛି ବି ନବୁଝି ତାଙ୍କ ନାଁରେ ଅଭିଯୋଗ କରି ଚାଲିଛୁ । ହୁଏତ ଆମ ଘରେ ଏଇ ଅବସ୍ଥା ଥିଲେ ଆମେ ସ୍କୁଲ ଛାଡ଼ି ଘରେ ରହି ଯାଇଥା'ନ୍ତୁ । ସେ ପିଲାଟି ପାଇଁ ମା'ଙ୍କୁ ଗଭୀର ଭାବରେ ପ୍ରାର୍ଥନା କଲେ । ତାକୁ ସ୍କୁଲକୁ ନେଇ ଆସିଲେ ଏବଂ ତା'ର ସମସ୍ତ ଦାୟିତ୍ୱ ନେଲେ । ଧୀରେ ଧୀରେ ତା'ର ମଧ୍ୟ ଅବସ୍ଥା ବଦଳି ଗଲା । ଆଗ ଭଳି ପାଠରେ ସେ ଆଉ ଅମନୋଯୋଗୀ ହେଲା ନାହିଁ । ପରିବାରରେ ମଧ୍ୟ ସମସ୍ତେ ଆଗଠାରୁ ଭଲରେ ଚଳିଲେ । ଭଉଣୀ, ଭିଣୋଇ ତାଙ୍କ ଘରେ ରହିଲେ । ଭିଣୋଇ ତା'ର ବାପାଙ୍କ ବ୍ୟବସାୟରେ ସାହାଯ୍ୟ କଲେ । ବ୍ୟବସାୟ ମଧ୍ୟ ଆଗଠାରୁ ଆହୁରି ଭଲ ଚାଲିଲା । ଏହା ମଧ୍ୟ ଜଣେ ଅଧ୍ୟକ୍ଷାଙ୍କ ସକ୍-ଆବ୍‌ଜର୍‌ବର୍‌ର ପ୍ରମାଣ ।

ଏମିତି ଯଦି ଦେଖିବା ପ୍ରତ୍ୟେକ ଶିକ୍ଷାକେନ୍ଦ୍ରରେ ନିଶ୍ଚୟ ଏମିତି ଅନେକ ସମସ୍ୟା ଥିବ ଏବଂ ମା'ଙ୍କ କୃପାରୁ ଯେଉଁ ଯେଉଁ ସ୍କୁଲମାନଙ୍କରେ ଏମିତି ଜଣେ ଜଣେ ସକ୍-ଆବ୍‌ଜର୍‌ବର୍ ବାଲା ଅଧ୍ୟକ୍ଷ କିଂବା ଅଧ୍ୟକ୍ଷା ଥିବେ ସେ ସ୍କୁଲରେ ବାହାରର କୌଣସି ଅସୁବିଧା ରହିବ ନାହିଁ ।

ସାଙ୍ଗେ ସାଙ୍ଗେ ମନରେ ପ୍ରଶ୍ନ ଆସିବ ଏପରି ଅଧ୍ୟକ୍ଷ, ଅଧ୍ୟକ୍ଷା କ'ଣ କେଉଁଠାରେ ଅଛନ୍ତି ? ଯଦି ଅଛନ୍ତି ତେବେ କେଉଁଠାରେ ଅଛନ୍ତି ? ଆମେ ଆମ ପାଇଁ ଉଦାହରଣ ନଖୋଜି ନିଜେ ଉଦାହରଣ ହେଲେ ଅସୁବିଧା କେଉଁଠି ? ମନେ ରଖନ୍ତୁ, ଯାହାସବୁ ଲେଖା ହୋଇଛି ତାହା ଆଦୌ କାଳ୍ପନିକ ନୁହେଁ ଏବଂ ଏହାକୁ ଆଚରଣ କରିବା ପାଇଁ ଆଦୌ ଦେବତା ଲୋଡ଼ା ହେବେ ନାହିଁ । ଆମେହିଁ କରିବା । ଆଉ ଆମଠାରୁ ଶିଖି ଯଦି ଅନ୍ୟମାନେ ମଧ୍ୟ ସକ୍-ଆବଜର୍‌ବର୍‌ର ଦାୟିତ୍ୱ ନେବେ ତେବେ ତ ଆମ ସ୍କୁଲ ଗୋଟିଏ ସୁନ୍ଦର ଶାନ୍ତିପୂର୍ଣ୍ଣ ଶିକ୍ଷାକେନ୍ଦ୍ର ହୋଇ ପାରିବ । ❑

ମା'ଙ୍କ ବିଜୟ ମୂଳତଃ ହେଲା ପ୍ରତ୍ୟେକ ସାଧକର ନିଜ ଉପରେ ବିଜୟ । କେବଳ ସେତେବେଳେ ହିଁ କୌଣସି ବାହ୍ୟିକ କର୍ମରେ ସୁସଙ୍ଗତ ପୂର୍ଣ୍ଣତା ଅଣା ଯାଇପାରେ ।

— ଶ୍ରୀଅରବିନ୍ଦ

କାହାଣୀ :

# ରାଜଦୟାର ଶିକାର

## ମନୋଜ ଦାସ

ରାଜାଙ୍କ ପରଲୋକ ବେଳକୁ ଯୁବରାଜ ତରୁଣ । ସେ ସିଂହାସନାରୋହଣ କଲେ । ପ୍ରଜାମାନେ ଖୁସି ହେଲେ । କାରଣ ତରୁଣ ରାଜା ଦୟାଳୁ ଏବଂ ବିବେକୀ ।

ତରୁଣ ରାଜା ଜଣେ ସାଧାରଣ ଲୋକ ଭଳି ବେଶ ହୋଇ ମଝିରେ ମଝିରେ ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସୁଖଦୁଃଖ ବା ସମସ୍ୟା ସଙ୍କଟ ଇତ୍ୟାଦିର ଆକଳନ କରନ୍ତି । ଦରକାର ପଡ଼ିଲେ ସେ ସଙ୍କେତ ଦିଅନ୍ତି । ଅଦୂରରେ ଥିବା ମନ୍ତ୍ରୀ, କଟୁଆଳ ଆସି ପହଞ୍ଚିଯା'ନ୍ତି । ଲୋକେ ବୁଝିପାରନ୍ତି ଯେ ସେ ରାଜା । ସେତେବେଳେ ସେ ସ୍ଥାନୀୟ ସମସ୍ୟାର ସମାଧାନ ସେଇଠାରେ କରି ଦିଅନ୍ତି ।

ଦିନେ ତରୁଣ ରାଜା ଘୋଡ଼ା ଚଢ଼ି ଧୀରେ ଧୀରେ ଗୋଟାଏ ଗାଁ ଭିତର ଦେଇ ଅଗ୍ରସର ହେଉଛନ୍ତି, ଦେଖିଲେ ବାଳକଟିଏ ଗୋଟାଏ ଶୁଆ ଧରି ପକାଇ ତାକୁ ନିଜ ବଶକୁ ଆଣିବାର ଚେଷ୍ଟା କରୁଛି । ଶୁଆଟି ଡେଣା ଫଡ଼ ଫଡ଼ କରି ଖସି ପଳାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି ।

''ଆରେ ବାଳକ, କାହିଁକି ସେ ବିଚରା ଶୁଆକୁ ସେମିତି କଷ୍ଟ ଦେଉଛୁ ? ତାକୁ ଛାଡ଼ି ଦେଉନୁ କାହିଁକି ?'' ରାଜା ଘୋଡ଼ା ଅଟକାଇ ପଚାରିଲେ ।

ପିଲା ବକ୍ତାଙ୍କ ଆଡ଼େ ଅନାଇଲା । ଅଶ୍ୱାରୋହୀ ଯେ ରାଜା, ସେ କଥା ସେ ଜାଣିବାର ଉପାୟ ନଥିଲା । ସେ କହିଲା, ''ବାବୁ, ଅନେକ ସମୟ ଅପେକ୍ଷା କରି, କଷ୍ଟ କରି ମୁଁ ଏହାକୁ ଧରିଛି । ଏହାକୁ କଥା କହିବାକୁ ଶିଖାଇବି । ତା'ପରେ ବିକ୍ରି କଲେ ଦୁଇ ପଇସା ପାଇବି ।''

ରାଜା ବାଳକର ଯୁକ୍ତିବତ୍ତା ବୁଝିଲେ । ସବୁ ପଶୁ-ପକ୍ଷୀଙ୍କର ସ୍ୱାଧୀନତା ଜାହିର କଲା ଭଳି ଆଇନକାନୁନ ତାଙ୍କ ରାଜ୍ୟରେ ନଥିଲା କି ଦେଶର ଅନ୍ୟ କୌଣସି ରାଜ୍ୟରେ ବି ନଥିଲା । ତେଣୁ ବାଳକର ଅପରାଧ କିଛି ନଥିଲା ।

''ଆଚ୍ଛା, ମୋତେ ବିକିବୁ ?'' ରାଜା ପଚାରିଲେ ।

''ବାବୁ, ଇଏତ କଥା କହିବାକୁ ଶିଖି ନାହିଁ । ସେ ପାଇଁ ତାଲିମ ଦେବାକୁ ପଡ଼େ । ତୁମେ ନେଇ କରିବ କ'ଣ ?'' – ବାଳକ ପ୍ରଶ୍ନ ଛଳରେ ଉତ୍ତର ଦେଲା । ''ମୁଁ କିଣିବା ପରେ କ'ଣ କରିବି ସେ କଥା ମୁଁ ବୁଝିବି । ତୁ ବିକିବୁ ନା ନାହିଁ ?'' – ରାଜା ପଚାରିଲେ ।

ବାଳକ ଟିକିଏ ଭାବିଚିନ୍ତି କହିଲା, ''ଉଚିତ ମୂଲ୍ୟ ପାଇଲେ ନ ବିକିବି କାହିଁକି !''

ରାଜା ସୁନା ମୋହରଟିଏ ବାହାର କରି ତାକୁ ଯାଚିଲେ । ଗୋଟାଏ ଶୁଆ ପାଇଁ ସୁନା ମୋହର ! ବାଳକ ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ତା'ପରେ ବଡ଼ ଆପ୍ୟାୟିତ ଭାବରେ ସେ ମୁଦ୍ରାଟି ଗ୍ରହଣ କରି ପକ୍ଷୀଟିକୁ ହସ୍ତାନ୍ତର କଲା ।

ଏହା ଭିତରେ ଜଣେ ଦୁଇଜଣ ପ୍ରବୀଣ ଗ୍ରାମବାସୀ ରାଜାଙ୍କୁ ଚିହ୍ନି ପକାଇଥା'ନ୍ତି । ସେମାନଙ୍କ ଜରିଆରେ ଅଚିରେ ବହୁ ଲୋକ ସେ କଥା ଜାଣିଗଲେ । ସେମାନେ ଭିଡ଼ କରି ଆସିଲେ । ବୟସ୍କମାନେ ପାଖକୁ ଆସି ତାଙ୍କୁ ଅଭିବାଦନ କଲେ । ଅନ୍ୟମାନେ ଦୂରରୁ ଜୁହାର କରି ହାତଯୋଡ଼ି ଠିଆ ହୋଇ ରହିଲେ ।

ରାଜା ଘୋଡ଼ାରୁ ଓହ୍ଲାଇ ଗୋଟାଏ ଢିପ ଉପରକୁ ଗଲେ ଓ ଶୁଆଟିକୁ ହାତ ତୋଳି ଉଡ଼ାଇ ଦେଲେ । ଶୁଆ ଯେତେ କ୍ଷିପ୍ର ଭାବରେ ଡେଣା ବିଞ୍ଚିବା ସମ୍ଭବ ତାହା କରି ଉଡ଼ି ଚାଲିଗଲା । ସମବେତ ଜନତା କରତାଳି ଧ୍ୱନି ଦେଲେ ।

ରାଜା ପୁଲକିତ ହେଲେ । ପକ୍ଷୀ ତା' ସ୍ୱାଧୀନତା ଫେରି ପାଇ ଉଡ଼ିଯିବାର ଦୃଶ୍ୟ ଯେପରି ସୁନ୍ଦର, ଲୋକଙ୍କର ପ୍ରତିକ୍ରିୟା ସେହିପରି ମଧୁର ।

ରାଜା ଢିପରୁ ଅବତରଣ କରି ପୁଣି ଘୋଡ଼ା ଚଢ଼ିବା ଯାଏ ଲୋକେ ତାଙ୍କର ଜୟଧ୍ୱନି ଦେଉଥା'ନ୍ତି ।

''ତୁମ ଭିତରୁ ଆଉ କେହି ଶୁଆଶାରୀ ବା ସେମିତି କିଛି ପକ୍ଷୀ ବନ୍ଦୀ କରି ରଖିଛ ?'' ରାଜା ପ୍ରଶ୍ନ କଲେ ।

ପ୍ରଥମେ ସମସ୍ତେ ଚୁପ୍ ରହିଲେ । ଟିକିଏ ପରେ ଜଣେ ଚଷା କହିଲା,''ମଣିମା ! ମୋ ସ୍ତ୍ରୀ ଗୋଟାଏ ଶାରୀ ପୋଷିଛି । ସ୍ତ୍ରୀ ଯାହା କହେ, ସେ ତାକୁ ଦୋହରାଏ । ସତେଅବା ମୋ ପାଇଁ ଖାଲି ମୋ ସ୍ତ୍ରୀର ସ୍ୱର ଯଥେଷ୍ଟ ନୁହେଁ !''

''ନେଇଆସ – ଶାରୀକୁ; ତୁମ ସ୍ତ୍ରୀକୁ ନୁହେଁ ।'' ରାଜା ଥଟ୍ଟାଳିଆ ଭାବରେ କହିଲେ । ଜନତା ଭିତରେ ହସର ଲହରୀ ଖେଳିଗଲା । ଲୋକଟି ଦୌଡ଼ିଯାଇ ପକ୍ଷୀଟିକୁ ନେଇ ଆସିଲା । ରାଜା ତାକୁ ସୁନା ମୋହରଟିଏ ଦେଲେ ଓ ପକ୍ଷୀଟିକୁ ମୁକ୍ତି ଦେଲେ । ଉଡ଼ିବାକୁ ଅନଭ୍ୟସ୍ତ ପକ୍ଷୀଟି ତଳେ ଘାସ ଉପରେ ବସି ରହିଲା । ତା'ପରେ ଲୋକେ କରତାଳି ଦିଅନ୍ତେ ଡରିମରି ଉଡ଼ିଗଲା ।

ଲୋକଙ୍କ ଜୟଧ୍ୱନି ଭିତରେ ଘୋଡ଼ା ଝପଟାଇ ରାଜା ଚାଲିଗଲେ ।

ନଅରରେ ପହଞ୍ଚି ରାଜା ତାଙ୍କ ରଟୁଆଳକୁ ତଲବ କଲେ । ଯିଏ ଘରେ କୌଣସି ପକ୍ଷୀ ରଖିଛି, ସିଏ ତାକୁ ଆଣି ମୂଲ୍ୟ ବଦଳରେ ରାଜାଙ୍କୁ ସମର୍ପି ଦେବା ଚାହି – ଏହି ସିଦ୍ଧାନ୍ତ ରଟନା କରିବାର ଆଦେଶ ପାଇଲେ ରଟୁଆଳ ।

ସପ୍ତାହକ ଭିତରେ ରାଜା ପନ୍ଦରଗୋଟି ପକ୍ଷୀ ପାଇଲେ । ଗୋଟାଏ ଦିନ ସ୍ଥିର ହେଲା । ରାଜା ଛାତ ଉପରକୁ ଯାଇ ଏକ ପରେ ଏକ ପକ୍ଷୀ ଉଡ଼ାଇଲେ । ତଳେ ଥାଇ ପାତ୍ରମିତ୍ର ଅମାତ୍ୟଗଣ କରତାଳି ମାଡ଼ ଦେଲେ । ରାଜା ପ୍ରୀତ ଦେଖାଗଲେ ।

ଏହି ବ୍ୟାପାର ପ୍ରତି ଦୃଷ୍ଟି ଦେବା ନିମନ୍ତେ ନିଯୁକ୍ତ କର୍ମଚାରୀ ପର ସପ୍ତାହରେ ମଧ ପ୍ରାୟ ସମାନ ସଂଖ୍ୟକ ପକ୍ଷୀ ମିଳିଥିବାର ସମ୍ବାଦ ରାଜାଙ୍କୁ ଜଣାଇଲେ । ସେତେବେଳକୁ ଏ ନୂତନ ଅନୁଷ୍ଠାନ ଉପଲକ୍ଷେ ସଭାକବି ଗୋଟାଏ ଚମତ୍କାର କବିତା ବି ରଚନା କରିଥା'ନ୍ତି । ସେ ତାହା ଆବୃତ୍ତି କରୁଥା'ନ୍ତି; ତେଣେ ପ୍ରାସାଦ ଉପରେ ଦଣ୍ଡାୟମାନ ରାଜା ସ୍ୱତନ୍ତ୍ର କର୍ମଚାରୀଙ୍କ ହାତରୁ ଗୋଟାଏ ଗୋଟାଏ ପକ୍ଷୀ ନେଇ ଉଡ଼ାଇ ଦେଉଥା'ନ୍ତି । ସମବେତ ସମ୍ଭ୍ରାନ୍ତ ଜନତା କରତାଳି ମାଡ଼ ଦେଉଥା'ନ୍ତି ।

ତେଣିକି ଏହା ନିୟମିତ ସାପ୍ତାହିକ ଅନୁଷ୍ଠାନରେ ପରିଣତ ହେଲା ।

ବର୍ଷଟିଏ ବିତିଗଲା ।

ନଅରକୁ ମଝେ ମଝେ ଆସୁଥା'ନ୍ତି ରାଜାଙ୍କ ପରଲୋକଗତ ପିତାଙ୍କର ଜଣେ ସହପାଠୀ – ଏକ ଗୁରୁକୁଳର ଅଧକ୍ଷ । ଦିନେ ସେ ଆସି ପହଞ୍ଚିବା ବେଳକୁ ପକ୍ଷୀ-ମୁକ୍ତି ଅନୁଷ୍ଠାନ ଆରମ୍ଭ ହେଉଛି । ରାଜା ଅଧକ୍ଷଙ୍କୁ ସାଦର ଅଭ୍ୟର୍ଥନା ଜଣାଇ ଛାତ ଉପରକୁ ନେଇ ଆସିଲେ । ବିଜ୍ଞ, ଋଷିପ୍ରାଣ ଅଧକ୍ଷ ମହୋଦୟ ଯେ ରାଜାଙ୍କର ଏଭଳି କରୁଣାପୂର୍ଣ୍ଣ କର୍ମ ଦେଖି ବାହାବା ଦେବେ, ଏଥିରେ ରାଜାଙ୍କର ସନ୍ଦେହ ନଥିଲା । ସେଦିନ ସେ ତିରିଶ ସରିକି ପକ୍ଷୀଙ୍କ ପ୍ରତି କରୁଣା ପ୍ରଦର୍ଶନ କଲେ ।

କିନ୍ତୁ ଅଧକ୍ଷ ମହୋଦୟ ଖାଲି ସ୍ୱଗତୋକ୍ତି କଲା ଭଳି କହିଲେ, ''ଏବେ ବୁଝିଲି !''

''ଆଜ୍ଞା ? କ'ଣ ବୁଝିଲେ ?'' ରାଜା ବିଚଳିତ ଭାବରେ ପଚାରିଲେ ।

ଅଧକ୍ଷ ସଙ୍ଗେ ସଙ୍ଗେ କିଛି ଉତ୍ତର ନଦେଇ ମୃଦୁ କଣ୍ଠରେ ରାଜାଙ୍କୁ କହିଲେ, ''କାହାକୁ କିଛି ନଜଣାଇ, ଆଗାମୀ କାଲି ମୋ ସହ ଛଦ୍ମବେଶରେ ବଣ ପାଖକୁ ଯିବାକୁ ହେବ । ପ୍ରସ୍ତୁତ ?''

''ନିଶ୍ଚୟ ।'' ରାଜା କହିଲେ ।

ପରଦିନ ଦୁହେଁ ଦୁଇଟି ଘୋଡ଼ା ଚଢ଼ି ଯାଇ ବଣ ଭିତରେ ପଶିଲେ । କେତୋଟି ନିବିଡ଼ ଗଛ ଆଡୁଆଳରେ ଠିଆ ହୋଇ ଦୁହେଁ ଦେଖିଲେ, ଆଖପାଖ ଗାଁର ଲୋକେ ନାନା ଉପାୟରେ ପକ୍ଷୀ ଧରିବାକୁ ଚେଷ୍ଟା କରୁଛନ୍ତି । କିଏ ଫାଶ ବସାଇଛି ତ କିଏ ଗଛ ଉପରେ ପକ୍ଷୀ ବସା ଭିତରେ ଅଠା ଥୋଇ ଦେଇଛି । ସେମିତି ଧରପଗଡ଼ କଲାବେଳେ କେତେକ ପକ୍ଷୀ ମରୁଛନ୍ତି ଏବଂ ଆହତ ହୋଇ ପଳାଇ ଯାଉଛନ୍ତି ।

ରାଜାଙ୍କ ମୁହଁ ଶେତା ପଡ଼ିଗଲା ।

''ରାଜା ! ମୁଁ କ'ଣ ବୁଝିଲି, ବର୍ତ୍ତମାନ ସେ କଥା ତୁମେ ବୁଝୁଥିବ । ଗତକାଲି ଏ ବାଟ ଦେଇ ଗଲାବେଳେ ମୁଁ ଏ ଦୃଶ୍ୟ ଦେଖିଥିଲି । ପ୍ରାସାଦରେ ତୁମ ପକ୍ଷୀ-ମୁକ୍ତି ଅନୁଷ୍ଠାନ ଦେଖି ଏ ବ୍ୟାପକ ପକ୍ଷୀ-ବନ୍ଧନ ଅନୁଷ୍ଠାନର ତାତ୍ପର୍ଯ୍ୟ ବୁଝିଲି ।'' ଅଧକ୍ଷ କହିଲେ ।

''ଆଜ୍ଞା ! ମୁଁ କିନ୍ତୁ ପକ୍ଷୀଙ୍କ ହିତ ପାଇଁ ସେ ପଦକ୍ଷେପ ନେଇଥିଲି ।'' ରାଜା ବିମର୍ଷ ଭାବରେ କହିଲେ ।

''ହିତ ପାଇଁ କରିଥିଲ ନିଶ୍ଚୟ । କିନ୍ତୁ ହିତ କାମନା ହିଁ ତୁମର ଏକମାତ୍ର ପ୍ରେରଣା ଥିଲା କି ? ଲୋକେ ତୁମକୁ କରୁଣାମୟ, ଦୟାବନ୍ତ ରାଜା ଭାବରେ ଦେଖିବେ, ତୁମର ପ୍ରଶସ୍ତି ଗାଇବେ, ଏଭଳି ବାସନା କ'ଣ ନଥିଲା ? ବତ୍ସ ! କେବଳ ମାତ୍ର ନିରାସକ୍ତ, ମହତ୍ ଚେତନାରୁ ନିଃସୃତ କରୁଣା ବା ହିତକାର୍ଯ୍ୟ ବାସ୍ତବରେ କାହାରି ମଙ୍ଗଳ କରିବାକୁ ସକ୍ଷମ । କାମନାବାସନା ଯେତେବେଳେ ଦୟା ଭାବରେ ପ୍ରକଟିତ ହୁଏ, ତାହାର ଅନ୍ୟ ଏକ ଅଜଣା ଅନ୍ଧକାର ପ୍ରତିକ୍ରିୟା ମଧ ଅନିବାର୍ଯ୍ୟ ।'' କହିଲେ ଅଧକ୍ଷ ।

('ମନୋଜ ଦାସ ପରିବେଷିତ ଉପକଥା ଶତକ'ରୁ ସଂଗୃହୀତ, ପୃ. ୨୮୫-୨୮୯) ❑

# ରାଜାଙ୍କ ସୁରକ୍ଷା

## ବନମାଳୀ ଆଚାର୍ଯ୍ୟ

ରାଜାଙ୍କର ଅତି ମୂଲ୍ୟବାନ୍ ହଳେ ଜୋତାରୁ ଗୋଟିଏ ହଜିଯାଇଥିବାର ଖବର ପାଇ ମନ୍ତ୍ରୀ ବିବ୍ରତ ହୋଇ ପଡ଼ିଲେ । ତାଙ୍କର ମନେହେଲା, ଯଦିଓ ଘଟଣାଟି ଅସମ୍ଭବ, କେହି ଜଣେ ଏହାକୁ ଚୋରି କରି ଥାଇପାରେ । ଏହି ବିଷୟରେ ସେ ଗଭୀର ଭାବେ ଚିନ୍ତା କଲେ, ମାତ୍ର କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ଜଣେ କିପରି ଭାବରେ ଏହାକୁ ଚୋରି କରିପାରିବ ? ତାକୁ ଜଣାଥିବ ଯେ ଏହାର ପରିଣତି ଫାଶୀଦଣ୍ଡ ! ଜଣେ ହଳକଯାକ ଜୋତା ନନେଇ ଗୋଟିଏ ନେବ କାହିଁକି ? ମନ୍ତ୍ରୀ ଘଟଣାର ପଛରେ କିଛି ରହସ୍ୟ ଥିବାର ଅନୁମାନ କଲେ । ହଜି ଯାଇଥିବା ଜୋତା ଉପରେ ଅନୁସନ୍ଧାନ ଚଳାଇବାକୁ ସେ ତାଙ୍କର ବିଶ୍ୱସ୍ତ କର୍ମଚାରୀମାନଙ୍କୁ ଆଦେଶ ଦେଲେ । ରାଜ୍ୟରେ ଘଟିଯାଉଥିବା ଚୋରି, ଲୁଣ୍ଠନ ଆଦି ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ରାଜା ବରିଷ୍ଠ ଅଧିକାରୀଙ୍କ ସହ ବଗିଚାଗୃହରେ ଏକ ରୁଦ୍ଧଦ୍ୱାର ଆଲୋଚନାରେ ବ୍ୟସ୍ତ ଥିଲେ । ଗୁପ୍ତଚରମାନଙ୍କ ଠାରୁ ତାଙ୍କୁ ଖବର ମିଳିଥିଲା ଯେ ସୀମାନ୍ତରୁ ଶତ୍ରୁମାନେ ସାରା ରାଜ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରାଇବା ସକାଶେ ଷଡ଼୍ୟନ୍ତ୍ର ତିଆରି କରୁଥିଲେ । ଏ ପ୍ରକାର ସମ୍ବେଦନଶୀଳ ପରିସ୍ଥିତିର ମୁକାବିଲା କରିବା ଗୁପ୍ତ ଆଲୋଚନାର ଉଦ୍ଦେଶ୍ୟ ଥିଲା । ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଏହି ଆଲୋଚନା ଚାଲିବାର ସମ୍ଭାବନା ଥିଲା ।

ସମସ୍ତ ସମ୍ଭାବ୍ୟ ସ୍ଥାନରେ ମନ୍ତ୍ରୀଙ୍କର କର୍ମଚାରୀମାନେ ଅନୁସନ୍ଧାନ ଚଳାଇଲେ । ଅଗଣା ଓ ବଗିଚା ସବୁଠାରେ ତନଖି ଦେଖିଲେ । କାର୍ଯ୍ୟରତ ଜଗୁଆଳିମାନେ ସେମାନଙ୍କୁ ଏ ସମ୍ପର୍କୀୟ କୌଣସି ତଥ୍ୟ ଦେଇ ପାରିଲେ ନାହିଁ । କୌଣସି ପରିଚିତ ବା ଅପରିଚିତ ବ୍ୟକ୍ତି ସେମାନଙ୍କର ସନ୍ଦେହ ପରିସରଭୁକ୍ତ ନଥିଲେ । ସମୟ ବିତିବା ସହିତ ମନ୍ତ୍ରୀ ଅଧିକ ଚିନ୍ତଶୀଳ ଦେଖାଗଲେ । ସେ ରାଜାଙ୍କୁ କ'ଣ ଉତ୍ତର ଦେବେ ? ଜୋତା ବଡ଼ କଥା ନଥିଲା, ମାତ୍ର ରାଜାଙ୍କର ସମ୍ମାନ ଓ ରାଜ୍ୟର ସମ୍ମାନ ବଡ଼ କଥା ଥିଲା ଏବଂ ସବୁଠାରୁବଳି ମହତ୍ତ୍ୱପୂର୍ଣ୍ଣ କଥା ଥିଲା ଏହା କ'ଣ ଚୋରି ନା ଷଡ଼୍ୟନ୍ତ୍ର ଅଥବା ଏକ ଆସନ୍ନ ଲଢ଼େଇର ଆହ୍ୱାନ ? ଜଣେ ଚୋର କେବେହେଲେ ପ୍ରାପ୍ତ ବସ୍ତୁର ଅର୍ଦ୍ଧେକ ପରିତ୍ୟାଗ କରିବା କଥା ମନକୁ ଆଣିବ ନାହିଁ । ଏପରି ମଧ୍ୟ କେହି ନାହିଁ ଯିଏ ରାଜାଙ୍କ ସହ ଏହି ଧରଣର କୌତୁକ ସୃଷ୍ଟି କରିବାକୁ ସାହସ କରିବ । ରାଜାଙ୍କର ଜୋତା ଅତ୍ୟଧିକ ଦାମୀ ଥିଲା । ତାହା ଆଣ୍ଠୁତଳ ପର୍ଯ୍ୟନ୍ତ ଲମ୍ବ ଥିଲା । ଆହୁରି ମଧ୍ୟ ବେଶ୍ ଲୋଭନୀୟ ଥିଲା । ସେଥିରେ ସୁନା ଓ ହୀରାର ଲତାଚିତ୍ରମାନ ଥିଲା । ସୂକ୍ଷ୍ମ କାରୁକାର୍ଯ୍ୟରେ ତାହା ଆକର୍ଷଣୀୟ ଦେଖା ଯାଉଥିଲା । ମାତ୍ର ଜୋତା ହଜିବା ପଛରେ ଯେଉଁ ଅଜ୍ଞାତ ଉଦ୍ଦେଶ୍ୟଟି ରହିଥିଲା ତାହା ଜାଣିବା ପାଇଁ ମନ୍ତ୍ରୀ ଅସ୍ଥିର ହୋଇ ପଡୁଥିଲେ ।

ସମୟ ଅପରାହ୍ଣ । ରାଜପ୍ରାସାଦର ଏକ ଅନୁଚ୍ଚ ଛାତ ଉପରେ ମାଙ୍କଡ଼ଟିଏ ରାଜାଙ୍କ ଜୋତାକୁ ଧରି ଖେଳୁଥିବାର ମନ୍ତ୍ରୀଙ୍କର ଦୁଇଜଣ କର୍ମଚାରୀ ଦେଖିବାକୁ ପାଇଲେ । ମାଙ୍କଡ଼ଟି ରାଜାଙ୍କର ପୋଷା ଜୀବମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ସେହି ଜୀବଟି ରାଜପ୍ରାସାଦର ଯେକୌଣସି ସ୍ଥାନକୁ ଅବାଧରେ ପ୍ରବେଶ କରିପାରୁଥିଲା, କିନ୍ତୁ ଅନ୍ୟମାନଙ୍କ ସକାଶେ ସେପରି ଅନୁପ୍ରବେଶ ଅନୁମତିସାପେକ୍ଷ ଥିଲା । ମାଙ୍କଡ଼ଟି ବ୍ୟତୀତ ରାଜାଙ୍କର ଅନ୍ୟ ପୋଷାଜୀବଗୁଡ଼ିକ ହେଲେ ଗୋଟିଏ ନେଉଳ, ଗୋଟିଏ ବିରାଡ଼ି ଓ ଗୋଟିଏ କୁକୁର । ସେଗୁଡ଼ିକ ବି ମାଙ୍କଡ଼ ଭଳି ରାଜପ୍ରାସାଦରେ ପରିଚିତ ଥିଲେ ଏବଂ ସର୍ବତ୍ର ମୁକ୍ତ ଭାବରେ ବିଚରଣ କରିପାରୁଥିଲେ । ଯେତେବେଳେ ରାଜା ଏକାନ୍ତରେ ରହୁଥିଲେ ଅଥବା ଖୋଲା ଛାତ ଉପରେ ଏକୁଟିଆ ବସି ମୁକ୍ତବାୟୁ ସେବନ କରୁଥିଲେ, ତାଙ୍କର ପୋଷା ଜୀବମାନେ ପ୍ରାୟତଃ ତାଙ୍କ ସହିତ ରହୁଥିଲେ, ସତେ ଯେପରି ରାଜାଙ୍କର ନୀରବତା ଏବଂ ମୂକ ଜୀବମାନଙ୍କର ନୀରବ ଉପସ୍ଥିତି ମଧ୍ୟରେ ଏକ ତାଳମେଳ ଥିଲା । ବୋଧହୁଏ ସେମାନେ ରାଜାଙ୍କର ମନର ଅବସ୍ଥାକୁ ବୁଝି ପାରୁଥିଲେ । ସେମାନଙ୍କ ଭିତରେ କେବେହେଲେ କୌଣସି ଦ୍ୱନ୍ଦ୍ୱ ନଥିଲା । ପ୍ରବୃତ୍ତିଗତ ଭାବରେ ସେମାନେ ପରସ୍ପରକୁ ଆକ୍ରମଣ କରିବା କେବେ ମଧ୍ୟ ଦେଖାଯାଇ ନଥିଲା । ଅନ୍ୟପକ୍ଷରେ ରାଜାଙ୍କର ସାନ୍ନିଧ୍ୟ ଲାଭ କରି ସେମାନେ ନିର୍ଭୟରେ ଓ ରାଜକୀୟ ଠାଣିରେ ଏଣେତେଣେ ଘୂରି ବୁଲୁଥିଲେ ।

ମନ୍ତ୍ରୀଙ୍କର ଲୋକ ଦୁଇଜଣ ମାଙ୍କଡ଼ର ବିଚିତ୍ର ଗତିବିଧିକୁ

ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହେଲେ । ସେ ଜୋତାକୁ ପ୍ରଥମେ ଗୋଟିଏ ଗୋଡ଼ ଓ ପରେ ଅନ୍ୟଟିରେ ପିନ୍ଧିବାକୁ ଚେଷ୍ଟା କରୁଥିଲା । ବେଳେବେଳେ ଏହାକୁ ମସ୍ତକ ଉପରେ ବହନ କରି ଚାଲୁଥିଲା, କିଂବା ଏଣେତେଣେ ଆଖି ବୁଲାଇ ଦାନ୍ତ ଲଗାଇ କାମୁଡ଼ିବାରେ ମନ ଦେଉଥିଲା, ମାତ୍ର ଏହା କେବେହେଲେ ଜୋତାକୁ ନିଜଠାରୁ ଅଲଗା ହେବାକୁ ଦେଉ ନଥିଲା । ସେମାନେ ଯେତେବେଳେ ମାଙ୍କଡ଼ ସହ କୌତୁକପୂର୍ଣ୍ଣ ବୁଦ୍ଧିର ଖେଳ ଆରମ୍ଭ କଲେ, ସେ ଜୋତାଟିକୁ ସେମାନଙ୍କ ଆଡ଼କୁ ଫିଙ୍ଗିଦେଲା । ଏହା ମଇଳା, ଛିଣ୍ଡା, ଚେପଟା ଓ ଦରଭଙ୍ଗା ଅବସ୍ଥାରେ ଥିଲା । ଏହାର ଭିତର ପାର୍ଶ୍ୱରେ ରକ୍ତ ଛିଟା ଲାଗିଥିଲା । ଭିତରୁ ଏକ ପ୍ରକାରର ଦୁର୍ଗନ୍ଧ ଆସୁଥିଲା । କର୍ମଚାରୀ ଦୁଇଜଣ ରକ୍ତ ଓ ଦୁର୍ଗନ୍ଧର କାରଣ ଜାଣି ନପାରି ବିବ୍ରତ ହୋଇ ପଡ଼ିଲେ । ଏଥର ଅଧିକ ମନୋଯୋଗୀ ହୋଇ ନିଷ୍ଠାର ସହ ତଦନ୍ତ ପ୍ରକ୍ରିୟାକୁ ଜାରି ରଖିଲେ । ସେମାନେ ଜୋତା ତଳେ କଳାରଙ୍ଗର ମାଟି ଲାଗିଥିବାର ଦେଖିବାକୁ ପାଇଲେ । ତେଣୁ ସେମାନେ ପାଣି ଟ୍ୟାପ୍ ନିକଟକୁ ଆସିଲେ, ଯେଉଁଠାରେ ବହୁତ କଳାରଙ୍ଗର ମାଟି ମଇଳା ଜଳଧାର ନିକଟରେ ଠୁଳ କରି ରଖା ଯାଇଥିଲା । ସେମାନେ ସ୍ଥାନଟିକୁ ଭଲ ଭାବରେ ନିରୀକ୍ଷଣ କଲେ । ସେଠାରେ ଗୋଟିଏ ମାଛର ପରିତ୍ୟକ୍ତ ଅଂଶ ପଡ଼ି ରହିଥିଲା । ଏହାକୁ ଭଲ ଭାବରେ ଦେଖି ସେମାନେ ଏକ ପିଣ୍ଡି ଉପରେ ଥିବା ପଥର ନିର୍ମିତ ପାଣିଟାଙ୍କି ନିକଟରେ ପହଞ୍ଚିଲେ । ପାଣିଟାଙ୍କିଟି ଏକ ମାଛ ଘର ଭାବରେ ବ୍ୟବହୃତ ହେଉଥିଲା । ସେଥିରେ ଭିନ୍ନ ଭିନ୍ନ କିସମର ଓ ରଙ୍ଗର ମାଛ ରଖା ଯାଇଥିଲା ।

ସେମାନେ ଦେଖିଲେ, ଆହତ ଓ ଅର୍ଦ୍ଧମୃତ ଅବସ୍ଥାରେ ନାଗ ସାପଟିଏ ପାଣିଟାଙ୍କିର ଜଳ ଉପରେ ଭାସୁଥିଲା । ଘଟଣାଟି ନେଉଳ ଦ୍ୱାରା ହୋଇଥାଇ ପାରେ ବୋଲି ସେମାନଙ୍କର ଧାରଣା ହେଲା । ସେମାନେ ବଗିଚା ଘର ନିକଟରେ ପହଞ୍ଚିଲେ ଯେଉଁଠାରେ ରାଜାଙ୍କ ପୋଷା ନେଉଳଟି ବୁଲୁଥିବାର ସେମାନେ ଦେଖିଥିଲେ । ସେଠାରେ ଥିବା ଧୂଳିରାସ୍ତା ଉପରେ ସାପଟିଏ ଯାଇଥିବାର ଚିହ୍ନ ସେମାନେ ଦେଖି ପାରିଲେ । ଚିହ୍ନଟି ବଗିଚା ଘର ପାହାଚ ପର୍ଯ୍ୟନ୍ତ ପରିଷ୍କାର ଜଣା ପଡୁଥିଲା । ଏହି ସମସ୍ତ କିଛିକୁ ଆଧାର କରି ସେମାନେ ଘଟଣା ଉପରେ ଏକ ବିବରଣୀ ପ୍ରସ୍ତୁତ କଲେ । ଏହା ପରେ ମିଳିଥିବା ଜୋତା ଓ ବିବରଣୀକୁ ସେମାନେ ମନ୍ତ୍ରୀଙ୍କୁ ଅର୍ପଣ କଲେ । ମନୋଯୋଗ ସହକାରେ ମନ୍ତ୍ରୀ ବିବରଣୀକୁ ଆମୂଳଚୂଳ ପାଠକଲେ । ତାଙ୍କର ବୋଧଗମ୍ୟ ହେଲା ଯେ ଏହା ଏକ ବିରଳ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ଯାହା ମନୁଷ୍ୟକୃତ ନଥିଲା ।

ତଦନ୍ତ ବିବରଣୀରେ ଉଲ୍ଲେଖ ଥିଲା – ''ରାଜାଙ୍କର ଜୋତା ବଗିଚାଗୃହର ଦ୍ୱାର ପାଖରେ ରଖା ଯାଇଥିଲା । ଗୃହ ସମ୍ମୁଖରେ କର୍ତ୍ତବ୍ୟରତ ଜଗୁଆଳିମାନେ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ । ସେମାନେ ଚାଲିବା ସମୟରେ ଚାରିଆଡ଼କୁ ନଜର ପକାଉଥିଲେ । ଏକ ମଧ୍ୟମ ଆକାରର ନାଗସାପ ବଗିଚା ଭିତରୁ ବାହାରକୁ ଆସିଲା । ତା'ପରେ ଧୂଳିରାସ୍ତା ଉପରେ ଏହା ଆଗକୁ ବଢ଼ିଲା ଏବଂ ବଗିଚା ଗୃହର ପାହାଚ ଶ୍ରେଣୀ ନିକଟରେ ପହଞ୍ଚିଲା । ଧୂଳି ଉପରେ ଏହାର ଗତି କରିବାର ବକ୍ରଚିହ୍ନ ପରିଷ୍କାର ବାରି ହୋଇ ପଡୁଥିଲା । ପାହାଚ ଉପରେ ଚଢ଼ି ଏହା ରାଜାଙ୍କର ଗୋଟିଏ ଜୋତା ଭିତରକୁ ପ୍ରବେଶ କଲା । ସମ୍ଭବତଃ ଏହାକୁ ଏକ ନିରାପଦ ଗର୍ତ୍ତ ଧରି ନେଇଥିଲା । ସେତେବେଳକୁ ରାଜାଙ୍କର ପୋଷା ନେଉଳ ତାକୁ ଅନୁସରଣ କରି ବଗିଚା ଭିତରେ ପହଞ୍ଚି ସାରିଥିଲା ଏବଂ ଏଣେତେଣେ ଘୂରି ବୁଲୁଥିଲା । ତା'ର ନଜର ଜୋତା ଭିତରକୁ ପ୍ରବେଶ କରୁଥିବା ସାପ ଉପରେ ପଡ଼ିଲା । ଅବିଳମ୍ବେ ନେଉଳ ସାପ ନିକଟରେ ପହଞ୍ଚିଗଲା ଏବଂ ଏହାକୁ ଆକ୍ରମଣ କଲା । ଆହତ ଓ ରକ୍ତାକ୍ତ ହୋଇ ସାପ ଜୋତା ଭିତରେ ପଡ଼ି ରହିଲା । ନେଉଳ ଜୋତାକୁ ଦାନ୍ତରେ ଧରି ଅନ୍ୟତ୍ର ନେଇଗଲା । ଏହା ଏତେ ଶୀଘ୍ର ଘଟିଗଲା ଯେ ଜଗୁଆଳିମାନେ କିଛି ଜାଣି ପାରିଲେ ନାହିଁ । ପାଣିଟାଙ୍କି ନିକଟରେ ଜୋତାକୁ ଛାଡ଼ି ନେଉଳ ପଳାୟନ କଲା । ସାପଟି ତଥାପି ଜୀବିତ ଥିଲା । ପାଣି ପିଇବା ଉଦ୍ଦେଶ୍ୟରେ ଏହା ପାଣିଟାଙ୍କି ଉପରକୁ ଚଢ଼ିଲା ଏବଂ ଜଳ ଉପରେ ଭାସମାନ ଅବସ୍ଥାରେ ପଡ଼ି ରହିଲା । ସାପକୁ ଦେଖି ପାଣିଟାଙ୍କିରୁ ମାଛଟିଏ ବାହାରକୁ ଡେଇଁ ପଡ଼ିଲା ଏବଂ ରାଜାଙ୍କ ଜୋତା ଭିତରେ ପଡ଼ିଲା । ଜୋତା ଭିତରେ ଛଟପଟ ହେବା ସମୟରେ ରାଜାଙ୍କର ପୋଷା ବିରାଡ଼ିର ଦୃଷ୍ଟିକୁ ଆସିଲା । ଭିତରେ ମୂଷା ଥାଇପାରେ ଭାବି ବିରାଡ଼ି ଜୋତାକୁ ଦାନ୍ତରେ କାମୁଡ଼ି ପାଣି ଟ୍ୟାପ୍ ଥିବା ନିରୋଳା ସ୍ଥାନରେ ପହଞ୍ଚିଲା । ଅଦୂରରେ ଥାଇ ରାଜାଙ୍କର ପୋଷା କୁକୁର ବିରାଡ଼ିକୁ ଲକ୍ଷ୍ୟ କରୁଥିଲା । ସେ ବିରାଡ଼ିଠାରୁ ଜୋତାକୁ ଛଡ଼ାଇ ନେଲା । ମାଛଟି ତଳେ ପଡ଼ି ଛଟପଟ ହେଲା । ଉଭୟେ ଏହାର ଅର୍ଦ୍ଧାଂଶ ଭକ୍ଷଣ କଲେ । ଅବଶିଷ୍ଟ ଅଂଶଟିକୁ ସେଠାରେ ଛାଡ଼ିଦେଇ ଗଲେ । ପରେ ରାଜାଙ୍କ ପୋଷା ମାଙ୍କଡ଼ ଜୋତାକୁ ନେଇ ଛାତ ଉପରେ ଖେଳିଲା ଏବଂ ତଦନ୍ତକାରୀ

କର୍ମଚାରୀ ଦୁଇଜଣ କୌଶଳକ୍ରମେ ଏହାକୁ ଉଦ୍ଧାର କଲେ । ଜୋତା ଭିତରେ ରକ୍ତଛିଟା ସାପର ଥିଲା ଏବଂ ଦୁର୍ଗନ୍ଧ ମାଛର ଥିଲା । ଏହା ଏକ ଚୋରି ଘଟଣା ନଥିଲା । ରାଜାଙ୍କର ପୋଷା ଜୀବଙ୍କ ଦ୍ୱାରା ଏକ ସ୍ଥାନାନ୍ତରୀକରଣ ପ୍ରକ୍ରିୟା ଥିଲା ।''

ମନ୍ତ୍ରୀ ରାଜାଙ୍କ ସମ୍ମୁଖରେ ତାଙ୍କର ଜୋତା ହଜିଥିବା ଘଟଣାକୁ ବର୍ଣ୍ଣନା କଲେ । ରାଜାଙ୍କର କୌଣସି ପ୍ରତିକ୍ରିୟା ନଥିଲା ।

ସେ ସ୍ୱାଭାବିକ ଭାବରେ ଶାନ୍ତ ଓ ନୀରବ ଥିଲେ । କିଛିକ୍ଷଣ ନୀରବ ରହିବା ଉତ୍ତାରେ ସେ ଧୀର ସ୍ୱରରେ କହିଲେ, ''ଜଣେ ରାଜା ତାଙ୍କର ପ୍ରଜାମାନଙ୍କୁ ସୁରକ୍ଷା ଦିଅନ୍ତି, ମାତ୍ର ରାଜାଙ୍କୁ ସୁରକ୍ଷା ଦେବ କିଏ ? ମୋ ପାଖରେ ଥିବା ଲୋକମାନେ ସବୁବେଳେ ବିଶ୍ୱସ୍ତ ହୋଇ ନ ପାରନ୍ତି, ମାତ୍ର ମୋର ପୋଷା ଜୀବମାନେ ସର୍ବଦା ବିଶ୍ୱସ୍ତ ହୋଇ ରହିବେ । ମୁଁ ପ୍ରଜାମାନଙ୍କୁ ଯେତିକି ଭଲ ପାଏ, ତା'ଠାରୁ ଅଧିକ ଭଲପାଇବା ଏହି ଇତର ଜୀବମାନେ ମୋତେ ଦେଇଥା'ନ୍ତି ।'' ମନ୍ତ୍ରୀ ଭାବୁଥିଲେ – ଯଦି ନେଉଳ ସାପକୁ ଦେଖି ନଥା'ନ୍ତା, ରାଜା କ'ଣ ସୁରକ୍ଷିତ ଥା'ନ୍ତେ ? ତାଙ୍କ ନିଜ ଆୟତ୍ତ ବାହାରେ ଥିବା ଏକ ସମସ୍ୟାର ସମାଧାନ ରାଜାଙ୍କର ପୋଷାଜୀବମାନେ ନିଜର ପ୍ରବୃତ୍ତିଗତ ଧାରାରେ କରିପାରିଲେ । ପ୍ରେମ ଓ ବିଶ୍ୱାସ ସେମାନଙ୍କୁ ଏକ ଉଚ୍ଚତର ସ୍ତରକୁ ଉଠାଇ ନେଇ ପାରିଲା ।

କାହାଣୀରେ ନେଉଳ ସାପକୁ ଆହତ କରିବା ଘଟଣା ଏକ ପ୍ରବୃତ୍ତିଗତ କାର୍ଯ୍ୟ । ସାପ ସହିତ ଜୋତାକୁ ଏକ ନିରାପଦ ଦୂରତାକୁ ବହନ କରିନେବା ତା'ର ଏକ ସ୍ୱାଭାବିକ କାର୍ଯ୍ୟ ନୁହେଁ । ମାତ୍ର ଏପରି କରିବା ଭିତରେ ରାଜାଙ୍କର ସୁରକ୍ଷା ନିହିତ ଥିଲା । କାରଣ ଯେକୌଣସି ସମୟରେ ରାଜା ବାହାରକୁ ଆସି ନିଜର ଜୋତା ବ୍ୟବହାର କରିବେ ଏବଂ ନାଗସାପ କାରଣରୁ ବିପଦଗ୍ରସ୍ତ ହୋଇ ପଡ଼ିବାର ସମ୍ଭାବନା ଥିଲା । ଜୋତାର ସ୍ଥାନ ପରିବର୍ତ୍ତନରେ ବିପଦ ଟଳିଗଲା । ଇତର ଜୀବଟିଏ ହେଲେ ବି ରାଜା ନେଉଳକୁ ଭଲ ପାଉଥିଲେ । ହୁଏତ ଜୀବଟି ନିଜର ସହଜାତ ପ୍ରବୃତ୍ତିବଶରେ ଏହିପରି କରିଥିଲା, ଯାହା ରାଜାଙ୍କର ସୁରକ୍ଷା ଦିଗରେ ସହାୟକ ହୋଇ ପାରିଲା । ସହଜାତ ମୂଳପ୍ରବୃତ୍ତି ହେଲା ପ୍ରକୃତିର ଚେତନା । ଏହା ବ୍ୟକ୍ତିଗତ ଚେତନା ନୁହେଁ । ଜୀବଜାତି ମଧ୍ୟରେ ଏ ପ୍ରକାର ମୂଳପ୍ରବୃତ୍ତି ଦେଖାଯାଏ ।

ମାତୃରଚନାବଳିର ପଞ୍ଚମ ଖଣ୍ଡରେ ଦିବ୍ୟଜନନୀ ଶ୍ରୀମା ଉଲ୍ଲେଖ କରିଛନ୍ତି –

''ଯଦି ଶରୀରକୁ ଏକାକୀ ଛାଡ଼ି ଦିଆଯାଏ, ତାହା ଉପରେ କୌଣସି ହସ୍ତକ୍ଷେପ କରା ନଯାଏ, ତେବେ ଶରୀର ଏକ ସୁନିଶ୍ଚିତ ସହଜାତ ପ୍ରବୃତ୍ତିକୁ କାର୍ଯ୍ୟରେ ଲଗାଇପାରେ । ଉଦାହରଣ ସ୍ୱରୂପ, ଯଦି ଶରୀରକୁ ତା' ସ୍ୱାଧୀନ ଇଚ୍ଛାରେ ପରିଚାଳିତ ହେବାକୁ ଛାଡ଼ି ଦିଆଯାଏ, ତେବେ ଶରୀରର ଆବଶ୍ୟକତା ନଥିବା ବେଳେ କଦାପି ଆହାର ଗ୍ରହଣ କରିବ ନାହିଁ ବା ତା' ଲାଗି ଯାହା କ୍ଷତିକାରକ, ସେସବୁକୁ ଛୁଇଁବାକୁ ବି ଯିବ ନାହିଁ । ଯେତେବେଳେ ନିଜର ଦରକାର ଥିବ, ସେତେବେଳେ ଶୋଇବାକୁ ଯିବ; ଯେତେବେଳେ କର୍ମର ଆବଶ୍ୟକତା ରହିଥିବ, ସେତେବେଳେ କର୍ମ କରି ଯାଉଥିବ । ସହଜାତ ପ୍ରବୃତ୍ତିଟି ଏକ ଅତ୍ୟନ୍ତ ନିଶ୍ଚିତ ପ୍ରବୃତ୍ତି । କେବଳ ପ୍ରାଣ ଓ ମନହିଁ ଏହି ପ୍ରବୃତ୍ତିଟିକୁ ଆସି ବ୍ୟାହତ କରି ପକାନ୍ତି ।''

❑❑❑

The love of solitude is a sign of the disposition towards knowledge; but knowledge itself is only achieved when we have a settled perception of solitude in the crowd, in the battle and in the mart.

(Thoughts and Aphorisms) –Sri Aurobindo

''ନିର୍ଜନତା ପ୍ରତି ଅନୁରାଗ ଆମ ଜ୍ଞାନସ୍ପୃହାର ଲକ୍ଷଣ; କିନ୍ତୁ ପ୍ରକୃତ ଜ୍ଞାନ କେବଳ ସେତିକିବେଳେ ହାସଲ ହୁଏ, ଯେତେବେଳେ ଜନସମାବେଶ ଭିତରେ, ଯୁଦ୍ଧକ୍ଷେତ୍ରରେ ଏବଂ ହାଟବଜାର ଭିତରେ ବି ନିର୍ଜନତାର ଏକ ଅଟଳ ଅନୁଭବ ସମ୍ଭବପର ହୁଏ ।''

– ଶ୍ରୀଅରବିନ୍ଦ

# ମୃତ୍ୟୁ ପରେ ଜୀବନ

## ଆର୍ତ୍ତତ୍ରାଣ ମିଶ୍ର

ଏହା ନିଶ୍ଚୟ ଆଶ୍ଚର୍ଯ୍ୟଜନକ ମନେ ହେବ । ଆସନ୍ତୁ ଏଠାରେ 'ଜୀବନ'ର ଅର୍ଥ ଟିକିଏ ଗଭୀର ଭାବରେ ଅନୁଧ୍ୟାନ କରିବା । ଈଶୋପନିଷଦ୍‌ରେ ଏହି ପଦଟି –

''ବାୟୁରନିଲମମୃତମଥେଦଂ
ଭସ୍ମାନ୍ତଂ ଶରୀରମ୍ ।''

(ଈଶୋପନିଷଦ୍)

ଶ୍ରୀଅରବିନ୍ଦ ଏହାର ଅନୁବାଦ କରିଛନ୍ତି : "The Breath of things is an immortal life, but of this body ashes are the end."

(CWSA, Vol. 17, p. 76)

ପ୍ରାଣବାୟୁ, ଯାହା ହେଉଛି ଜୀବନ, ତାହା ଅମର କିନ୍ତୁ ଯେଉଁ ଦେହଟିକୁ ସେ ଚାଳିତ କରୁଛି ତାହା ଶେଷରେ ଭସ୍ମରେ ପରିଣତ ହେବ । ଜୀବନ ଗୋଟିଏ ଅନନ୍ତ ପ୍ରବାହ, ମୃତ୍ୟୁ ଦ୍ୱାରା ଏହା ଖଣ୍ଡିତ ହୁଏ ନାହିଁ । ଏହି ପ୍ରବାହ ମଧ୍ୟରେ ମୃତ୍ୟୁ ଯେତେ ବନ୍ଧ ବାନ୍ଧେ ଜୀବନ ତାକୁ ଅତିକ୍ରମ କରି ବୋହି ଚାଲିଥାଏ । ମୁଁ ଆଜି ଯେଉଁ ମଣିଷଟିଏ ହୋଇ ବସିଛି କେତେ ଶହ କୋଟି ବର୍ଷ ତଳେ ଆଜି ସମୁଦ୍ର ତଟରେ ଗୋଟିଏ ପ୍ଲାଜ୍‌ମାର ଚିତ୍‌କଣା ରୂପେ ଆରମ୍ଭ ହୋଇ; ତନ୍ତ୍ର ଶାସ୍ତ୍ର ଅନୁସାରେ ୮୪ ଲକ୍ଷ ଯୋନି ଅତିକ୍ରମ କରି ଆସିଛି, କେତେ ଅନୁଭୂତିରାଶି ବହନ କରି ଆସିଛି, ମୋର ଅନ୍ତରାତ୍ମାକୁ ରୂପ ଦେଇଛି । ଏହାକୁ ଶ୍ରୀଅରବିନ୍ଦ 'Adventure of Consciousness' ବୋଲି କହିଛନ୍ତି ।

ମନୁଷ୍ୟ ଏକ ଆତ୍ମ-ସଚେତନ ଜୀବ । ତେଣୁ ସେ ମୃତ୍ୟୁକୁ ସହଜରେ ଗ୍ରହଣ କରେ ନାହିଁ । ତା' ପାଇଁ ଏହା ଏକ ରହସ୍ୟ, ଅନେକଙ୍କୁ ଏହା ଚକିତ କରେ ମୃତ୍ୟୁ ପରେ କ'ଣ ? କଠୋପନିଷଦ୍‌ରେ ନଚିକେତାର ଯମଙ୍କୁ ତୃତୀୟ ପ୍ରଶ୍ନ ଥିଲା – ''ଏହି ଦ୍ୱନ୍ଦ୍ୱ ସବୁବେଳେ ରହିଛି, ମନୁଷ୍ୟର ମୃତ୍ୟୁ ପରେ କେତେକେ କହନ୍ତି ସେ ଆଉ ରହେ ନାହିଁ, ଆଉ କେତେକେ କହନ୍ତି ସେ ରହେ, ତା'ର ମହାପ୍ରସ୍ଥାନର ତତ୍ତ୍ୱଟି କ'ଣ କୁହ ।'' ଯମ ଏହାର ଉତ୍ତର ନଦେଇ ଆତ୍ମାର ଅମରତ୍ୱ ବିଷୟରେ ବ୍ୟାଖ୍ୟାନ କଲେ ।

ଶ୍ରୀଅରବିନ୍ଦଙ୍କର ଯୋଗ ଅନୁସାରେ ମନୁଷ୍ୟ ମଧ୍ୟରେ ଥିବା ଅନ୍ତରାତ୍ମା ଅମର, ସେହିଁ ବାରଂବାର ଜନ୍ମ ଗ୍ରହଣ କରି, ସଂସାରର ଅନୁଭୂତି ସଂଗ୍ରହ କରି ଚୈତ୍ୟପୁରୁଷ ଗଠନ କରେ । ଆମ ଶରୀରରେ ଅଛି ଗୋଟିଏ ସୂକ୍ଷ୍ମ ଶରୀର – Subtle body । ସ୍ଥୂଳ ଶରୀର ହେଉଛି ଅନ୍ନମୟ କୋଷ, ତାକୁ ଘେରି ରହିଛି ପ୍ରାଣମୟ କୋଷ, ମନୋମୟ କୋଷ । ଶ୍ରୀଅରବିନ୍ଦ କହିଛନ୍ତି, ମୃତ୍ୟୁ ହେଲେ ଏହି ସୂକ୍ଷ୍ମ ଶରୀର ମସ୍ତକ ବାଟ ଦେଇ ବାହାରି ଆସେ । ତା'ର ଅନ୍ତରାତ୍ମା ପ୍ରାଣମୟ ଓ ମନୋମୟ ଲୋକ ମଧ୍ୟରେ ଗତି କରି ଚୈତ୍ୟ ଲୋକରେ ବିଶ୍ରାମ ନିଏ – ପୁଣି ଜନ୍ମ ନେବା ପର୍ଯ୍ୟନ୍ତ । ମନୁଷ୍ୟର ଅଶରୀରୀ ସତ୍ତା ଆଠ ଦିନ ପର୍ଯ୍ୟନ୍ତ ତା'ର ବାସ କରୁଥିବା ସ୍ଥାନରେ ରହିଥାଏ । ଯଦି ତା'ର ପୃଥିବୀର ଆକର୍ଷଣ ଅଧିକ ଥାଏ କିଂବା ଯଦି ଅଧିକ କାମନାଭିଳାଷ ଥାଏ ତେବେ ତିନି ବର୍ଷ ପର୍ଯ୍ୟନ୍ତ ପୃଥିବୀର ବାୟୁମଣ୍ଡଳରେ ରହିପାରେ । ଏହା ହେଲା ପୁନର୍ଜନ୍ମର ମୋଟାମୋଟି ବର୍ଣ୍ଣନା, ଯାହା ମଧ୍ୟରେ ବହୁ ବିଭିନ୍ନତା ଅଛି ।

ପାଶ୍ଚାତ୍ୟ ଦେଶରେ ଯେଉଁଠି ଜଡ଼ ବିଜ୍ଞାନର ଚର୍ଚ୍ଚା ଅଧିକ, ସେଠାରେ ଚେତନା ବୋଲି କିଛି ଅଲଗା ଜିନିଷ ଅଛି ସେମାନେ ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କ ପାଇଁ ଚେତନା ହେଉଛି ମସ୍ତିଷ୍କରେ ସଞ୍ଚରିତ ହେଉଥିବା ତରଙ୍ଗ ମାତ୍ର, ମୃତ୍ୟୁ ହେଲେ ଯାହା ବିଲୀନ ହୋଇଯାଏ । ସତୁରି ଦଶକରେ ଆମେରିକାର Raymond Moody ନାମକ ଜଣେ ବିଶିଷ୍ଟ ଚିକିତ୍ସକ ଗୋଟିଏ ବହି ପ୍ରକାଶ କଲେ, 'Life after Life' । ସେ ବହି ଚିକିତ୍ସା ଜଗତରେ ଏକ ଚହଳ ସୃଷ୍ଟି କଲା । (ଏପର୍ଯ୍ୟନ୍ତ ସେ ବହି 13 Million Copies ବିକ୍ରୟ ହୋଇଛି ।)

ଚିକିତ୍ସା ଜଗତର ବହୁ ଅଗ୍ରଗତି ଫଳରେ ଚିକିତ୍ସା ନିଦାନ ଅନୁସାରେ ଜଣେ ବ୍ୟକ୍ତି ମୃତ ବୋଲି ଘୋଷିତ ହେଲା ପରେ ମଧ୍ୟ ସେ ଜୀବନ ଲାଭ କରିଛି ଏପରି ଅନେକ ଘଟଣା ଆମେରିକାର ବିଶିଷ୍ଟ ଚିକିତ୍ସାଳୟମାନଙ୍କରେ ଘଟିଛି । ଏପରି ଅନେକ ଘଟଣା ଘଟିଛି ଯେତେବେଳେ ପୁନର୍ଜୀବନ ଲାଭ କରିଥିବା ବ୍ୟକ୍ତି ତା'ର ଅନୁଭୂତି କହେ, ମାତ୍ର ତାକୁ କେହି ବିଶ୍ୱାସ କରନ୍ତି ନାହିଁ । ଜଣେ ବିଶିଷ୍ଟ ଚିକିତ୍ସକଙ୍କ ମୃତ୍ୟୁ ପରେ ସେ ପୁନର୍ଜୀବନ ଲାଭ କରି ସେହି ବୃତ୍ତାନ୍ତ ପ୍ରକାଶ କରିବାରୁ

Dr. Moody ଗୋଟିଏ ଗବେଷଣା ଆରମ୍ଭ କଲେ । ସେ ଏପରି ଅନେକ ଘଟଣା (୧୫୦ ପର୍ଯ୍ୟନ୍ତ) ସଂଗ୍ରହ କଲେ । Dr. Moody ପ୍ରତ୍ୟେକଙ୍କ ପାଖକୁ ଯାଇ ସେମାନଙ୍କର ଅନୁଭୂତିକୁ ଲିପିବଦ୍ଧ କଲେ । ପ୍ରତ୍ୟେକେ ଅବଶ୍ୟ ନିଜର ପ୍ରକୃତି, ସ୍ୱଭାବ ଅନୁସାରେ ନିଜ ଭାଷାରେ ତାହା ପ୍ରକାଶ କରିଥିଲେ । ସେସବୁକୁ ଅନୁଧ୍ୟାନ କରି ସେ ଦେଖିଲେ ଯେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଅନୁଭୂତି ପ୍ରତ୍ୟେକେ ଅନୁଭବ କରିଛନ୍ତି ଯଦିଓ ସେମାନେ ତାକୁ ନିଜ ଭାଷାରେ, ନିଜ ଭାବନାରେ ପ୍ରକାଶ କରିଛନ୍ତି । କିନ୍ତୁ ପ୍ରତ୍ୟେକେ କହିଛନ୍ତି, ସେମାନେ ଯାହା ଅନୁଭବ କରିଥିଲେ ତାହା ଅବର୍ଣ୍ଣନୀୟ, କାରଣ ସେସବୁକୁ ଆଉ କୌଣସି ପୂର୍ବ ଅନୁଭୂତି ସହିତ ତୁଳନା କରି ହେବ ନାହିଁ । ସେସବୁର ଏକ ସଂକ୍ଷିପ୍ତ ବର୍ଣ୍ଣନା ଦିଆଯାଉଛି : –

''ବ୍ୟକ୍ତିଟି ମୃତ୍ୟୁ ମୁଖରେ ପ୍ରବେଶ କରିଛି, ଦୈହିକ ଯାତନା ତୀବ୍ର ହୋଇ ଯାଇଛି । ସେ ଶୁଣି ପାରୁଛି, ମାତ୍ର ଚିକିତ୍ସକ କହୁଛନ୍ତି ସେ ମୃତ । ସେ ଶୁଣୁଛି ଏକ ଅସ୍ୱସ୍ତିକର ଧ୍ୱନି, ଗୋଟିଏ ରିଂ ରିଂ ରିଂ ... ଶବ୍ଦ । ସେ ଅନୁଭବ କରୁଛି, ଏକ ଦୀର୍ଘ ଅନ୍ଧକାରମୟ ସୁଡ଼ଙ୍ଗ ମଧ୍ୟଦେଇ ସେ କ୍ଷିପ୍ର ଗତିରେ ପ୍ରବେଶ କରୁଛି । ଏହା ପରେ ସେ ହଠାତ୍ ଦେଖୁଛି – ସେ ନିଜର ଭୌତିକ ଶରୀରର ବାହାରେ ଅଛି, କିନ୍ତୁ ଏକାଭଳି ଭୌତିକ ପରିବେଶରେ । ସେ ନିଜ ଦେହକୁ କିଛି ଦୂରରୁ କିଂବା ଛାତ ଉପରୁ ଦେଖି ପାରୁଛି ଜଣେ ଦର୍ଶକ ହିସାବରେ । ସେ ଦେଖି ପାରୁଛି ତାକୁ ପୁନର୍ଜୀବିତ କରିବା ପାଇଁ କିପରି ପ୍ରଚେଷ୍ଟା ଚାଲିଛି, ବିକ୍ଷୁବ୍ଧ ହୃଦୟରେ । କିଛି କ୍ଷଣ ପରେ ସେ ନିଜକୁ ସନ୍ତୁଳିତ କରେ ଏବଂ ତା'ର ଏପରି ଅଦ୍ଭୁତ ଅବସ୍ଥା ସହିତ ସେ ଅଭ୍ୟସ୍ତ ହୋଇଯାଏ । ସେ ଲକ୍ଷ୍ୟ କରେ ତା'ର ଦେହ ଅଛି, କିନ୍ତୁ ଏକ ଭିନ୍ନ ପ୍ରକାରର । ସେ ଛାଡ଼ି ଆସିଥିବା ଦେହର ପ୍ରକୃତି, ଶକ୍ତି ଠାରୁ ଭିନ୍ନ । ସେ ପାଖ ବ୍ୟକ୍ତିମାନଙ୍କ ପାଖକୁ ଯାଏ, କିନ୍ତୁ କେହି ତାକୁ ଦେଖନ୍ତି ନାହିଁ । ସେ କାହାର ପଥରୋଧ କରିପାରୁ ନାହିଁ; ସମସ୍ତେ ତା' ମଧ୍ୟଦେଇ ଚାଲି ଯାଉଛନ୍ତି । ସେ ସବୁଆଡ଼େ ଯାଇପାରୁଛି, କୌଣସି ଦ୍ୱାର ବା କାନ୍ଥ ତା'ର ବାଧକ ହୁଏ ନାହିଁ । ଅନ୍ୟମାନଙ୍କ ଚିନ୍ତାରାଶି ତା' ମଧ୍ୟକୁ ପ୍ରବାହିତ ହୁଏ । ତା'ର ଇନ୍ଦ୍ରିୟମାନେ ଅତି ସତେଜ ଭାବରେ କାର୍ଯ୍ୟ କରନ୍ତି; ଜନ୍ମାନ୍ଧ ବ୍ୟକ୍ତି ଦେଖିପାରେ, ଜନ୍ମବଧିର ଶୁଣିପାରେ । ଅନ୍ୟ ଅଶରୀରୀ ସତ୍ତାମାନେ ସାହାଯ୍ୟ କରିବାକୁ ତା' ନିକଟକୁ ଆସନ୍ତି । ପୂର୍ବ ପରିଚିତ ବନ୍ଧୁବାନ୍ଧବ ଯେଉଁମାନେ ଏବେ ଇହ ଜଗତରେ ନାହାନ୍ତି ସେମାନେ ନିକଟକୁ ଆସନ୍ତି । ଏକ ଆଲୋକମୟ ସତ୍ତା ତା' ନିକଟରେ ଆବିର୍ଭୂତ ହୁଏ, ସ୍ନେହମୟ ଭାବରେ । ଏହି ସତ୍ତା ତାକୁ ପ୍ରଶ୍ନ କରେ ଅବାଚନିକ ଭାବରେ – ତା'ର ଜୀବନର ମୂଲ୍ୟାଙ୍କନ କରିବା ପାଇଁ । ତା'ର ସମଗ୍ର ଜୀବନର ସମ୍ପୂର୍ଣ୍ଣ ଦୃଶ୍ୟସବୁକୁ ମୁହୂର୍ତ୍ତକ ମଧ୍ୟରେ ଦେଖାଇଦିଏ । କେତେ କ୍ଷଣ ପରେ ସେ ନିଜକୁ ଏକ ସୀମା ପାଖରେ ପହଞ୍ଚିବାର ଦେଖେ – ଏକ ଜଳାଧାର ନିକଟରେ କିଂବା ଗୋଟିଏ ବାଡ଼ ପାଖରେ । ସେଇଠି ପହଞ୍ଚି ସେ ଦେଖେ ତାକୁ କୁହା ହେଉଛି ଫେରିଯିବାକୁ ହେବ, ତା'ର ମୃତ୍ୟୁର ସମୟ ହୋଇ ନାହିଁ । ଏହାକୁ ସେ ପ୍ରତିରୋଧ କରେ, କାରଣ ସେ ପରଲୋକର ଅନୁଭୂତି ସହିତ ଏପରି ମଜ୍ଜିଯାଇଛି ଯେ ସେ ଆଉ ଫେରିବାକୁ ଇଚ୍ଛା କରୁ ନାହିଁ । ସେ ଶାନ୍ତି, ପ୍ରେମ, ଉଲ୍ଲାସ ଦ୍ୱାରା ଅଭିଭୂତ ହୋଇ ଯାଇଛି । ସେ ଫେରି ଆସିଛି, ପୁନର୍ଜୀବନ ଲାଭ କରିଛି । ଏହି ମୃତ୍ୟୁର ଅନୁଭୂତି ତା'ର ଜୀବନକୁ ଗଭୀର ଭାବରେ ସ୍ପନ୍ଦିତ କରିଛି, ମୃତ୍ୟୁ ପ୍ରତି ତା'ର ଧାରଣା ସମ୍ପୂର୍ଣ୍ଣ ବଦଳି ଯାଇଛି ।''

ଏହାକୁ ଅଧ୍ୟୟନ କଲେ ଦେଖାଯିବ ସାଧାରଣ ଲୋକଙ୍କ ମଧ୍ୟରେ ମୃତ୍ୟୁ ସମ୍ପର୍କରେ କେତେକ ଧାରଣା ଏଥିରେ ଅଛି । ଯଥା – ଚିତ୍ରଗୁପ୍ତର ପାଞ୍ଜି, ସେ ସମଗ୍ର ଜୀବନର ହାନି ଲାଭ ବର୍ଣ୍ଣନା କରେ । ଆଉ ମଧ୍ୟ ପରଲୋକର ଯିବା ପଥରେ ବୈତରଣୀ ପାର ହେବା । ଭାରତରେ ମଧ୍ୟ ଏପରି ମୃତ୍ୟୁ ପରେ ପୁନର୍ଜୀବନ ଲାଭ ଘଟଣା ଅନେକ ଥାଇପାରେ, କିନ୍ତୁ ତା'ର ଲିଖିତ ବିବରଣୀ ପ୍ରକାଶିତ ହୋଇ ନାହିଁ । କିନ୍ତୁ ତିବ୍ବତରେ ମୃତ୍ୟୁ ପରେ ଅନୁଭୂତି ଲିପିବଦ୍ଧ ହୋଇଛି – 'The Tibetan Book of the Dead' ପୁସ୍ତକରେ । ଏଥିରେ ଯେଉଁସବୁ ବର୍ଣ୍ଣନା ଅଛି ତାହା ଉପରଲିଖିତ ବର୍ଣ୍ଣନା ସହ ଅନେକାଂଶରେ ମିଳି ଯାଉଛି । ସ୍ୱିଡେନ୍‌ର Emanuel Swedenborg ନାମକ ଜଣେ ବ୍ୟକ୍ତି ଯେ ୧୬୮୮ରୁ ୧୭୭୨ ପର୍ଯ୍ୟନ୍ତ ଜୀବିତ ଥିଲେ, ସେ ମଧ୍ୟ ମୃତ୍ୟୁ ପର ବିବରଣୀ ତାଙ୍କର ଏକ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଏହା ମଧ୍ୟ ବହୁ ଭାବରେ ଉପରଲିଖିତ ବିବରଣୀ ସହିତ ମିଳି ଯାଉଛି ।

ଶ୍ରୀମା' ଏପ୍ରିଲ, ୧୯୫୧ରେ Playgroundରେ ମୃତ୍ୟୁ ସମ୍ପର୍କରେ କହିଥିଲେ : "... make a beautiful theory of Death." । ମୃତ୍ୟୁକୁ ଏକ ଭୟାନକ ଅବସ୍ଥା ବୋଲି ମନେ ନକରି ତା'ର ସମୟ ଆସିଲେ ହାସ୍ୟମୁଖରେ

କହିବା – "Here I am" । ଶେଷରେ ସେ କହିଛନ୍ତି :

"One must never wish for death.
One must never will to die.
One must never be afraid to die.
And in all circumstances one must will to exceed oneself."

(MCW, Vol. 4, p. 355)

❑❑❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB) – Rs. 3500**

**The Great Adventure - A Diary for all times: (New Revised Edition) – Rs. 395**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments***
**(*Sri Aurobindo's handwriting*) – Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

# ବାଧା ବନାମ ସମ୍ଭାବନା

## ଦୀପ୍ତି ମିଶ୍ର

ତୁମେ କାନ୍ଦୁଛ
କିନ୍ତୁ କାହିଁକି ???

ଦେଖ ସହଯାତ୍ରୀଙ୍କ ମଥା ଉପରେ
ଆକାଶର ଆକାଶେ ବୋଝ ...
ଆଗରେ ପାହାଡ଼ର ବାଧା ...
ବୋଝ ବି ଅଛି ଆଉ ବାଧା ବି ।

ଅଥଳ ଦରିଆ ଭିତରେ
ସଭିଏଁ ଉବୁଟୁବୁ ...
କିଏ ଲହଡ଼ିଆ ପାଣିରେ
ଢେଉ କାଟି ପହଁରି ପାରୁଛି ତ,
କିଏ ମଗର ତିମି ହାବୁଡ଼େ ପଡ଼ି
ଅଚାନକ ଜୀବନ ହରାଉଛି ।

ବାହାର ଦୁନିଆ ଜାଣି ପାରେନା
ପହଁରୁଥିବା ମଣିଷର କଷ୍ଟ
ଢେଉ କାଟି ଆଗକୁ
ବଢ଼ିବାର ଯନ୍ତ୍ରଣା ।

ବାଧା ଆଉ କ'ଣ କି ???
ଆଖିରେ ସଞ୍ଚିତ
ସାଗରେ ଲୁହର ସମାହାର,
ଛାତି ତଳର ଅକୁହା ବ୍ୟଥା
ବେଦନାର ଏକ
ଅବ୍ୟକ୍ତ ଅନଳର ତପ୍ତ କଣାର ଝଲକ
ଏଇ ତ ବାଧା ।...

ଆଉ...
ଶୂନ୍ୟତାର କୋଠରି ଭିତରେ
ପୂର୍ଣ୍ଣତା ଶବ୍ଦର ବ୍ୟୁତ୍ପତ୍ତି
ମେଘ ତଳେ ଲୁଚି ଯାଇଥିବା
ଜ୍ୟୋତିର୍ମୟ ଜ୍ୟୋତିଷ୍କର ଉଜ୍ଜ୍ୱଳ
ଆଲୋକମୟ ତୀର୍ଯ୍ୟକ ଆଭା
କହିଦିଏ ...

ପଡ଼ି ଉଠି ଚାଲିବାର ଏକ
ଅର୍ଥପୂର୍ଣ୍ଣ ପ୍ରୟାସ
ଜଣେ ବୀର ସୈନିକର,
ଏକ ଦୁଃସାହସିକ ଅଭିଯାନ
ଦୃଢ଼ ହସ୍ତର କାରିଗରି
କୌଶଳର ଚିତ୍ରଲିପିଟିଏ
ଆଙ୍କିବାର ପୂର୍ବାଭାସ ଏ ବାଧା ।

ତେବେ ଆଉ ଲୁହ କାହିଁକି ???

ଆଗରେ ଦିଶିଲାଣି
ସିନ୍ଦୁରିତ ଦିଗ୍‌ବଳୟ,
ପଲ୍ଲବିତ ପ୍ରଭାତ ...
ପୁଲକିତ ପୃଥିବୀର ଏକ ସଫଳ
ପଟ୍ଟଚିତ୍ର...

ସେଠି ବାଧା ନାହିଁ
ଅଛି ଖାଲି ସମ୍ଭାବନା...
❑❑❑



# କେତେ ବିସ୍ମୟ ଏଇ ୧୭୨୯ ସଂଖ୍ୟା !

## ଧର୍ମକୁମାର ଶତପଥି

ଝିଅ କହିଲା – ''ବାପା, ଗତକାଲି ଆମ ଗଣିତ ସାର୍ ଆମକୁ ଏକ କଠିନ ଗଣିତ ପ୍ରଶ୍ନଟେ ଦେଇଛନ୍ତି । ତାକୁ ତୁମେ ସମାଧାନ କରିପାରିବ ? ମୁଁ ବହୁତ ଚିନ୍ତା କଲିଣି । ମାତ୍ର କେମିତି ସମାହିତ ହେବ ଜାଣିପାରୁ ନାହିଁ ।''

ଛୁଟି ଦିନ ହେଲେ ମଧ୍ୟ ଆଜି କ'ଣ କ'ଣ କାମ କରିବି ଚିନ୍ତା କରି ନାହିଁ । କେବଳ ମୋ ନିତ୍ୟକର୍ମଟା ସାରି ଦେଇଛି । ସକାଳୁ ସକାଳୁ ଝିଅ ମୋତେ ଏମିତି ପ୍ରଶ୍ନଟିଏ ପଚାରି ଦେଲା । ମୁଁ ତାକୁ ଟିକେ ସମୟ ଅନାଇଲି । ପଚାରିଲି, ''କି ପ୍ରଶ୍ନ ? କ'ଣ ଜଟିଳ ଅଛି କହିପାରିବୁ ?'' – ''ହଁ, ମୁଁ ଆଣୁଛି ।'' କହି ସେ ଫେରିଗଲା ତା' ପଢ଼ା ଘରକୁ । ଖାତା କଲମ ସହ ଖାତାରେ ଲେଖିଥିବା ପ୍ରଶ୍ନଟି ଧରି ପହଞ୍ଚିଗଲା । ଖାତାକୁ ଖୋଲି ପ୍ରଶ୍ନଟି ମୋତେ ପଢ଼ିବାକୁ ଇସାରା କଲା । ମୁଁ ପଢ଼ିଲି – ''ଦୁଇଟି ସଂଖ୍ୟାର ଯୋଗଫଳ ସହିତ ସେମାନଙ୍କର ଗୁଣଫଳର ଯୋଗଫଳ ୧୭୨୮ ହେଲେ ସଂଖ୍ୟା ଦୁଇଟିର ଯୋଗଫଳ କେତେ ହେବ ସ୍ଥିର କର ?'' ମୁଁ ପ୍ରଶ୍ନଟି ପଢ଼ି କେଇ ପାହୁଣ୍ଡ ଆଗକୁ ଆସି ଏକ ପ୍ଲାଷ୍ଟିକ୍ ଚୌକିରେ ବସି ପଡ଼ିଲି । ପ୍ରଶ୍ନଟିକୁ ପୁଣି ଥରେ ପଢ଼ିଲି । ଖାତା କଲମ ଧରି ସମାଧାନ କଲି :

ଧରାଯାଉ ସଂଖ୍ୟା ଦୁଇଟି x ଓ y ।

ତେବେ ପ୍ରଶ୍ନାନୁସାରେ : $x+y+(xy) = 1728$, $x+y = ?$

ସମାଧାନ : ଦତ୍ତ ଅଛି $(xy) + x+y = 1728$

$xy+x+y+1 = 1728+1$ (ଉଭୟ ପାର୍ଶ୍ୱରେ ଯୋଗ କଲେ)

$$x(y+1)+1(y+1) = 1729$$

$$(x+1)\ (y+1) = 1729$$

ଏଠାରେ ଆମେ ଦୁଇଟି ସଂଖ୍ୟାର ଗୁଣନ କରିବା ଯାହାର ଗୁଣଫଳ 1729 ହେବ । ତେବେ 1729ର ଗୁଣନୀୟକଗୁଡ଼ିକ ଜାଣିବା । ଏହି ଗୁଣନୀୟକରୁ ଗୋଟିଏ x+1ର ମୂଲ୍ୟ ହେଲେ ଅନ୍ୟଟି ହେବ y+1 ହେବ । ବୁଝିଲୁ ?

ଝିଅ ଏକ ଲୟରେ ମୋର ସମାଧାନର ଧାରାଟି ଦେଖୁଥିଲା, ନୀରବରେ । ମୁଁ କହିଲି – ''ଏଠାରେ ଆମେ 1729ର ଚାରିପ୍ରକାର ଗୁଣକ ଯୋଡ଼ି ପାଇବା । ସେଇ ଗୁଣକ ଯୋଡ଼ିରୁ x ଓ y ର ମୂଲ୍ୟ ପାଇ ତା'ର ଯୋଗଫଳହିଁ ଆମର ଉତ୍ତର ହେବ ।''

– ''କିପରି ବାପା, ଟିକେ ବୁଝାଇ ଦେବ ?'' ଝିଅ ପୁଣି ପଚାରିଲା ।

ମୁଁ କହିଲି – "1729 = 1X1729, 7X247, 13X 133 ଓ 19X91 ହେତୁ ଏଠାରେ (x+1)ର ମୂଲ୍ୟ 1, 7, 13, 19 ହୋଇ ପାରିବ ଓ (y+1) ର ମୂଲ୍ୟ 1729, 247, 133 ଓ 91 ହେବ କିଂବା ଏହାର ଓଲଟା ହେବ । ପୁଣି ଦେଖ୍ – $x+1 = 1$ ହେଲେ $x = 0$ ହେଉଛି । ସୁତରାଂ ଏଠାରେ $x = 0$ ହେବା ସମ୍ଭବ ନୁହେଁ । ଏଣୁ ଆମେ ଏହାକୁ ଗ୍ରହଣ କରିବା ନାହିଁ । ଏଣୁ xର ଆମେ ତିନୋଟି ଓ yର ଆମେ ତିନୋଟି ମୂଲ୍ୟକୁ ଯଥାର୍ଥ ବୋଲି ଗ୍ରହଣ କରିବା ।

ଏଠାରେ $x+1 = 7$ ହେଲେ $y+1 = 247$ ହେବ ଅଥବା $x+1 = 13$ ହେଲେ $y+1 = 133$ ହେବ କିଂବା $x+1 = 19$ ହେଲେ $y+1 = 91$ ହେବ । ନଚେତ୍ ଏହାର ବିପରୀତ କ୍ରମ ମଧ୍ୟ ହୋଇପାରେ । ତଦନୁସାରେ ସମାଧାନ କରି ଆମେ $x = 6$, $x = 12$, $x = 18$ ପାଇଲେ $y = 246$, $y = 132$ କିଂବା $y = 90$ ପାଇବା । ସୁତରାଂ $(x,y) = (6, 246)$ କିଂବା (12, 132) କିଂବା (18, 90) ହେବ । ଏହାର ଯୋଗଫଳହିଁ ଆମର ଉଦ୍ଦିଷ୍ଟ ଉତ୍ତର ହେବ । ଏମାନଙ୍କୁ ନେଇ ତୁ ଏ ପ୍ରଶ୍ନର ସତ୍ୟତା ପରୀକ୍ଷା କରିପାରୁ ।''

ଝିଅ ଏକ ଲୟରେ ମୋର ଅଙ୍କ କଷିବାର ଧାରା ଓ କେତେ ସରଳ ଭାବରେ ମୁଁ ତାକୁ ବୁଝାଉଛି ପରଖୁ ଥିଲା । ଉତ୍ତର ତ ପାଇଗଲା, ବେଶ୍ ସରଳ ଢଙ୍ଗରେ; ମାତ୍ର ଏଇ ୧୭୨୯ ସଂଖ୍ୟାଟି ତା'ର ମନର ପୁରୁଣା ସ୍ମୃତି-ପେଟିକାଟି ଜାଗରିତ କରିଦେଲା । କହିଲା, ''ବାପା, ଏଠାରେ ୧୭୨୯ ସଂଖ୍ୟାର ବିଚିତ୍ର ଗୁଣ ସମ୍ପର୍କରେ ତୁମେ ଅନେକ ଦିନ ଆଗରୁ କହିଥିଲ । ଆଜି ସେଇ ପୁରୁଣା କଥା ମୋର ମନେ ପଡ଼ି ଯାଉଛି । ଏଇ ୧୭୨୯ ସଂଖ୍ୟାର କିଛି ମଜାଳିଆ କୌତୁକ ବିଷୟରେ କହିବ ?''

– ''ଆରେ, ଆଜି ଛୁଟି ଦିନରେ ମୁଁ ମୋର କିଛି

ଅଲଗା କାମ କରିବାକୁ ଠିକ୍ କରିଛି । ଏଣୁ ତୁ ମୋତେ ଏଠାରେ ଏଇ କାମରେ ଛନ୍ଦି ଦେଲେ ଚଳିବ ? ମୁଁ ମୋର ଘର କାମ କିଛି କରିବି ଭାବୁଛି ।'' – ମୁଁ କହିଲି । ସେ ପାଦେ ଆଗେଇ ଯାଇ କହିଲା – ''ହଁ, ୧୭୨୯ର କିଛି କୌତୁକ କଥା କହି ସାରି ତୁମେ ତୁମର କାମ କରିବ । ମୁଁ ମୋ' ପ୍ରଶ୍ନର ସମାଧାନ ବି ପାଇଲି, ତା' ସହ ୧୭୨୯ର କିଛି କୌତୁକ ଗୁଣ ବି ଜାଣିବି । ଭଲ ଲାଗିବ ବାପା । ମୋ ସାଙ୍ଗମାନଙ୍କୁ କହିବି ।'' – ଝିଅ ଅନୁନୟ ହେଲା ।

ମୁଁ ମନେ ମନେ ଭାବି ହେଲି – ''ଏହାକୁ କହନ୍ତି – ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।'' ମଣିଷ ଭାବିଥାଏ ଗୋଟାଏ ପ୍ରକାର କିନ୍ତୁ କାର୍ଯ୍ୟ ହୁଏ ଭିନ୍ନ ଏକ ପ୍ରକାରର ।

ଇତି ମଧ୍ୟରେ ଝିଅ ମୋର ସାମନା ପଟା ଖଟରେ ସଳଖି ବସି ସାରିଥାଏ । ମୁଁ ମନେ ମନେ କିଛି ଭାବୁଥାଏ ଓ ଝିଅ ଆଡ଼କୁ ଅନାଇ ହସୁଥାଏ ଅଳ୍ପ ଅଳ୍ପ । – ''ସୁନା ଝିଅ, ଆରମ୍ଭ କରିବା ତା'ହେଲେ ।'' ସେ 'ହଁ' ଭରିଲା । ମୁଁ କହିଲି – ''ତୁ ଜାଣିଛୁ ୧୭୨୯କୁ ରାମାନୁଜଙ୍କ ସଂଖ୍ୟା କୁହାଯାଏ । କାରଣ ଏହା ମଧ୍ୟରେ ରହିଥିବା ସୁନ୍ଦର କଥାଟି ହେଲା, ଦୁଇଟି ଭିନ୍ନ ଭିନ୍ନ ସଂଖ୍ୟାର ଘନଫଳର ଯୋଗଫଳ ହିସାବରେ ଆମେ ଏଇ ସଂଖ୍ୟାକୁ ଦୁଇ ପ୍ରକାରରେ ପ୍ରକାଶ କରିପାରିବା । ଏପରି ଗୁଣ ଥିବା ଇଏ ସର୍ବନିମ୍ନ ଧନାତ୍ମକ ସଂଖ୍ୟା । ତାହା ହେଉଛି ୧୭୨୯ = ୧୨ର ଘନ + ୧ର ଘନ = ୧୦ର ଘନ + ୯ର ଘନ । ଏଇ ତଥ୍ୟଟି ପ୍ରଥମେ ରାମାନୁଜନ୍ ଜାଣି ପାରିଥିଲେ ।''

''ହଁ ବାପା । ମନେ ପଡ଼ିଲା । ତୁମେ ଅନେକ ଦିନ ତଳେ ଏ କଥାଟି ସହିତ ୧୭୨୯ର କେତୋଟି କୌତୁକ କଥା କହିଥିଲ । ସେଥିରୁ କେତେ ମୋର ମନେ ଅଛି, କେତେ ଭୁଲି ଗଲିଣି । ଏହାର କୌତୁକ ଗୁଣ ଆଉ କିଛି କୁହ ।'' – ଝିଅ ପୁଣି ତା'ର କଥା ଦୋହରାଇଲା ।

ମୁଁ ଝିଅର ଜାଣିବାର ଆବେଗରେ ବାଧା ନଦେଇ ଇତିମଧ୍ୟରେ ବିଭିନ୍ନ ମାଧ୍ୟମରୁ ସଂଗୃହୀତ ୧୭୨୯ର କିଛି କୌତୁକ କଥା ଉପସ୍ଥାପନ କରିବାକୁ ଅଗ୍ରସର ହେଲି ।

**କୌତୁକ ୧** – ''ଜଣେ ବୁଲାବିକାଳୀ ବ୍ୟବସାୟୀ ପାଖରେ ନିକିତି ଓ ଚାରୋଟି ପଥର ରଖିଛି । ପଥର ଚାରୋଟିର ଓଜନ ଯଥାକ୍ରମେ ୧ କେ.ଜି., ୨ କେ.ଜି., ୭ କେ.ଜି. ଓ ୯ କେ.ଜି. । ଏଗୁଡ଼ାକ ବଟକରାର କାମ କରନ୍ତି । ସେ ଗାଆଁ ଗାଆଁ ବୁଲି ଏଇ ନିକିତି ଓ ବଟକରାକୁ ବ୍ୟବହାର କରି ମୁଗ, ବିରି, ଗହମ, ଡାଲି, ଚିନାବାଦାମ ଇତ୍ୟାଦି ବିକ୍ରି କରେ । ଗ୍ରାହକ ଯେ କୌଣସି ଓଜନର ଜିନିଷ ମାଗିଲେ ସିଏ ଠିକ୍ ଠିକ୍ ଓଜନ କରି ଦେଇଥାଏ ।''

''କିପରି ?'' – ଝିଅର ରୀତିମତ ଜିଜ୍ଞାସା ।

– ''ଏହାର ଉତ୍ତର ବେଶ୍ ମଜାଦାର । ଏହାହିଁ ବୁଦ୍ଧିମାନ୍‌ର କାମ, ଗଣିତର ଯାଦୁ । ଶୁଣ, ୧ କେ.ଜି. ପାଇଁ ୧ କେ.ଜି.ର ପଥର, ୨ କେ.ଜି. ପାଇଁ ୨ କେ.ଜି.ର ପଥର, ୩ କେ.ଜି. ପାଇଁ (୧+୨) କେ.ଜି.ର ପଥର, ୪ କେ.ଜି. ପାଇଁ (୭ – ୨ – ୧) କେ.ଜି.ର ପଥର, ୫ କେ.ଜି. ପାଇଁ (୭ – ୨) କେ.ଜି.ର ପଥର । ୬ କେ.ଜି. ପାଇଁ (୭ – ୧) କେ.ଜି., ୭ କେ.ଜି. ପାଇଁ ୭ କେ.ଜି.ର ପଥର, ୮ କେ.ଜି. ପାଇଁ (୭ + ୧) କେ.ଜି., ୯ କେ.ଜି. ପାଇଁ ୯ କେ.ଜି.ର ପଥର, ୧୦ କେ.ଜି. ପାଇଁ (୯+୧) କେ.ଜି., ୧୧ କେ.ଜି. ପାଇଁ (୯+୨) କେ.ଜି., ୧୨ କେ.ଜି. ପାଇଁ (୯+୨+୧) କେ.ଜି., ୧୩ କେ.ଜି. ପାଇଁ (୯+୭ –୨–୧) କେ.ଜି., ୧୪ କେ.ଜି. ପାଇଁ (୯+୭ – ୨) କେ.ଜି., ୧୫ କେ.ଜି. ପାଇଁ (୯+୭–୧) କେ.ଜି.ର ପଥର, ୧୬ କେ.ଜି. ପାଇଁ (୯+୭) କେ.ଜି. ପଥର, ୧୭ କେ.ଜି. ପାଇଁ (୯+୭+୧) କେ.ଜି. ପଥର, ୧୮ କେ.ଜି. ପାଇଁ (୯+୭+୨) କେ.ଜି. ପଥର ଓ ୧୯ କେ.ଜି. ପାଇଁ ତା' ପାଖରେ ଥିବା ସମସ୍ତ ପଥରକୁ ବ୍ୟବହାର କରିଥାଏ । ଏସବୁ ବ୍ୟବହାର କରି ସେ ଠିକ୍ ଠିକ୍ ଓଜନର ଜିନିଷ ଦେଇ ଗ୍ରାହକକୁ ଖୁସ୍ କରି ଦିଏ ।''

ଝିଅ ମୋର ଏ ବର୍ଣ୍ଣନା ଭଙ୍ଗିକୁ ଶୁଣୁଥିଲା । ମୁଁ ଲକ୍ଷ୍ୟ କରୁଥିଲି – ମଝିରେ ମଝିରେ ସେ ଛେପ ଢୋକୁ ଥିଲା । ଆଉ ତା'ର ସରଳ ନିରୀହ ଆଖି ଡୋଳା ଦୁଇଟି ଦୁଇଟି ଫୁଲ କଢ଼ି ପରି ଢଳ ଢଳ ହେଉଥିଲା । ସେ ଠିକ୍ ବୁଝୁଛି ଓ ଗଣିତର ଏଇ ଅନୁପମ ସୌନ୍ଦର୍ଯ୍ୟକୁ ମୁଗ୍ଧ ମାଧୁର୍ଯ୍ୟରେ ଗ୍ରହଣ କରୁଛି ବୋଲି ମୋର ହୃଦ୍‌ବୋଧ ହେଉଥିଲା । ଏମିତି କେତେବେଳଯାଏ ଗୁମ୍‌ସୁମ୍ ରହିଲା ପରେ ସେ ପାଟି ଖୋଲିଲା – ''ବାପା, ୪ କେ.ଜି. ଓଜନ କରିବା ପାଇଁ (୭ – ୨ – ୧) କେ.ଜି. କେମିତି ହେବ ବୁଝିପାରିଲି ନାହିଁ । ଟିକେ ବୁଝାଇ ଦେବ ।''

ମୁଁ ତା' ପ୍ରଶ୍ନ ଶୁଣି ସାରି କହିଲି – ''ଏଇ କଥା ! ଶୁଣ । ନିକିତିର ଦୁଇ ପାର୍ଶ୍ୱରେ ଦୁଇଟି ପଲା ଥାଏ । ଦୋକାନୀ

ଗୋଟିଏ ପଲାରେ ବଟକରା ରଖେ । ଅନ୍ୟ ପଲାରେ ଗ୍ରାହକର ଦରକାରୀ ଜିନିଷ – ଚିନି, ଗୁଡ଼, ଅଟା, ଡାଲି ଇତ୍ୟାଦି ରଖି ଓଜନ କରେ । ତେବେ ସେଇ ପଲାର ଗୋଟିଏ ପଟେ ୭ କେ.ଜି.ର ପଥର ରଖି ଅନ୍ୟପଟ ପଲାରେ ୨ କେ.ଜି. ଓ ୧ କେ.ଜି. ପଥର ରଖି ଆଉ କିଛି ପାଇକାରୀ ଦ୍ରବ୍ୟ ରଖି ତରାଜୁ କଣ୍ଟାର ଅବସ୍ଥାକୁ ସଳଖ କଲେ, ୭ କେ.ଜି.ରୁ ୩ କେ.ଜି.ର ଓଜନ ବାଦ୍ ହୋଇ ଅବଶିଷ୍ଟ ୪ କେ.ଜି.ର ଚିନାବାଦାମ ଓଜନ ହୋଇପାରିବ କି ନାହିଁ ? ଠିକ୍ ସେହିପରି ଗୋଟିଏ ପଲାରେ ୯ କେ.ଜି. ଓ ୭ କେ.ଜି.ର ପଥର ରଖି ଅନ୍ୟ ପଟେ ୨ କେ.ଜି. ବଟକରା ସହିତ ଡାଲିର ସମାନ ଓଜନ କଲେ, ଆମେ କେତେ ଓଜନର ଡାଲି ପାଇବା ?

ଝିଅ କଥାର ମର୍ମ ବୁଝିଗଲା । ''ସେ କହିଲା – ''ପଲାର ଗୋଟିଏ ପଟେ ୧୬ କେ.ଜି.ର ବଟକରା ପଥର ରଖିଲେ ତହିଁରୁ ୨ କେ.ଜି.ର ବଟକରା ପଥର ଓଜନ କଟିଗଲା । ଅବଶିଷ୍ଟ ୧୪ କେ.ଜି.ର ଡାଲି ଆମେ ପାଇପାରିବା ।''

ମୁଁ ତାକୁ ଉତ୍ସାହିତ କରିବା ପରି ସ୍ୱରରେ କହିଲି – ''ବେଶ୍, ତୁ ଠିକ୍ କହିଛୁ । ଏହିପରି ଯେକୌଣସି ଓଜନର ବିକ୍ରି ସାମଗ୍ରୀ ବିକ୍ରି କରିବା କୌଶଳଟି ସେଇ ବୁଲାବିକାଳୀ ତା' ଚମତ୍କାର ବୁଦ୍ଧିରୁ ତିଆରି କରିଛି । ଯାହା କେବଳ କୌଶଳପୂର୍ଣ୍ଣ ନୁହେଁ, ମନ ମତାଣିଆ ମଧ୍ୟ ।'' ମୋର ମନେ ହେଲା, ଝିଅ ଏଇ ଚମତ୍କାର ଓଜନମାପର ପ୍ରଣାଳୀରେ ଚମତ୍କୃତ ହୋଇଛି ।

**କୌତୁକ-୨** – ୧୭୨୯ ହେଉଛି ଏକ ପରିପୂର୍ଣ୍ଣ ସଂଖ୍ୟା । ଏହାର ଅଙ୍କମାନଙ୍କର ମିଶାଣଫଳ ୧+୭+୨+୯ = ୧୯, ଏହାର ଓଲଟା ସଂଖ୍ୟା ୯୧ । ୧୯ ଓ ୯୧ର ଗୁଣଫଳ ହେଉଛି ୧୭୨୯ । ଏପରି ଗୁଣ ଥିବା ଅନ୍ୟ ଧନାତ୍ମକ ସଂଖ୍ୟାଟି ୧୪୫୮ ଅଟେ । କାରଣ ୧+୪+୫+୮ = ୧୮ ଓ ଏହାର ଓଲଟା ସଂଖ୍ୟା ୮୧ । ପୁଣି ୧୮ ଓ ୮୧ ପରସ୍ପର ଓଲଟା ଓ ସେମାନଙ୍କର ଗୁଣଫଳ ହେଉଛି ୧୪୫୮ ।

**କୌତୁକ-୩** – ''୧୭୨୯ ସଂଖ୍ୟାଟି ଦୁଇଟି ଧନାତ୍ମକ ସଂଖ୍ୟାର ବର୍ଗର ଅନ୍ତର ରୂପେ ଆମେ ଚାରି ପ୍ରକାରରେ ପ୍ରକାଶ କରିପାରିବା ।'' – ମୁଁ କହିଲି ।

– ''ସେହି ଚାରିପ୍ରକାର କ'ଣ କ'ଣ ବାପା ?'' ଝିଅର ସେଇ ଅଛିଣ୍ଡା ପ୍ରଶ୍ନ ।

ମୁଁ କହିଲି – (୧) ୫୫ର ବର୍ଗରୁ ୩୬ର ବର୍ଗର ଅନ୍ତର, (୨) ୭୩ର ବର୍ଗରୁ ୬୦ର ବର୍ଗର ଅନ୍ତର, (୩) ୧୨୭ର ବର୍ଗରୁ ୧୨୦ର ବର୍ଗର ଅନ୍ତର ଏବଂ ଶେଷରେ (୪) ୮୬୫ର ବର୍ଗରୁ ୮୬୪ର ବର୍ଗର ଅନ୍ତର ।

ଝିଅର ପାଟିଟା 'ଆଁ' ହୋଇ ରହିଥିଲା ଆଶ୍ଚର୍ଯ୍ୟରେ । ସେ ହାବୁକାଏ ପବନ ଛାତି ଭିତରକୁ ନେଇ ଏକ ପ୍ରକାର ଚିତ୍କାର କଲା, ''ଆରେ ବାପ୍‌ରେ ! ଏତେ ମଜାଳିଆ କଥା ରହିଛି ଏ ସଂଖ୍ୟାରେ !''

**କୌତୁକ-୪** – ଏଥର ୧୭୨୯ର ସବୁଠାରୁ ବିସ୍ମୟକର କଥାଟି ତା' ଆଗରେ ରଖିବା ପାଇଁ ମୁଁ କହିଲି – ''ଝିଅ ! ଖାଲି ସେତିକି ନୁହେଁ, ସବୁଠାରୁ ଆଶ୍ଚର୍ଯ୍ୟକର ୧୭୨୯ର କରାମତି ହେଲା ଯେ ୧,୭,୨,୯ ଅଙ୍କମାନଙ୍କର କ୍ରମ ଏହିପ୍ରକାର ରଖି ଗଣିତର ବିଭିନ୍ନ ପ୍ରକ୍ରିୟା/ସଙ୍କେତ ବ୍ୟବହାର କରି ଆମେ ଲେଖି ପାରିବା, ଯାହାର ମୂଲ୍ୟ ୧,୨,୩,୪,୫ ଇତ୍ୟାଦି ୧୦୦ ପର୍ଯ୍ୟନ୍ତ ହୋଇପାରିବ ।''

ଝିଅ ପୁଣି ପ୍ରଶ୍ନ କଲା ତା'ର ଚିରାଚରିତ ଢଙ୍ଗରେ – ''କିପରି ?''

ମୁଁ ଖାତା କଲମ ଧରି ବୁଝାଇ ଦେଲି :

୧ = ୧+୭+୨–୯
୨ = ୧+[(୭+୨)/୯]
୩ = (–୧)+(–୭)+୨+୯
୪ = ୧ x (–୭)+୨+୯
୫ = ୧–୭+୨+୯
୬ = ୧୭–୨–୯
୭ = (୧+୭)x୨–୯
୮ = ୧ର ଘାତ ୭x୨ଘାତ √୯
୯ = ୧ର ଘାତ ୭+୨ର ଘାତ √୯
୧୦ = ୧୭+୨ – ୯
୧୧ = ୧x(–୭)+୨x୯
୧୨ = (–୧୭)+ ୨୯
୧୩ = (–୧)+୭–୨+୯
୧୪ = ୧x୭ –୨+୯
୧୫=୧+୭–୨+୯
୧୬ = ୧+୭+୨ର ଘାତ √୯
୧୭ = – ୧+୭+୨+୯
୧୮ = ୧+(୭x୨) + √୯

୧୯ = ୧+୭+୨+୯
୨୦ = ୧x୭x୨+(√୯!)
୨୧ = –୧–୭+୨୯
୨୨= – (୧x୭)+୨୯
୨୩ = (୧–୭)+୨୯
୨୪ = –୧+୭+୨x୯
୨୫ = ୧x୭+(୨x୯)
୨୬ = ୧+୭+(୨x୯)
୨୭ = (–୧+୭)ର ବର୍ଗ–୯
୨୮ = (–୧ର ଘାତ ୭) +୨୯
୨୯ = ୧ + (୭–୨)ର ବର୍ଗ +(√୯)
୩୦ = ୧ର ଘାତ ୭+୨୯

ଝିଅ ନୀରବ । ପାଟିରେ ତା'ର କଥା ନାହିଁ । ଏମିତି ୧,୭,୨ ଓ ୯ ଅଙ୍କ କ୍ରମ ରକ୍ଷା କରି ଯୋଗ, ବିଯୋଗ, ହରଣ, ଗୁଣନର ପ୍ରୟୋଗ କରି ପ୍ରତ୍ୟେକ ସ୍ଥଳରେ ୧ରୁ ୩୦ ପର୍ଯ୍ୟନ୍ତ ଫଳାଫଳ ଲେଖିସାରି ଅଟକି ରହିଲି । ଝିଅ କହିଲା – ''ଆରେ ବାପ୍‌ରେ ! ଏତେ କୌତୁକ ବି ଏଥିରୁ ସମ୍ଭବ ହୋଇପାରେ ! ଏହା କିଏ ବିଶ୍ୱାସ କରିପାରିବ !!''

''ଏପରି ଶୃଙ୍ଖଳା ରକ୍ଷା କରି ଫଳ ୧୦୦ ପର୍ଯ୍ୟନ୍ତ ଲେଖା ଯାଇପାରିବ । ମାତ୍ର ସ୍ଥଳବିଶେଷରେ ଜଟିଳ ଗଣିତର ଉଚ୍ଚତର ଶ୍ରେଣୀରେ ପଢ଼ା ଯାଉଥିବା ସୂତ୍ର ଓ ସଙ୍କେତର ପ୍ରୟୋଗ ହୋଇଥାଏ । ଏହା ତୋ' ପରି ଛୋଟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଜଟିଳ ଓ ଦୁର୍ବୋଧ ହେବ । ଏଣୁ ତୁ ଉଚ୍ଚତର ଶ୍ରେଣୀର ଗଣିତ ପାଠରେ ଜାଣିବୁ । ଏବେ ତୁ ଏହିପରି ୩୦ ପର୍ଯ୍ୟନ୍ତ ମୂଲ୍ୟର ସଂଖ୍ୟାର ଜ୍ଞାନଟି ଜାଣିରଖ ।'' – ମୁଁ ଉପସଂହାର କଲି ।

ଖାତା, କଲମ ଧରି ଝିଅ ଅନ୍ୟ କାମରେ ଉଠି ଚାଲିଗଲା । ମୁଁ ମଧ୍ୟ ମୋର ଅନ୍ୟ କାମରେ ସେଠାରୁ ଉଠିଲି । ଝିଅ ଆନନ୍ଦରେ କପୋତ ଡେଣା ଝାଡ଼ି ଗଲା ପରି ଶବ୍ଦ କରି କୁଆଡ଼େ ଅଦୃଶ୍ୟ ହୋଇଗଲା ।

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।
– ନବଜ୍ୟୋତି କାର୍ଯ୍ୟାଳୟ

ଚେତନାର ଦିଗ୍‌ବଳୟ :

# ନିଃସଙ୍ଗ ଅନୁଭୂତିର ଶୁଭଙ୍କର ତାତ୍ପର୍ଯ୍ୟ

ବହୁ ପରସ୍ପର-ବିରୋଧୀ ବାସ୍ତବତାରେ ଭରା ଆମର ସମସାମୟିକ ଏ ପୃଥିବୀ । ଦିନ ପରେ ଦିନ ଆମ ବାହନ ସବୁ (ବିମାନ, ରେଳଗାଡ଼ି, କାର୍ ଇତ୍ୟାଦି)ର ଗତିବେଗ ବଢ଼ି ଚାଲିଛି; ତଥାପି ଟିକିଏ ଅନ୍ତର୍ମୁଖୀ ହୋଇ ଜୀବନର ତାତ୍ପର୍ଯ୍ୟ ଉପରେ ମନୋନିବେଶ କଲା ଭଳି ସମୟ ଆମ ପାଖରେ ନାହିଁ । ଅନ୍ତର୍ମୁଖୀ ହେବା ପ୍ରସଙ୍ଗ ବି ବାଦ୍ ଦିଅନ୍ତୁ । ଅନେକ ସ୍ଥୂଳ କାମ ପାଇଁ ମଧ୍ୟ ସମୟ ଅଣ୍ଟୁ ନାହିଁ । ଆମ ଜୀବନ-ନିର୍ବାହ ପଦ୍ଧତିକୁ ସୁଗମ କରିଦେଇ ଉତ୍କଣ୍ଠା, ଉଦ୍‌ବେଗ ଇତ୍ୟାଦିରୁ ଆମକୁ ତ୍ରାହି ଦେବା ନିମନ୍ତେ ଆଜି ଆମ ଚତୁର୍ଦିଗରେ ରହିଛନ୍ତି କେତେ ଅତ୍ୟାଧୁନିକ ବୈଜ୍ଞାନିକ ଉପକରଣ । ଝିଅ ଆମେରିକାରେ କେମିତି ଅଛି ? ଉଠାନ୍ତୁ ଦୂରଭାଷ : ''ଭଲ ଅଛି ବାପା ! ତୁମେ କେବେ ଆସିବ ?'' ନାତିଟା କରୁଛି କ'ଣ ? ଖୋଲନ୍ତୁ ସ୍କାଇପ୍ ପଦ୍ଧତି । ନାତି ଆପଣଙ୍କୁ ଅନାଇ ହଜାରେ ଡଲାର ମୂଲ୍ୟର ହସଟିଏ ହସି ଦେବ ।

କିନ୍ତୁ ଏକାଧିକ ସମୀକ୍ଷା ଦେଖାଉଛି, ଆମ ଉଦ୍‌ବେଗ, ଉତ୍କଣ୍ଠା ତଥା ଏକ ପ୍ରକାର ଅଯୌକ୍ତିକ ଆଶଙ୍କାର ମାତ୍ରା ବଢ଼ି ଚାଲିଛି ।

କଳ୍ପନାପ୍ରବଣ ଆଧୁନିକ ସ୍ଥାପତ୍ୟ କେଡ଼େ ସୁନ୍ଦର, ସଂହତ କୋଠାମାନ ଗଢ଼ି ଦେଇଛି; କିନ୍ତୁ ତହିଁ ଭିତରର ସଂସାରଟିମାନ ଅନୁରୂପ ସୁନ୍ଦର ବା ସଂହତ ନୁହନ୍ତି — ବହୁ କ୍ଷେତ୍ରରେ । ଏମନ୍ତ ପରସ୍ପର-ବିରୋଧୀ ବ୍ୟାପାର ସମୂହର ତାଲିକା କିଞ୍ଚିତ୍ ବିସ୍ତୃତ ହେବ, ତେବେ ଏଠାରେ ଯେଉଁ ପ୍ରସଙ୍ଗ ପ୍ରତି ପାଠକମାନଙ୍କର ଧ୍ୟାନ ଆକର୍ଷଣ କରିବା ଲେଖକର ଉଦ୍ଦେଶ୍ୟ, ତାହାହେଲା ଆଜିର ମଣିଷର ଜନସମ୍ପର୍କ ପୂର୍ବ ପିଢ଼ିର ମଣିଷର ଜନସମ୍ପର୍କ ତୁଳନାରେ ବହୁ ଅଧିକ । ବିଶେଷତଃ ସହର ନଗରରେ ରହୁଥିବା ପ୍ରତି ବ୍ୟକ୍ତିର ପରିଚିତ ମଣ୍ଡଳୀର ଆୟତନ ବେଶ୍ ବଡ଼ । ବହୁ କ୍ଷେତ୍ରରେ ସେସବୁ ପରିଚିତମାନଙ୍କୁ ଆମେ ବନ୍ଧୁ ଆଖ୍ୟା ଦେଇଥାଉ । (ଏ ଗତାନୁଗତିକ ସମ୍ପର୍କ-ବଳୟ ବାହାରେ ରହିଛି ପୁଣି ଫେସ୍‌ବୁକ୍ ଭଳି ଛାୟାମୟ ସମ୍ପର୍କର ବ୍ୟାପକ ପରିସର !) କିନ୍ତୁ ବିସ୍ମୟର କଥା, ପରିଚିତ, ସୁପରିଚିତ, ମିତ୍ର, ବନ୍ଧୁ ଓ ସହକର୍ମୀ ସଂଖ୍ୟାର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆଜିର ମଣିଷଟିଏ ନିଜକୁ ନିଃସଙ୍ଗ ମନେ କରିବାର ବହୁ ଦୃଷ୍ଟାନ୍ତ ଆମ ଗୋଚରକୁ ଆସୁଛି । ବିଡ଼ମ୍ବନାର ବିଷୟ ହେଲା, ନିଃସଙ୍ଗ ଅନୁଭବକୁ ଦୂର କରିବା ମାନସରେ ସେ କ୍ଲବ, ଆଡ୍ଡା, ଅଥବା ଟେଲିଭିଜନ ପାଖରେ ଆତ୍ମସମର୍ପଣ କରେ । ଫଳ ହୁଏ ବିପରୀତ । ସେସବୁରୁ ଓହରି ଆସିବା ମାତ୍ରେ ନିଃସଙ୍ଗତା ପ୍ରବଳତର ଭାବରେ ଜଣକୁ ଆଚ୍ଛନ୍ନ କରେ ।

ନିଃସଙ୍ଗତାର ଅବସାନ ଦିଗରେ ଗ୍ରେସ୍ ଜେଲ୍‌ଡ଼ାର୍ ନାମ୍ନୀ ଜଣେ ଇଂରେଜ ମହିଳା ଏକ ଅଭୂତପୂର୍ବ ପଦକ୍ଷେପ ନେଇଥିବାର ସମ୍ବାଦ ପ୍ରସାର କରିଛି ପ୍ରେସ୍ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ (PTI) । ୮ ଅକ୍ଟୋବର ୨୦୧୪ ତାରିଖର କେତେକ ସମ୍ବାଦ ପତ୍ର (ଟାଇମ୍‌ସ୍ ଅଫ୍ ଇଣ୍ଡିଆ ସମେତ) ଦ୍ରଷ୍ଟବ୍ୟ ।

ଭଦ୍ର ମହିଳା ନିଜକୁ ବଡ଼ ଏକାକୀ ମନେ କରୁଥିଲେ କେତେବର୍ଷ ଧରି । ସେ ବିବାହ କରିବାକୁ ସ୍ଥିର କଲେ । କିନ୍ତୁ ହୁଏତ ନିଜ ଚିହ୍ନାଜଣା ପରିସରରେ ମନମୁତାବକ ପାତ୍ରଟିଏ ତାଙ୍କ ଆଖିରେ ପଡ଼ିଲେ ନାହିଁ — ଅଥବା କାହାରି ସହ ବନ୍ଧୁତା କରି ସେ ସମ୍ପର୍କକୁ ବୈବାହିକ ପର୍ଯ୍ୟାୟକୁ ଉନ୍ନୀତ କଲା ଭଳି ଧୈର୍ଯ୍ୟ ତାଙ୍କର ନଥିଲା ।

ଅତଏବ ସେ ସିଦ୍ଧାନ୍ତ ନେଲେ, ସେ ନିଜକୁହିଁ ବିଭା ହେବେ !

ନିଜ ଭଉଣୀ ଏବଂ ବନ୍ଧୁମାନଙ୍କ ସହଯୋଗେ ବିଧିବଦ୍ଧ ବିବାହ ଅନୁଷ୍ଠାନ ସମାହିତ ହେଲା । ଦର୍ପଣରେ ନିଜ ମୁଖମଣ୍ଡଳକୁ ଚୁମ୍ବନ କରି ସେ ବିବାହ-ବିଧି ସମାପିତ କଲେ ।

ଅଧିକାଂଶ ପାଠକ ଅବଶ୍ୟ ଏହାକୁ ଏକ ହାଲୁକା ପର୍ଯ୍ୟାୟର ସମ୍ବାଦ ଭାବରେ ଗ୍ରହଣ କରିଥିବେ ।

ଶ୍ରୀମତୀ ଗ୍ରେସ୍ କେଉଁ ପ୍ରକାର ମନୋଭାବ ନେଇ କର୍ମଟି କଲେ ଏବଂ ତା'ର ସମ୍ବାଦ ମଧ୍ୟ ପ୍ରଚାରିତ ହେବା ଦିଗରେ ସେ ନିଜେ ବ୍ୟବସ୍ଥା କରନ୍ତୁ ବା ନ କରନ୍ତୁ ଅନ୍ତତଃ ବାଧକ ହେଲେ ନାହିଁ, ତାହା କହିବା ସମ୍ଭବପର ନୁହେଁ ।

ତାଙ୍କ ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ତାଙ୍କ ଅଭିନବ ସିଦ୍ଧାନ୍ତ ଆମକୁ ଏକ ସୂକ୍ଷ୍ମ ସତ୍ୟ ସ୍ମରଣ କରାଇଦିଏ । ଅତୀନ୍ଦ୍ରିୟ ମନସ୍ତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ଆମ ଭିତରେ ରହିଥିବା ମହତ୍ତର

ଚେତନାହିଁ ଆମର ପ୍ରକୃତ ବନ୍ଧୁ । ଦୈନନ୍ଦିନ ଜୀବନରେ ଆମେ ଯେଉଁ ବହିଃଚେତନାକୁ ନିଜର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବୋଲି ଧରିନେଇ ତାହାରି ଆଲୋକରେ ଭଲମନ୍ଦ ବିଚାର କରୁ, ନିଜର ଆଚରଣ ନିୟନ୍ତ୍ରଣ କରୁ, ତାହା ଆମକୁ ସ୍ଥାୟୀ ଶାନ୍ତି ବା ସନ୍ତୋଷ ଆଣିଦେଇ ପାରିବ ନାହିଁ । ସେ ସାଧାରଣ ସତ୍ତା ଯେତେବେଳେ ଆମ ଚେତନା-ନିହିତ ଉଚ୍ଚ ସତ୍ତାର ସମ୍ପର୍କରେ ଆସେ ଏବଂ କ୍ରମେ କ୍ରମେ ତାହା ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ଯାଇ ନିର୍ଭରଯୋଗ୍ୟ ଭାବେ ଶାନ୍ତି ଓ ସନ୍ତୋଷ ଆମ ଭିତରେ ଅନୁଭୂତ ହୋଇ ପାରନ୍ତି ।

ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଃସଙ୍ଗ ଅନୁଭବ କରିବା ଅଭିଶାପ ନୁହେଁ – ଆଶୀର୍ବାଦ । ଅବଶ୍ୟ ଏହା ଆଧ୍ୟାତ୍ମିକ ସ୍ତରର ପର୍ଯ୍ୟବେକ୍ଷଣ । ଶ୍ରୀମା'ଙ୍କର ଏକ ଉତ୍ତର ଏହିପରି : ''ମଣିଷଙ୍କ ଭିତରେ ଥାଇ ନିଃସଙ୍ଗ ଅନୁଭବ କରିବାଟା ତୁମ ନିଜ ସତ୍ତାରେ ଥିବା ଭାଗବତ ଉପସ୍ଥିତି ସହ ସମ୍ପର୍କ ସ୍ଥାପନ ନିମନ୍ତେ ତୁମେ ଆବଶ୍ୟକତା ଅନୁଭବ କରୁଥିବାର ସଙ୍କେତ । ଅତଏବ ତୁମେ ନୀରବରେ ଏକାଗ୍ର ହେବା ଚାହି ଏବଂ ସମସ୍ତ ମାନସିକ କ୍ରିୟାର ସେପାରିରେ, ତୁମ ଚେତନାର ଗଭୀରରେ ଥିବା ଦିବ୍ୟ ଉପସ୍ଥିତିକୁ ଆବିଷ୍କାର କରିବା ନିମନ୍ତେ ନିଜର ଗଭୀର ଅଭ୍ୟନ୍ତରକୁ ପ୍ରବେଶ କରିବା ଚାହି ।''

(୧୦ ଡିସେମ୍ବର, ୧୯୭୧)

(Feeling alone in the midst of human beings is the sign that you are beginning to feel the need to find in your own being contact with the Divine Presence. So you must concentrate in silence and try to enter deep within to discover the Divine Presence in the depths of your consciousness, beyond all mental activity.)

16 December 1971 (C.W.M. Vol. 16, p. 426-427)

ଏହା ପୂର୍ବରୁ, ୫ ଜୁଲାଇ, ୧୯୬୩ରେ ଜଣେ ଶ୍ରୀମା'ଙ୍କୁ ଲେଖିଥିଲେ, ''କେବେ କେବେ ନିଜ ଭିତରେ ଗୋଟାଏ ଶୂନ୍ୟତା ଅନୁଭୂତ ହୁଏ । ମନେ ହୁଏ ମୁଁ ବିଷଣ୍ଣ, ନିଃସଙ୍ଗ । ଏହାର କାରଣ ଜଣେ ଭଲପାଇବା ଖୋଜୁଥାଏ ।''

ଶ୍ରୀମା'ଙ୍କ ଉତ୍ତର : ''ବରଂ କୁହ ଏହାର କାରଣ ଜଣେ ନିଜର ଅନ୍ତରାତ୍ମାକୁ ଜାଣିବାକୁ ଏବଂ ଭଗବାନଙ୍କ ସହ ମିଳିତ ହେବାର ଆବଶ୍ୟକତା ସମ୍ପର୍କରେ ସଜାଗ ହୋଇଉଠୁଛି ।''

(Or better, it is because one is awaking to the need of knowing one's soul and uniting with the Divine.)

5 July 1963 (C.W.M. Vol. 16, p. 281)

ଶ୍ରୀଅରବିନ୍ଦଙ୍କର ଏକ ଚିଠିର ବାକ୍ୟଟିଏ ସ୍ମରଣୀୟ : ''ଅନ୍ତରରେ ନିଃସଙ୍ଗତାବୋଧର ନିରାକରଣ କେବଳ ମାତ୍ର ଅନ୍ତରରେ ଭଗବାନଙ୍କ ସହ ମିଳିତ ହେବାର ଅଭିଜ୍ଞତା ଦ୍ୱାରା ସମ୍ଭବ; କୌଣସି ପ୍ରକାର ମାନୁଷୀ ସମ୍ପର୍କ ସେ ଶୂନ୍ୟତାକୁ ପୂରଣ କରିପାରିବ ନାହିଁ ।''

("The inner loneliness can only be cured by the inner experience of union with the Divine; no human association can fill the void.")

(SABCL, Vol. 23, p 814)

ତେଣୁ ନିଃସଙ୍ଗ ଅନୁଭବ କରିବାର ତାତ୍ପର୍ଯ୍ୟ ଆମ ପାଇଁ ହୋଇପାରେ ଏକାନ୍ତ ଶୁଭଙ୍କର । ଆଜି ବହୁଲୋକ ବିପୁଳ ଜନସମ୍ପର୍କ, ସମୃଦ୍ଧି ଓ ଆପାତ ଦୃଷ୍ଟିରେ ସୁଖମୟ ପରିବେଶ ସତ୍ତ୍ୱେ ଯେ ନିଃସଙ୍ଗ ଅନୁଭବ କରୁଛନ୍ତି, ତା'ର କାରଣ ନିଜ ନିଜର ବ୍ୟକ୍ତିଗତ ଉତ୍ତରଣରେ ସେମାନେ ଏପରି ଏକ ପର୍ଯ୍ୟାୟକୁ ଆସିଯାଇଛନ୍ତି ଯେତେବେଳେ ସେମାନଙ୍କୁ ଅପେକ୍ଷା କରିଛି ସେମାନଙ୍କ ଅନ୍ତରାତ୍ମା; ତାହା ଉପରକୁ ଆସିବାକୁ ଉଦ୍ୟତ, କିନ୍ତୁ ଅଜ୍ଞାନ ମଣିଷ ତା'ର ଆହ୍ୱାନ ଶୁଣିବାରେ ଅକ୍ଷମ ।

**– ମନୋଜ ଦାସ** ❑

ଏହା ଖାଲି ବାକ୍ୟଟିଏ କିଂବା କେତୋଟି ଶବ୍ଦର ସମାହାର ମାତ୍ର ନୁହେଁ, ଏହା ଏକ ବାସ୍ତବ ଘଟଣା । ମୁଁ ତୁମ ସହ ଅତି ସ୍ଥୂଳଭାବେ ରହିଛି ଏବଂ ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ଅଛି ସେମାନେ ମୋତେ ଦେଖି ପାରନ୍ତି ।

– ଶ୍ରୀମା

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 12** **R.N.I. No. 18163/70.**
Navaprakash (Monthly), December, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ
ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ଦ୍ୱିତୀୟ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**